

ମେ ୧୫ରେ ଭୂତବଙ୍ଗଲା

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-197 •MONDAY •12 JANUARY 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୯୭ •ସୋମବାର •୧୨ ଜାନୁଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


## ଭାରତରେ ବିସ୍ଫୋରଣ ପାଇଁ ମାସୁଦ ଆଝାରର ଷଡ଼ଯନ୍ତ୍ର

# ଅନୁପ୍ରବେଶ ଅପେକ୍ଷାରେ ହଜାରେରୁ ଊର୍ଦ୍ଧ୍ୱ ଆତ୍ମଘାତୀ

■ ନୂଆଦିଲ୍ଲୀ, ୧୧।୧ (ଏଜେନ୍ସି): ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ) ମୁଖ୍ୟ ତଥା ଦୁର୍ଦ୍ଦାନ୍ତ ଆତଙ୍କବାଦୀ ମାସୁଦ ଆଝାର ଭାରତ ବିରୋଧରେ ବଡ଼ ଷଡ଼ଯନ୍ତ୍ର କରୁଛି। ଭାରତର ବିଭିନ୍ନ ସ୍ଥାନରେ ବିସ୍ଫୋରଣ ପାଇଁ ସେ ଆତ୍ମଘାତୀ ଆତଙ୍କବାଦୀଙ୍କ ସେନା ପ୍ରସ୍ତୁତ କରିଛି। ସେ ବଡ଼ଧରଣର ବିସ୍ଫୋରଣ ପାଇଁ ଜଣେ କି ଦୁଇ ଜଣ ନୁହେଁ, ହଜାରରୁ ଅଧିକ ଆତ୍ମଘାତୀଙ୍କୁ ଭାରତରେ ଅନୁପ୍ରବେଶ କରାଇବାକୁ ଚାହିଁ ବସିଛି। ବିଶ୍ୱ ଆତଙ୍କବାଦୀ ମାସୁଦ ଆଝାରର ଏକ ଭାଇରାଲ ଅଡିଓରୁ ଏହି ସୂଚନା ମିଳିଛି। ଭାରତ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପରେ ଏହି ଆତଙ୍କବାଦୀକୁ ପାକିସ୍ତାନ ସରକାର ଏବଂ ସେନା ମଧ୍ୟ ସହାୟତା କରୁଛି। ଦୀର୍ଘ ଦିନ ହେଲା ସେ ଭାରତ ବିରୋଧରେ ଛାମୁଆ ଯୁଦ୍ଧ ଚଳାଇଛି।



ମାସୁଦର ଭାଇରାଲ ରେକର୍ଡିଂରୁ ଶୁଣିବାକୁ ମିଳୁଛି ଯେ ହଜାରେରୁ ଅଧିକ ଆତ୍ମଘାତୀ ଅପେକ୍ଷା କରି ବସିଛନ୍ତି। ସେମାନେ ଭାରତରେ ଅନୁପ୍ରେବଶ ପାଇଁ ଚାପ ପକାଉଛନ୍ତି। ଯଦି ଏହି ଆତ୍ମଘାତୀଙ୍କ ପ୍ରକୃତ ସଂଖ୍ୟା ସାର୍ବଜନୀନ କରି ଦିଆଯିବ ତେବେ ବିଶ୍ୱର ହଇଚଇ ସୃଷ୍ଟି ହେବ ବୋଲି ଆଝାର କହୁଛି। ସେ ଦାବି କରିଛି ଯେ ଏହି ଆତଙ୍କବାଦୀ ଆକ୍ରମଣ କରିବାକୁ ସମ୍ପୂର୍ଣ୍ଣ ଭାବେ ପ୍ରଶିକ୍ଷଣ ପାଇଛନ୍ତି। ନିଜ ଲକ୍ଷ୍ୟ ହାସଲ ପାଇଁ ଜୀବନ ଦେବାକୁ ଏହି ଆତଙ୍କବାଦୀ ଚାହିଁ ବସିଛନ୍ତି। ମାତ୍ର ଏହି ଅଡିଓର ସତ୍ୟାସତ୍ୟ ଏବଂ କେବେ ଏହା ରେକର୍ଡିଂ ହୋଇଥିଲା ତାହା ଜଣାପଡ଼ି ନାହିଁ। ଏହାକୁ ନେଇ ସୁରକ୍ଷାବାହିନୀ ଗୁଡ଼ିକ ସତର୍କ ହୋଇଯାଇଛନ୍ତି। ସୀମାରେ ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି। ତୁଷାରପାତର ସୁଯୋଗ ନେଇ ଆତଙ୍କବାଦୀ ସୀମାରେ ଅନୁପ୍ରବେଶ କରିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି।

୨୦୦୮ ମୁମ୍ବଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଆତଙ୍କବାଦୀ ମାସୁଦ ଆଝାର ଦୀର୍ଘ ବର୍ଷ ହେଲା ଭାରତ ବିରୋଧୀ ବୟାନ ଦେଇଚାଲିଛି। ସେ ଭାରତରେ ହୋଇଥିବା ଅନେକ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ରହିଛି। ପହଲଗାମ ଆକ୍ରମଣର ଜବାବରେ ଭାରତ ଚଳାଇଥିବା 'ଅପରେସନ ସିନ୍ଦୂର'ରେ ଜେଇଏମର ବାହାବଲପୁର ସ୍ଥିତ ଠିକଣାକୁ ଧ୍ୱଂସ କରିଦିଆଯାଇଥିଲା। ଏଥିରେ ମାସୁଦ ଆଝାର ପରିବାରର ଅନେକ ବ୍ୟକ୍ତି ନିହତ ହୋଇଥିଲେ। ଅନ୍ୟପଟେ ମାସୁଦ ପାକିସ୍ତାନ ସେନାର ଛତ୍ରଛାୟାରେ ରହି ଭାରତ ବିରୋଧୀ ଷଡ଼ଯନ୍ତ୍ର କରୁଛି। ତେବେ ୨୦୧୯ରୁ ତାକୁ ସାର୍ବଜନୀନ ସ୍ଥାନରେ ଦେଖାଯାଇ ନାହିଁ। ବାହାବଲପୁର ଆକ୍ରମଣରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲା।

## ବରଫ ଅସ୍ତ୍ରରେ ଜାଡ଼ର ରାଜୁତି; ଉତ୍ତରଭାରତ ଥରଥର



# ନିଥର ସ୍ରୋତସ୍ୱିନୀ

■ ନୂଆଦିଲ୍ଲୀ, ୧୧।୧ (ଏଜେନ୍ସି): ହିମାଳୟର ପାର୍ବତ୍ୟ ଅଞ୍ଚଳ ତଥା ପାହାଡ଼ ଉପରୁ ଆସୁଥିବା ଥଣ୍ଡା ପବନ ସମତଳ ଅଞ୍ଚଳରେ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ସାରା ଉତ୍ତର ଭାରତରେ ଶୀତର ପ୍ରକୋପ ଜାରି ରହିଛି। ରାଜସ୍ଥାନ ଓ ଦିଲ୍ଲୀରେ ଶନିବାର ଚଳିତ ଋତୁର ସର୍ବାଧିକ ଥଣ୍ଡା ରେକର୍ଡ କରାଯାଇଛି। ରାଜସ୍ଥାନର ସିକରସ୍ଥିତ ଫତେପୁରରେ ବିଯୁକ୍ତ ୩.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଏହି କାରଣରୁ ଗାଡ଼ିଗୁଡିକ ଉପରେ ବରଫ ଜମି ରହିଥିବା ଦେଖାଯାଇଛି। ଅନ୍ୟପଟେ ଉତ୍ତରାଖଣ୍ଡର ପିଥୋରାଗଡ଼ସ୍ଥିତ ଆଦି କୈଳାଶ ଓ ରୁଦ୍ରପ୍ରୟାଗର କେଦାନାଥ ଧାମରେ ଶନିବାର ତାପମାତ୍ରା ବିଯୁକ୍ତ ୨୨ ଡିଗ୍ରୀ ରେକର୍ଡ କରାଯାଇଛି। ଅଲମୋଡା, ପିଥୋରାଗଡ଼, ଚାମୋଲୀ, ଉତ୍ତରକାଶୀ ଓ ରୁଦ୍ରପ୍ରୟାଗରେ ନଦୀ, ଝରଣା, ଜଳପ୍ରପାତ ଜମାଟ ବାନ୍ଧିଛି। ଘନ କୁହୁଡି, ପ୍ରବଳ ଥଣ୍ଡା କାରଣରୁ ନୋଏଡ଼ାରେ ଜାନୁଆରୀ ୧୫ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା କରାଯାଇଛି।

**୫ ଜିଲ୍ଲାର ନଦୀ, ଝରଣା ବରଫାବୃତ**

**ଉତ୍ତରାଖଣ୍ଡରେ ତାପମାତ୍ରା ବିଯୁକ୍ତ ୨୨ ଡିଗ୍ରୀ**

**ଦିଲ୍ଲୀରେ ଦୁଇଦିନ ହେବ ଭୀଷଣ ଶୀତ ଲହରୀ**

**ରାଜସ୍ଥାନର ଗାଡ଼ି ଉପରେ ଜମିଲା ବରଫ**

ସେହିପରି କଶ୍ମୀରର ସୋପିଆନ୍‌ରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୮.୨ ଡିଗ୍ରୀ ରେକର୍ଡ କରାଯାଇଛି। ଶ୍ରୀନଗରରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୫.୭ ଡିଗ୍ରୀ ରେକର୍ଡ କରାଯାଇଛି। ବିଶ୍ୱ ପ୍ରସିଦ୍ଧ ଡାଲ ହ୍ରଦ ସମେତ ଅନେକ ହ୍ରଦର ପାଣି ଜମାଟ ବାନ୍ଧିଛି। ପହଲଗାମରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୭.୮ ଓ ଗୁଲମାର୍ଗରେ ବିଯୁକ୍ତ ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପଟେ ଦିଲ୍ଲୀର ସଫଦରଜଙ୍ଗରେ ଶନିବାର ସକାଳେ ସର୍ବନିମ୍ନ ତାପମାତ୍ରା ୪.୨ ଡିଗ୍ରୀ ରେକର୍ଡ କରାଯାଇଛି। ରବିବାର ଓ ସୋମବାର ମଧ୍ୟ ଦିଲ୍ଲୀରେ ଶୀତ ଲହରୀ ଜାରି ରହିବ ବୋଲି ପାଣିପାଗ ତରଫରୁ କୁହାଯାଇଛି। ପଞ୍ଜାବ ଓ ହରିୟାଣାର ୩ଟି ସହରରେ ତାପମାତ୍ର ଶୂନଡିଗ୍ରୀ ପାଖାପାଖି ହୋଇଛି। ପଞ୍ଜାବର ହୋସିଆରପୁରରେ ସର୍ବନିମ୍ନ ତାପମାତ୍ରା ୧.୧, ଅମୃତସରରେ ୧.୩ ଡିଗ୍ରୀ ରେକର୍ଡ କରାଯାଇଛି। ହରିୟାଣାର ମହେନ୍ଦ୍ରଗଡ଼ରେ ସର୍ବନିମ୍ନ ତାପମାତ୍ରା ୧.୬ ଡିଗ୍ରୀ ରେକର୍ଡ କରାଯାଇଛି।

# ରାଜ୍ୟରେ ଶୀତର ଦିନିକିଆ ଛୁଟି

## ଦିନକରେ ୭ ଡିଗ୍ରୀ ଚଢ଼ିଲା ପାରଦ

■ ଭୁବନେଶ୍ୱର, ୧୧।୧ (ସମିସ): ରାଜ୍ୟରେ ହଠାତ୍ ତାପମାତ୍ରା ବଢ଼ିଛି। ସପ୍ତାହେ ହେବ ରାଜ୍ୟରେ ପ୍ରବଳ ଶୀତ ଜାରି ରହିଥିବା ବେଳେ ଶନିବାର ରାତିରୁ ମେଘାଚ୍ଛନ୍ନ ଆକାଶ ଯୋଗୁଁ ଅଧିକାଂଶ ସ୍ଥାନରେ ତାପମାତ୍ରା ୫-୭ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିଯାଇଛି। ଏହା ପ୍ରଭାବରେ ରାଜ୍ୟରୁ ହଠାତ୍ ଶୀତ ଉଭାନ ହୋଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାର ରାତିରୁ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟର ପ୍ରଭାବ ରହିଥିଲା। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମେଘାଛନ୍ନ ରହିଥିଲା। ସାଧାରଣତଃ ମେଘୁଆ ପାଗ ଯୋଗୁଁ ବାୟୁମଣ୍ଡଳରେ ପ୍ରଚୁର ଜଳୀୟବାଷ୍ପ ରହିଥାଏ। ତେଣୁ ଏହି ସମୟରେ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି ଘଟିଥାଏ। ଏହି କ୍ରମରେ ଗତ ୨୪ ଘଣ୍ଟାରେ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୬.୮ ଡିଗ୍ରୀ ବଢ଼ି ୧୭ ଡିଗ୍ରୀରେ ପହଞ୍ଚିଛି। ରବିବାର ସକାଳୁ ସକାଳୁ ପୂରା ରାଜ୍ୟରେ ଶୀତ ପ୍ରଭାବ ହ୍ରାସ ପାଇଥିଲା। ଭୋର୍ ୫ଟା ୩୦ରେ ଝାରସୁଗୁଡ଼ାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୧.୬ ଡିଗ୍ରୀ ରହିଥିଲା। ସେହିପରି ବାଲେଶ୍ୱର ୧୭ ଡିଗ୍ରୀ ଓ କେନ୍ଦୁଝର ୧୫ ଡିଗ୍ରୀ ରହିଥିଲା।

**ଆଜିଠୁ ପୁଣି ବଢ଼ିବ ଶୀତ**

ସୋମବାରଠାରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିବ। ଆକାଶ ମେଘମୁକ୍ତ ହେବା ପରେ ତାପମାତ୍ରା ପୁଣି ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର କହିଛି। ପରବର୍ତ୍ତୀ ୩ ଦିନ ▶ପୃଷ୍ଠା-୭

**ଟ୍ରମ୍ପ ଟାରିଫ୍ ଭୟ**

## କେନ୍ଦ୍ରକୁ ତାମିଲନାଡୁ ସରକାରଙ୍କ ଚେତାବନୀ

# ଶିଳ୍ପକ୍ଷେତ୍ର ହରାଇବ ୩୦ ଲକ୍ଷ ନିଯୁକ୍ତି

■ ନୂଆଦିଲ୍ଲୀ, ୧୧।୧ (ଏଜେନ୍ସି): ଟ୍ରମ୍ପ୍ ଟାରିଫ୍ ବା ବାଣିଜ୍ୟ ଶୁଳ୍କ ଭୟରେ ସାରା ବିଶ୍ୱ ଅଥୟ। ଏଥିରେ ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଇଥିବା ସାନି ୫୦୦% ଟାରିଫ୍ ଧମକ ଦେଶର ବ୍ୟବସାୟ ଏବଂ ଶିଳ୍ପ କ୍ଷେତ୍ରରେ ଭୟର ବାତାବରଣ ସୃଷ୍ଟି କରିଛି। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ତାମିଲନାଡୁ ସରକାର ଟ୍ରମ୍ପ ପ୍ରଶାସନର ଶୁଳ୍କକୁ ନେଇ ଆଗକୁ ଦେଖାଦେବାକୁ ଥିବା ପରିସ୍ଥିତି ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଏକ ବଡ଼ ଚେତାବନୀ ଦେଇଛନ୍ତି। ଏଥିରେ କୁହାଯାଇଛି ଯେ ଯଦି ବର୍ତ୍ତମାନର ପରିସ୍ଥିତି ଜାରି ରୁହେ, ତେବେ ରାଜ୍ୟରେ ପ୍ରାୟ ୩୦ ଲକ୍ଷ ଲୋକ ତୁରନ୍ତ ଚାକିରି ହରାଇବେ। ଅନେକ ମଧ୍ୟମ ଏବଂ କ୍ଷୁଦ୍ର କାରଖାନା ବନ୍ଦ ହୋଇଯିବ। ଏହା ଜାତୀୟ ଚିନ୍ତାର ବିଷୟ।




**ବନ୍ଦ ହୋଇଯିବ କାରଖାନା**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ନିକଟରେ ରାଜ୍ୟଗୁଡିକ ସହ ଅନୁଷ୍ଠିତ ପ୍ରାକ୍ ବଜେଟ ପରାମର୍ଶ ବୈଠକରେ ତାମିଲନାଡୁ ଅର୍ଥମନ୍ତ୍ରୀ ଥାଙ୍ଗମ୍ ଦୀନାରାସୁ ଏହି ପ୍ରସଙ୍ଗ ଉଠାଇଥିଲେ। ତାମିଲନାଡୁ ପ୍ରକଳ୍ପ ପାଇଁ ପାଣ୍ଠି ଜାରି କରିବାରେ ବିଳମ୍ବ ଏବଂ ଜିଏସ୍‌ଟି ଲାଗୁ ହେବା ପରେ ରାଜସ୍ୱରେ ହ୍ରାସ ନେଇ ରାଜ୍ୟ ଅଭିଯୋଗ କରିଥିଲା। ବିଶ୍ୱ ବାଣିଜ୍ୟ ବାଧା ପ୍ରତି ତାମିଲନାଡୁର ଦୁର୍ବଳତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରି ସେ କହିଛନ୍ତି ଯେ ଆମେରିକା ଦ୍ୱାରା ସମ୍ପ୍ରତି ଶୁଳ୍କ ବୃଦ୍ଧି ରାଜ୍ୟର ରପ୍ତାନି-ଚାଳିତ ଅର୍ଥନୀତି ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। ତାମିଲନାଡୁରୁ ହେଉଥିବା ସାମଗ୍ରୀ ରପ୍ତାନିର ୩୧% ଆମେରିକା ବଜାରକୁ ଯାଇଥାଏ। ତେଣୁ, ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା ବାଣିଜ୍ୟ ଶୁଳ୍କ ପଦକ୍ଷେପଗୁଡ଼ିକ ଦେଶର ଅନ୍ୟ ରାଜ୍ୟଗୁଡିକ ତୁଳନାରେ ▶ପୃଷ୍ଠା-୭

## ବିମାନ ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ

■ ଭୁବନେଶ୍ୱର/ରାଉରକେଲା, ୧୧।୧ (ସମିସ): ରାଉରକେଲା ବିମାନବନ୍ଦରରୁ ପ୍ରାୟ ୧୫ କିଲୋମିଟର ଦୂର ଜଲଦାରେ ଘଟିଥିବା ଇଣ୍ଡିଆ ୱାନ୍ ଏୟାର ବିମାନ ଦୁର୍ଘଟଣାର ତଦନ୍ତ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଆରମ୍ଭ ହୋଇଛି। ଏଥିପାଇଁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)ର ୫ ଜଣିଆ ଦଳ ରବିବାର ରାଉରକେଲାରେ ପହଞ୍ଚିଥିଲେ। ଆହତ ଯାତ୍ରୀଙ୍କ ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡ ପାଳନ, ଆହତ ମାନଙ୍କୁ ତୁରନ୍ତ ଚିକିତ୍ସା ସେବା ନିମନ୍ତେ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ(ଏନଆଇବି)ର ୪ ଜଣ ସଦସ୍ୟ ରାଉରକେଲାରେ ପହଞ୍ଚିଛନ୍ତି। କେନ୍ଦ୍ର ▶ପୃଷ୍ଠା-୭

**ଦୁର୍ଘଟଣା ସ୍ଥଳରେ ୫ ଜଣିଆ ଡିଜିସିଏ ଦଳ**

**ବ୍ଲାକ ବକ୍ସ ଖୋଲିବ ଦୁର୍ଘଟଣାର କାରଣ**

## ଗ୍ରକ୍ ଏଆଇ ବିବାଦ; ଭୁଲ୍ ମାଗିଲା ଏକ୍ସ

# ୩୫୦୦ ପୋଷ୍ଟ ବ୍ଲକ୍, ୬୦୦ ଆକାଉଣ୍ଟ ଡିଲିଟ୍

■ ନୂଆଦିଲ୍ଲୀ, ୧୧।୧ (ଏଜେନ୍ସି): ନିଜ ଭୁଲ୍ ମାନିଲା 'ଏକ୍ସ'। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟକୁ ନେଇ କମ୍ପାନୀ ନିଜର ଭୁଲ ସ୍ୱୀକାର କରିଛି। ଭାରତୀୟ ଆଇନକୁ ସମ୍ପୂର୍ଣ୍ଣ ଅନୁପାଳନ କରିବ ବୋଲି ଏଲନ୍ ମସ୍କଙ୍କ କମ୍ପାନୀ ଘୋଷଣା କରିଛି। ପୂର୍ବରୁ 'ଏକ୍ସ'ରେ ଆପତ୍ତିଜନକ ଫଟୋ ପ୍ରସଙ୍ଗରେ କେନ୍ଦ୍ର ସରକାର କମ୍ପାନୀକୁ ଚେତାବନୀ ଦେଇଥିଲେ। ଏହାକୁ ନେଇ ସୋସିଆଲ ମିଡିଆ ସାଇଟ୍ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନେବା ସହ ଅନେକ ୟୁଜରଙ୍କୁ ବ୍ଲକ୍ କରିଛି। 'ଏକ୍ସ'ର କହିବାନୁସାରେ, କମ୍ପାନୀ ୩୫୦୦ ପୋଷ୍ଟ ବ୍ଲକ୍ କରିବା ସହ ୬୦୦ ଆକାଉଣ୍ଟ ଡିଲିଟ୍ କରିଛି। 'ଏକ୍ସ' ସହିତ ଜଡିତ ଏଆଇ ଚାଟବଟ୍ 'ଗ୍ରୋକ୍' ସାମ୍ପ୍ରତିକ ସମୟରେ ବିବାଦରେ ଫସିଛି। ଗ୍ରୋକ୍ ଏଆଇ ବ୍ୟବହାର କରି ଆପତ୍ତିଜନକ ଏବଂ ଯୌନ ସମ୍ପର୍କିତ ବିଷୟବସ୍ତୁ ସୃଷ୍ଟି କରାଯାଉଥିବା ଅଭିଯୋଗ ହେଉଛି। ବିଶେଷକରି ମହିଳାଙ୍କ ସ୍ପଷ୍ଟ ଏଆଇ-ଜାତ ଫଟୋକୁ ନେଇ ଚିନ୍ତା ବୃଦ୍ଧି ପାଇଛି, ଯାହା କେବଳ ଭାରତରେ ନୁହେଁ ବରଂ ଅନ୍ୟ ଅନେକ ଦେଶଗୁଡିକରେ ବଡ଼ ପ୍ରଶ୍ନ ଉଠାଇଛି। ଜାନୁଆରୀ ୨ରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ 'ଗ୍ରୋକ୍' ଏଆଇ ସହ ଜଡିତ ସମସ୍ତ ଅଶ୍ଳୀଳ, ଆପତ୍ତିଜନକ ▶ପୃଷ୍ଠା-୭

# ଜଙ୍ଗଲରେ ଜୁଆଖେଳ; ଧରାପଡ଼ିଲେ ୨୬

■ ଦିଗପହଣ୍ଡି, ୧୧।୧ (ସମିସ): ଦିଗପହଣ୍ଡି ଥାନା କରପଡ଼ା ପଞ୍ଚାୟତ ଜଙ୍ଘମା ଗ୍ରାମ ନିକଟ ଜଙ୍ଗଲରେ ଏକ ବଡ଼ ଧରଣର ଜୁଆ ଆଡ୍ଡା ଚାଲିଥିଲା। ଖବର ପାଇ ବ୍ରହ୍ମପୁର ଏସ୍‌ପିଓ ସର୍ବଣା ବିବେକ ଏମ୍.ଙ୍କ ନିର୍ଦ୍ଦେଶକ୍ରମେ ଶନିବାର ସନ୍ଧ୍ୟାରେ ଏଏସ୍‌ଆଇ ମନୋଜ ସିଂଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ପୁଲିସ କର୍ମଚାରୀଙ୍କୁ ଜୁଆଡ଼ିମାନେ ହତ୍ୟା ଉଦ୍ୟମ କରିଥିବାବେଳେ ପୁଲିସ ସେମାନଙ୍କ ମଧ୍ୟରୁ ୨୦ଜଣଙ୍କୁ କାବୁ କରିଛି। ଏଥିସହ ଅଭିଯୁକ୍ତଙ୍କଠାରୁ ୯.୨୪ ଲକ୍ଷ ଟଙ୍କା, ୧୨ଟି ବାଇକ୍ ଓ କାର୍ ଜବତ କରିଥିବା ଜଣାପଡ଼ିଛି।



**ଚଢ଼ଉବେଳେ ପୁଲିସକୁ ହତ୍ୟା ଉଦ୍ୟମ**

**୯.୨୪ ଲକ୍ଷ ଟଙ୍କା, ୧୨ ବାଇକ୍ ଓ କାର୍ ଜବତ**

ପୁଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଜଙ୍ଗଲରେ ଚାଲିଥିବା ଏହି ଜୁଆ ଆଡ୍ଡାକୁ ଚାରିପଟୁ ଘେରାବନ୍ଦୀ କରିଥିଲେ। ସାଦା ପୋଷାକ ପିନ୍ଧି ଥିବା କିଛି ପୁଲିସ କର୍ମଚାରୀ ଜୁଆ ଖେଳିବା ବାହାନାରେ ଆଡ୍ଡାରେ ପହଞ୍ଚିଥିଲେ। ପରେ ସୂଚନା ପାଇ ପୂର୍ବ ପ୍ରସ୍ତୁତି ପ୍ରକାରେ ପୁଲିସ ଟିମ୍ ଅତର୍କିତ ଚଢ଼ଉ କରିଥିଲେ। ପୁଲିସ ଚଢ଼ଉ କରିଥିବା ଜାଣି ଜୁଆ ଖେଳୁଥିବା ବହୁ ସଂଖ୍ୟକ ବ୍ୟକ୍ତି ପୁଲିସ କର୍ମଚାରୀମାନଙ୍କୁ ▶ପୃଷ୍ଠା-୭

**ଚାଷୀଙ୍କ କଟା ଘା'ରେ ଚୂନ**

# 'ନୌଟଙ୍କି' ପରେ 'ଦଲାଲ'

## ଆକ୍ଷେପ ପାଇଁ କ୍ଷମା ପ୍ରାର୍ଥନା କରନ୍ତୁ ଉପମୁଖ୍ୟମନ୍ତ୍ରୀ: ଚାଷୀ ସଂଗଠନ

■ ଭୁବନେଶ୍ୱର, ୧୧।୧ (ସମିସ): ରାଜ୍ୟରେ ବଢ଼ୁଛି ଚାଷୀ ଅସନ୍ତୋଷ। ବିହନ ସମସ୍ୟା ପରେ ସାର କଳାବଜାରକୁ ନେଇ ଦହଗଞ୍ଜ ହୋଇଥିବାବେଳେ ଏବେ ଧାନ ବିକ୍ରି ସମୟରେ ସରକାରଙ୍କ ଆଭିମୁଖ୍ୟ ଚାଷୀଙ୍କ ରୋଷକୁ ବହୁଗୁଣିତ କରିଛି। ମଣ୍ଡିରେ ଧାନବସ୍ତା ଗଦା ମାରି ଚାଷୀ ଶୀତ କାକରରେ ଜଗି ବସିଛି । ମାତ୍ର ସମସ୍ୟା ଏତିକିରେ ସରିନାହିଁ, କଟନିଛଟନି ଓ ମିଲରଙ୍କ ମନମାନି ଚାଷୀଙ୍କ ମେରୁଦଣ୍ଡରେ ଦେଇଛି ପ୍ରଚଣ୍ଡ ଆଘାତ । ଯେଉଁ ସମୟରେ ସରକାର ଚାଷୀଙ୍କ ସହିତ ଠିଆ ହୋଇ ତାଙ୍କ ସମସ୍ୟା ଦୂର ପାଇଁ କାର୍ଯ୍ୟ କରିବା କଥା, ସେହି ସମୟରେ ସରକାର ହାତ ଟେକି ଦେଇଛି । କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ, ଯୋଗାଣମନ୍ତ୍ରୀ, ସମବାୟ ମନ୍ତ୍ରୀ ସୁଯୋଗ ପାଇବା ମାତ୍ରେ ଚାଷୀଙ୍କୁ କାଠଗଡ଼ାରେ ଠିଆ କରିଛନ୍ତି । ବିଡ଼ମ୍ବନା ହେଉଛି ରାଜ୍ୟରେ କୃଷି ବିଭାଗର ସର୍ବେସର୍ବା ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ ଗୋଟିଏ ସପ୍ତାହ ମଧ୍ୟରେ ଚାଷୀଙ୍କ ପ୍ରତି କରିଥିବା ଆକ୍ଷେପ ସରକାରଙ୍କୁ ଅକଳରେ ପକାଇଛି । ବରଗଡ଼ ଧନୁଯାତ୍ରା ମଞ୍ଚରେ ରାସ୍ତାରେ ଚାଷୀଙ୍କ ଆନ୍ଦୋଳନକୁ 'ନୌଟଙ୍କି' ଅଭିହିତ କରିବ ପରେ ସୋନପୁରରେ ଏକ କାର୍ଯ୍ୟକ୍ରମରେ ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀ ନେତାମାନଙ୍କୁ 'ଦଲାଲ' ବୋଲି ଆକ୍ଷେପ କରି କନକବର୍ଦ୍ଧନ ସିଂହଦେଓ ନିଜ ସରକାର ପାଇଁ ବିପଦ ଡ଼ାକି ଆଣିଛନ୍ତି ।

ଧାନ ବିକ୍ରି ସମସ୍ୟାର ସମାଧାନ ନିମନ୍ତେ ବାରମ୍ବାର ଦାବି କରି ଚାଷୀମାନେ ବିଭିନ୍ନ ସ୍ଥାନରେ ରାସ୍ତାରୋକ କରୁଛନ୍ତି । ବିଶେଷ ଭାବରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଷୀ ଧାନ ବସ୍ତା, ଟ୍ରାକ୍ଟର ରଖି ରାସ୍ତା ଅବରୋଧ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ମାର୍କେଟ ୟାଡର୍‌ରେ ମଧ୍ୟ ଆନ୍ଦୋଳନ ଚଳାଇଛନ୍ତି । ମାତ୍ର କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଚାଷୀଙ୍କ ସହ ଆଲୋଚନା କରିବା ପାଇଁ ଉଚିତ୍ ମଣିନାହାନ୍ତି । ଚାଷୀମାନେ କାହିଁକି ଆନ୍ଦୋଳନ କରୁଛନ୍ତି, ସେ ସମ୍ପର୍କରେ ଥରଟିଏ ପଚାରି ବୁଝି ନାହାନ୍ତି । ଅଥଚ ଆନ୍ଦୋଳନ କରୁଥିବା ଚାଷୀମାନଙ୍କୁ ନୌଟଙ୍କି କରିବାକୁ ଚାହୁଁଥିଲେ, କଂସ ଦରବାରରେ ନୌଟଙ୍କି କରନ୍ତୁ ବୋଲି ଆକ୍ଷେପ କରିଛନ୍ତି । ଯାହା ସମଗ୍ର ପଶ୍ଚିମ ଓଡ଼ିଶାର ଚାଷୀମାନଙ୍କୁ କ୍ଷୁବ୍ଧ କରିଛି । ସେହିପରି କୋଲାବିରାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଚାଷୀମାନଙ୍କ ବ୍ଲାକମେଲିଂ ସରକାର ଗ୍ରହଣ କରିପାରିବେ ନାହିଁ, ସେମାନଙ୍କୁ କିପରି ଲାଇନକୁ ଅଣାଯାଇ ପାରିବ ତାହା ସରକାରଙ୍କୁ ଜଣା ବୋଲି ମଧ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ଚାଷୀମାନଙ୍କୁ ଅଧିକ କ୍ରୋଧିତ କରିଛି । ▶ପୃଷ୍ଠା-୭






## ୧୦ ମିନିଟରେ ଠାକ୍‌ରେ ମୁମ୍ବାଇ ବନ୍ଦ କରିଦେବେ: ସଞ୍ଜୟ ରାଉତ

ମୁମ୍ବାଇ, ୧୧।୧ (ଏଜେନ୍ସି): ପୌର ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ର ରାଜନୀତି ସରଗରମ ହୋଇ ଉଠିଛି । ଏବେ ସବୁ ଦଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ନିଜ କ୍ଷମତା ପ୍ରଦର୍ଶନ କରିବାରେ ଲାଗିଛନ୍ତି । ଏପରି ସମୟରେ ଶିବସେନା (ୟୁବିଟି) ନେତା ତଥା ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ବଡ଼ ଦାବି କରିଛନ୍ତି । ଆଜି ବି ଠାକରେ ପରିବାର ୧୦ ମିନିଟରେ ମୁମ୍ବାଇ ବନ୍ଦ କରିଦେବ ବୋଲି ସେ କହିଛନ୍ତି । ମହାରାଷ୍ଟ୍ର ରାଜନୀତିରୁ ଠାକରେ ପରିବାରକୁ କେବେ ବି ହଟାଯାଇପାରିବ ନାହିଁ । ସେ ଏକ ସାକ୍ଷାତକାରରେ ଏହି ଟିପ୍ପଣୀ ଦେଇଛନ୍ତି । ସେ କହିଛନ୍ତି ଯେ ମହାରାଷ୍ଟ୍ରର ସବୁଠାରୁ ଶକ୍ତିଶାଳୀ ପରିବାର ମଧ୍ୟରୁ ଠାକରେ ପରିବାର ଅନ୍ୟତମ । ନିର୍ବାଚନରେ ପରାଜୟ ସତ୍ତ୍ୱେ ରାଜ୍ୟ ରାଜନୀତିରେ ଠାକରେ ପରିବାରର ସ୍ଥିତି ମଜବୁତ ରହିଛି । ଏବେ ବି ତାଙ୍କ କ୍ଷମତା ଶେଷ ହୋଇନାହିଁ । ଅନ୍ୟପଟେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସ ରାଉତଙ୍କ ମନ୍ତବ୍ୟକୁ ଫମ୍ପା ଧମକ ଦର୍ଶାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯେତେବେଳେ ବାଲ୍ ଠାକରେ ଜୀବିତ ଥିଲେ ସେତେବେଳେ ଏହା ସମ୍ଭବ ଥିଲା । କିନ୍ତୁ ଏବେ ଆଉ ଏହି ସାମର୍ଥ୍ୟ ନାହିଁ ।

## ଆମେରିକା ମିସିସିପିରେ ଗୁଳିକାଣ୍ଡ; ୬ ମୃତ

ଜ୍ୟାକସନ,୧୧ ।୧(ଏଜେନ୍ସି): ଆମେରିକାର ଦାକ୍ଷିଣାତ୍ୟ ରାଜ୍ୟ ମସିସିପିରେ ସାମୂହିକ ଗୁଳିକାଣ୍ଡ ଘଟିଛି । ଶୁକ୍ରବାର ବିଳମ୍ବିତ ରାତିରେ କ୍ଲେ କାଉଣ୍ଟିରେ ଏହି ଘଟଣା ଘଟିଛି । ଏହି ଘଟଣାରେ ୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ଛୋଟପିଲା ରହିଛି । ଏହି ଘଟଣାରେ ୨୪ ବର୍ଷୀୟ ଅଭିଯୁକ୍ତକୁ ଗିରଫ କରାଯାଇଛି । ଆଲବାମା ସୀମା ନିକଟରେ ୱେଷ୍ଟ ପଏଣ୍ଟ ସହରର ଆଖାପାଖ ଅଞ୍ଚଳରେ ଏହି ଗୁଳିକାଣ୍ଡ ଘଟିଛି ବୋଲି କୁହାଯାଇଛି । ବିଭିନ୍ନ ସ୍ଥାନରେ ମୃତଦେହଗୁଡ଼ିକୁ ଉଦ୍ଧାର କରାଯାଇଥିଲା । ପୁଲିସ ଅଧିକାରୀମାନେ ଘଟଣାର ଯାଞ୍ଚରେ ଲାଗି ପଡିଛନ୍ତି ।

## ଇଣ୍ଡିଆନ ଆଇଡଲ-୩ ବିଜେତା ପ୍ରଶାନ୍ତଙ୍କ ପରଲୋକ

ନୂଆଦିଲ୍ଲୀ,୧୧ ।୧(ଏଜେନ୍ସି): ଇଣ୍ଡିଆନ ଆଇଡଲ-୩ ବିଜେତା ପ୍ରଶାନ୍ତ ତମାଙ୍ଗ ରବିବାର ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି । ମୃତ୍ୟୁ ବେଳକୁ



ତାଙ୍କୁ ୪୩ ବର୍ଷ ହୋଇଥିଲା । ଗାୟକ ତଥା ଅଭିନେତା ପ୍ରଶାନ୍ତଙ୍କୁ ହୃଦ୍‌ଘାତ ପରେ ଏକ ହସ୍ପିଟାଲକୁ ନିଆଯାଇଥିଲା । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଜଣାଶୁଣା ଟେଲିଭିଜନ ରିୟଲିଟି ଶୋ ଇଣ୍ଡିଆନ ଆଇଡଲ-୩ ଜିତିବା ପରେ ପ୍ରଶାନ୍ତ ପ୍ରସିଦ୍ଧି ଲାଭ କରିଥିଲେ । ସେ ୱେବ୍ ସିରିଜ ପାତାଲଲୋକ୍‌ର ଦ୍ୱିତୀୟ ଭାଗରେ ଅଭିନୟ କରିଥିଲେ । ସଲମାନ ଖାନ୍‌ଙ୍କ ଆଗାମୀ ସିନେମା 'ବ୍ୟାଟେଲ ଅଫ୍ ଗଲୱାନ'ରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ । ଏହି ସିନେମା ଏପ୍ରିଲ ୧୭ରେ ମୁକ୍ତିଲାଭ କରିବ । ଇଣ୍ଡିଆନ ଆଇଡଲ ଜିତିବା ପରେ ସେ ତାଙ୍କର ପ୍ରଥମ ଆଲବମ୍ ଧନ୍ୟବାଦ ରିଲିଜ କରିଥିଲେ । ପ୍ରଶାନ୍ତ କୌଣସି ଗୁରୁତର ରୋଗରେ ପୀଡିତ ନ ଥିଲେ । ୨୦୦୭ ରେ ହୋଇଥିବା ଇଣ୍ଡିଆନ ଆଇଡଲ ତୃତୀୟ ସଂସ୍କରଣରେ ସେ ରେକର୍ଡ ସଂଖ୍ୟକ ଭୋଟିଂ ପାଇଁ ଚାମ୍ପିଅନ ହୋଇଥିଲେ । ସେ ୧୯୮୩ରେ ଜାନୁଆରୀ ୪ରେ ଡାର୍ଜିଲିଂରେ ଜନ୍ମଗ୍ରହଣ କରିଥିଲେ ।

## ୨୪ରୁ ୪୮ ଘଣ୍ଟା ମଧ୍ୟରେ ପହଞ୍ଚିବ ସ୍ପିଡ୍ ପୋଷ୍ଟ

ଶିବପୁରୀ,୧୧ ।୧(ଏଜେନ୍ସି): ଏବେ ସ୍ପିଡ୍ ପୋଷ୍ଟ ୨୪ରୁ ୪୮ ଘଣ୍ଟା ମଧ୍ୟରେ ପହଞ୍ଚିବ । କେନ୍ଦ୍ରମନ୍ତ୍ରୀ ତଥା ଗୁନା ସାଂସଦ ଜ୍ୟୋତିରାଦିତ୍ୟ ସିନ୍ଧିଆ ଶିବପୁରୀରେ ଏହା ଘୋଷଣା କରିଛନ୍ତି । ପୂର୍ବରୁ ଏହି ସେବା ଡେଲିଭରୀ ପାଇଁ ୩ରୁ ୫ ଦିନ ସମୟ ଲାଗୁଥିଲା । କିନ୍ତୁ ନୂଆ ନିୟମ ଲାଗୁ ହେବା ପରେ ଏହା ପାର୍ସଲ ଓ ଡକ୍ୟୁମେଣ୍ଟ ୨୪ କିମ୍ବା ୪୮ ଘଣ୍ଟା ମଧ୍ୟରେ ପହଞ୍ଚିବ । ଏହି ପଦକ୍ଷେପ ଡାକ ବିଭାଗକୁ ଏକ ଦ୍ରୁତ, ଆଧୁନିକ ଓ ନିର୍ଭରଯୋଗ୍ୟ ଲଜିଷ୍ଟିକ ନେଟୱର୍କ ଭାବରେ ପ୍ରତିଷ୍ଠା କରିବା ଦିଗରେ ଏକ ବଡ଼ ପଦକ୍ଷେପ । ପୂର୍ବରୁ ପାରମ୍ପରିକ ସ୍ପିଡ୍ ପୋଷ୍ଟ ୩ରୁ ୫ ଦିନ ମଧ୍ୟରେ ପହଞ୍ଚୁଥିଲା କିମ୍ବା ତା'ଠାରୁ ଅଧିକ ସମୟରେ ପହଞ୍ଚୁଥିଲା । ଟ୍ରାକିଂ ମୌଳିକ ଥିଲା ଓ ପଞ୍ଜିକୃତ ପୋଷ୍ଟ ଏକ ପୃଥକ ସେବା ଥିଲା । ଏବେ ୨୪ ଘଣ୍ଟା ବିକଳ୍ପରେ ପ୍ରମୁଖ ରୁଟ ଓ ସହରଗୁଡ଼ିକରେ ଗୋଟିଏ ଦିନ ମଧ୍ୟରେ ପାର୍ସଲ ପହଞ୍ଚିବ । ୪୮ ଘଣ୍ଟିଆ ବିକଳ୍ପରେ ଅନ୍ୟ ରୁଟ୍‌ଗୁଡ଼ିକରେ ୨ ଦିନ ମଧ୍ୟରେ ପାର୍ସଲ ପହଞ୍ଚିବ ।

## ନ୍ୟୁଜିଲାଣ୍ଡରେ ପୁଣି ଶିଖ୍‌ଙ୍କ ନଗର କୀର୍ତ୍ତନକୁ ବିରୋଧ

ଜଲନ୍ଧର,୧୧ ।୧(ଏଜେନ୍ସି): ନ୍ୟୁଜିଲାଣ୍ଡରେ ପୁଣି ଥରେ ଶିଖଙ୍କ ନଗର କୀର୍ତ୍ତନକୁ ବିରୋଧ କରାଯାଇଛି । ଗତ ୨୦ ଦିନ ମଧ୍ୟରେ ଦ୍ୱିତୀୟଥର ପାଇଁ ଏପରି ହୋଇଛି । ଏହା ସତ୍ତ୍ୱେ ନଗର କୀର୍ତ୍ତନ ବନ୍ଦ ହୋଇନାହିଁ । ନ୍ୟୁଜିଲାଣ୍ଡର ନର୍ଥ ଆଇଲାଣ୍ଡର ବେ ଅଫ୍ ପ୍ଲେଣ୍ଟି ଅଞ୍ଚଳର ଏକ ପୋତାଶ୍ରୟ ନିକଟରେ ଥିବା ସହର ଟାଉରଙ୍ଗାରେ ଶିଖ ଯୁବକମାନେ ଏହି ନଗର କୀର୍ତ୍ତନ କରିଥିଲେ । ଡେଷ୍ଟିନ ଚର୍ଚ୍ଚ ସହିତ ଜଡ଼ିତ ବ୍ରାୟନ ଟାମାକିଙ୍କ ଗୋଷ୍ଠୀ ରାସ୍ତାକୁ ଓହ୍ଲାଇ କୀର୍ତ୍ତନକୁ ରୋକିବା ସହ ହାକା ନୃତ୍ୟ ପ୍ରଦର୍ଶନ କରିଥିଲେ । ଟାମାକି ଓ ତାଙ୍କ ସମର୍ଥକମାନେ ଏହାକୁ ବିରୋଧ କରି ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ ଓ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ଏଗୁଡିକ କାହାର ରାସ୍ତା? ଏଗୁଡିକ ଆମର ରାସ୍ତା । ଏଠାରେ ଏତେ ଖୋଲାଖୋଲି ଭାବେ ଖଣ୍ଡା ଓ ପତାକା ଉଡାଇବାକୁ କିଏ ଅନୁମତି ଦେଲା? ଆମେ ଆମର ସଂସ୍କୃତିକୁ ଏପରି ନଷ୍ଟ ହେବାକୁ ଦେବୁନାହୁଁ । ଆମେ ଆମର ଦେଶର ସଂସ୍କୃତିକୁ ନଷ୍ଟ କରିବା ପାଇଁ କାହାକୁ ଆମର ରାସ୍ତା ଓ ଗଳି ବ୍ୟବହାର କରିବାକୁ ଦେବୁନାହୁଁ ବୋଲି ସେମାନେ କହିଥିଲେ । ଏହା ସତ୍ତ୍ୱେ ଶିଖ ଯୁବକମାନେ ଶାନ୍ତିପୂର୍ଣ୍ଣ ଭାବେ ନଗର କୀର୍ତ୍ତନ ସମାପନ କରିଥିଲେ । ପୂର୍ବରୁ ୨୦ ଦିନ ତଳେ ବ୍ରାୟନ ତାମାକିଙ୍କ ସମର୍ଥକମାନେ ଦକ୍ଷିଣ ଅକ୍‌ଲାଣ୍ଡ ଉପନଗର ମାନୁରେୱାରେ ମଧ୍ୟ ଏଭଳି ହାକା ପ୍ରଦର୍ଶନ କରିଥିଲେ ଓ ନଗର କୀର୍ତ୍ତନ ବନ୍ଦ ହୋଇଯାଇଥିଲା । ପୁଲିସ ଏଥିରେ ହସ୍ତକ୍ଷେପ କରି ହାକା ଶେଷ କରିଥିଲା ।

# ଇରାନ ଉପରେ ଆକ୍ରମଣ କରିବ ଆମେରିକା ?

ତେହରାନ, ୧୧।୧ (ଏଜେନ୍ସି):

ଇରାନରେ ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ବନ୍ଦ ହେବାର ନା ଧରୁନି । ସରକାରଙ୍କ ଦମନ ଏବଂ ଗୁଳିମାଡ଼ ନିର୍ଦ୍ଦେଶ ସତ୍ତ୍ୱେ ଇସଲାମିକ ଶାସନ ବିରୋଧରେ ଲୋକେ ରୁଣ୍ଡ ହୋଇ ଦେଶକୁ ମୁକ୍ତ କରିବାକୁ ଦାବି କରୁଛନ୍ତି । ଦୀର୍ଘ ଦିନର ଦମନମୂଳକ ଶାସନ ବିରୋଧରେ ଶେଷ ସଂଗ୍ରାମ ଚଳାଇଛନ୍ତି । ପୂର୍ବତନ ରାଜାଙ୍କ ପୁଅ ରେଜା ପହଲଭି ପୁଣି ଆନ୍ଦୋଳନକୁ ଜୋରଦାର କରିବାକୁ ରବିବାର ଆହ୍ୱାନ ଦେଇଛନ୍ତି । ଆନ୍ଦୋଳନକାରୀଙ୍କୁ ସରକାର ଗୁଳି ମାରି ହତ୍ୟା କରୁଥିଲେ ବି କୌଣସି ପ୍ରଭାବ ପଡୁନାହିଁ । ବିକ୍ଷୋଭ ଭୟଙ୍କର ରୂପ ଧାରଣ କରିଚାଲିଛି । ଆନ୍ଦୋଳନକାରୀ ଅଲ-ରସୁଲ ମସ୍‌ଜିଦରେ ନିଆଁ ଲଗାଇ ଦେଇଛନ୍ତି । ଶନିବାର ରାତିରେ ବିକ୍ଷୋଭ ସମୟରେ ବିଦ୍ୟୁତ କାଟିଦେବାରୁ ଆନ୍ଦୋଳନକାରୀ ମୋବାଇଲ ଟର୍ଚ୍ଚ ଜଳାଇ ସରକାରଙ୍କୁ ଏକତାର କ୍ଷମତା ଦେଖାଇଛନ୍ତି । ଏହି ଜେନ-ଜେଡ୍ ଆନ୍ଦୋଳନ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚି ଥିବାବେଳେ ଆମରିକା ଏବଂ ଇସ୍ରାଏଲ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି । ଦୁଇ ସପ୍ତାହ ହେଲା ସରକାର ବିରୋଧୀ ବିକ୍ଷୋଭ ଜାରି ରହିଥିବାବେଳେ ଇରାନରେ ସାମରିକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିକଳ୍ପ ଖୋଜୁଛନ୍ତି । ଆଉ ସହଯୋଗୀ ଇସ୍ରାଏଲ ଇରାନ ସ୍ଥିତିକୁ ନେଇ ଉଚ୍ଚସ୍ତରୀୟ ବୈଠକ କରିଛି । ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଆମେରିକା ବିଦେଶ ମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି । ଏପରି ସମୟରେ ଇରାନ ମଧ୍ୟ ଇସ୍ରାଏଲ ଏବଂ ଆମେରିକାକୁ ଧମକ ଦେଇଛି । ଯଦି ଆଭ୍ୟନ୍ତରୀଣ ମାମଲାରେ ଦଖଲ ଦିଅନ୍ତି ତେବେ ଏହି ଦୁଇ ଦେଶ ଉପରେ ଆକ୍ରମଣ କରାଯିବ ବୋଲି ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଗେର କହିଛନ୍ତି ।



**ଇସ୍ରାଏଲ ବି ପ୍ରସ୍ତୁତ, ଟ୍ରମ୍ପ ପ୍ରଶାସନ ସହ କଥାହେଲେ ନେତନ୍ୟାହୁ**

**ପାଲଟା ଆକ୍ରମଣ ପାଇଁ ଧମକ ଦେଲା ଇରାନ**

**ଇରାନରେ ଆନ୍ଦୋଳନକାରୀଙ୍କ ଉପରେ ଦମନଲୀଳା ଜାରି**

ରିପୋର୍ଟ ଅନୁଯାୟୀ, ଯଦି ଇରାନ ପ୍ରଦର୍ଶନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରଖେ ତେବେ ଟ୍ରମ୍ପ ଆକ୍ରମଣ ନେଇ ଗମ୍ଭୀରତାର ସହ ବିଚାର କରିବେ । ମାତ୍ର ଏହା ଉପରେ ରାଷ୍ଟ୍ରପତି ଅନ୍ତିମ ନିଷ୍ପତ୍ତି ନେବେ । ଏହା ପୂର୍ବରୁ ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ କହିଥିଲେ ଯେ ଇରାନ ସ୍ୱାଧୀନତାକୁ ଦେଖୁଛି । ପୂର୍ବରୁ ଏଭଳି କେବେ ହୋଇନାହିଁ । ଆମେରିକା ଏଥିରେ ସହାୟତା ଦେବାକୁ ପ୍ରସ୍ତୁତ ଅଛି । ସୂଚନା ଅନୁଯାୟୀ, ଏ ପର୍ଯ୍ୟନ୍ତ ଆନ୍ଦୋଳନରେ ୨୧୭ ବିକ୍ଷୋଭକାରୀଙ୍କ ମୃତ୍ୟୁ ହେଲାଣି । ମାତ୍ର ଇରାନର ହସ୍ପିଟାଲଗୁଡ଼ିକ ଭିନ୍ନ କଥା କହୁଛି । ଆନ୍ଦୋଳନରେ ହଜାର ହଜାର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି । କାରଣ ଇରାନ ପ୍ରାୟ ସବୁ ହସ୍ପିଟାଲରେ ରୋଗୀଙ୍କ ଗହଳି ଲାଗି ରହିଛି । କାହା ଦେହରେ ଗୁଳି ବାଜିଛି ତ ଆଉ କିଏ ସଙ୍କଟାପନ୍ନ ଅବସ୍ଥାରେ ଡାକ୍ତରଖାନାରେ ପହଞ୍ଚୁଛି । ଅଧିକାଂଶ ହସ୍ପିଟାଲର ଏମର୍ଜେନ୍ସି ୱାର୍ଡ ଫୁଲ୍ ହୋଇଯାଇଛି । ମୃତ୍ୟୁସଂଖ୍ୟା ଏଭଳି ଭାବେ ବୃଦ୍ଧି ପାଇଛି ଯେ ଗୋଟିଏ ଉପରେ ଆଉ ଗୋଟିଏ ମୃତଦେହ ରଖିବାକୁ ପଡୁଛି ।

ଇରାନ ରାଷ୍ଟ୍ରପତି ମାସୁଜ ପେଜସକିଆନ କହିଛନ୍ତି ଯେ ଦେଶରେ ଆମେରିକା ଏବଂ ଇସ୍ରାଏଲ ଦଙ୍ଗାକୁ ପ୍ରୋତ୍ସାହନ ଦେଉଛନ୍ତି । ଏହି ଦୁଇ ଦେଶ ଅରାଜକତା ଏବଂ ଅବ୍ୟବସ୍ଥା ସୃଷ୍ଟି କରିବାକୁ ଚାହୁଁଛନ୍ତି । ସେ ଇରାନ ନାଗରିଗଙ୍କୁ ଆତଙ୍କବାଦୀ ଏବଂ ଦଙ୍ଗାକାରୀଙ୍କଠାରୁ ଦୂରରେ ରହିବାକୁ କହିଛନ୍ତି । ଅଧିକାରୀମାନେ ବିକ୍ଷୋଭକାରୀଙ୍କ କଥା ଶୁଣିବେ ଏବଂ ସମସ୍ୟାର ସମାଧାନ କରିବେ ବୋଲି ରାଷ୍ଟ୍ରପତି ପ୍ରତିଶ୍ରୁତି ଦେଇଛନ୍ତି । ମାତ୍ର ଦଙ୍ଗାକାରୀ ସମାଜକୁ ନଷ୍ଟ କରିବାକୁ ଚାହୁଁଥିବା ସେ ଦାବି କରିଛନ୍ତି । ଏହା ମଧ୍ୟରେ ବିକ୍ଷୋଭକାରୀଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ କହିଛନ୍ତି । ସେହିପରି ବିକ୍ଷୋଭରେ ସାମିଲ ଲୋକଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଆଟର୍ଣ୍ଣି ଜେନେରାଲ ମହମ୍ମଦ ମୋବାହେଦି କହିଛନ୍ତି ।

## ସିରିଆର ଆଇଏସ୍ ଆଡ୍ଡାରେ ପୁଣି ଆମେରିକା ଆକ୍ରମଣ

ୱାସିଂଟନ,୧୧ ।୧(ଏଜେନ୍ସି): ଆମେରିକା ପୁଣି ଥରେ ସିରିଆରେ ଜଣାଶୁଣା ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ଆଡ୍ଡା ଉପରେ ଶନିବାର ରାତିରେ ଏୟାର ଷ୍ଟ୍ରାଇକ କରିଛି । ଗତ ମାସରେ ପାଲମିରାରେ ଏକ ଆତଙ୍କବାଦୀ ଆକ୍ରମଣରେ ଦୁଇ ଆମେରିକୀୟ ସୈନିକ ଓ ଜଣେ ସାଧାରଣ ନାଗରିକ ମୃତ୍ୟୁବରଣ କରିବା ପରେ ପ୍ରତିଶୋଧ ସ୍ୱରୂପ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆମେରିକା କେନ୍ଦ୍ରୀୟ କମାଣ୍ଡ (ସିଇଏନ୍‌ଟିସିଓଏମ୍) ଅନୁଯାୟୀ, ସିରିଆର ବିଭିନ୍ନ ଅଞ୍ଚଳରେ ଥିବା ଏକାଧିକ ଆଇଏସ୍‌ଆଇଏସ୍ ଆଡ୍ଡା, ଅସ୍ତ୍ରଶସ୍ତ୍ର ଓ ଭିତ୍ତିଭୂମୀକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଥିଲା । ତେବେ କେତୋଟି ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା ସେ ନେଇ କୌଣସି ତଥ୍ୟ ଦିଆଯାଇନାହିଁ । ସେଣ୍ଟ୍ରାଲ କମାଣ୍ଡ ତରଫରୁ ଏକ ବିବୃତ୍ତିରେ କୁହାଯାଇଛି ଯେ, ଯଦି ତମେ ଆମ ସୈନିକଙ୍କୁ କ୍ଷତି ପହଞ୍ଚାଇବ, ତେବେ ଆମେ ତୁମକୁ ଖୋଜି ଖୋଜି ମାରିବୁ । ଟ୍ରମ୍ପ ପ୍ରଶାସନ ସେନାର ଏହି କର୍ଯ୍ୟାନୁଷ୍ଠାନକୁ 'ଅପରେସନ ହକ୍ ଆଇ ଷ୍ଟ୍ରାଇକ୍' ବୋଲି କୁହାଯାଉଛି । ଡିସେମ୍ବର ୧୯ରେ ଏହି ଅପରେସନ ଆରମ୍ଭ ହୋଇଥିଲା । ସେତେବେଳେ ଆଇଏସ୍‌ଆଇଏସ୍‌ର ୭୦ଟି ଆଡ୍ଡା ଉପରେ ବଡ଼ଧରଣର ଆକ୍ରମଣ କରାଯାଇଥିଲା ।

## ଗ୍ରୀନଲାଣ୍ଡ ଆକ୍ରମଣ ପାଇଁ ଟ୍ରମ୍ପଙ୍କ ଯୋଜନା

ୱାସିଂଟନ,୧୧ ।୧(ଏଜେନ୍ସି): ଗ୍ରୀନ୍‌ଲାଣ୍ଡକୁ ନେଇ ଆମେରିକା ଆଗାମୀ ଦନରେ ଏକ ବୃହତ୍ ତଥା ନିର୍ଣ୍ଣାୟକ ନିଷ୍ପତ୍ତି ନେବ ବୋଲି ମନେ କରାଯାଉଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନଲାଣ୍ଡକୁ ମିଶାଇବା ପାଇଁ ଯୋଜନା ପ୍ରସ୍ତୁତ ଓ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡେଲି ମେଲ୍ ଅନୁଯାୟୀ, ଟ୍ରମ୍ପ ଏହି ଦାୟିତ୍ୱ ଜଏଣ୍ଟ ସ୍ପେଶାଲ ଅପରେସନ କମାଣ୍ଡ (ଜେଏସ୍‌ଓସି)କୁ ପ୍ରଦାନ କରିଛନ୍ତି । ତେବେ ସେନା ଅଧିକାରୀମାନେ ଟ୍ରମ୍ପଙ୍କ ଏହି ବିଚାର ଓ ଯୋଜନା ସହ ସହମତି ପ୍ରକାଶ କରିନାହାନ୍ତି । ଏହାକୁ ଆଇନଗତ ଭାବେ ଅବୈଧ ମନେ କରନ୍ତି ବୋଲି କହିଛନ୍ତି । ଏକ ରିପୋର୍ଟରେ କୁହାଯାଇଛି ଯେ, ଟ୍ରମ୍ପଙ୍କ ଏହି ରୁଚି ତଥା ଆଭିମୁଖ୍ୟ ଘରୋଇ ରାଜନୀତି ସହ ଜଡିତ ହୋଇପାରେ । ଚଳିବର୍ଷ ଶେଷ ଆଡକୁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେବାକୁ ଯାଉଛି । ରିପବ୍ଲିକାନ ପାର୍ଟି ସଂସଦରେ ନିୟନ୍ତ୍ରଣ ହରାଇବାକୁ ଭୟ କରୁଛି । ତେଣୁ ଟ୍ରମ୍ପ ଏକ ବଡ଼ ପଦକ୍ଷେପ ଗ୍ରହଣ କରି ଆର୍ଥିକ ସମସ୍ୟାରୁ ଧ୍ୟାନ ହଟାଇବାକୁ ଚାହୁଁଛନ୍ତି । ଡେଲି ମେଲ ଏକ କୂଟନୈତିକ ସୂତ୍ରର ଉଦ୍ଧୃତ କରି କହିଛି ଯେ, ଜେନେରାଲମାନେ ଟ୍ରମ୍ପଙ୍କ ଗ୍ରୀନଲାଣ୍ଡ ଯୋଜନାକୁ ଅବାନ୍ତର ଓ ଅବୈଧ ବୋଲି ମନେ କରନ୍ତି । ଟ୍ରମ୍ପଙ୍କ ଏହି ଜିଦ୍‌କୁ ପିଲାଳିଆମି ବୋଲି ସେମାନେ କହିଛନ୍ତି । ସେପଟେ ଟ୍ରମ୍ପ ଯଦି ଗ୍ରୀନଲାଣ୍ଡ ଉପରେ ଆକ୍ରମଣ କରନ୍ତି, ତେବେ ସାମରିକ ମେଣ୍ଟ ନାଟୋ ପାଇଁ ଗୁରୁତର ସମସ୍ୟା ସୃଷ୍ଟି ହୋଇପାରେ । ଏହା ୟୁରୋପୀୟ ଦେଶମାନଙ୍କ ସହ ସିଧାସଳଖ ମୁକାବିଲାର କାରଣ ମଧ୍ୟ ହେବ ବୋଲି ଆଶଙ୍କା କରାଯାଉଛି । ଏହା ନାଟୋକୁ ପତନର ଦ୍ୱାରକୁ ନେଇଯିବ । ତେଣୁ



ଗ୍ରୀନଲାଣ୍ଡକୁ ଆମେରିକା ନିଜ ସହ ମିଶାଇଲେ, ୟୁରୋପୀୟ ଦେଶଗୁଡିକ ନାଟୋ ଛାଡିବାକୁ ବାଧ୍ୟ ହୋଇପାରନ୍ତି । ଯଦି ଟ୍ରମ୍ପ ନାଟୋକୁ ସମାପ୍ତ କରିବାକୁ ଚାହାନ୍ତି, ତେବେ ଗ୍ରୀନ୍‌ଲାଣ୍ଡ ଯୋଜନାକୁ କାର୍ଯ୍ୟକାରୀ କରିବେ । ପୂର୍ବରୁ ଟ୍ରମ୍ପ ତାଙ୍କ ଏହି ଯୋଜନା ନେଇ ସଫେଇ ଦେଇସାରିଛନ୍ତି । ଗ୍ରୀନ୍‌ଲାଣ୍ଡକୁ କବ୍‌ଜା ନ କଲେ ରୁଷ ଓ ଚୀନ୍ ଭଳି ଦେଶ ଏହାକୁ ଅକ୍ତିଆର କରିନେବେ । ଗ୍ରୀନ୍‌ଲାଣ୍ଡ ନିକଟରେ ରୁଷ ଓ ଚୀନ୍‌ର ଗତିବିଧି ବୃଦ୍ଧିପାଇବାରେ ଲାଗିଛି । ଯଦି ସହଜ ଭାବେ ଗ୍ରୀନ୍‌ଲାଣ୍ଡ ହାସଲ କରି ନ ହୁଏ, ତେବେ କଠୋର ଉପାୟ ଅବଲମ୍ବନ କରାଯିବ ବୋଲି ସେ କହିଥିଲେ । ସେପଟେ ଆମେରିକା ଆକ୍ରମଣ କଲେ ଡେନମାର୍କ ଦୃଢ଼ ଜବାବ ଦେବ ବୋଲି କହିଥିଲା ।



**ଶ୍ରୀନଗରରେ ବରଫ ଝଡ଼:** ମଜା ନେଉଛନ୍ତି ପର୍ଯ୍ୟଟକ

## ସ୍ୱାମୀ ହତ୍ୟାର ସାକ୍ଷୀ ମହିଳାଙ୍କୁ ହତ୍ୟା

ନୂଆଦିଲ୍ଲୀ,୧୧ ।୧(ଏଜେନ୍ସି): ଦିଲ୍ଲୀର ଶାଲିମାର ବାଗରେ ଶନିବାର ସକାଳେ ଜଣେ ୫୨ ବର୍ଷୀୟା ମହିଳା ରଚନା ଯାଦବଙ୍କୁ ଗୁଳିକରି ହତ୍ୟା କରାଯାଇଛି । ରଚନା ୨୦୨୩ରେ ନିଜ ସ୍ୱାମୀଙ୍କ ହତ୍ୟାର ମୁଖ୍ୟ ସାକ୍ଷୀ ଥିଲେ । ରଚନା ଏକ ପଡ଼ୋଶୀଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେଇ ଫେରୁଥିଲେ । ଘର ନିକଟରେ ହାତଗୋଡ଼ ଧୋଉଥିବା ବେଳେ ଆକ୍ରମଣକାରୀମାନେ ତାଙ୍କୁ ମୁଣ୍ଡକୁ ଅତି ନିକଟରୁ ଗୁଳି କରିଥିଲେ । ଫଳରେ ଘଟଣାସ୍ଥଳରେ ସେ ମୃତ୍ୟୁବରଣ କରିଥିଲେ । ୨୦୨୩ରେ ରଚନାଙ୍କ ସ୍ୱାମୀ ବିଜେନ୍ଦ୍ର ଯାଦବଙ୍କୁ ବ୍ୟକ୍ତିଗତ ଶତ୍ରୁତା ଯୋଗୁ ଗୁଳିକରି ହତ୍ୟା କରାଯାଇଥିଲା । ସେ ଜଣେ ପ୍ରପର୍ଟି ଡିଲର ଥିଲେ । ପୁଲିସ ଦେଇଥିବା ସୂଚନା ଅନୁସାରେ, ଆକ୍ରମଣକାରୀମାନେ ରଚନାଙ୍କୁ ଅଟକାଇଥିଲେ ଓ ତାଙ୍କ ନାମ ପଚାରି ଗୁଳି କରିଥିଲେ । ମୁଣ୍ଡରେ ଗୁଳି ବାଜିବା କାରଣରୁ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ପୁଲିସ ସିସିଟିଭି ଫୁଟେଜ ବ୍ୟବହାର କରି ଖୋଜାଖୋଜି ଆରମ୍ଭ କରିଛି । ବିଜେନ୍ଦ୍ରଙ୍କ ହତ୍ୟାକାରୀ ରଚନାଙ୍କ ହତ୍ୟାରେ ସାମିଲ ଥିବା ଆଶଙ୍କା କରାଯାଉଛି ।

## ପୁଅ, ଝିଅକୁ ହତ୍ୟା କରି ବିଷ ପିଇଲା ମା'

ଭିଲୱାଡା,୧୧ ।୧(ଏଜେନ୍ସି): ରାଜସ୍ଥାନ ଭିଲୱାଡ଼ାରୁ ବିଚଳିତ କଲା ଭଳି ଏକ ଘଟଣା ସମ୍ନାକୁ ଆସିଛି । ଜଣେ ମା' ନିଜର ପୁଅ ଓ ଝିଅର ଗଳାକାଟି ହତ୍ୟା କରିବା ପରେ ନିଜେ ବିଷ ପିଇ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଛି । ମହିଳା ଜଣକ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଘଟଣା ବେଳେ ସ୍ୱାମୀ ଘରେ ନ ଥିଲେ । ଦୁଇ ପିଲାଙ୍କୁ ମାରିବା ପରେ ମହିଳା ଜଣକ ସ୍ୱାମୀଙ୍କୁ ଫୋନକରି କହିଥିଲେ ଯେ, 'ମୁଁ ପୁଅ ଓ ଝିଅକୁ ମାରିଦେଇଛି' । ମହିଳା ଜଣକ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡିତ ଥିଲେ । ଏହି କାରଣରୁ ସେ ଅବସାଦଗ୍ରସ୍ତ ଥିଲେ । ପୁଲିସ କହିବା ଅନୁସାରେ ରାଜୁଙ୍କ ସ୍ତ୍ରୀ ସଞ୍ଜୁ ଦେବୀ (୩୫) ସକାଳେ ୧୨ ବର୍ଷୀୟ ଝିଅ ନେହା ଓ ୭ ବର୍ଷର ପୁଅ ଭୈରୁଙ୍କ ଗଳାକାଟି ହତ୍ୟା କରିଥିଲେ । ରାଜୁଙ୍କୁ ସଞ୍ଜୁ ଫୋନ କରିବା ପରେ ସେ ପଡୋଶୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ ।

**ପୁଣି କ୍ୟୁବାକୁ ଧମକ ଦେଲେ ଟ୍ରମ୍ପ**

## ବିଳମ୍ବ ହେବା ପୂର୍ବରୁ ଚୁକ୍ତି କରିନିଅ

ୱାସିଂଟନ, ୧୧।୧ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ଆଶା ରଖି ବିଶ୍ୱରେ ଏକଚ୍ଛତ୍ର ଶାସନ ଚଳାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଗୋଟିଏ ପରେ ଗୋଟିଏ ଦେଶକୁ ଧମକ ଦେଇ ଚାଲିଛନ୍ତି । ବିଶ୍ୱ ଆଇନକାନୁନକୁ ଖୋଲଖୋଲି ଭାବେ ଉଲ୍ଲଙ୍ଘନ କରି ଭେନେଜୁଏଲା, ଗ୍ରୀନଲାଣ୍ଡ ପରେ ଏବେ ସେ କାରବିଆନ ଦେଶ କ୍ୟୁବା ଉପରେ ନଜର ପକାଇଛନ୍ତି । ବହୁତ ବିଳମ୍ବ ହୋଇଯିବ ପୂର୍ବରୁ ଆମେରିକା ସହ ଚୁକ୍ତି କରିନେବାକୁ ସେ କ୍ୟୁବାକୁ ଧମକ ଦେଇଛନ୍ତି । ଏପରି ନ କଲେ ଆମେରିକା ତୈଳ କିମ୍ବା ଅର୍ଥ ଦେବ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି । ଦୀର୍ଘ ବର୍ଷ ହେଲା କ୍ୟୁବା ଭେନେଜୁଏଲା ଅର୍ଥ ଏବଂ ତୈଳରେ ବଞ୍ଚି ଆସୁଛି ବୋଲି ଟ୍ରମ୍ପ କହିଛନ୍ତି । ଭେନେଜୁଏଲା ଉପରେ ଆମେରିକା ଆକ୍ରମଣକୁ କ୍ୟୁବା ରାଷ୍ଟ୍ରପତି ମିଗୁଏଲ ଡିଆନ-କାନେଲ ତୀବ୍ର ନିନ୍ଦା କରିବା ପରେ ଟ୍ରମ୍ପ ଏହି ଧମକ ଦେଇଛନ୍ତି । ଶନିବାର କ୍ୟୁବାର ରାଜଧାନୀ ହାଭାନା ସ୍ଥିତ ଆମେରିକା ଦୂତାବାସ ବାହାରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଭେନେଜୁଏଲା ଆକ୍ରମଣ କରି ରାଷ୍ଟ୍ରପତିଙ୍କୁ ଉଠାଇ ନେବାକୁ ତୀବ୍ର ନିନ୍ଦା କରାଯାଇଥିଲା । ଏହାକୁ କ୍ୟୁବା ରାଷ୍ଟ୍ରପତି ଆମେରିକା ପ୍ରଯୋଜିତ ଆତଙ୍କବାଦ କହିଥିଲେ । କୌଣସି ବିପଦ ନ ଥିବା ଏକ ଶାନ୍ତିପ୍ରିୟ ଦେଶ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଅନ୍ତର୍ଜାତୀୟ ନିୟମର ଖୋଲା ଉଲ୍ଲଙ୍ଘନ ମିଗୁଏଲ ଉଲ୍ଲେଖ କରିଥିଲେ । ସୂଚନାଯୋଗ୍ୟ ଯେ ଆବଶ୍ୟକତାର ୩୦ ପ୍ରତିଶତ ତୈଳ ପାଇଁ କ୍ୟୁବା ଭେନେଜୁଏଲା ଉପରେ ନିର୍ଭରଶୀଳ ଥିଲା । ମାତ୍ର ଏହା ବଦଳରେ କ୍ୟୁବାର ହଜାର ହଜାର ମେଡିକାଲ କର୍ମୀ ଭେନେଜୁଏଲାକୁ ପଠାଉ ଥିଲା ।

## ବାଂଲାଦେଶରେ ମେଣ୍ଟ କରିବେ ୧୦ ପାର୍ଟି, ବିଏନ୍‌ପି ବି ସାମିଲ

ଢାକା,୧୧ ।୧(ଏଜେନ୍ସି): ବାଂଲାଦେଶରେ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ହେବ । ନିର୍ବାଚନ ପୂର୍ବରୁ ୧୦ଟି ପାର୍ଟି ମେଣ୍ଟ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ମଧ୍ୟ ଏଥିରେ ସାମିଲ ହେବ । ସାମିଲ ହେବାକୁ ଥିବା ଅନ୍ୟ ବଡ଼ ପାର୍ଟିଗୁଡିକ ହେଲା ଜମାତ-ଇ- ଇସଲାମି, ଇସଲାମି ଆନ୍ଦୋଳନ ବାଂଲାଦେଶ ଓ ନ୍ୟାସନାଲ ସିଟିଜେନ ପାର୍ଟି । ଆସନ ଭାଗବଣ୍ଟା ନେଇ ସହମତ ପ୍ରକାଶ ପାଇଛି । ଖୁବଶୀଘ୍ର ଏହି ୧୦ ଦଳ ବୈଠକ କରିବେ । ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ତାରିଖ ଜାନୁଆରୀ ୨୦ ପୂର୍ବରୁ ଆସନ ବଣ୍ଟନ ଚୁକ୍ତି ଘୋଷଣା କରାଯିବ । ଏନସିପି ପାର୍ଟି ନେତା ନାହିଦ ଇସଲାମ କହିଛନ୍ତି ଯେ, ଗୋଟିଏ କିମ୍ବା ଦୁଇଦିନ ମଧ୍ୟରେ ଏ ନେଇ ଘୋଷଣା କରାଯିବ । ପ୍ରଥମେ ଏହି ସମ୍ଭାବ୍ୟ ମେଣ୍ଟରେ ୮ଟି ଦଳ ସାମିଲ ଥିଲେ । ଏବେ ଏଥିରେ ଏନ୍‌ସିପି, ଲିବେରାଲ ଡେମୋକ୍ରାଟିକ ପାର୍ଟି ଓ ଆମାର ବାଂଲାଦେଶ ପାର୍ଟି ସାମିଲ ହୋଇଛନ୍ତି ।

## ପାକିସ୍ତାନ ସହ ଶାନ୍ତି ସମ୍ଭବ ନୁହେଁ: ବିକ୍ରମ ସୁଦ୍

ନୂଆଦିଲ୍ଲୀ,୧୧ ।୧(ଏଜେନ୍ସି): ପଡୋଶୀ ଦେଶ ପାକିସ୍ତାନ ସହ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ ବୋଲି ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ପୂର୍ବତନ ମୁଖ୍ୟ ବିକ୍ରମ ସୁଦ କହିଛନ୍ତି । ପାକିସ୍ତାନର ମନୋଭାବରେ ମୌଳିକ ପରିବର୍ତ୍ତନ ନ ହେବା ଯାଏ ଏହା ସମ୍ଭବ ନୁହେଁ । ବାରମ୍ବାର ଶତ୍ରୁତା ଓ ଆଲୋଚନାକୁ ଦୃଷ୍ଟିରେ ରଖି ଶାନ୍ତିଚୁକ୍ତିରୁ ସେତେଟା ଲାଭ ମିଳିବ ନାହିଁ । ମାଙ୍ଗାଲୁରୁରେ ଏକ ଲିଟ୍ ଫେଷ୍ଟରେ ଗ୍ଲୋବାଲ ପାୱାର ଡାଇନାମିକ୍ସ ଉପରେ ଏକ ଅଧିବେଶନକୁ ସମ୍ବୋଧିତ କରି ସୁଦ ଏହା କହିଛନ୍ତି । ଦୁଇ ଦେଶ ମଧ୍ୟରେ ଥିବା ସମସ୍ୟାର ସମାଧାନ ହେବା ଭଳି ମତେ ଲାଗୁନାହିଁ । କାରଣ ପାକିସ୍ତାନ ଇସଲାମିକ ଦେଶ ବୋଲି ସେଠାକାର ନେତା କହୁଛନ୍ତି । ଅଣ- ମୁସଲମାନଙ୍କ ବିରୋଧରେ ଜିହାଦ ଜାରି ରଖିଛନ୍ତି । କଶ୍ମୀରରେ ମଧ୍ୟ ଆତଙ୍କବାଦ ନାମରେ ଏହା ଚଳାଇଛନ୍ତି । ସେମାନେ ଜିହାଦ ପାଇଁ କେବଳ ସଠିକ ସମୟକୁ ଅପେକ୍ଷା କରିଛନ୍ତି । ଏଭଳି ସ୍ଥିତିରେ ପାକିସ୍ତାନଠୁ ମିତ୍ରତା ଆଶା କରିବା ବୃଥା ।

# ଚୋରା ବନ୍ଧୁକରୁ ନାବାଳକକୁ ଗୁଳି

## କୌତୁକ ନା ଶତ୍ରୁତା; ଗତକାଲି କୁକୁରକୁ ଗୁଳି କରିଥିଲା

ସମ୍ବଲପୁର, ୧୧।୧ (ସମିସ): ସମ୍ବଲପୁର ସଦର ଥାନା ଅନ୍ତର୍ଗତ ମିର୍ଗାମୁଣ୍ଡା ଗ୍ରାମରେ ଜଣେ ନାବାଳକକୁ ଗୁଳିମାଡ଼ ହୋଇଛି। ଗୁରୁତର ନାବାଳକଜଣଙ୍କ ହେଲା, ଗ୍ରାମର ପ୍ରତାପ କିସାନ। ସେ ଆଜି ଘର ବାଲକୋନିରେ ବସିଥିବା ବେଳେ ଗୋଟିଏ



ଗୁଳି ତା' ପିଠିରେ ଗଳି ଯାଇଥିଲା। ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ପରିବାରଲୋକ ପ୍ରଥମେ ତାକୁ ପ୍ରଥମେ ଜିଲ୍ଲା ସଦର ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ବୁର୍ଲା ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ଗୁଳିଟି ନାବାଳକର ଡାହାଣ ଛାତି ପାଖରେ ରହିଛି ବୋଲି ଜଣାଯାଇଛି। ଅପରପକ୍ଷେ, ଏହି ଘଟଣାରେ ପୁଲିସ ପ୍ରତାପର ପଡ଼ୋଶୀ ଦିବ୍ୟାଂଶୁ ପୁରୋହିତକୁ ଗିରଫ କରିଛି। ତା' ଘରୁ ପୁଲିସ ବିଭିନ୍ନ ମାରଣାସ୍ତ୍ର ମଧ୍ୟ ଜବତ କରିଛି। ତେବେ କେଉଁ କାରଣରୁ ସେ ନାବାଳକକୁ ଗୁଳି କରିଛି ସେନେଇ ପୁଲିସ ତାକୁ ପଚରାଉଚରା କରୁଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଚଳାଇଛି। ଗତକାଲି ମଧ୍ୟ ଦିବ୍ୟାଂଶୁ ଗୋଟିଏ କୁକୁରକୁ ଗୁଳି କରିଥିଲା।

ମିଳିଥିବା ସୂଚନାନୁସାରେ, କିଛି ଦିନ ତଳେ ଦିବ୍ୟାଂଶୁ ଏକ ବନ୍ଧୁକ ଚୋରାରେ କିଣିଥିଲା। ବନ୍ଧୁକଟି ସଠିକ୍ ଭାବେ କାମ କରୁଛି କି ନାହିଁ, ତାହା ଜାଣିବା ପାଇଁ ଗତକାଲି ଗୋଟିଏ କୁକୁରକୁ ଗୁଳି କରିଥିଲା। ଆଜି ସକାଳ ପ୍ରାୟ ୯ଟା ବେଳେ ସେ ପୁଣି ଉକ୍ତ ବନ୍ଧୁକରୁ ଗୁଳି ଫୁଟାଇଥିଲା। ଗୁଳିଟି ପାଖ ବାଲକୋନିରେ ବସିଥିବା ନାବାଳକ ପ୍ରତାପର ପିଠିରେ ଗଳି ଯାଇଥିଲା। ତେବେ କୌଣସି ଶତ୍ରୁତା ଯୋଗୁଁ ସେ ପ୍ରତାପକୁ ଗୁଳି କରିଛି ନା ଏହା ପଛରେ ଅନ୍ୟ କିଛି କାରଣ ଅଛି, ସେ ସଂପର୍କରେ ପୁଲିସ ତାକୁ ପଚରାଉଚରା କରୁଛି।

## ମହାନଦୀ ବଞ୍ଚାଅ ଆନ୍ଦୋଳନର କ୍ଷୋଭ

# କଲମା ତଳମୁଣ୍ଡରେ ବାଲିବନ୍ଧ କରି ପାଣି ଶୋଷୁଛି ଛତିଶଗଡ଼

ଭୁବନେଶ୍ୱର,୧୧।୧(ସମିସ): ଛତିଶଗଡ଼ ସରକାର ମହାନଦୀ ଜଳକୁ ଶୋଷଣ ସହ ମହାନଦୀର ତଣ୍ଟି ଚିପିବାକୁ ଆଉ ଏକ ନୂଆ ଚକ୍ରାନ୍ତ କରିଛି। କଲମା ବ୍ୟାରେଜର ତଳ ମୁଣ୍ଡରେ ପ୍ରାୟ ୧୨କିମି ପରେ ଏକ ବାଲିବନ୍ଧ କରି ପାଣି ରୋକି କାରାଖାନାକୁ ପାଣି ଯୋଗାଉଛି। ଉକ୍ତ ବାଲିବନ୍ଧକୁ ତୁରନ୍ତ ହଟାଇବା ପାଇଁ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିଠି ଲେଖିବା ସହ କଥା ହୁଅନ୍ତୁ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଏପରି ଦାବି କରିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ କିଛି ଦିନ ତଳେ ବହୁ ବାଦବିବାଦ ଓ ଦାବି ପରେ କଲମା ବ୍ୟାରେଜ୍‌ର ଦୁଇଟି ଗେଟ୍ ସାମାନ୍ୟ ଖୋଲି ମହାନଦୀରେ ସାମାନ୍ୟ ଜଳ ଛାଡ଼ିବା ପରେ ଅନ୍ତତଃ ଆମକୁ ଟିକେ ଆଶ୍ୱସ୍ତି ଅନୁଭବ ହୋଇଥିଲା। ମାତ୍ର, ଛତିଶଗଡ଼ ପୁଣିଥରେ ନିଜର ମନମାନି ଆରମ୍ଭ କରିଛି। ତଳ ମୁଣ୍ଡରେ ପାଣିକୁ ଅଟକାଇ ରଖିବା କେବଳ ଓଡ଼ିଶା ପ୍ରତି ଅନ୍ୟାୟ ନୁହଁ, ଏହା ନଦୀ ଓ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ

- ତୁରନ୍ତ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖନ୍ତୁ ମୋହନ
- ଆପୋଷ ସମାଧାନର ଆଧାର କ'ଣ ସରକାର ସ୍ପଷ୍ଟ କରନ୍ତୁ
- ସଂଗଠନର ପରାମର୍ଶ, ରାଜନୈତିକ ଦଳ, ସଂଗଠନ, ବିଶେଷଜ୍ଞ ଓ ବୁଦ୍ଧିଜୀବୀଙ୍କ ସହ ବିଚାର ବିମର୍ଶ କରନ୍ତୁ ସରକାର

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାର ଆବଶ୍ୟକତା ରହିଛି। ଆଗାମୀ ୨୨ରୁ ୨୫ ତାରିଖ ଭିତରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଏକ ପ୍ରତିନିଧି ଦଳ ସବିଶେଷ ତଥ୍ୟ ପାଇଁ ଗ୍ରାଉଣ୍ଡ ଜିରୋକୁ ଯାଇ କଲମାରୁ ସୁଖସୋଡ଼ା ପର୍ଯ୍ୟନ୍ତ ମହାନଦୀ କୂଳେକୂଳେ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବ। ଏହାସହ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ମଧ୍ୟ ସମୟ ମଗାଯାଇଛି। ଯେହେତୁ କେନ୍ଦ୍ର, ଓଡ଼ିଶା ଓ ଛତିଶଗଡ଼ରେ ବିଜେପି ସରକାର ବା ଟ୍ରିପଲ୍ ଇଞ୍ଜିନ୍ ସରକାର ରହିଛି; ଓଡ଼ିଶା ତଥା ମହାନଦୀର ଏହି ଚରମ ପରିସ୍ଥିତି ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ପାଇଁ ମହାନଦୀ ବଞ୍ଚାଅ ଆନ୍ଦୋଳନ ମଧ୍ୟ ଦାବି କରୁଛି ବୋଲି ସେ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ରାଜ୍ୟ ସରକାର ମହାନଦୀ ସମସ୍ୟା ସମାଧାନ ପାଇଁ ଆପୋଷ ସମାଧାନ କଥା କହିଛନ୍ତି। ମୁଖ୍ୟମନ୍ତ୍ରୀ ଏନେଇ ଏକ କମିଟି ଗଠନ କରିଥିବା ବେଳେ ଏହାକୁ ଆମେ ସ୍ୱାଗତ କରୁଛୁ। ହେଲେ ମହାନଦୀ ସମସ୍ୟା ସମାଧାନର ଆଧାର କ'ଣ ତାହା ସ୍ପଷ୍ଟ କରିନାହାନ୍ତି। ବର୍ତ୍ତମାନ ଜାନୁଆରୀ ପ୍ରଥମ ସପ୍ତାହରେ ମହାନଦୀ ଶୁଖିଲା ପଡୁଛି। ତେଣୁ ମେ' ମାସରେ ପରିସ୍ଥିତି କ'ଣ ହେବ, ତାହା ଜଳଜଳ ଦେଖାଗଲାଣି। ସେଥିପାଇଁ ଏଯାବତ୍ ଆପୋଷ ଆଲୋଚନା କ'ଣ ହୋଇଛି, ତାହା ସ୍ପଷ୍ଟ ହେବା ଦରକାର। ତେଣୁ ରାଜ୍ୟ ସରକାର ସବୁ ରାଜନୈତିକ ଦଳ, ଗଣ ସଂଗଠନ, ବିଶେଷଜ୍ଞ ଓ ବୁଦ୍ଧିଜୀବୀଙ୍କୁ ନେଇ ବିଚାରବିମର୍ଶ କରି ସର୍ବସମ୍ମତ ସହମତି ଆଣି ତା' ପରେ ଆପୋଷ ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ। ଏତଦ୍ ବ୍ୟତୀତ ଆଜି ପର୍ଯ୍ୟନ୍ତ ଟ୍ରିବ୍ୟୁନାଲରେ କେତେ ଖର୍ଚ୍ଚ ହୋଇଛି, ତାହା ମଧ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଜେପିରେ କୁହୁଳୁଛି କଳି; ରାଉରକେଲାରେ ଫାଟ

## ମନମୋହନ ନିକଟରେ ଫେରାଦ ହେଲେ ଜୁଏଲ

ଭୁବନେଶ୍ୱର,୧୧।୧(ସମିସ): ରାଜ୍ୟରେ ବିଜେପି ସରକାର ଗଠନ କରିବାର ମାତ୍ର ୧୮ ମାସ ହୋଇଛି। ମାତ୍ର ଏହି ୧୮ ମାସରେ ଦଳ ଯେତିକି ବଢ଼ିଛି, ଅନ୍ତକନ୍ଦଳ ପାଇଁ ଦଳ ସେତିକି ବଦନାମ୍ ମଧ୍ୟ ମୁଣ୍ଡାଇଛି। ଉପାନ୍ତରୁ ଉପକୂଳ, ଉତ୍ତରରୁ ଦକ୍ଷିଣ ଯାଏଁ ଦଳରେ ନୂଆ-ପୁରୁଣା, ଅଭିଜ୍ଞ-ନବାଗତଙ୍କୁ ନେଇ ଛକାପଞ୍ଝା ଏପରିକି ଖୋଲା ଲଢ଼େଇ ଦେଖିବାକୁ ମିଳୁଛି। ତେବେ ରାଉରକେଲା ସାଂଗଠନିକ ଜିଲ୍ଲାରେ ଏହି ଲଢ଼େଇ ଏବେ ଜିଲ୍ଲା ତଥା ରାଜ୍ୟବ୍ୟାପୀ ଚର୍ଚ୍ଚାର କାରଣ ପାଲଟିଲାଣି। ଏକଦା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଏକାନ୍ତ ଅନୁଗତ ଥିବା ତଥା ରାଉରକେଲା ବିଜେପି ସାଂଗଠନିକ ଜିଲ୍ଲା ସଭାପତି ପୂର୍ଣ୍ଣିମା କେରକେଟାଙ୍କ ମଧ୍ୟରେ କଳି ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଏପରିକି ପୂର୍ଣ୍ଣିମା ଜିଲ୍ଲା ସଭାପତି ଭାବେ ବିଜେପିର ବରିଷ୍ଠ ନେତା ତଥା କର୍ମକର୍ତ୍ତାଙ୍କୁ ଅଣଦେଖା କରୁଛନ୍ତି ବୋଲି ଶ୍ରୀ ଓରାମ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଚିଠି ଲେଖି ଫେରାଦ ହୋଇଛନ୍ତି। ଯାହା ଜିଲ୍ଲାରେ ଚଳିଥିବା ସାଂଘାତିକ ଗୋଷ୍ଠୀକନ୍ଦଳକୁ ପଦାରେ ପକାଇଛି ।

କିଛିଦିନ ତଳେ ଜୁଏଲ ଏହି ଚିଠି ମନମୋହନଙ୍କୁ ଲେଖିଥିବା ବେଳେ ଏବେ ଏହି ଚିଠି ପଦାକୁ ଆସିଛି।

**ଦଳର ନେତାଙ୍କୁ ଅଣଦେଖା କରୁଛନ୍ତି ଜିଲ୍ଲା ସଭାପତି**

ଚିଠିରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି ଯେ ରାଉରକେଲା ସାଂଗଠନିକ ଜିଲ୍ଲାର ଶଙ୍କର୍ଷଣ ଜେନା ଏବଂ ଅନ୍ୟ ବରିଷ୍ଠ ବିଜେପି ନେତା ତାଙ୍କ ନିକଟରେ ଲିଖିତ ଭାବେ ଫେରାଦ ହୋଇଛନ୍ତି। ଜିଲ୍ଲା ସଭାପତି ପୂର୍ଣ୍ଣିମା କେରକେଟା ସେମାନଙ୍କୁ ଅବହେଳା କରୁଛନ୍ତି ବୋଲି ଜିଲ୍ଲାର ନେତାମାନେ ଅଭିଯୋଗ ଆଣିଛନ୍ତି। ତେଣୁ ଏହାକୁ ଗୁରୁତର ସହ ଗ୍ରହଣ କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଶ୍ରୀ ଓରାମ ମନମୋହନଙ୍କୁ ଅନୁରୋଧ କରିଛନ୍ତି। ତେବେ ଏକଦା ପୂର୍ଣ୍ଣିମାଙ୍କୁ ଜୁଏଲଙ୍କର ଏକାନ୍ତ ଅନୁଗତ ବୋଲି କୁହାଯାଉଥିବା ବେଳ ହଠାତ୍ ଜୁଏଲ ଏପରି ଆଭିମୁଖ୍ୟ ଗ୍ରହଣ କରିବା ସାଧାରଣରେ ଚର୍ଚ୍ଚା ସୃଷ୍ଟି କରିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ବିବାଦ ପଛରେ ଜିଲ୍ଲା କମିଟି ଗଠନ ସହ ଅନ୍ୟ କେତେକ କାରଣ ରହିଥିବା କୁହାଯାଉଛି। ଜିଲ୍ଲା କମିଟିରେ ପୂର୍ଣ୍ଣିମା କେରକେଟା ଜୁଏଲଙ୍କ ସମର୍ଥକଙ୍କୁ ବୟକଟ କରି ଅନ୍ୟ ନେତାମାନଙ୍କୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଅନ୍ୟପକ୍ଷରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ସମର୍ଥକଙ୍କୁ ଗୁରୁତ୍ୱ ଦେଇ ତାଙ୍କ ସମର୍ଥକଙ୍କୁ ଉପେକ୍ଷା କରିବା ଜୁଏଲଙ୍କୁ କ୍ଷୁବ୍ଧ କରିଛି। ଏକାଧିକବାର କେନ୍ଦ୍ରମନ୍ତ୍ରୀ, ପୂର୍ବ ରାଜ୍ୟ ସଭାପତି ତଥା ଜୁଏଲଙ୍କ ପରି ଜଣେ ପ୍ରଭାବଶାଳୀ ନେତାଙ୍କ ଚିଠିକୁ ଅଣଦେଖା କରାଯାଇ ନ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଶକ୍ତି କ୍ଷେତ୍ର କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ସଚିବ

# ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଣକୁ ଗୁରୁତ୍ୱ

ଭୁବନେଶ୍ୱର,୧୧।୧(ସମିସ): ରାଜ୍ୟରେ ଶକ୍ତି ଉତ୍ପାଦନ ଓ ବିତରଣ କ୍ଷେତ୍ରରେ ନିରନ୍ତରତା ବଜାୟ ରଖି ରାଜ୍ୟବାସୀଙ୍କୁ ସୁଲଭ, ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ଶକ୍ତି ବିଭାଗ ଏବଂ ଏହି କ୍ଷେତ୍ର ସହ ଜଡ଼ିତ ସରକାରୀ ଉଦ୍ୟୋଗର କାର୍ଯ୍ୟ ସମୀକ୍ଷା ବୈଠକରେ ଉପରୋକ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହାସହ ବିଦ୍ୟୁତ୍ କ୍ଷେତ୍ରରେ ସୂଚନା ପ୍ରସାରଣ ବ୍ୟବସ୍ଥାକୁ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ ସିଷ୍ଟମ ଅଟୋମେସନ ଓ ନିରୀକ୍ଷଣ ସମ୍ପର୍କିତ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟନ୍ୱୟନ କରିବାକୁ ପରାମର୍ଶ ଦେଇଛନ୍ତି। ଆସନ୍ତା ଏକ ବର୍ଷ ମଧ୍ୟରେ ସବ୍ ଷ୍ଟେସନ ଅଟୋମେସନ ଓ ମନିଟରିଂ ସିଷ୍ଟମ ପ୍ରକଳ୍ପ ଅନ୍ତର୍ଗତ ସମସ୍ତ ସବ୍‌ଷ୍ଟେସନ୍‌କୁ କାର୍ଯ୍ୟକାରୀ କରାଯିବା ସହ ସମସ୍ତ ସୁରକ୍ଷା ନିୟମାବଳୀକୁ କଡ଼ାକଡ଼ି ଅନୁସରଣ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ସବୁବେଳେ ସବୁଜ ଶକ୍ତି ଉତ୍ପାଦନ ଏବଂ ଉପଯୋଗ ଉପରେ

**୨୨୦ କେଭି ନେଟ୍‌ୱର୍କ ବିକାଶ କରିବା ପାଇଁ ପରାମର୍ଶ**

ଗୁରୁତ୍ୱାରୋପ କରୁଛନ୍ତି। ତେଣୁ ରାଜ୍ୟର ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ (ପିଏସପି) ଏବଂ ଫ୍ଲୋଟିଂ ସୋଲାର୍ ଫୋଟୋଭୋଲ୍ଟାଇକ୍ (ଏଫ୍‌ଏସପିଭି) ର ସମ୍ଭାବନାର ସଦୁପୋଯୋଗ କରିବା ଏବଂ ଏହିପରି ସମସ୍ତ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟନ୍ୱୟନ କରାଯିବା ଆବଶ୍ୟକ। ଏତଦ୍ ବ୍ୟତୀତ ବିଷ୍ଣୁପୁର ନିକଟରେ ୭୬୫/୪୦୦ କେଭି ସବ୍‌ଷ୍ଟେସନ୍ ସହ ସଂଲଗ୍ନ ପରିବହନ ଲାଇନ୍‌ଗୁଡ଼ିକ ସମେତ ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ପରିବହନ ଢାଞ୍ଚାର ଦ୍ରୁତ ଉନ୍ନତିର ଆବଶ୍ୟକତା ଉପରେ ଜୋର ଦେଇଥିଲେ, ଯାହା ରାଜ୍ୟର ରାଜଧାନୀ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣକୁ ସୁଦୃଢ଼ କରିବ। ଏହାସହ କେନ୍ଦୁଝର, ଝାରସୁଗୁଡ଼ା–ସମ୍ବଲପୁର ଅଞ୍ଚଳ, ବରଗଡ଼–ସାରସମାଲ ଅଞ୍ଚଳ, ଥେରୁବାଲି–ଜୟପୁର ଅଞ୍ଚଳ ଏବଂ ବ୍ରହ୍ମପୁର–ବାଲିଗୁଡ଼ା ଅଞ୍ଚଳରେ ୨୨୦ କେଭି ରିଂ ନେଟୱାର୍କ ବିକାଶ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଓପିଟିସିଏଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାସ୍କରଜ୍ୟୋତି ଶର୍ମା, ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ଡଃ. ସତ୍ୟପ୍ରିୟ ରଥ, ଓପିଜିସିର ପରିଚାଳନା ନିର୍ଦ୍ଦେଶର କେଦାରଞ୍ଜନ ପାଣ୍ଡୁ, ସମସ୍ତ ଚାରିଟି ବିଦ୍ୟୁତ ବିତରଣ କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

# ଆଜି ସବୁ ଶିକ୍ଷାନୁଷ୍ଠାନରେ ଜାତୀୟ ଯୁବ ଦିବସ

ଭୁବନେଶ୍ୱର, ୧୧।୧(ସମିସ): ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅର୍ଥାତ୍ ଜାତୀୟ ଯୁବ ଦିବସ ରାଜ୍ୟର ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ସୋମବାର ଦିନ ପାଳନ କରାଯିବ। ଶିକ୍ଷାନୁଷ୍ଠାନର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନା,

**ଦିନ ୧୧ଟାରେ ସାମୂହିକ 'ବନ୍ଦେ ମାତରମ୍' ଗାନ**

କର୍ମଶାଳା, ରାଲି, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏହାସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଛି। ଅନୁରୂପ ଭାବେ ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆସନ୍ତାକାଲି ସାମୂହିକ 'ବନ୍ଦେ ମାତରମ୍' ଗାନ କରାଯିବ। ଜାତୀୟ ଯୁବ ଦିବସ ଓ ବନ୍ଦେ ମାତରମ୍‌ର ୧୫୦ ତମ ବର୍ଷିକୀ ଅବସରରେ ଏହି କାର୍ଯ୍ୟକ୍ରମ କରାଯିବ। ଦିନ ୧୧ଟାରେ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସାମୂହିକ ଭାବେ ରାଜ୍ୟ ସଙ୍ଗୀତ ଗାନ କରିବେ। ଏଥିପାଇଁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି।

**୨୧ କୋଟିର ସାଇବର ଠକେଇ**

# ମାଷ୍ଟରମାଇଣ୍ଡ ପଙ୍କଜ ସମେତ ୧୨ ଗିରଫ

ଭୁବନେଶ୍ୱର, ୧୧।୧ (ସମିସ): ଗିଫ୍ଟ ଭାଉଚର, କେରଳ ଲଟେରୀ ଏବଂ ଲୋନ୍ ଦେବା ଆଳରେ ଲୋକଙ୍କୁ କୋଟି କୋଟି ଟଙ୍କାର ଚୂନ ମାରି ଆସୁଥିବା ଏକ ସାଇବର୍ ଠକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ କରିଛି କମିସନରେଟ୍ ପୁଲିସ। ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ପଙ୍କଜ କୁମାର ସମେତ ୧୨ସଦସ୍ୟଙ୍କୁ ଗିରଫ କରିଛି। ଏହି ଗ୍ୟାଙ୍ଗରେ ବିହାରର ୭ଜଣ ଥିବା ବେଳେ କେରଳର ୪ଏବଂ ଓଡ଼ିଶାରୁ ଜଣେ ରହିଛି। ଅଭିଯୁକ୍ତମାନେ ହେଲେ, ବିହାରର ବିଜୟ କୁମାର, ସଞ୍ଜୟ କୁମାର ରାୟ, ପିଣ୍ଟୁ କୁମାର, ଗୁଞ୍ଜନ କୁମାର, ଅର୍ଜୁନ ରାୟ, ମନୀଷ କୁମାର, କେରଳର ଅଜୟ ରାୟ, ସାରଥ ଶଶୀ, ସାନ୍ତରୋ ଭି ଓ ଅଜିତ ଏମ୍। ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ପଙ୍କଜ କୁମାରର ଘର ବିହାର ନାଳନ୍ଦା ଜିଲ୍ଲା କତ୍ରୀସରାଇ ଅଞ୍ଚଳରେ ହୋଇଥିବାରୁ ପୁଲିସ୍ ଏହି ଗ୍ୟାଙ୍ଗର ନାମ କତ୍ରୀସରାଇ ଦର୍ଶାଇଛି। ସେମାନଙ୍କଠାରୁ ୩୦ଟି କି-ପ୍ୟାଡ୍ ଫୋନ୍, ୩୦ଟି ସ୍ମାର୍ଟଫୋନ୍, ୨ଟି ଲାପଟପ୍, କୁପନ୍, ବିହାର ନମ୍ବର ଥିବା ଗୋଟିଏ ଥାର୍ ଗାଡ଼ି, ଗୋଟିଏ ବାଇକ୍ ଏବଂ ଗଦାଗଦା ସିମ୍ କାର୍ଡ ଓ ଦସ୍ତାବିଜ୍ ଜବତ କରିଛି।

୭ ବର୍ଷ ତଳେ ପଙ୍କଜ ବଡ଼ଗଡ଼ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରକୁ ଭଡ଼ାସୂତ୍ରରେ ନେଇଥିଲା। ସେଠାରେ ଲୋକଙ୍କୁ ଠକିବାକୁ ଏକ ନକଲି କଷ୍ଟମର୍ ସର୍ଭିସ୍ ସେଣ୍ଟର୍ ଖୋଲିଥିଲା। ସହଯୋଗୀଙ୍କଠାରୁ ନାପ୍‌ଟୋଲ, ମିଶୋ ଭଳି ଇ-କମର୍ସ ପ୍ଲାଟ୍‌ଫର୍ମରୁ ଲୋକଙ୍କ ତଥ୍ୟ ଏବଂ ବେନାମୀ ବ୍ୟାଙ୍କ୍

- ଗିଫ୍ଟ ଭାଉଚର୍, କେରଳ ଲଟେରୀ ଏବଂ ଲୋନ୍ ଦେବା ଆଳରେ ଲୁଟୁଥିଲେ
- ଇ-କମର୍ସରୁ ସାଇଟ୍‌ରୁ ନେଉଥିଲେ ଲୋକଙ୍କ ତଥ୍ୟ
- କୋଟି କୋଟି ଠକେଇ; ପାହୁଲାଏ ବି ଜବତ କରିପାରିଲାନି ପୁଲିସ

ଆକାଉଣ୍ଟ ସଂଗ୍ରହ କରୁଥିଲା। ଉକ୍ତ ବେନାମୀ ସିମ୍‌ରେ କଲ୍ କରି ସେ ଦେଶର ବିଭିନ୍ନ ଅଞ୍ଚଳର ଲୋକଙ୍କୁ ଠକୁଥିଲା। ଠକେଇ ଟଙ୍କାକୁ ବେନାମୀ ଆକାଉଣ୍ଟ ମାଧ୍ୟମରେ ଅନ୍‌ଲାଇନ୍ ରିସିଭ୍ କରୁଥିଲା। ୭ ବର୍ଷ ଧରି ଏଭଳି କାରବାର ଚାଲିଥିଲା। ପ୍ରତି ମାସରେ ଏହି ଗ୍ୟାଙ୍ଗ ୨୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକୁଥିଲା। ତେଣୁ, ସେହି ହିସାବରେ ୭ ବର୍ଷ ମଧ୍ୟରେ ଗ୍ୟାଙ୍ଗ୍ ପ୍ରାୟ ୨୧ କୋଟି ଠକେଇ କରିଛି ବୋଲି ଡିସିପି ଜଗମୋହନ ମୀନା କହିଛନ୍ତି।

ଦୀର୍ଘ ବର୍ଷ ହେବ ଏହି ଗ୍ୟାଙ୍ଗ ଲୋକଙ୍କୁ ଲୁଟି ଚାଲିଥିଲା। ଲୋକଙ୍କ ବିଶ୍ୱାସଭାଜନ ପାଇଁ କେରଳ ଲଟ୍ରି ଠକେଇରେ କେରଳ ଲୋକଙ୍କୁ ନିୟୋଜିତ କରାଯାଇଥିଲା। ଗିଫ୍ଟ ଭାଉଚର୍ ଠକେଇରେ କୋଲକତାରୁ ଚିଠି ଏବଂ ସ୍କ୍ରାଚ୍ କାର୍ଡ ଡେଲିଭରୀ କରାଯାଉଥିଲା। ବଜାଜ ଫିନ୍‌ସର୍ଭ, ମୁଦ୍ରା ଫାଇନାନ୍ସ ଏବଂ ଇଣ୍ଡିଆ ବୁଲ୍‌ଭଳି ନାମୀ ସଂସ୍ଥାର ନାଁ ବ୍ୟବହାର କରି ସୋସିଆଲ ମିଡ଼ିଆରେ ବିଜ୍ଞାପନ ଦିଆଯାଉଥିଲେ। ଲୋକେ ଏଥିପାଇଁ ପ୍ରୋସେସିଂ ଫି' ଦେବା ମାତ୍ରେ ଠକମାନେ ନିଜ ଜାଲ ବିଛାଇ ସେମାନଙ୍କ ସର୍ବସ୍ୱ ଲୁଟି ନେଉଥିଲେ। ଏହା ସାଇବର୍ ଠକେଇର ପୁରୁଣା ତରିକା ବୋଲି ପୁଲିସ କମିସନର ଏସ୍. ଦେବଦତ୍ତ ସିଂ କହିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଗ୍ୟାଙ୍ଗ୍ କୋଟିକୋଟି ଟଙ୍କା ଠକେଇ କରିଥିବା ବେଳେ ପୁଲିସ ସେମାନଙ୍କଠାରୁ ପାହୁଲାଟିଏ ମଧ୍ୟ ଜବତ କରିପାରିନାହିଁ। ଠକେଇ ଟଙ୍କା ସେମାନେ କେଉଁଠି ରଖିଛନ୍ତି, ତାହା ମଧ୍ୟ ପୁଲିସଠାରୁ ଅପହଞ୍ଚରେ। ତେଣୁ, ସେମାନଙ୍କ ଆର୍ଥିକ କାରବାର ଯାଞ୍ଚ କରାଯିବ ବୋଲି କମିସନର୍ ଶ୍ରୀ ସିଂ କହିଛନ୍ତି। ଆବଶ୍ୟକ ପଡ଼ିଲେ, ପୁଲିସ ଅଧିକ ତଦନ୍ତ ପାଇଁ ବିହାର ଯିବ ବୋଲି ସେ କହିଛନ୍ତି। ସେହିପରି ଏହି ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି।

# କୋଇଲା ବୋଝେଇ ୩ ୱାଗନ୍ ଲାଇନଚ୍ୟୁତ

ଝାରସୁଗୁଡ଼ା,୧୧।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ରେଳ ଫାଟକ ନିକଟରେ କୋଇଲା ବୋଝେଇ ୱାଗନ୍ ଲାଇନଚ୍ୟୁତ ହୋଇଛି। ହାୱଡ଼ା-ନାଗପୁର ରେଳପଥରେ ବେଲପାହାଡ଼ ଫାଟକ ନିକଟରେ ଏହି ଘଟଣା ଘଟିଛି। ଏଥିଯୋଗୁଁ କୌଣସି ବଡ଼ଧରଣର କ୍ଷୟକ୍ଷତି ହୋଇନାହିଁ। ସୁରକ୍ଷା ଦୃଷ୍ଟିରୁ ରେଳଫାଟକକୁ ବନ୍ଦ କରାଯାଇଥିବାରୁ ଏହି ରାସ୍ତା



ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁଯାୟୀ, ଲାଇନଚ୍ୟୁତ ୩ଟି ୱାଗନ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅନେକ ଦିନରୁ ଫାଟକ ନିକଟରେ ରେଳ ଧାରଣାରେ ରହିଥିଲା। ଗତକାଲି ଏହାର ମରାମତି କରାଯାଇଥିଲା। ଆଜି ହଠାତ ଏହା ପଛକୁ ଘୁଞ୍ଚି ଲାଇନଚ୍ୟୁତ ହୋଇଥିବା ତଦନ୍ତକାରୀ ରେଳବାଇ କର୍ମଚାରୀ ଏବଂ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ହେଲେ ହଠାତ କିପରି କୌଣସି ଇଞ୍ଜିନ ସଂଯୋଗ ନଥାଇ ପଛକୁ ଘୁଞ୍ଚିବା ସହ ଠିକ୍ ଫାଟକ ସମ୍ମୁଖରେ ଲାଇନଚ୍ୟୁତ ହେଲା, ତାହା ତଦନ୍ତସାପେକ୍ଷ।

## ଉଦୟଗିରିରେ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଉଦ୍‌ଘାଟିତ

# 'ଭାରତର ଭବିଷ୍ୟତ ଯୁଦ୍ଧରେ ନୁହେଁ; ବୁଦ୍ଧଙ୍କ ମାର୍ଗରେ'

ଯାଜପୁର/ବାଲିଚନ୍ଦ୍ରପୁର, ୧୧।୧(ସମିସ): ଭାରତର ଭବିଷ୍ୟତ ଯୁଦ୍ଧରେ ନୁହେଁ, ବରଂ ବୁଦ୍ଧଙ୍କ ମାର୍ଗରେ ରହିଛି। ବୌଦ୍ଧ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛି ଯାଜପୁର। ପ୍ରାଚୀନ ସମୟରେ ଏଠାରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଥିଲା। ଏଠାରେ ଦେଶ-ବିଦେଶରୁ

- ଦେଶବିଦେଶରୁ ଯୋଗ ଦେଇଛନ୍ତି ୧୭୦୦ରୁ ଊର୍ଦ୍ଧ୍ୱ ବୌଦ୍ଧଗୁରୁ ଓ ଧର୍ମାବଲମ୍ବୀ
- ବିଶିଷ୍ଟ ଗବେଷକ, ଧର୍ମ ଗୁରୁ ଓ ଐତିହାସିକଙ୍କୁ ନେଇ ହେବ ଆଲୋଚନାଚକ୍ର

ବହୁ ବିଦ୍ୟାର୍ଥୀ ଆସି ଅଧ୍ୟୟନ କରୁଥିଲେ। ଗୁରୁ ପଦ୍ମସମ୍ଭବ ଭାରତ, ତିବ୍ବତ, ଚୀନ୍ ସହ ସମଗ୍ର ଦକ୍ଷିଣ-ଏସିଆରେ ବୌଦ୍ଧ ଦର୍ଶନର ପ୍ରଚାର ପ୍ରସାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଯାଜପୁର ଜିଲ୍ଲାର ଉଦୟଗିରି ବୌଦ୍ଧସ୍ଥଳଠାରେ ଦ୍ୱିତୀୟ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଉଦ୍‌ଘାଟନୀ ଅବସରରେ ଯୋଗ ଦେଇଥିବା ବିଶିଷ୍ଟ ଅତିଥିମାନେ ଏପରି ମତବ୍ୟକ୍ତ କରିଛନ୍ତି। ବୌଦ୍ଧଗୁରୁ ୱାଙ୍ଗମୋ ଡିକ୍ସେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା କହିଥିଲେ ଯେ ଏହି ବୌଦ୍ଧ ସମ୍ମିଳନୀ ସାରା ବିଶ୍ୱକୁ ଦିଗ୍‌ଦର୍ଶନ ଦେବ।



ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ, ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ଲାଇଟ୍ ଅଫ୍ ବୁଦ୍ଧ ଫାଉଣ୍ଡେସନ୍ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଦେଶର ବିଭିନ୍ନ ବୌଦ୍ଧ ମଠ ତଥା ଦେଶ ବାହାରୁ ପ୍ରାୟ ୧୭୦୦ରୁ ଊର୍ଦ୍ଧ୍ୱ ବୌଦ୍ଧ ଧର୍ମାବଲମ୍ବୀ ଏବଂ ଗୁରୁ ଯୋଗ ଦେଇଛନ୍ତି। ବଡ଼ଚଣା ବିଧାୟକ ଅମର କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ଉଦୟଗିରିଠାରେ ପ୍ରାଚୀନ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଥିଲା ଏବଂ ଏଠାରୁ ହିଁ ଗୁରୁ ପଦ୍ମସମ୍ଭବ ବୌଦ୍ଧ ଧର୍ମର ପ୍ରସାର କରିଥିଲେ।

ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ଅନ୍ତର୍ଜାତୀୟ ସମ୍ମିଳନୀରେ ବିଭିନ୍ନ ସ୍ଥାନରୁ ବୌଦ୍ଧ ସନ୍ନ୍ୟାସୀ, ପର୍ଯ୍ୟଟକମାନେ ଯୋଗଦେଇ ଉପାସନା, ଧାର୍ମିକ ରୀତିନୀତି ଏବଂ ଆଲୋଚନାଚକ୍ର କରୁଛନ୍ତି। ଯାଜପୁରରେ ବୌଦ୍ଧ କୀର୍ତ୍ତିରାଜି ଓ ପର୍ଯ୍ୟଟନର ଅଭିବୃଦ୍ଧି ଦିଗରେ ଏହା ସହାୟକ ହେବ ବୋଲି ସେ କହିଥିଲେ।

ପ୍ରଥମେ ଉଦୟଗିରି ମନ୍ତ୍ରପାଠ ସ୍ଥଳ ଯାଏଁ ବିଭିନ୍ନ ଦେଶରୁ ଆସିଥିବା ଅଂଶଗ୍ରହଣକାରୀଙ୍କ ଏକ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୬ ଦିନ ବ୍ୟାପୀ ଏହି ସମ୍ମିଳନୀରେ ଦେଶବିଦେଶରୁ ଗବେଷକ, ବୌଦ୍ଧଗୁରୁ, ଐତିହାସିକ ଯୋଗଦେଇ ବୌଦ୍ଧ ଐତିହ୍ୟ ଓ ଦର୍ଶନ ସମ୍ବନ୍ଧୀୟ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବେ। ଏହାସହ ସେମାନେ ରତ୍ନଗିରି-ଲଳିତଗିରି-ଉଦୟଗିରି (ହୀରକ ତ୍ରିଭୁଜ) ପରିଦର୍ଶନ କରିବେ। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଦର୍ପଣ ତହସିଲଦାର, ବିଡିଓ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ଶିକ୍ଷାନବୀଶ ରିଜର୍ଭ ଅଧିକାରୀ ସମ୍ମିଳନୀର ସମସ୍ତ ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଥିଲେ। ଉତ୍ସବ ଆୟୋଜନ କମିଟି ପକ୍ଷରୁ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ଆବାହକ ମହେଶ୍ୱର ବଳ ଅତିଥି ଓ ଆଗନ୍ତୁକ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ।

## ସୂଚନା ଅଧିକାର ଆଇନକୁ ଭ୍ରୂକ୍ଷେପ ନାହିଁ

# ସରକାରୀ କାର୍ଯ୍ୟାଳୟରେ ନାହାନ୍ତି ପିଆଇଓ

ଭୁବନେଶ୍ୱର, ୧୧।୧(ସମିସ): ସୂଚନା ଅଧିକାର ଆଇନ୍ (ଆର୍‌ଟିଆଇ) ନିୟମକୁ ମାନୁ ନାହାନ୍ତି ସରକାରୀ ଅଧିକାରୀ। ନିର୍ଦ୍ଧାରିତ ସମୟରେ ତଥ୍ୟ ଦେବା ତ ଦୂର କଥା, ଜନ ସୂଚନା ଅଧିକାରୀ (ପିଆଇଓ) ଏବଂ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ (ଏଫ୍‌ଏଏ) ମଧ୍ୟ ନିଯୁକ୍ତ କରୁ ନାହାନ୍ତି। ଖିଲାପକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ହେଉନାହିଁ। ଫଳରେ ଆର୍‌ଟିଆଇ ନିୟମ ପ୍ରଣୟଣର ମୂଳ ଲକ୍ଷ ପଥଚ୍ୟୁତ ହୋଇଥିବାବେଳେ ଦୁର୍ନୀତି ବଢ଼ିଚାଲିଛି।

ସୂଚନା ଅନୁଯାୟୀ, ଅନୁଗୋଳ ଜିଲ୍ଲା ତାଳଚେରରେ ଥିବା ତାଳଚେର ସର୍କଲ୍ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଆର୍‌ଟିଆଇରେ ତଥ୍ୟ ପାଇଁ ଆବେଦନ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ କୌଣସି ଉତ୍ତର ନ ମିଳିବାରୁ ପ୍ରଥମ ଅପିଲ୍ କରିଥିଲେ। ହେଲେ ତଥ୍ୟ ଦେବା ବଦଳରେ କାର୍ଯ୍ୟାଳୟରେ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ନିୟୋଜିତ ହୋଇ ନ ଥିବା ଖୋଦ୍ ଉପ ନିର୍ଦ୍ଦେଶକ ଦର୍ଶାଇଛନ୍ତି। ଏପରିକି ନିଜ ମୁଣ୍ଡରୁ ଦୋଷ ଛଡ଼ାଇବା ପାଇଁ ତାଳଚେର ସର୍କିଲ୍ ଅଧୀନରେ ଥିବା ୩ଟି କାର୍ଯ୍ୟାଳୟରେ ପିଆଇଓ ଏବଂ ଏଫ୍‌ଏଏ ନିଯୁକ୍ତ କରିବାକୁ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟକୁ ଚିଠି କରାଯାଇଥିବା ଦର୍ଶାଇଛନ୍ତି। ମାତ୍ର ସମସ୍ତ ସରକାରୀ କାର୍ଯ୍ୟାଳୟରେ ପିଆଇଓ ଏବଂ ଏଫ୍‌ଏଏ ନିଯୁକ୍ତ କରିବା ବାଧ୍ୟତାମୂଳକ ହୋଇଥିବାବେଳେ ଦୀର୍ଘ ବର୍ଷରୁ କାହିଁକି ଏସବୁ ପଦ ଫାଙ୍କା ଥିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅପରପକ୍ଷରେ ପିଆଇଓ ଏବଂ ଏଫ୍‌ଏଏ ନିଯୁକ୍ତ କରିବାକୁ ଉପନିର୍ଦ୍ଦେଶକଙ୍କ ଚିଠି ଖଣି ବିଭାଗର ଉଦାସୀନତାକୁ ପଦାରେ ପକାଇ ଦେଇଛି। ଗତ ଅକ୍ଟୋବର ୨୯ ତାରିଖରେ ଅର୍ଥାତ୍ ପ୍ରାୟ ଅଢ଼େଇ ମାସ ପୂର୍ବରୁ ତାଳଚେରସ୍ଥିତ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମେତ ଅନୁଗୋଳ ଖଣି ଅଧିକରୀ ଓ ଢେଙ୍କାନାଳ ଖଣି ଅଧିକାରୀଙ୍କ କାର୍ଯ୍ୟାଳୟରେ ପିଆଇଓ ଏବଂ ଏଫ୍‌ଏଏ ନିଯୁକ୍ତି କରିବାକୁ ଚିଠି କରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ଦୀର୍ଘ ଦିନରୁ ଏସବୁ ପଦ ଖାଲି ପଡ଼ିଥିବାରୁ ଜିଲ୍ଲାରେ ଖଣି ସମ୍ପର୍କିତ କୌଣସି ତଥ୍ୟ ଆବେଦନକାରୀଙ୍କୁ ମିଳିପାରୁ ନାହିଁ। ଅନୁଗୋଳ ଏକ ଖଣିଜ ସମ୍ପଦ ସମୃଦ୍ଧ ଜିଲ୍ଲା ହୋଇଥିବାବେଳେ ଖଣି ବିଭାଗରୁ କୌଣସି ତଥ୍ୟ ପ୍ରଦାନ ନ କରିବାକୁ ସରକାର ଏପରି ଫନ୍ଦି କରିଥିବା ଅଭିଯୋଗ ହୋଇଛି।

ସକାଳ
THE SAKALA



# ମକର, ଟୁସୁ ଓ ଦାମୋଦର ମେଳା ପାଇଁ ମୟୂରଭଞ୍ଜ ଚଳଚଞ୍ଚଳ





ବାରିପଦା, ୧୧।୧(ସମିସ):

ଦୁଇଦିନ ପରେ ମୟୂରଭଞ୍ଜରେ ମକର ପର୍ବ। ମୟୂରଭଞ୍ଜ ଲୋକ ସଂସ୍କୃତିରେ ମକର ପର୍ବ ଜିଲ୍ଲାର ଗଣପର୍ବ ଭାବେ ମାନ୍ୟତା ପାଇଛି । ବର୍ତ୍ତମାନ ସବୁ ଶ୍ରେଣୀର ଲୋକେ କାମଧନ୍ଦା ବନ୍ଦ କରି ମକର ପାଳନ କରିବାକୁ ପ୍ରସ୍ତୁତ ହେଲେଣି। ମକର ବେଳକୁ ପ୍ରାୟତଃ ଚାଷ କାମ ଶେଷ ହୋଇଯାଇଥାଏ। ତେଣୁ ଅବସର ସମୟକୁ ଆନନ୍ଦ ଉଲ୍ଲାସରେ ବିତାଇବା ପାଇଁ ସମସ୍ତେ ମକର ଦିନଟିକୁ ଆଗ୍ରହର ସହିତ ଅପେକ୍ଷା କରିଥା'ନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ ମକର ମେଳା ବସେ। ଏଥିପାଇଁ ଲୋକଙ୍କ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ପୋଷାକ ଦୋକାନଠାରୁ ଆରମ୍ଭ କରି ଜୋତା, ତେଜରାତି ଦୋକାନ ଆଦିରେ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ମକର ପର୍ବ ଆସିବାର ମାସକ ପୂର୍ବରୁ ମୟୂରଭଞ୍ଜର ପୁରପଲ୍ଲୀରେ ଆନନ୍ଦର ଢେଉ ଖେଳିଯାଏ। ଯାହା ମକର ପରେ ବି ଦେଖିବାକୁ ମିଳିଥାଏ।

ପୌଷର ଶେଷ ଓ ମାଘର ଆରମ୍ଭରେ ମୟୂରଭଞ୍ଜର ଗାଁରୁ ସହର, ପିଲାଠୁ ବୁଢା, ଧନୀ କି ଗରିବ ସମସ୍ତେ ମକର ପର୍ବକୁ ନେଇ ଆନମନା ହୋଇଯାଆନ୍ତି। ପର୍ବ ପହଞ୍ଚିବାର ଯଥେଷ୍ଟ ପୂର୍ବରୁ ସ୍ଥାନୀୟ ହାଟ ବଜାରରେ ବିକାକିଣା ନିମନ୍ତେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ମକର ଦୁଇଦିନ ପୂର୍ବରୁ ଚାଉଳ ଧୂଆ ପଡ଼େ। ଗୃହୀଣୀ ନୂତନ ଟୋକେଇରେ ଅରୁଆ ଚାଉଳ ଧୋଇ ରଖନ୍ତି। ପରଦିନ ଚାଉଳରୁ ଚୂନା ପ୍ରସ୍ତୁତ କରାଯାଏ। ଧାନ କଟା ସରିଥିଲେ ହେଁ ନିଜ ଜମିରେ ସଂରକ୍ଷିତ ଗୋଟିଏ ଧାନ ମେଣ୍ଡା ମକର ପୂର୍ବ ଦିନ ମାଟି ସହ ଉପାଡି ଆଣି ଘରେ ପୂଜା କରନ୍ତି। ତା'ପରେ ଆସେ ଚିରଇପସିତ "ମକର'। ଭୋରରୁ ସବୁ ବୟସର ଲୋକମାନେ ସ୍ନାନ କରିବାକୁ ପୋଖରୀ କିମ୍ବା ପବିତ୍ର ନଦୀରେ ବୁଡ ପକାଇଥା'ନ୍ତି। ଗାଁ ପିଲାଙ୍କ ଦ୍ୱାରା ପୋଖରୀ କିମ୍ବା ନଦୀ ହୁଡାରେ ଅଘିରା ଜଳାଯାଏ। ମକର ପର୍ବରେ ଅନେକ ପ୍ରକାର ପିଠାପଣା ପ୍ରସ୍ତୁତ କରାଯାଉଥିଲେ ହେଁ ଅରୁଆ ଚାଉଳ ଚୂନା ଓ ଗୁଡରେ ପ୍ରସ୍ତୁତ ଆରିସା ପିଠା ପ୍ରଧାନ। ମକର ସଂକ୍ରାନ୍ତି ଦିନଠାରୁ ସାରା ମୟୂରଭଞ୍ଜ ଆନନ୍ଦ ମୁଖରିତ ହୋଇଉଠେ। ସେଥିମଧ୍ୟରୁ କପ୍ତିପଦା ଉପଖଣ୍ଡର ସମୀବୃକ୍ଷ, ବାମନଘାଟୀର ରାଣୀବୃକ୍ଷ, ପାଞ୍ଚପୀଢର କେଶରୀକୁଣ୍ଡ, ଯଶିପୁରର ରାମତୀର୍ଥ, ଖିଚିଂ ନିକଟସ୍ଥ ଦୋମୁହାଣୀ ଓ ଭୀମ କୁଣ୍ଡରେ ୧ରୁ ୭ଦିନ ପର୍ଯ୍ୟନ୍ତ ଏହି ମେଳା ବସେ। ଏହି ପବିତ୍ର ସ୍ଥାନରେ ହଜାର ହଜାର ଲୋକ ମିଳିତ ହୋଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥା'ନ୍ତି । ଏହି ମେଳା ବିଭାଯୋଗ୍ୟ ପୁଅଝିଅ ମଧ୍ୟରେ ଦେଖାଚାହାଁ ହେବାର ସୁଯୋଗ ସୃଷ୍ଟି କରେ । ମକର ସଂକ୍ରାନ୍ତି ପରେ ପ୍ରତ୍ୟେକ ଘରୁ ବନ୍ଧୁ ପରିଜନଙ୍କ ନିକଟକୁ ପିଠାପଣାର ଉପହାର ଯାଇଥାଏ। ମାଘ ମାସଟି ସମ୍ପୂର୍ଣ୍ଣ ଭାବେ ବନ୍ଧୁ ଚର୍ଚ୍ଚାରେ ବିତେ। ସେଥିପାଇଁ ମୟୂରଭଞ୍ଜରେ ମାଘମାସକୁ ମକର ମାସ ବୋଲି କହିଥା'ନ୍ତି।

**ଟୁସୁପର୍ବ:** ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକରରେ ଜିଲ୍ଲାର କୁଡୁମୀ ସମ୍ପ୍ରଦାୟରେ ଏକ ସ୍ୱତନ୍ତ୍ର ପୂଜା ଟୁସୁପର୍ବ ଅନୁଷ୍ଠିତ ହୋଇଥାଏ। ଜିଲ୍ଲାର କୋଣ ଅନୁକୋଣରେ ଅନୁଷ୍ଠିତ ହେଉଥିବା ଏହି ପୂଜାରେ କୁଡୁମୀ ସମ୍ପ୍ରଦାୟର ଅବିବାହିତ ଝିଅମାନେ ଟୁସୁ ଦେବୀଙ୍କ ମୂର୍ତ୍ତିକୁ ସାଙ୍ଗରେ ନେଇ ପାରମ୍ପାରିକ ଗୀତ ଗାଇ ଗ୍ରାମ ପରିକ୍ରମା କରନ୍ତି। ପୂଜା ଶେଷ ହେବା ପରେ ଟୁସୁ ଦେବୀଙ୍କ ପ୍ରତୀମାକୁ ନଦୀ, ପୋଖରୀ ବା ଜଳାଶୟରେ ବିସର୍ଜନ କରିଥା'ନ୍ତି। ଟୁସୁ ଦେବୀ କୁଡମୀ ସମ୍ପ୍ରଦାୟର ଇଷ୍ଟ ଦେବୀ। ଟୁସୁ ପୂଜା ନେଇ କୌଣସି ଇତିହାସ ନ ଥିଲେ ମଧ୍ୟ ଏକ ପ୍ରବାଦ ରହିଛି। ଟୁସୁ କୌଣସି ଦେବୀ ନୁହଁନ୍ତି। ଜନଶ୍ରୁତି ଅନୁସାରେ ଜଣେ କୁଡୁମୀ ସମ୍ପ୍ରଦାୟର ଜମିଦାରଙ୍କ ଏକମାତ୍ର ଅଲିଅଳି ଝିଅ ଥିଲେ ଟୁସୁ। ଦେଖିବାକୁ ଅପରୂପା ସୁନ୍ଦରୀ। ଜିଲ୍ଲାରେ ମୋଗଲ ଶାସନ ଚାଲିଥିବାବେଳେ ଟୁସୁଙ୍କ ସୁନ୍ଦରତାରେ ବିମୋହିତ ହୋଇ ଜଣେ ମୋଗଲ ବାଦଶାହ ତାଙ୍କୁ ବେଗମ କରିବାକୁ ଚାହିଁଥିଲେ। ହେଲେ ଟୁସୁଙ୍କ ବାପା ଏଥିରେ ରାଜି ହୋଇ ନ ଥିଲେ। ଟୁସୁଙ୍କ ବିବାହ ପାଇଁ ସେ ଏକ ବରପାତ୍ର ଯୋଗାଡ଼ କରିଥିଲେ। ଏଥିରେ ମୋଗଲ ବାଦଶାହ ରାଗିଯାଇ ଟୁସୁଙ୍କ ଭାବି ବରଙ୍କୁ ହତ୍ୟା କରିବା ସହିତ ଟୁସୁଙ୍କ ପରିବାର ସଦସ୍ୟଙ୍କୁ ନିର୍ଯାତନା ଦେଇଥିଲେ। ଏହା ସହି ନ ପାରି ବାଦଶାହାଙ୍କ କାମୁକ ନଜରରୁ ବଞ୍ଚିବାକୁ ଯାଇ ପବିତ୍ର ମକର ସଂକ୍ରାନ୍ତି ଦିନ ଟୁସୁ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ। ସେହିଦିଠାରୁ କୁଡମୀ ସମ୍ପ୍ରଦାୟ ତରଫରୁ ମକର ସଂକ୍ରାନ୍ତି ଦିନ ଟୁସୁ ପୂଜା ବା ଟୁସୁ ପର୍ବ ପାଳନ କରିଥା'ନ୍ତି। ଏହି ପର୍ବକୁ କୁଡମୀ ସମ୍ପ୍ରଦାୟର ଲୋକେ ନିଜ ସମ୍ପ୍ରଦାୟର ଜାତୀୟ ପର୍ବ ଭାବେ ଚିତ୍ରଣ କରିଥା'ନ୍ତି। ତଦନୁଯାୟୀ ମକର ସଂକ୍ରାନ୍ତି ପୂର୍ବ ଦିନକୁ ମକର ବାଉଣ୍ଡି ଦିନ ବିଧି ଅନୁସାରେ ପ୍ରତ୍ୟେକ ଦଳରେ ୪ ଜଣ ଅବିବାହିତ ଝିଅ ଟୁସୁଦେବୀଙ୍କ ପ୍ରତିମୂର୍ତ୍ତି ନିକଟରେ ପୌରାଣିକ ଗାଥା ଉପରେ ଆଧାରିତ ବିଭିନ୍ନ ପ୍ରକାର ଗୀତ ଗାଆନ୍ତି। ପରେ ଟୁସୁ ଦେବୀଙ୍କୁ ଘରକୁ ନେଇ ସ୍ୱତନ୍ତ୍ର ସ୍ଥାନରେ ରଖି ରାତ୍ର ସମୟରେ ମକର ଚାଉଳ ଓ ପିଠାପଣା ଆଦି ସମର୍ପଣ କରି ସାରାରାତ୍ରି ଅନିଦ୍ରା ହୋଇ ପାରମ୍ପାରିକ ଗୀତ ଓ ନୃତ୍ୟରେ ଆରାଧନା କରନ୍ତି। ରାତ୍ରିର ଚତୁର୍ଥ ପ୍ରହରରେ ମକର ପର୍ବକୁ ସ୍ୱାଗତ କରି ମକର ଦିନ ପାରମ୍ପାରିକ ପୂଜା ଓ ଗୀତ ଗାଇ ଗାଁ ପରିକ୍ରମା ପରେ ଶନିବାର ଟୁସୁ ଦେବୀଙ୍କୁ ବିସର୍ଜନ କରନ୍ତି। ଜିଲ୍ଲାର ମହୁଲିଆ, ଟୁକୁପାଳସିଆ, କୋଷ୍ଟା, ଯଶୀପୁର ଓ ରାମତୀର୍ଥ ଆଦି ଭଳି ଅନେକ ସ୍ଥାନରେ ମୂର୍ତ୍ତି ବିସର୍ଜନ ହୋଇଥାଏ। ଏଥିପାଇଁ ମେଳା ବସିଥାଏ।

**ଦାମୋଦର ମେଳା:** ମକର ସଂକ୍ରାନ୍ତିର ତିନିଦିନ ପରେ ଅନୁଷ୍ଠିତ ହେଉଥିବା ସାନ୍ତାଳ ସମ୍ପ୍ରଦାୟଙ୍କ ସାମୂହିକ ଅସ୍ଥି ବିସର୍ଜନକୁ ଦାମୋଦର ମେଳା କୁହାଯାଇଥାଏ। ଏହା ଦିନ ଧରି ଅନୁଷ୍ଠିତ ହୁଏ । ତ୍ରିବେଣୀ ବା ତିନୋଟି ପ୍ରବାହମାନ ଜଳରାଶିର ସଙ୍ଗମସ୍ଥଳୀରେ ଏହି ମେଳା ଅନୁଷ୍ଠିତ ହୋଇଥାଏ। ନିଜର ଆତ୍ମୀୟଙ୍କ ମୃତ୍ୟୁ ପରେ ଶେଷ ସଂସ୍କାର ବା ପର୍ବ ଭାବେ ସେମାନେ ଏହାକୁ ଭାବି ତାଙ୍କର ସଂରକ୍ଷିତ ଅସ୍ଥି ଆଣି ପରମ୍ପରାନୁଯାୟୀ କ୍ରିୟାକ୍ରମ ପରେ ବିସର୍ଜନ କରିଥା'ନ୍ତି। ନଦୀ କୂଳରେ ଲଣ୍ଡା ହୋଇ ନଦୀରେ ଗାଧୋଇ ପରମ୍ପରା ଅନୁସାରେ ସାଙ୍ଗରେ ଆଣିଥିବା ଏକ ଶାଳ ଡାଳକୁ ନଦୀ କୂଳରେ ଏକ ସ୍ଥାନରେ ପୋତନ୍ତି। ପରମ୍ପରା ଅନୁଯାୟୀ ସେଠାରେ ଏକ କଉଡ ଓ କଂସା ଚୁଡ଼ି ମଧ୍ୟ ପୋତିଥା'ନ୍ତି। ଶେଷରେ ପଞ୍ଚବର୍ଣ୍ଣ ଭୋଗ ଲଗାଇ ଏକ ସ୍ଥାନରେ ପବିତ୍ର ହୋଇ ଘରକୁ ଫେରିଥା'ନ୍ତି। ଜିଲ୍ଲାର ବିଭିନ୍ନ ନଦୀ ନାଳ ସଙ୍ଗମ ସ୍ଥଳୀରେ ତିନିଦିନ ଧରି ଦାମୋଦର ମେଳା ଅନୁଷ୍ଠିତ ହୋଇଥାଏ।

## ୧୭ରୁ ମା' ଦୁଆରଶୁଣି ମେଳା

କଳାବାଡିଆ,୧୧।୧(ସମିସ):ପ୍ରସିଦ୍ଧ ଦୁଆରଶୁଣି ମେଳା ଆସନ୍ତା ୧୭ରୁ ଆରମ୍ଭ ହେବାକୁ ଯାଉଛି। ବାଙ୍ଗିରିପୋଷି ନିକଟ ଜାତୀୟ ରାଜପଥ ୪୯ ପାହାଡ଼ କଡ଼ରେ କେଉଁ ଆଦିମ କାଳରୁ ପୂଜା ପାଇଆସୁଛନ୍ତି ମା' ଦୁଆରଶୁଣି। ପୀଠଟି ବାଙ୍ଗିରିପୋଷି ବଜାରରୁ ମାତ୍ର ୪ କିମି ରାସ୍ତା ପାର ହେଲେ ପଡ଼େ। ଏହି ପୀଠରେ ମକର ସଂକ୍ରାନ୍ତି ତିନି ଦିନ ପରେ ହୁଏ ପଞ୍ଚରାତ୍ର ନାମଯଜ୍ଞ। ଯିଏ ଭକ୍ତ ନିଜ ମନସ୍କାମନା ପାଇଁ ଡାକେ ଓ ମାଗେ ତାହା ମା' ବରଦାନ ଦିଅନ୍ତି ବୋଲି ଶହ ଶହ ଭକ୍ତଙ୍କ ମୁହଁରୁ ଶୁଣିବାକୁ ମିଳେ। ବହୁ ଦୂରଦୂରାନ୍ତ ଝାଡ଼ଖଣ୍ଡ, ବିହାର, ବେଙ୍ଗଲ ସହିତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମା'ଙ୍କ ଦର୍ଶନ ସହିତ ମେଳା ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ପାଞ୍ଚ ଦିନ ଧରି ଲାଗି ରହେ। ମୁଖ୍ୟ ଆକର୍ଷଣ ହେଉଛି ପାହାଡ଼ ଉପରକୁ କିଛି ବାଟ ଉଠିବା ପରେ ଗୁମ୍ଫାର ସୁଡ଼ଙ୍ଗ ମଧ୍ୟରେ ଗଳି ପାହାଡ଼ ଉପରକୁ ଉଠିବାକୁ ହୁଏ। ପାହାଡ଼ର ଅଗ୍ରଭାଗରେ ରହିଛି ମେଲେଟାରୀ ଗୁମ୍ଫା। ଏହାର ନାଁ



ମେଲେଟାରୀ ଗୁମ୍ଫା ଦେବାର ନାମକରଣ ହେବାର ମୁଖ୍ୟ ହେଉଛି ଏହି ଗୁମ୍ଫାରେ ବିଟ୍ରିଶମାନେ ଯୁଦ୍ଧ ସମୟରେ ସେନାବାହିନୀ ରହୁଥିଲେ ବୋଲି ବୃଦ୍ଧବୃଦ୍ଧାଙ୍କ ମୁହଁରୁ ଶୁଣିବାକୁ ମିଳେ। ଏହି ଗୁମ୍ଫାରେ ସେନାବାହିନୀ କିପରି ରହି ବନ୍ଧୁକ ଚାଳନା ସହିତ ଲୁଚି ରହିବା ସ୍ଥାନରେ ରହୁଥିଲେ ତାହା ବହୁ କିମ୍ବଦନ୍ତୀ ବର୍ତ୍ତମାନ ପର୍ଯ୍ୟନ୍ତ ଜୀବିତ ରହିଛି। ଏହି ଗୁମ୍ଫାକୁ କେବଳ ମକର ସଂକ୍ରାନ୍ତିରେ ବସୁଥିବା ପଞ୍ଚରାତ୍ର ମେଳାରେ ଲୋକମାନେ ଯିବାଆସିବା କରନ୍ତି। ବାକି ସମୟରେ ଏହି ଗୁମ୍ଫାକୁ ଉଠିବା କମିଟି ତରଫରୁ ବାରଣ କରାଯାଏ। ମେଳା ବ୍ୟତିତ ବର୍ଷ ସାରା ଏଠି ଲାଗିଥାଏ ଭିଡ଼। ଜାତୀୟ ରାଜପଥ ୪୯ ଘାଟି ରାସ୍ତାର ଉପର ମୁଣ୍ଡରେ ବିରାଜମାନ ମା'ଙ୍କ ବିଗ୍ରହ କେଉଁ ଯୁଗରୁ କହିବା କାଠିକର ପାଠ। ତେବେ ଘାଟି ଦେଇ ଯିବାଆସିବା କରୁଥିବା ଭାରୀଯାନ ଓ ଯାତ୍ରୀବାହୀ ବସ୍ ଦଣ୍ଡେ ଛିଡ଼ା ହେବା ଥୟ। ଯିଏ ମାନିଛି ତା' କଥା ମା' ନିଶ୍ଚିତ ଶୁଣିନ୍ତି ବୋଲି ବହୁ କିମ୍ବଦନ୍ତୀ ଅଛି।

# ମକର ଲାଗି ହାଟରେ ଜମିଲାଣି ଭିଡ଼





## ଚାଲିଛି ଟୁସୁ ମୂର୍ତ୍ତି ପ୍ରସ୍ତୁତି

ରାଇରଙ୍ଗପୁର,୧୧।୧(ସମିସ): ଆଉ କେଇଟା ଦିନ ପରେ ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ସଂକ୍ରାନ୍ତି। ଯାହାକୁ ନେଇ ସମଗ୍ର ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡରେ ସବୁଠି ଆଗ୍ରହ ଉଦ୍ଦୀପନା ଭରି ରହିଛି। ଏଥିସହିତ ଦୋକାନ ବଜାରରେ ମକର କିଣା କିଣି ପାଇଁ ଭିଡ଼ ଜମିବା ଆରମ୍ଭ ହେଲାଣି। ହାଟବାଦଡା, ବାଦାମପାହାଡ଼, ମଣଦା, ବିଶୋଇ, ବିଜାତଳା, ଗୋରୁମହିଷାଣି, ଯଶିପୁର, ସିଙ୍ଗଡା, କେନ୍ଦୁଜିଆଣି, ଠାକୁରମୁଣ୍ଡା, କରଞ୍ଜିଆ, ଅଙ୍ଗାରପଦା ଆଦି ହାଟରେ ମକର ଲାଗି ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଛି।

ମକର ସଂକ୍ରାନ୍ତି ହେଉଛି ଏକ ଶସ୍ୟଭିତ୍ତିକ ପର୍ବ ଅଟେ। ନୂଆ ଧାନ ଅମଳ ସହ ଆନନ୍ଦ ଉଲ୍ଲାସର ମାହୋଲ ନେଇ ମକର ସଂକ୍ରାନ୍ତି ଆସିଥାଏ। ଜିଲ୍ଲାବାସୀ ଖୁବ ଆଗ୍ରହର ସହିତ ଉତ୍ସବ ମାହୋଲରେ ଏହାକୁ ପାଳନ କରିଥା'ନ୍ତି। ଲୋକ ମାନେ ଘର ଲିପା ପୋଛାଠୁ ନେଇ ଖଳାରେ ଧାନ ଅମଳ କାମ ମଧ୍ୟ ଶେଷ କରିଛନ୍ତି। ମକର ପର୍ବ ପାଇଁ କେବଳ ଗାଁରେ ନୁହେଁ, ସବୁଆଡେ ମକର ହାଟ ଲାଗିଛି। ମକର ବାଉଣ୍ଡି ପୂର୍ବରୁ ସାମଗ୍ରୀ କିଣିବା ପାଇଁ ହାଟରେ ପ୍ରବଳ ଜନଗହଳି ଲାଗି ରହିଛି। ମକର ପାଳିବା ଲାଗି କିଏ ନୂଆ ପୋଷାକ କିଣିବାରେ ଲାଗିଛନ୍ତି ତ ଆଉ କିଏ ଘରେ ପିଠାପଣା ପ୍ରସ୍ତୁତ କରିବା ପାଇଁ ହାଟରେ ଗୁଡ଼, ଚାଉଳ, ବିରି ଆଦି ସରଞ୍ଜାମ କିଣିବାର ବ୍ୟସ୍ତ। ଏହାସହିତ ବାଉଁଶ ତିଆରି ଟୋକେଇ, କୁଲା, ପାଛିଆ ଓ ମାଟି ପାତ୍ର ଦୋକାନରେ ଭିଡ଼ ଲାଗିଛି। ହାଟ ସମେତ ଛୋଟବଡ଼ ଦୋକାନରେ ମଧ୍ୟ ନାହିଁ ନଥିବା ଲୋକଙ୍କ ଭିଡ଼ ରହିଥିବା ଦେଖିବାକୁ ମିଳିଛି। ୨/୩ ଦିନ ହେବ ଧୀରେ ଧୀରେ ଭିଡ଼ ବଢ଼ିବାରେ ଲାଗିଥିଲା। ତେବେ ଆସନ୍ତା ଗୁରୁବାର ମକର ସଂକ୍ରାନ୍ତି ଥିବାବେଳେ ଆଗକୁ ଆହୁରି ଅନେକ ଭିଡ଼ ଲାଗିବ। ଖାଲି ବଡ଼ମାନେ ନୁହନ୍ତି ସାନ ପିଲାଙ୍କ ମଧ୍ୟ ମକରକୁ ନେଇ ବେଶ ଉଦ୍ଦୀପନା ଦେଖବାକୁ ମିଳିଛି। ମକର ବେଳେ ମୟୂରଭଞ୍ଜ ଜିଲ୍ଲାର ସ୍ପେଶାଲ 'ତିଲଡ' କିଣି ଘରକୁ ନେବାକୁ ମଧ୍ୟ ଲୋକଙ୍କ ମଧ୍ୟରେ ବେଶ ଆଗ୍ରହ ରହିଥିଲା। ସେପଟେ ମକର ପାଇଁ ଦୋକାନରେ ଗ୍ରାହକଙ୍କ ଭିଡ଼ ଲାଗୁଥିବାବେଳେ ଚଳିତ ବର୍ଷ ଭଲ ବ୍ୟବସାୟ ନେଇ ଆଶା ରଖିଛନ୍ତି। ମକର ପାଇଁ ଜିଲ୍ଲା ବାହାରେ ରହୁଥିବା ଲୋକମାନେ ନିଜ ନିଜ ଘରମୁହାଁ ହୋଇଛନ୍ତି। ଏଣୁ ବିଭିନ୍ନ ଗାଡ଼ି ମୋଟର ସାଙ୍ଗକୁ ବସ୍‌ରେ ମଧ୍ୟ ପ୍ରବଳ ଭିଡ଼ ମଧ୍ୟ ପରିଲକ୍ଷିତ ହୋଇଛି। ପ୍ରବଳ ଜନସମାଗମ ହୋଇଥିବାରୁ ଭିଡ଼ ପରିଲକ୍ଷିତ ହୋଇଛି। ଗଣପର୍ବ ମକର ପାଇଁ ସତନ୍ତ୍ର ଖାଦ୍ୟପେୟ ସହ ମାଦଳର ତାଳେ ତାଳେ ପ୍ରତ୍ୟେକ ମୟୂରଭଞ୍ଜିଆ ଝୁମିବେ। ଏଥିସହିତ ଘରେ ଘରେ ମାଉଁସ ପିଢ଼ା ପ୍ରସ୍ତୁତି ଚାଲିଛି। ଟୁସୁ ପୂଜା ନିମନ୍ତେ ଟୁସୁ ମୂର୍ତ୍ତି ପ୍ରସ୍ତୁତି ଚାଲିଛି। କାରିଗର ଟୁସୁ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି।

# ମକର ପାଇଁ ବଡ଼ସାହି ଚଳଚଞ୍ଚଳ
# ହାଟରେ ନାହିଁ ନ ଥିବା ଭିଡ଼



ବଡ଼ସାହି,୧୧।୧(ସମିସ): ଆଉ ଦୁଇଦିନ ପରେ ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର। ସେଥିପାଇଁ ବଡ଼ସାହି ବ୍ଲକ୍ ଅଞ୍ଚଳରେ ଥିବା ହାଟରେ ନାହିଁ ନ ଥିବା ଭିଡ ପରିଲକ୍ଷିତ ହେଉଛି। ଏଥିପାଇଁ ବ୍ଲକ୍ ଅଧୀନ ବଡସାହି, ମାଣତ୍ରୀ, ଚାନ୍ଦଡିହା ପ୍ରତାପପୁର, ବୈଦ୍ୟପୁର କୋଚିଳାଖୁଣ୍ଟା, ଦେଉଳିଆ, ଶାଳଗାଁ, ଆଡିଆସାହି ଓ ବେଲପାଳ ହାଟରେ ପ୍ରବଳ ଭିଡ଼ ଲାଗି ରହୁଥିବାବେଳେ ବଡସାହି ଓ ମାଣତ୍ରୀ ବଜାରରେ ମଧ୍ୟ ଲୋକେ ମନପସନ୍ଦର ଜିନିଷ କିଣିବା ପାଇଁ ଲମ୍ବା ଲାଇନ ଲାଗିଛି । ଏହି ପର୍ବକୁ ଧୂମଧାମରେ ପାଳନ କରିବା ପାଇଁ ଗରିବଠାରୁ ଆରମ୍ଭ କରି ଧନୀ ପର୍ଯ୍ୟନ୍ତ ସମସ୍ତଙ୍କ ଘରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ଏହା ହେଉଛି ଚାଷୀଙ୍କ ଚାଷ କାର୍ଯ୍ୟର ଶେଷ ଦିନ। ଏହି ଦିନ ଗଉଁଣି ଓ କଠାକୁ ପୂଜା କରାଯାଇଥାଏ। ବର୍ଷ ଯାକର ପରିଶ୍ରମ ପରେ ଧାନ ଅମଳ କରି ସୁରକ୍ଷିତ ରଖିବା ପରେ ଏହି ପର୍ବକୁ ସେମାନେ ଖୁବ ଧୂମଧାମରେ ପାଳନ କରିଥା'ନ୍ତି । ସେଥିପାଇଁ ମକର ହାଟରେ ଅହେତୁକ ଭିଡ଼ ପରିଲକ୍ଷିତ ହେଉଛି। ବିଶେଷକରି ଲୁଗା ଦୋକାନ, ତେଜରାତି ଦୋକାନ ଓ ଝିଅମାନଙ୍କ ପାଇଁ ଷ୍ଟେସନାରୀ ଦୋକାନରେ ଭିଡ଼ ପ୍ରତିଦିନ ଲାଗି ରହିଛି। ସେହିପରି ମାଟିହାଣ୍ଡି, ଜୋତା, ବାସନକୁସୁନ ଓ ଗୁଡ କିଣିବା ପାଇଁ ଦୋକାନରେ ଲମ୍ବା ଲାଇନ ଦେଖିବାକୁ ମିଳୁଛି। ମାଛ ଓ ମାଂସ ପାଇଁ ବେପାରୀଙ୍କ ନିକଟରେ ପୂର୍ବରୁ ଲୋକମାନେ ଲାଇନ ଲଗାଇ ଆବଶ୍ୟକ ଅନୁସାରେ ଚିଠା କରୁଛନ୍ତି। ଦେଶୀ ମାଛ କେଜି ୨୦୦ ଓ ଖାସୀ ମାଂସ କେଜି ୮୦୦ ଟଙ୍କା ଓ ଦେଶୀ କୁକୁଡା କେଜି ୭୦୦ ଟଙ୍କା ଦର ମଧ୍ୟ ଏହି ପର୍ବକୁ ଫିକା ପକାଇବା ଭଳି ଜଣାପଡୁନାହିଁ। ଏହାକୁ ଧୂମଧାମରେ ପାଳନ କରିବା ପାଇଁ ଝିଅଜ୍ୱାଇଁଙ୍କ ସହିତ ଅନ୍ୟ ବନ୍ଧୁବାନ୍ଧବଙ୍କୁ ପ୍ରାୟ ପ୍ରତି ଘରେ ଆମନ୍ତ୍ରଣ କରାଯାଇଛି।

ଏହି ପର୍ବ ସହିତ ଆଦିବାସୀ ସଂସ୍କୃତି ଓ ପରମ୍ପରାର ନିବିଡ ସମ୍ପର୍କ ଥିବାରୁ ସେମାନଙ୍କ ପାଇଁ ଏ ପର୍ବ ନିଆରା। ଫଳରେ ସମସ୍ତଙ୍କ ପାଇଁ ନୂଆ ପୋଷାକର ଆବଶ୍ୟକ ପଡିଥାଏ। ଶାଢୀ, ଧୋତି, ଚୁଡଦାର ପଂଜାବୀ ଓ ଛୋଟ ପିଲାଙ୍କ ପ୍ୟାଣ୍ଟସାର୍ଟ କିଣିବା ପାଇଁ ରାସ୍ତା କଡର ଫୁଟପାତ, ରେଡିମେଡ ଦୋକାନରେ ପ୍ରବଳ ଭିଡ ଲାଗି ରହିଛି। ଆଦିବାସୀ ଅଧ୍ୟୁଷିତ ବିଭିନ୍ନ ସ୍ଥାନରେ ମକରଠାରୁ ୮ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଢାବଲ ତାମସା, ଡାଣ୍ଟା ନାଚ, ଯାତ୍ରା, ମେଳା, କୁକୁଡା ଲଢେଇ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ପ୍ରସ୍ତୁତି ସରିଥିବା ଜଣାଯାଇଛି। ଲୋକଙ୍କ ଗହଳିକୁ ଦୃଷ୍ଟିରେ ରଖି ରାସ୍ତାଘାଟର ମରାମତି, ପାନୀୟ ଜଳ, ପାର୍କିଂ, ମଦ ବିକ୍ରି ନିଷେଧ, ଦୋକାନୀଙ୍କ ପାଇଁ ସ୍ଥାନ ଚିହ୍ନଟ ଓ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଇଛି। ମକର ଦିନ ବଢ଼ିଭୋରରୁ ସଂକୀର୍ତ୍ତନ ଦଳ ସହିତ ଲୋକମାନେ ନଦୀକୁ ଯାଇ ମକର ବୁଡ଼ ପକାଇବା ଓ ଶୀତ କଷ୍ଟରୁ ରକ୍ଷା ପାଇବା ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମକରପଲା ଜାଳି ସେକି ହେବା ଏକ ପରମ୍ପରା ରହି ଆସିଛି। ଏହି ନିଆଁରେ ସବୁ ଅପକର୍ମ ପୋଡିଯାଏ ବୋଲି ପ୍ରବାଦ ରହିଛି। ଏହି ସଂକୀର୍ତ୍ତନ ଦଳ ଗ୍ରାମରେ ଥିବା ସବୁ ମନ୍ଦିରକୁ ବୁଲିବୁଲି ସଂକୀର୍ତ୍ତନ କରିଥା'ନ୍ତି। ସେତେବେଳେ ସେମାନଙ୍କୁ ମନ୍ଦିର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁଡ, କଦଳୀ, ତିଳଉ, କନ୍ଦମୂଳ, ଚିନିଆଳୁ, ଆଖୁ, କାକୁଡି ଓ ଦହିକୁ ନେଇ ପ୍ରସ୍ତୁତ ମକର ଭୋଗ ଦିଆଯାଇଥାଏ। ଏହି ଭୋଗ ସେଦିନ ଘରେ ଘରେ ମଧ୍ୟ ପ୍ରସ୍ତୁତ କରାଯାଏ। ଏତଦବାଦ ମଣ୍ଡା, ଆରିଷା, କକରା, ଚକୁଳି ଓ ପୋଡପିଠା ବାସ୍ନାରେ ଗାଁ ଦାଣ୍ଡ ମହକି ଉଠେ। ଏହି ଖିଆପିଆ ଧୂମଧାମର ସହିତ ୪/୫ ଦିନ ଚାଲିଥାଏ। ଏତଦବ୍ୟତୀତ ଏହି ପର୍ବରେ ଝିଅମାନଙ୍କର ଟୁସୁ ପୂଜା ଓ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଦମୋଦର ଯାତ୍ରାକୁ (ପୂର୍ବ ପୁରୁଷଙ୍କ ଅସ୍ଥି ବିସର୍ଜନ) ଖୁବ ଧୂମଧାମରେ ପାଳନ କରାଯାଏ। ସେଥିପାଇଁ ଅସ୍ଥି ବିସର୍ଜନ କରାଯାଉଥିବା ଘାଟରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପୁଲିସ ଓ ପ୍ରଶାସନ ପକ୍ଷରୁ ମଧ୍ୟ ଏହି କାର୍ଯ୍ୟକ୍ରମ ଉପରେ ନଜର ରଖାଯାଉଥିବା ଜଣାଯାଇଛି।

### ଆୟୁର୍ବେଦିକ ମେଡ଼ିକାଲ କଲେଜ ନିର୍ମାଣ ପାଇଁ ଫିଟିଲା ବାଟ
# ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ

ରାଇରଙ୍ଗପୁର,୧୧।୧(ସମିସ):

ରାଇରଙ୍ଗପୁରରେ ସରକାରୀ ଆୟୁର୍ବେଦିକ ମେଡ଼ିକାଲ କଲେଜ ନିର୍ମାଣ କାମ ପାଇଁ ବାଟ ଫିଟିଛି। ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ ହେବାକୁ ଥିବାବେଳେ ଏ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ଦାଣ୍ଡବୋଷ ନିକଟସ୍ଥ ମୁରୁଗାଘୁଟୁ ଅଞ୍ଚଳରେ ଜମି ଚିହ୍ନଟ ହୋଇଥିବାବେଳେ ସେଠାରେ ନିର୍ମାଣ କାର୍ଯ୍ୟ ହେବାକୁ ଯାଉଛି।

୫୦ ଏକର ଜମିରେ ପ୍ରାୟ ୮୫ କୋଟି ଟଙ୍କା ବିନିଯୋଗରେ ସରକାରୀ ଆୟୁର୍ବେଦିକ ମେଡ଼ିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ ହେବ। ଏ ନେଇ ପୂର୍ତ୍ତ ବିଭାଗ ଭୁବନେଶ୍ୱରସ୍ଥ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଟେଣ୍ଡର ଆହ୍ୱାନ କରିଛନ୍ତି। ସରକାରୀ ଆୟୁର୍ବେଦିକ ମେଡିକାଲ କଲେଜ ଓ ହସ୍ପିଟାଲ କ୍ୟାମ୍ପସ ପରିସରରେ କଲେଜ, ଲ୍ୟାବ୍ରେଟୋରୀ, ହର୍ବାଲ ଗାର୍ଡେନ, ଷ୍ଟାଫ କ୍ୱାଟର, ମହିଳା/ପୁରୁଷ ହଷ୍ଟେଲକୁ ମିଶାଇ ୮ରୁ ଊର୍ଦ୍ଧ୍ୱ ବିଲ୍ଡିଂ ନିର୍ମାଣ ହେବ। ଏ ନେଇ ଟେଣ୍ଡର ଆହ୍ୱାନ ହୋଇଥିବାବେଳେ କେବଳ ସୁପର କ୍ଲାସ କଣ୍ଟ୍ରାକ୍ଟର ଆବେଦନ କରିବେ। ଜାନୁଆରୀ ୨୨ ତାରିଖ ଆବେଦନର ଶେଷ ତାରିଖ ରହିଛି। ସମସ୍ତ ଆବେଦନକାରୀଙ୍କୁ ନେଇ ଜାନୁଆରୀ ୨୯ରେ ଟେଣ୍ଡର ଖୋଲାଯାଇ ଟେଣ୍ଡର ପ୍ରଦାନ କରାଯିବ ବୋଲି ରାଇରଙ୍ଗପୁର ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ସୁମିତ କୁମାର ସାହୁ କହିଛନ୍ତି।

**ଖୁବଶୀଘ୍ର ଆରମ୍ଭ ହେବ ନିର୍ମାଣ କାମ**

ସରକାରୀ ଆୟୁର୍ବେଦିକ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ ନିମନ୍ତେ ପୂର୍ବରୁ ରାଇରଙ୍ଗପୁର ତହସିଲ ପକ୍ଷରୁ ଜମି ଚିହ୍ନଟ କରାଯାଇଥିଲା। ତହସିଲଦାର ବିଶ୍ୱନାଥ ବିଶ୍ୱାଲଙ୍କ ନେତୃତ୍ୱରେ ସେଠାରୁ ଲୋକଙ୍କୁ ବିସ୍ଥାପନ କରାଯିବା ପରେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ପ୍ରକଳ୍ପ ନିର୍ମାଣ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଡିପିଆର ପ୍ରସ୍ତୁତ ହୋଇଥିବାବେଳେ ତାହା ଅନୁମୋଦନ ହୋଇଛି। ଉକ୍ତ ପ୍ରକଳ୍ପ ଜରିଆରେ ସ୍ଥାନୀୟ ଜନସାଧାରଣ ଅନେକ ସୁଫଳ ପାଇବାକୁ ଯାଉଛନ୍ତି। ଉକ୍ତ ପ୍ରକଳ୍ପର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଫେବୃଆରୀ ମାସ ମଧ୍ୟଭାଗରେ ରାଇରଙ୍ଗପୁର ଗସ୍ତ ଅବସରରେ ରାଷ୍ଟ୍ରପତି ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ବାମନଘାଟି ଉପଖଣ୍ଡର ବିକାଶ ନିମନ୍ତେ ସରକାରୀ ସ୍ତରରେ ବିଭିନ୍ନ ପ୍ରକଳ୍ପ ଥିବାବେଳେ ତାହାର ମଧ୍ୟ ଖୁବଶୀଘ୍ର ଟେଣ୍ଡର ଆହ୍ୱାନ ହେବାକୁ ଯାଉଛି ବୋଲି ସୂଚନା ମିଳିଛି।

## ସାଇଁକୁଳା ଦାମୋଦର ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



କୁଆମରା,୧୧।୧(ସମିସ): ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ଦାମୋଦର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଛି। ଜୁବୁଲି କମିଟି ସଭାପତି ଗଣେଶ୍ୱର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାଇସ୍ ଚାନସେଲର ପ୍ରମୋଦ କୁମାର ଶତପଥୀ, ମୁଖ୍ୟବକ୍ତା ଓଡ଼ିଆ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ମୟୂରଭଞ୍ଜ ମହାରାଣୀ ରଶ୍ମି କୁମାରୀ ଭଞ୍ଜଦେଓ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ କଲେଜର ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା, କୁଆମରା ସାରସ୍ୱତ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବାରିକ, ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ପାତ୍ର, ସମ୍ପାଦକ ଉଗ୍ରସେନ ଦାସ ଯୋଗ ଦେଇ ନିଜର ସ୍ୱଭାବକୁ ମଧୁର ଓ ପ୍ରେମମୟ କଲେ ସମସ୍ତଙ୍କ ଆଦରଣୀୟ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଉଦଳା ଏନ୍‌ଏସ୍‌ସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କମିଟିର କୋଷାଧ୍ୟକ୍ଷ ମୁକ୍ତିପ୍ରୀୟ ମିଶ୍ର ଧନ୍ୟବାଦ ଦେଇଥିଲେ। ଉଭୟ ଅଧିବେଶନକୁ ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ ଓ ପୁରାତନ ଛାତ୍ରୀ ଉପାସନା ମହାପାତ୍ର ସଞ୍ଚାଳନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସଂଘ ସଦସ୍ୟ ସତ୍ୟେନ୍ଦୁ ଜେନା, ରଜତ କୁମାର ଦେ, ଈଶ୍ୱର କୁମାର ମହାପାତ୍ର, ସର୍ବେଶ୍ୱର ଲେଙ୍କା, ଲକ୍ଷ୍ମୀଧର ବେହେରା, କ୍ଷିତୀଶ ଦାସ, ବଳରାମ ଦେହୁରୀ, ସରୋଜ କୁମାର ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବାଉଁଶ କାରିଗରଙ୍କୁ ସରକାରୀ ସହାୟତା ଦାବି

**ବାରିପଦା, ୧୧।୧(ସମିସ):** ଓଡ଼ିଶା ଡମ ସମାଜ ବିକାଶ ଟ୍ରଷ୍ଟ ପକ୍ଷରୁ ବାଉଁଶ କାରିଗରଙ୍କୁ ସରକାରୀ ସହାୟତା ପ୍ରଦାନ ଦାବି ହୋଇଛି। ଜଙ୍ଗଲ ଓ ପରିବେଶ, ଶ୍ରମ ବିଭାଗ ରାଷ୍ଟ୍ରମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଓ ଏମଏସଏମଇ ମନ୍ତ୍ରୀ ଗୋକୁଳା ନନ୍ଦ ମେହେଗାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଋଣ ଓ ବାଉଁଶ ତିଆରି ସାମଗ୍ରୀ ବିକ୍ରି ବ୍ୟବସ୍ଥା କଲେ ମୟୂରଭଞ୍ଜ ଜିଲ୍ଲାରେ ୪୦ ହଜାର ବାଉଁଶ କାରିଗରଙ୍କ ଜୀବନଜୀବିକା ଉନ୍ନତ ହୋଇପାରିବ ବୋଲି ଓଡ଼ିଶା ଡମ ସମାଜ ବିକାଶ ଟ୍ରଷ୍ଟ ସଭାପତି କରମଚାନ୍ଦ କାଳନ୍ଦୀଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ୪୦, ୦୦୦ରୁ ଅଧିକ ଡମ ଜାତିର ଲୋକ ବାଉଁଶରେ ବିଭିନ୍ନ ଜିନିଷ ତିଆରି କରି ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ବର୍ତ୍ତମାନ ପ୍ଲାଷ୍ଟିକ ଯୁଗରେ ଏହାର ବିକ୍ରି ଠିକ୍ ଭାବେ ହୋଇପାରୁନି। ଉକ୍ତ ଜିନିଷ କିଣା ବିକା ନିମନ୍ତେ ମାର୍କେଟ ପ୍ରସ୍ତୁତ ପାଇଁ ଦାବି କରିଛନ୍ତି। ବାଉଁଶ ସାମଗ୍ରୀ ବିକ୍ରି ଓ କାରିଗରଙ୍କୁ ଋଣ ବ୍ୟବସ୍ଥା ନେଇ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଟ୍ରଷ୍ଟ ସମ୍ପାଦକ ବିଶ୍ୱରଞ୍ଜନ ବାଗ, ଲକ୍ଷ୍ମଣ ବାଗ, ଶରତ ଚନ୍ଦ୍ର ବୈଠା, ଶ୍ୟାମ ସୁନ୍ଦର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

### ରାଇରଙ୍ଗପୁରରେ ମାତିଛନ୍ତି ଲଘୁ ଖଣିଜ ମାଫିଆ

# ପ୍ରତିଦିନ ହେଉଛି ବାଲି ଚୋରା ଚାଲାଣ



**ରାଇରଙ୍ଗପୁର, ୧୧।୧(ସମିସ):** ରାଇରଙ୍ଗପୁରରେ ଲଘୁ ଖଣିଜ ମାଫିଆ ମାତିଛନ୍ତି। ବେଆଇନ ଭାବେ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଛନ୍ତି। ଯାହାକୁ ରୋକିବାରେ ସ୍ଥାନୀୟ ପ୍ରଶାସନ ବିଫଳ ହୋଇଛି। ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ଗଡ଼ ଅଞ୍ଚଳରେ ଏଭଳି ବେଆଇନ ବାଲି ଚାଲାଣ ହେଉଛି। ଯାହାକି ପ୍ରଶାସନର ନାକ ତଳେ ନିୟମିତ ଭାବେ ଚାଲିଛି। ୩ ବର୍ଷ ପୂର୍ବେ ଏନଜିଟି ରୋକ ପରେଠାରୁ ଜିଲ୍ଲାର ବାଲି ଘାଟ ବନ୍ଦ ରହିଛି। ଅସ୍ଥାୟୀ ଭାବେ ଚାଲିଛି। କିନ୍ତୁ ଉକ୍ତ ସ୍ଥାନରେ ବାଲି ଉତ୍ତୋଳନ ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ କିନ୍ତୁ ଏଠାରେ ନଦୀ କୂଳରେ ବେଆଇନ ବାଲି ସାଇରାତ ଗଢି ଉଠିଛି। ଯେଉଁଠୁ କି ନିୟମିତ ଭାବେ ଟ୍ରାକ୍ଟରରେ ଟ୍ରିପ ଟ୍ରିପ ବାଲି ଉତ୍ତୋଳନ ହୋଇ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି।

**ରୋକିବାରେ ପ୍ରଶାସନ ବିଫଳ**

ବାଲି ମାଫିଆ ବିନା ଡରରେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଛନ୍ତି ଫଳରେ ମାଫିଆଙ୍କ ନିମନ୍ତେ ଭୂସ୍ୱର୍ଗ ପାଲଟିଛି। ତହସିଲ ଓ ଲୋକଙ୍କ ଦୃଷ୍ଟିରୁ ବର୍ଷ ବାଲି ଉତ୍ତୋଳନ କରିବା ପାଇଁ ନିଆରା ଢଙ୍ଗରେ କାର୍ଯ୍ୟ ଜାରି ରଖିଛନ୍ତି। ଟ୍ରାକ୍ଟର ନଦୀ ମଧ୍ୟକୁ ନ ଯାଇ ଉଚ୍ଚ ସ୍ଥାନରେ ରହୁଛି। ନଦୀ ପାନୀୟ ଜଳ ପ୍ରକଳ୍ପ ପଛ ପଟକୁ ଗଛ ମଧ୍ୟରେ ଲୁଚିକି ରହୁଛି। କିଛି ଶ୍ରମିକଙ୍କୁ ବାଲି ଲୋଡିଂ କାର୍ଯ୍ୟରେ ନିୟୋଜିତ କରାଯାଉଛି। ନଦୀ ମଧ୍ୟରୁ ବାଲି ଆଣି ଟ୍ରାକ୍ଟରରେ ଲୋଡିଂ ହେଉଛନ୍ତି। ଫଳରେ ଟ୍ରାକ୍ଟର ଗୋଟିଏ ସ୍ଥାନରେ ଲୁଚି ଛପି ରହୁଥିବାବେଳେ ବେଆଇନ ଭାବେ ବାଲି ଉତ୍ତୋଳନ ଜାରି ରଖିଛନ୍ତି। ସହଜରେ କାହାରି ନଜରରେ ନ ଆସି ନିୟମିତ ଟ୍ରିପ ଟ୍ରିପ ବାଲି ଉତ୍ତୋଳନ କରୁଛନ୍ତି। ବାମନଘାଟି ଉପଖଣ୍ଡରେ ବେଆଇନ ବାଲି ଚୋରା ଚାଲାଣ ମାତ୍ରା ଅନେକ ବୃଦ୍ଧି ପାଉଥିଲେ ସୁଦ୍ଧା ରୋକ ଲାଗି ପାରୁନାହିଁ। ବାମନଘାଟି ଉପଖଣ୍ଡରେ ଖଣି ବିଭାଗ କାର୍ଯ୍ୟାଳୟ ଅଭାବରୁ ନିୟମିତ ଚଢ଼ଉ ପ୍ରକ୍ରିୟା ହୋଇପାରୁନାହିଁ। ଖଡ଼ଖାଈ ନଦୀ ଗର୍ଭରୁ ଟ୍ରାକ୍ଟର ଯୋଗେ ମାଫିଆମାନେ ବେଆଇନ ଉତ୍ତୋଳନ କରୁଛନ୍ତି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ରାଜସ୍ୱ ମଧ୍ୟ ହାନି ହେଉଛି। ଏସମ୍ପର୍କରେ ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶାଳଙ୍କୁ ପଚାରିବାରୁ ଅଗକୁ ଚଢ଼ଉ ପ୍ରକ୍ରିୟା କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


## ଜୟପୁର ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ




**କୁଆମରା, ୧୧।୧(ସମିସ):** ଗୋପବନ୍ଧୁନଗର ବ୍ଲକ ଜୟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଘାଟିତ ହୋଇଛି। ପ୍ରଧାନଶିକ୍ଷକ ଦେବବ୍ରତ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଡେଇ, ସମ୍ମାନିତ ଅତିଥି ଲୋକବନ୍ଧୁ ସାଂସଦ ନବଚରଣ ମାଝୀ, ପୁରାତନ ଛାତ୍ର ସଂଘର ସଂଯୋଜକ ବାଳକୃଷ୍ଣ ଦାସବାବୁ, ଉପସଭାପତି ଅମର ନାୟକ, ସମ୍ପାଦକ ସମୀର ଷଡଙ୍ଗୀ ଯୋଗଦେଇ ଛାତ୍ରଛାତ୍ରୀ ଦେଶର ଜଣେ ଭବିଷ୍ୟତ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ଅତିଥିଙ୍କ ଦ୍ୱାରା ସ୍ୱର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପୁରାତନ ଶିକ୍ଷକ ଓ ଆଲୁମିନିଙ୍କୁ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ମୋନାଲିସା ଭଞ୍ଜ ଓ ଶିକ୍ଷକ ହରେକୃଷ୍ଣ ମହାନ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ଲକ ଶିକ୍ଷାଧିକାରୀ ଡଃ ଅଭିମନ୍ୟୁ ସେଠୀ, ସିଆରସିସି ହିମାଂଶୁ ଆଚାର୍ଯ୍ୟ, ଅବସରପ୍ରାପ୍ତ ଅନୁଶିକ୍ଷା ନିରୀକ୍ଷକ ପଣ୍ଡିତ ଲକ୍ଷ୍ମୀଧର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର, ପ୍ରଧାନଶିକ୍ଷକ ହରିହର ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ରଜତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ମୃତ୍ୟୁଞ୍ଜୟ ପତିଙ୍କୁ ଶ୍ରଦ୍ଧାଞ୍ଜଳି

**ଶୁଳିଆପଦା, ୧୧।୧(ସମିସ):** ଦେଉଳି ପଞ୍ଚାୟତ ସମ୍ମିଳନୀ କକ୍ଷରେ ସ୍ଥାନୀୟ ସରପଞ୍ଚ ସୋନାଲି ସୋରେନଙ୍କ ପୁରୁଖା ରାଜନେତା ମୃତ୍ୟୁଞ୍ଜୟ ପତିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ହୋଇଯାଇଛି। ସେ ଏହି ପଞ୍ଚାୟତର ସରପଞ୍ଚ ଭାବେ ଦୀର୍ଘ ୫ ବର୍ଷ ଦାୟିତ୍ୱ ନିର୍ବାହ କରିଥିଲେ। ସଭାରେ ପୂର୍ବତନ ବ୍ଲକ ଚେୟାରମ୍ୟାନ ଭାଗବତ ମାର୍ଣ୍ଡି, ପୂର୍ବତନ ନାଏବ ସରପଞ୍ଚ ପୁରୁଷୋତ୍ତମ ଘୋଷ, କୃଷ୍ଣଚନ୍ଦ୍ର ଭଞ୍ଜଦେଓ, ଓମପ୍ରକାଶ ଘୋଷ, ଶାନ୍ତନୁ ଧଳ, ସରୋଜ ଶେଜପଡ଼ା, ଦୀପକ ଚେହେରା, ରାମ ଧଳ, ସାମରାୟ ହାଁସଦା, ଦୀପା ମୁଖି ପ୍ରମୁଖ ଯୋଗଦେଇ ମୃତ୍ୟୁଞ୍ଜୟ ନନାଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ।

### ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା

## ମେଜର ରବୀନ୍ଦ୍ର ପରିଡ଼ା ସଭାପତି, ପ୍ରଦୀପ ପାଣି ସମ୍ପାଦକ



**ବାରିପଦା, ୧୧।୧(ସମିସ):** ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ ସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାସେଶ୍ୱର ସାହୁଙ୍କ ସଭାପତିତ୍ୱ ଓ ବରିଷ୍ଠ ଉପଦେଷ୍ଟା ଡାକ୍ତର ପିଏନ ଭୂୟାଁଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ପ୍ରଥମେ ସମ୍ପାଦକ ବିଜୟକୁମାର ମହାପାତ୍ର ବାର୍ଷିକ ବିବରଣୀ ସହ ଖର୍ଚ୍ଚ ବିବରଣୀ ପ୍ରଦାନ କରିଥିଲେ। ଉପସ୍ଥିତ ସଭ୍ୟସଭ୍ୟା ଏହା ଉପରେ ବିସ୍ତୃତ ଆଲୋଚନା କରି ଏହାକୁ ଅନୁମୋଦନ କରିଥିଲେ। ତତ୍ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ମେଜର ରବୀନ୍ଦ୍ର ନାଥ ପରିଡ଼ା, ଉପସଭାପତି ସୁଶ୍ରୀ ବୀଣାପାଣି ପଣ୍ଡା ଓ ନଳୀନ କୁମାର ଚୌଧୁରୀ, ସମ୍ପାଦକ ପ୍ରଦୀପ କୁମାର ପାଣି, ଯୁଗ୍ମସମ୍ପାଦକ ସନ୍ତୋଷ କାସ୍ତ, କୋଷାଧ୍ୟକ୍ଷ ଭାବେ ପ୍ରଦୀପ ନାୟକ ମନୋନୀତ ହୋଇଥିଲେ। ଏଥିସହ ଇସି ମେମ୍ବର ଭାବେ ସଞ୍ଜୀବ ଦଣ୍ଡପାଟ, ବସନ୍ତ ପାତ୍ର, ସଞ୍ଜୟ ନାୟକ, ଦିଲ୍ଲୀପ ଦାସ ଓ ଚିନ୍ମୟ ଦାସ ମନୋନୀତ ହୋଇଥିଲେ।

## ଆରୋଗ୍ୟ ମିତ୍ର ନିମନ୍ତେ ନିଯୁକ୍ତି ଶିବିର

**ବିଶୋଇ, ୧୧।୧ (ସମିସ):** ଜଳବାୟୁ ସୁରକ୍ଷା ପରିଷଦ ପକ୍ଷରୁ ଆରୋଗ୍ୟ ମିତ୍ର ନିମନ୍ତେ ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। ଜଳବାୟୁ ସୁରକ୍ଷା ପରିଷଦ ଆବାହକ ଜ୍ଞାନରଞ୍ଜନ ସ୍ୱାଇଁଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଳବାୟୁ ସୁରକ୍ଷା ପରିଷଦର ବ୍ଲକ ସଂଯୋଜକ ସତ୍ୟବାନ ସାହୁ ଓ ରାଜୀବ ପ୍ରଧାନ ଅଧ୍ୟକ୍ଷତା କରି ସୁସ୍ଥ ଶରୀର ଗଠନ ନିମନ୍ତେ ଆୟୁର୍ବେଦ ଓ ଯୋଗାଭ୍ୟାସକୁ ଆପଣେଇବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ସମ୍ମାନିତ ଅତିଥି ଭାବେ ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ସାମ୍ବାଦିକ ତୁଷାରକାନ୍ତ ମହାନ୍ତ, ସମାଜସେବୀ ପୁରୁଷୋତ୍ତମ ମହାନ୍ତ, ବିଶୋଇ ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ୱାର୍ଡସଭ୍ୟା ଦୀପ୍ତିମୟୀ ରାଜ, ସମାଜସେବୀ ଖେଲାରାମ ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ। ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ତରକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଆୟୁର୍ବେଦ ଚିକିତ୍ସକ ଡାକ୍ତର ପ୍ରୋମଦ ମହାନ୍ତି ଓ ଯୋଗ ପ୍ରଶିକ୍ଷକ ଲଟନ ମାଝୀ କହିଥିଲେ। ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡ ସମେତ କେନ୍ଦୁଝର ଜିଲ୍ଲାର ସମୁଦାୟ ୩୨ ଜଣ ଯୁବକଯୁବତୀ ଆରୋଗ୍ୟ ମିତ୍ର ଶିବିରରେ ୧୦ ଦିନ ପ୍ରଶିକ୍ଷଣ ନେବା ପରେ ପଞ୍ଚାୟତ ସ୍ତରରେ ନିଯୁକ୍ତି ପାଇ ଲୋକଙ୍କୁ ଯୋଗ ଶିକ୍ଷା ଓ ଆୟୁର୍ବେଦ ଚିକିତ୍ସା ଯୋଗାଇବେ।

## ମନରେଗା ନାମ ପରିବର୍ତ୍ତନକୁ ନେଇ ବର୍ଷିଲା କଂଗ୍ରେସ



**କରଞ୍ଜିଆ, ୧୧।୧(ସମିସ):** ସ୍ଥାନୀୟ କରଞ୍ଜିଆ କଲ୍ୟାଣ ମଣ୍ଡପରେ ପଶ୍ଚିମ ମୟୂରଭଞ୍ଜ ସାଂଗଠନିକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ମନରେଗା)ରେ ବ୍ୟାପକ ପରିବର୍ତ୍ତନ, ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ ପ୍ରଦାନ ଓ ଧାନ କିଣାରେ ମଣ୍ଡିରେ ଅବ୍ୟବସ୍ଥା ନେଇ କଡ଼ା ସମାଲୋଚନା କରାଯାଇଛି। ମନରେଗା ଆଇନକୁ ରଦ୍ଦ କରି କେନ୍ଦ୍ର ସରକାର ଗତ ଶୀତକାଳୀନ ଅଧିବେଶନରେ ତରବରିଆ ଭାବେ ବିକଶିତ ଭାରତ-ଗ୍ରାମୀଣ ରୋଜଗାର ଓ ଆଜୀବିକା ମିଶନ ଆଇନ ବିରୋଧୀଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ପାଶ କରିଥିଲେ। ସର୍ବଭାରତୀୟ କଂଗ୍ରେସ କମିଟି ପକ୍ଷରୁ ଦେଶବ୍ୟାପୀ ମନରେଗା ଆଇନକୁ ପୁନଃ ଫେରାଇ ଆଣିବା ଦାବିରେ ଆନ୍ଦୋଳନ ଡାକରା ଦିଆଯାଇଛି। ଜିଲ୍ଲା କଂଗ୍ରେସ ପକ୍ଷରୁ ମାସ ବ୍ୟାପୀ ପଞ୍ଚାୟତ ଓ ବୁଥ ସ୍ତରରେ ଲୋକଙ୍କୁ ସଚେତନ କରିବା ସହ କେନ୍ଦ୍ର ସରକାରଙ୍କ ନିକଟରେ ଚାପ ପକାଇବା ନିମନ୍ତେ ଆନ୍ଦୋଳନ କରାଯିବ ବୋଲି ବକ୍ତାମାନେ କହିଛନ୍ତି। ସେହିପରି ଓଡ଼ିଶା ବିଜୁଳି ଉତ୍ପାଦନରେ ବଳକା ରାଜ୍ୟ ହୋଇଥିଲେ ମଧ୍ୟ ସରକାର ଘରୋଇ ଉପଭୋଗ ପାଇଁ ୩୦୦ ୟୁନିଟ୍ ମାଗଣା ଦେବା ନିର୍ବାଚନ ପ୍ରତିଶ୍ରୁତି ପାଳନ କରୁନାହାନ୍ତି। ପଞ୍ଜାବ, ମହାରାଷ୍ଟ୍ର, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ କୃଷି କାର୍ଯ୍ୟ ପାଇଁ ମାଗଣା ବିଜୁଳି ମିଳୁଥିବାରୁ ସେମାନେ କୃଷି କ୍ଷେତ୍ରରେ ଆଗୁଆ ଅଛନ୍ତି। ଓଡ଼ିଶାରେ ସର୍ବମୋଟ ବିଦ୍ୟୁତ ଉତ୍ପାଦନର କେବଳ ୨ ପ୍ରତିଶତ କୃଷି କାର୍ଯ୍ୟରେ ଲାଗୁଛି। କଂଗ୍ରେସ ଦଳ ତରଫରୁ ଆଗାମୀ ଦିନରେ କୃଷି ପାଇଁ ସମ୍ପୂର୍ଣ୍ଣ ଓ ଘରୋଇ ଉପଭୋଗ ପାଇଁ ୩୦୦ ୟୁନିଟ୍ ମାଗଣା ପ୍ରଦାନ ପାଇଁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ମଣ୍ଡିରେ ଅନେକ ଅବ୍ୟବସ୍ଥା ରହୁଛି। ଚାଷୀ ଅପେକ୍ଷାକୃତ ଭାବରେ ଏଥର କମ୍ ଧାନ ବିକିବା ପାଇଁ ଟୋକନ ପାଇଥିବାରୁ ଅସନ୍ତୋଷ ବଢ଼ୁଛି। କଟ୍‌ନି ୫ରୁ ୧୦ କେଜି ଯାଏଁ ହେଉଛି। ଏ ନେଇ କଂଗ୍ରେସର ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁ, କଂଗ୍ରେସର ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ସିଂ ପ୍ରମୁଖ କ୍ଷୋଭ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ରାହୁଲ ସିହ୍ନା, ବରିଷ୍ଠ ନେତା କେଦାର ସେଠୀ, ଲାଲନ ସିହ୍ନା, ବିକାଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ସାନପୁରୁଣାପାଣିରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



**ବିଶୋଇ, ୧୧।୧(ସମିସ):** ବିଶୋଇ କୃଷକ ଉତ୍ପାଦକ ସଂଘ ପକ୍ଷରୁ ବିଶୋଇ ବ୍ଲକ ସାନପୁରୁଣାପାଣି ପଞ୍ଚାୟତସ୍ଥ ସିଏଚସିରେ ମାଣ୍ଡିଆ ମଣ୍ଡି ଉଦଘାଟନ ହୋଇଯାଇଛି। ଗ୍ରାମ ସ୍ୱରାଜର ବ୍ଲକ ସଂଯୋଜକ ଦିବାକର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ତୁଳସୀ ସିକ୍ରି ହାଁସଦା ମୁଖ୍ୟଅତିଥି ଭାବରେ ଯୋଗଦେଇ ଫିତାକାଟି ମଣ୍ଡିକୁ ଉଦଘାଟନ କରିଥିଲେ। ଉତ୍ତମ ସ୍ୱାସ୍ଥ୍ୟ ଗଠନ ଦିଗରେ ମାଣ୍ଡିଆ ଶରୀର ପାଇଁ ବିଶଲ୍ୟକରଣୀ ଥିବାବେଳେ ଅଧିକରୁ ଅଧିକ ମାଣ୍ଡିଆ ଚାଷ କରିବା ପାଇଁ ଚାଷୀଙ୍କୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ଲୋକନାଥ ମିଶ୍ର, ଟିଡିସିସିର ସଂଯୋଜକ ସୁକୁମାର ଜେନା, ସାନପୁରୁଣାପାଣି ସରପଞ୍ଚ ଭବାନୀ ସୋରେନ, ସହକାରୀ କୃଷି ଅଧିକାରିଣୀ ସଞ୍ଜନା ମହାନ୍ତ, କୃଷକ ଉତ୍ପାଦକ ସଂଘର ନିର୍ଦ୍ଦେଶକ ଭାଗବତ ରାମ ଟୁଡୁ, ୱାସନର କର୍ମକର୍ତ୍ତା ତ୍ରିଲୋଚନ ସବର, ଅଭୟ ବେହେରା, ଜ୍ୟୋତିପ୍ରକାଶ ପାତ୍ର ପ୍ରମୁଖ ଯୋଗଦାନ କରି ମାଣ୍ଡିଆର ବିଭିନ୍ନ ଉପକାରିତା ଓ ଚାଷ ପାଇଁ ମିଳୁଥିବା ସରକାରୀ ପ୍ରୋତ୍ସାହନ ସମ୍ବନ୍ଧରେ ସୂଚନା ଦେଇଥିଲେ। ମଣ୍ଡି ଖୋଲିବାର ପ୍ରଥମ ଦିନରେ ୫ ଜଣ ଚାଷୀଙ୍କଠାରୁ ୧୬.୫ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଥିବାବେଳେ ପ୍ରତି ଶୁକ୍ରବାର ମାଣ୍ଡିଆ ମଣ୍ଡି ଖୋଲା ରହିବାର ବ୍ଲକ ସଂଯୋଜକ ଦିବାକର ମହାପାତ୍ର ସମସ୍ତ ଚାଷୀଙ୍କୁ ସୂଚନା ଦେଇଛନ୍ତି। ଗ୍ରାମ ସ୍ୱରାଜର ଅତିରିକ୍ତ ବ୍ଲକ ସଂଯୋଜକ ଦିବ୍ୟଜ୍ୟୋତି ଦାସବାବୁ, ଗୋଷ୍ଠୀ ସମ୍ବଳ କର୍ମୀ ପ୍ରମୁଖ ସଭା ପରିଚାଳନା କରିଥିଲେ।

## ଉପଖଣ୍ଡସ୍ତରୀୟ ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀଙ୍କ ବୈଠକ



**କରଞ୍ଜିଆ, ୧୧।୧(ସମିସ):** କରଞ୍ଜିଆ ଉପଖଣ୍ଡସ୍ତରୀୟ ଅଣଗେଜେଟେଡ଼ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଙ୍ଘ ଜିଲ୍ଲା ସଭାପତି ଅଭିରାମ ନାଏକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସମ୍ପାଦକ ହରିଶ ବାରିକ ଜିଲ୍ଲା ଉପସଭାପତି ଦେବାଶିଷ ରାଜ, ସହସମ୍ପାଦକ ନିତ୍ୟାନନ୍ଦ କର, ଉପଖଣ୍ଡର ସମସ୍ତ ପ୍ରାଣୀ ସମ୍ପଦ ନିରୀକ୍ଷକ ପ୍ରାଣୀ ସମ୍ପଦ ଯନ୍ତ୍ର ବିଶେଷଜ୍ଞ ଯୋଗ ଦେଇଥିଲେ। ନୂତନ ଭାବେ ବିଭିନ୍ନ ପଦପଦବୀରେ ଅବସ୍ଥାନ ନିମନ୍ତେ ବିଭାଗ ପକ୍ଷରୁ ପଦୋନ୍ନତି ମାଧ୍ୟମରେ ପୂରଣ କରୁଥିବାରୁ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କରଞ୍ଜିଆ ଶାଖା ସଙ୍ଘ ନୂତନ କର୍ମକର୍ତ୍ତା ଭାବେ ମିତ୍ରଭାନୁ ତନ୍ତୀ ସଭାପତି, ପୂର୍ଣ୍ଣଚନ୍ଦ୍ର ସେଠୀ ସମ୍ପାଦକ ନିର୍ବାଚିତ ହୋଇଥିଲେ। ରରୁଆଁ ବ୍ଲକରୁ ମହେନ୍ଦ୍ର ଗିରି, ଶୁକ୍ଳି ବ୍ଲକରୁ ରଜତ ନାଏକ, କରଞ୍ଜିଆ ବ୍ଲକରୁ ସନତ ପଲେଇ, ଠାକୁରମୁଣ୍ଡା ବ୍ଲକରୁ ସୁମନ୍ତ ରାଉତ, ଯଶିପୁର ବ୍ଲକରୁ ଘନଶ୍ୟାମ ମହାନ୍ତ, ମହିଳା ପ୍ରତିନିଧି ଭାବେ ଜ୍ୟୋତ୍ସ୍ନାବାଳା ବାଦି ମନାନୀତ ହୋଇଥିଲେ। ବୈଠକରେ ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଆଶିଷ ଦାସ ପ୍ରାଣୀ ଚିକିତ୍ସା ବିଭାଗରେ ଅଣଗେଜେଟେଡ଼ ପ୍ରାଣୀ ଚିକିତ୍ସା କର୍ମଚାରୀଙ୍କ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବ୍ରଜବନ୍ଧୁ ବେହେରା ନୂତନ କର୍ମକର୍ତ୍ତା ଓ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

## ଜଳସମ୍ପଦ ଅବସରପ୍ରାପ୍ତ ବ୍ରଟଓଭର ୱାର୍କଚାର୍ଜଡ/ୱେଜେସ ସଂଘର୍ଷ ସମିତି ବୈଠକ



**ଉଦଳା, ୧୧।୧(ସମିସ):** ଆଜି ଉଦଳାସ୍ଥ ସନ୍ଧାନଗୃହରେ ଜଳସମ୍ପଦ ଅବସରପ୍ରାପ୍ତ ବ୍ରଟଓଭର ୱାର୍କ ଚାର୍ଜଡ/ୱେଜେସ(ରେଗୁଲାର) ସଂଘର୍ଷ ସମିତି, ଭୁବନେଶ୍ୱର ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅବସରପ୍ରାପ୍ତ କର୍ମଚାରୀ ସଦାନନ୍ଦ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଭାପତି ଆଦିକନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ନରେଶ ଭଞ୍ଜ, ଅଜିତ ଦାସ, ସଭାପତି ବିଜୟ ମାହାର୍ଣ୍ଣା, କାର୍ଯ୍ୟକାରୀ ସଭାପତି ମନୋଜ ପତି, ପ୍ରସନ୍ନ ପ୍ରଧାନ ପ୍ରମୁଖ ଯୋଗଦେଇ ସଂଘର୍ଷ ସମିତିର ଦୁଇଟି ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ୧୯୯୨ ପ୍ରଚଳିତ ପେନସନ ଓ ପିଜି ଆକ୍ଟ ୧୯୭୨ ଅନୁଯାୟୀ ଜଳ ସମ୍ପଦ ବିଭାଗ ଅବସର୍‌ରାପ୍ତ ବ୍ରଟଓଭର ୱାର୍କ ଚାର୍ଜଡ/ୱେଜେସ ରେଗୁଲାର ମାନ୍ୟତା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଂଘର୍ଷ ସମିତିର ନ୍ୟାର୍ଯ୍ୟ ଦାବି ଦ୍ୱୟକୁ ନେଇ ମୁଖ୍ୟଅତିଥି ତଥା ସରକାରୀ ଦଳର ବରିଷ୍ଠ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ସରକାରଙ୍କ ନିକଟରେ ଉପସ୍ଥାପନ ପୂର୍ବକ ପଦକ୍ଷେପ ଗ୍ରହଣ କରିବା ଦିଗରେ ପ୍ରଚେଷ୍ଟା କରିବାର ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ଦାବି ପୂରଣ ପାଇଁ ସଂଗ୍ରାମ ଜାରି ରହିବ ବୋଲି ସମିତି କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ। ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

## 'ବୟସର ସୁବର୍ଣ୍ଣ ସମୟରେ ସର୍ବାଗ୍ରେ ପଢ଼ାକୁ ଗୁରୁତ୍ୱ ଦିଅ'



**ଶୁକ୍ଳି, ୧୧।୧(ସମିସ):** ରରୁଆଁସ୍ଥ ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ମନ୍ମଥ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂସ୍କୃତି ଗବେଷକ ସୁଧାଂଶୁ ଶେଖର ଗିରି ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଅଜିତ ତିରିଆ, ବିଜେପି ବ୍ଲକ ସଭାପତି ରଞ୍ଜନ ଦଲେଇ, ସରପଞ୍ଚ ଝୁନାରାଣୀ ପିଙ୍ଗୁଆ, ସମିତିସଭ୍ୟ ଜୟସିଂ ପୂର୍ତ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ବୟସର ସୁବର୍ଣ୍ଣ ମୁହୂର୍ତ୍ତ ବିତାଉଥିବା ଅଧ୍ୟୟନରତ ଛାତ୍ରଛାତ୍ରୀ ସର୍ବାଗ୍ରେ ପଢ଼ାକୁ ଗୁରୁତ୍ୱ ଦେବାକୁ ମୁଖ୍ୟଅତିଥି ଶ୍ରୀ ଖୁଣ୍ଟିଆ ପରାମର୍ଶ ଦେଇଥିଲେ। ଓଲିଉଡ଼ ହାସ୍ୟ ଅଭିନେତା ହରିହର ମହାପାତ୍ର, କଣ୍ଠ ଶିଳ୍ପୀ ସୌଜନ୍ୟା ରଥ ଓ ସାଥି କଳାକାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ସମୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ବଳଭଦ୍ର ବଳଭଦ୍ର ନାଏକ, ମହାବିଦ୍ୟାଳୟ ପ୍ରତିଷ୍ଠା ସଦସ୍ୟ ଦେବରାଜ ମହାନ୍ତ, ସ୍ୱରୂପ ଦାସ ଅଧିକାରୀ, ପ୍ରଶାନ୍ତ କୁମାର ଦାସ ଅଧିକାରୀ, ଭାସ୍କର ଚନ୍ଦ୍ର ପଲେଇ ଯୋଗ ଦେଇଥିବାବେଳେ ସାମାଜିକ କର୍ମୀ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ନରୋତ୍ତମ ତନ୍ତୀ ମଞ୍ଚ ସଞ୍ଚାଳନ କରିଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

### ରୟାଲ୍ସ ପ୍ରିମିୟର ଲିଗ୍ ଉଦ୍‌ଯାପିତ

## ପରୀ ଚ୍ୟାଲେଞ୍ଜର ଚାମ୍ପିଅନ, ଭି ରୋର ରନର୍ସଅପ୍




**ବାରିପଦା, ୧୧।୧(ସମିସ):** ଷ୍ଟେସନ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଏକାଦଶତମ ରୟାଲ୍ସ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ପରୀ ଚ୍ୟାଲେଞ୍ଜର ୩୬ ରନରେ ଭି ରୋରକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସାଂସଦ ମମତା ମହାନ୍ତ ଖେଳକୁ ଉଦଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମେ ବ୍ୟାଟିଂ କରି ପରୀ ଚ୍ୟାଲେଞ୍ଜର ୧୨ ଓଭରରେ ୭ ୱିକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭେନ୍ଦୁ ଦାଶ ୪୨, ଜେ କେ ସଞ୍ଜୀବ ୩୨ ଓ ଶଙ୍କର ସାହୁ ୨୫ ରନ କରିଥିବାବେଳେ ବିପକ୍ଷ ଦଳର ଆଦିତ୍ୟ ବସା, ଶିବନାରାୟଣ ନାଏକ ଓ ଅଭିଷେକ ପରିଡ଼ା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଭି ରୋର ଦଳ ୧୨ ଓଭରରେ ୯ ୱିକେଟ ହରାଇ ୧୧୮ ରନ କରିଥିଲା। ଦଳ ପକ୍ଷରୁ ଅଭିଷେକ ପରିଡ଼ା ୩୩ ଓ ମୃଣ୍ମୟ କୁମାର ଜେନା ୨୯ ରନ କରିଥିବାବେଳେ ବିପକ୍ଷ ଦଳର ମାନସ ସିଂ ୩ଟି, ଭିକି ମାହାନା ଓ ଅଭିଜିତ ବାରିକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଲକ୍ଷ୍ମୀଧର ସିଂ, ପ୍ରସନ୍ନଜିତ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ବିଭୁ ସ୍କୋରର ଓ ରାଜେଶ ସାହୁ ମ୍ୟାଚ୍ ରେଫରୀ ଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ।

ଲିଗର ଅଧ୍ୟକ୍ଷ ଗିରିଶ ଦାସଙ୍କ ସଭାପତତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଅଧ୍ୟକ୍ଷ ସଞ୍ଜୀବ ରାଉତ ଓ ସଭାପତି ପିଣ୍ଟୁ ମାଇତି ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଗର ସଭାପତି ସଞ୍ଜୀବ ଦ୍ୱିବେଦୀ, ସମ୍ପାଦକ ଦେବାଶିଷ ପାତ୍ର, ଷ୍ଟେସନ ଆଥଲେଟିକ ଆସୋସିଏସନର ଉପସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ, ବରିଷ୍ଠ ସଦସ୍ୟ ପୱନ କୁମାର ଅଗ୍ରୱାଲ, ବିଜୟ କୁମାର ଅଗ୍ରୱାଲ ଓ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍‌ର ମ୍ୟାନ ଅଫ ଦି ମ୍ୟାଚ ଶୁଭେନ୍ଦୁ ଦାଶ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଶ୍ରେଷ୍ଠ ଖେଳାଳି ଭାବେ ଆଦିତ୍ୟ ବସା, ଶ୍ରେଷ୍ଠ ବୋଲର ଭାବେ ଶିବନାରାୟଣ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଚାମ୍ପିଅନ ଦଳକୁ ୧ ଲକ୍ଷ ୨୦ ହଜାର ଟଙ୍କା ଓ ଟ୍ରଫି, ରନର୍ସଅପ ଦଳକୁ ୯୦ ହଜାର ଟଙ୍କା ଓ ଟ୍ରଫି, ତୃତୀୟ ସ୍ଥାନ ଅଧିକାର କରିଥିବା ମା' ତାରିଣୀ ୱାରିୟର୍ସ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଆଞ୍ଚେଲରଣା ଦଳକୁ ୨୫ ହଜାର ଟଙ୍କା ଲେଖାଏଁ ଓ ଟ୍ରଫି ପ୍ରଦାନ କରାଯାଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ଜଣେ ବ୍ୟକ୍ତିର ଚରିତ୍ର ସେ କଥାବର୍ତ୍ତାରେ ବ୍ୟବହାର କରୁଥିବା ବିଶେଷଣରୁ ଜଣାପଡ଼ିଥାଏ।
-ମାର୍କ ଟ୍ୱେନ୍

## ନିଷିଦ୍ଧ ଇଲାକା

କମ୍ପ୍ୟୁଟର କିମ୍ବା ସ୍ମାର୍ଟ ମୋବାଇଲ୍ ଫୋନ୍‌ରେ ନିଷିଦ୍ଧ ଚାଇଲ୍ଡ ପର୍ଣ୍ଣ ଭିଡିଓ(ଶିଶୁ ଅଶ୍ଳୀଳ ଦୃଶ୍ୟ) ଦେଖିବା ଅଭିଯୋଗରେ ଗିରଫଦାରୀ ଘଟଣା ଓଡ଼ିଶାରେ ଗତକିଛିଦିନ ହେବ ବଢ଼ୁଛି। ସମାଜରେ ମହିଳାଙ୍କୁ ସମ୍ମାନ ଓ ଶିଶୁଙ୍କୁ ସୁରକ୍ଷା ଦେବାର ମହତ୍ ଉଦ୍ଦେଶ୍ୟ ନେଇ ଓଡ଼ିଆ ସାଇବର ସେଲ୍‌ଫ ଓ ପୁଲିସ୍‌ର ଅପରାଧ ନିୟନ୍ତ୍ରଣ ଶାଖା ଗ୍ରହଣ କରୁଥିବା ଏଭଳି ପଦକ୍ଷେପ ନିଶ୍ଚୟ ସ୍ୱାଗତଯୋଗ୍ୟ। ଗଣମାଧ୍ୟମ ଜରିଆରେ ଏଭଳି ଘଟଣା ଲୋକଲୋଚନକୁ ଆସିଲେ ସଚେତନତା ବଢ଼ିବ ଏବଂ ଇଣ୍ଟରନେଟ୍ 'ଅଶ୍ଳୀଳତା ପ୍ରଚାର କରୁଥିବା ମାଧ୍ୟମ'ର ଅପବାଦରୁ ଅନେକାଂଶରେ ମୁକ୍ତ ହୋଇପାରିବ। କିନ୍ତୁ ଏବେ ସର୍ବସାଧାରଣରେ ଯେଉଁ ପ୍ରଶ୍ନଟି ଉଠୁଛି ତାହା ହେଉଛି ସରକାର ଯେଉଁ ୱେବ୍‌ସାଇଟ୍‌ଗୁଡ଼ିକୁ ଆପତ୍ତିଜନକ ଭାବେ ଚିହ୍ନଟ କରି ନିଷିଦ୍ଧ କରିଛନ୍ତି ସେଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବାରେ ପ୍ରତିବନ୍ଧକ କେଉଁଠି? ଏଥିପାଇଁ ତ ସରକାରଙ୍କ ଦକ୍ଷତା ଓ କ୍ଷମତା ମଧ୍ୟ ରହିଛି। କିନ୍ତୁ ତା' ନ କରି ବ୍ୟବହାରକାରୀଙ୍କୁ ଗିରଫ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଅଯଥା ପୁଲିସ୍ ଓ ନ୍ୟାୟିକ ବ୍ୟବସ୍ଥା ଉପରେ ଚାପ ବଢ଼ିବା ହିଁ ସାର ହେଉଛି। ଏହାଛଡ଼ା କେଉଁ ୱେବ୍‌ସାଇଟ୍ ନିଷିଦ୍ଧ ହୋଇଛି ତାହା ମଧ୍ୟ ନିୟମିତ ସମୟ ବ୍ୟବଧାନରେ ସାର୍ବଜନୀନ ହେଉନାହିଁ। ନିଷିଦ୍ଧ ୱେବ୍‌ସାଇଟ୍‌ମାନେ ନାଁ ବା ଡୋମେନ୍ ପରିବର୍ତ୍ତନ କରି ଅନ୍ୟ ପରିଚୟରେ ୱେବ୍‌ଦୁନିଆରେ ଉପସ୍ଥିତି ଜାରି ରଖିଛନ୍ତି। ତେଣୁ ସେ ଦିଗରେ ସରକାର ଓ ପ୍ରଶାସନ ତତ୍ପର ହେବାକୁ ମତ ପ୍ରକାଶ ପାଉଛି।

ଆମ ଶାସନ-ପ୍ରଶାସନିକ ବ୍ୟବସ୍ଥାର ଏକ ଅପ୍ରିୟ ସତ୍ୟ ହେଲା ପରସ୍ପର ବିରୋଧୀ ନୀତି ଓ ନିଷ୍ପତ୍ତି। ଅବକାରୀ ନୀତିକୁ ଏହାର ଉଦାହରଣ ରୂପେ ନିଆଯାଇପାରେ। ମଦ ବିକ୍ରେତାମାନେ ନିର୍ଦ୍ଦିଷ୍ଟ ସମୟ ଭିତରେ ସରକାରୀ ଗୋଦାମ୍‌ରୁ ନିର୍ଦ୍ଦିଷ୍ଟ ପରିମାଣର ମଦ କ୍ରୟ କରିବା ବାଧ୍ୟତାମୂଳକ ବୋଲି ସରକାର ନିୟମ କରିଛନ୍ତି, ଯାହାକୁ ଏମ୍‌ଜିକ୍ୟୁ(ମିନିମମ୍ ଗ୍ୟାରେଣ୍ଟେଡ୍ କୋଟା) କୁହାଯାଏ। ଅବକାରୀ ନୀତି ଓ ନିୟମ ଅନୁଯାୟୀ ଏମ୍‌ଜିକ୍ୟୁ ସର୍ତ୍ତ ପୂରଣ କରି ନ ପାରିଲେ ସମ୍ପୃକ୍ତ ମଦବିକ୍ରେତାଙ୍କ ଲାଇସେନ୍ସ ବାତିଲ୍ କରିଦେବା କିମ୍ବା ଦୋକାନ ବନ୍ଦ କରିଦେବା ପାଇଁ ସରକାର ଅଧିକୃତ। ତେଣୁ କୋଟା ପୂରଣ କରିବାକୁ ଯାଇ ମଦ ବିକ୍ରେତାମାନେ ସହର ବଜାର ଡେଇଁ ଗାଁଗହଳିରେ ମଦ ବିକ୍ରି କରୁଥିବା ଦେଖାଯାଉଛି। ଏହାଦ୍ୱାରା ରାଜ୍ୟରେ ନିଶାସକ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି, ସାମାଜିକ ସଂହତି ବ୍ୟାହତ ହେଉଛି ଏବଂ ଅପରାଧପ୍ରବଣତା ୫୦% ପର୍ଯ୍ୟନ୍ତ ବଢ଼ୁଛି। ଅପରପକ୍ଷରେ ସରକାର ନିଶାମୁକ୍ତି କେନ୍ଦ୍ରମାନ ଖୋଲିବାକୁ ପ୍ରୋତ୍ସାହନ ଓ ସହାୟତା ଦେଇ ଚାଲିଛନ୍ତି। ସେହିପରି ବାର ଓ ମଦଦୋକାନ୍‌ଗୁଡ଼ିକରେ ନିଶାପାନ ପାଇଁ ସରକାର ଅନୁମତି ଦେଇଛନ୍ତି। ଅଥଚ ସେଠାରୁ ଫେରୁଥିବା ଗରାଖମାନଙ୍କୁ ମଦ ପିଇ ଗାଡ଼ି ଚଳାଇବା ଅପରାଧରେ ଦଣ୍ଡିତ କରାଯାଉଛି। ଯଦି ଏମ୍‌ଜିକ୍ୟୁ କଟକଣା ଉଠି ଯାଆନ୍ତା ତେବେ ମଦ ବିକ୍ରି ସମେତ ଅପରାଧ ପ୍ରବଣତା ହ୍ରାସ ପାଇପାରନ୍ତା ଓ ସାମାଜିକ ଶାନ୍ତି ବଜାୟ ରହିପାରନ୍ତା ବୋଲି ସମାଜ ଓ ମନସ୍ତତ୍ତ୍ୱ ବିଜ୍ଞାନୀମାନେ ମତ ଦେଇ ଆସୁଛନ୍ତି।

ସେହିପରି ସମୟ ଅନ୍ତରାଳରେ ପଲିଥିନ ବ୍ୟାଗ୍ ବ୍ୟବହାରକାରୀଙ୍କ ଉପରେ ଅଧିକୃତ ଅଧିକାରୀମାନେ ଚଢ଼ଉ କରି ଜବତ କରିବା ସହିତ ଜୋରିମାନା ଆଦାୟ କରୁଛନ୍ତି; ଅଥଚ ସେଗୁଡ଼ିକର ଉତ୍ପାଦନ ପାଇଁ ସଂସ୍ଥାମାନଙ୍କୁ ସରକାର ଲାଇସେନ୍ସ ଦେଉଛନ୍ତି। ଏପ୍ରକାର ମତିଗତିକୁ ଆମ ସାମାଜିକ ଚଳଣିରେ 'ଭୂତ ହୋଇ ଲାଗିବା ଗୁଣିଆ ହୋଇ ଝାଡ଼ିବା' କୁହାଯାଏ। ଏଥିରେ ଲାଭ ଗୁଣିଆର ହିଁ ହୁଏ। ଯଦି ନିଶାମୁକ୍ତ କେନ୍ଦ୍ରମାନଙ୍କରେ ଦିନକୁ ଦିନ ନିଶାଖୋରମାନଙ୍କର ଭିଡ଼ ଜମିବ ତେବେ ଏମ୍‌ଜିକ୍ୟୁ ସର୍ତ୍ତ ପୂରଣ ହେବ କେମିତି? ପୁଣି ଯଦି ଠିପିଖୋଲା ମଦ ଦୋକାନ ଓ ବାରମାନଙ୍କରେ ମଦ ପିଇବା ବାରଣ କରାଯିବ ତେବେ ମଦ୍ୟପ ଗାଡ଼ିଚାଳକଙ୍କଠାରୁ ଆଦାୟ କରାଯାଉଥିବା ଜୋରିମାନାରେ ରାଜକୋଷ ସମୃଦ୍ଧ ହେବ କେମିତି? ଏହିସବୁ ଘଟଣା ଆଧାରରେ ତର୍ଜମା କଲା ବେଳେ ପ୍ରଶାସନର ବିବାଦୀୟ ଓ ପରସ୍ପର ବିରୋଧୀ ନୀତି ସ୍ୱତଃ ସମାଲୋଚିତ ହେବା ସ୍ୱାଭାବିକ।

ଏହି ଆଲୋଚନା ନିଷ୍କର୍ଷରୁ ପର୍ଣ୍ଣ ସାଇଟ୍‌ଗୁଡ଼ିକୁ କାହିଁକି ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଉ ନାହିଁ ତାହାର ଉତ୍ତର ଆପାତତଃ ମିଳିସାରିଥିବ। ପାଶ୍ଚାତ୍ୟ ଦେଶରେ ଏଭଳି ଅଶ୍ଳୀଳ ଓ କାମୋଦ୍ଦୀପକ ଦୃଶ୍ୟାବଳୀ ପ୍ରସାର କରୁଥିବା ସାଇଟ୍‌ଗୁଡ଼ିକର ଚାହିଦା ଅଧିକ ଥିବାରୁ ସେଥିରୁ ଆୟର ପନ୍ଥା କଳ୍ପନାତୀତ। କିନ୍ତୁ ରକ୍ଷଣଶୀଳ, ଶିଷ୍ଟ ଓ ସମ୍ଭ୍ରମ ଭାରତୀୟ ସଂସ୍କୃତିରେ ଏଭଳି ଉପକ୍ରମକୁ ପାପାଚାର ଓ ଗର୍ହିତ ବୋଲି ଧରାଯାଉଥିବାରୁ ପର୍ଣ୍ଣସାଇଟ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିବା ବା ବ୍ଲକ କରିବା ବିଧେୟ ନୁହେଁ କି? ଏହାର ଉତ୍ତର ପାଇବାର ବାଟ ଆମକୁ ପୁଣି ଏଭଳି ଏକ ନିଷିଦ୍ଧ ଇଲାକାକୁ ନେଇଯାଉଛି, ଯେଉଁଠି ବାରାଙ୍ଗନାମାନଙ୍କୁ ସମ୍ବିଧାନ ପ୍ରଦତ୍ତ ସ୍ୱଇଚ୍ଛାରେ ବଞ୍ଚିବାର ଅଧିକାର ଆଧାରରେ ମୁକ୍ତ କରାଯାଇଛି, ଅଥଚ ଆଇଟିପିଏ ଆଇନ ଅନୁଯାୟୀ ନିଷେଧ କରାଯାଇଛି। ଚାଇଲ୍ଡ ପର୍ଣ୍ଣସାଇଟ୍ ଦେଖିବା ଅଭିଯୋଗରେ ଗିରଫ ଅଭିଯୁକ୍ତିମାନଙ୍କର ଅଦାଲତରେ ବିଚାର ଆରମ୍ଭ ହେଲେ ଏଭଳି ଅନେକ ଜବାବ ସୁଆଲ୍ ଚାଲିବ। ଉଦ୍ଦିଷ୍ଟ ଆଇନ(ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୪ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନ୍ ୨୦୦୦ ଧାରା ୬୭ଖ) ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରି ଉପଯୁକ୍ତ ଦାୟିତ୍ୱ ନିର୍ବାହ କରିଥିବାରୁ ପୁଲିସ୍ ପ୍ରଶାସନ ସମାଲୋଚିତ ହେବ ନାହିଁ; କିନ୍ତୁ ସମ୍ବିଧାନ ପ୍ରଦତ୍ତ ସ୍ୱାଧୀନ ଅଧିକାରର ପ୍ରଶ୍ନ ଉଠିବ। ବ୍ୟକ୍ତି ସ୍ୱାଧୀନତା, ଗୋପନୀୟତା, ଅଧିକାର ଭଳି ଏଭଳି ଆହୁରି ଅନେକ ଜଟିଳ ପ୍ରସଙ୍ଗ ମଧ୍ୟ ସାମ୍ନାକୁ ଆସିବ, ଯେଉଁ ନିଷିଦ୍ଧ ଇଲାକାରେ ସମାଜର ଅନେକ ପ୍ରତିଷ୍ଠିତ ବ୍ୟକ୍ତି ଆଶ୍ରୟ ନେଇଛନ୍ତି ଓ ଜୀବନକୁ ଉପଭୋଗ କରୁଛନ୍ତି।

## କ୍ଳାନ୍ତ-ଗଣତନ୍ତ୍ର ଓ ରାଜନୀତିର ସ୍ମିତହାସ୍ୟ

ଗୌରୀପ୍ରସାଦ ମହାପାତ୍ର

ଶତସହସ୍ର ସହିଦଙ୍କ ବଳିଦାନ, ଲହୁ-ଲୁହର ସଂଗ୍ରାମ ଓ ଆତ୍ମୋତ୍ସର୍ଗର ପ୍ରତିଦାନରେ ଜନ୍ମ ନେଇଥିବା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ମର୍ଯ୍ୟାଦା କ'ଣ ଏଭଳି ରାଜନୀତିର ଉପହାସ୍ୟ ହେଉଥିବ? ବିଧାନପାଳିକା ଓ ନ୍ୟାୟପାଳିକାର ଲକ୍ଷ୍ମଣରେଖା ଅତିକ୍ରମଣ ଉଦ୍ୟମ ଅନ୍ତରାଳରେ ସମ୍ବିଧାନର ମୂଲ୍ୟବୋଧ କ'ଣ ଅଗ୍ନିପରୀକ୍ଷା ଦେଇ ଚାଲିଥିବ? ସଂସଦୀୟ ଗଣତନ୍ତ୍ର କ'ଣ ସଂଖ୍ୟାଗରିଷ୍ଠତାର କ୍ରୀଡ଼ନକ ହୋଇରହିଯିବ? ପ୍ରାୟ ୫୦ ବର୍ଷ ତଳେ ଜରୁରୀ ପରିସ୍ଥିତି ସମୟରେ ଉଠିଥିବା ଏଭଳି ଏକାଧିକ ପ୍ରଶ୍ନ ଭାରତୀୟ ନାଗରିକଙ୍କ ଅବଚେତନ ମନରେ ଏବେ ପୁଣି ଥରେ ପ୍ରତିଧ୍ୱନିତ ହେଉଛି। ଅଧିକନ୍ତୁ ସ୍ୱାଧୀନୋତ୍ତର ଭାରତରେ ନିରାମୟ-ଗଣତନ୍ତ୍ର ପ୍ରତି ବିଗତ ଶତାବ୍ଦୀର ଷାଠିଏ ଦଶକର ଶେଷାର୍ଦ୍ଧରୁ ଜନ୍ମ ନେଇସାରିଥିବା ଦ୍ୱନ୍ଦ୍ୱ ବିଜଡ଼ିତ ଧାରଣା ସମୟ, ଆଧାର, ପଟ୍ଟ ଓ ପାତ୍ର ଅନୁଯାୟୀ କେବେ ମନ୍ଥର ତ କେବେ ପ୍ରଖର ହୋଇଛି।

ସ୍ୱାଧୀନୋତ୍ତର ୭୮ ବର୍ଷର ନାତିଦୀର୍ଘ ଇତିହାସରେ ଭାରତୀୟ ଗଣତନ୍ତ୍ର ଏଭଳି ଅନେକ ଅବିଶ୍ୱାସ ଓ ଅନିଶ୍ଚିତାର ବାତାବରଣ ଦେଖିଛି, ଯାହାର ପ୍ରଖରତା 'ମଜ୍‌ବୁର ସରକାର'(ମେଣ୍ଟ) ଅମଳରେ ଦୁର୍ବଳ ଏବଂ 'ମଜବୁତ୍ ସରକାର'(ସଂଖ୍ୟାଗରିଷ୍ଠ) ଅମଳରେ ସବଳ ହୋଇଛି। ଏଭଳି ଅନେକ ଘଟଣା ଘଟିଛି, ଯେଉଁଠି ରାଜନୈତିକ ବିଜୟ ଉଲ୍ଲାସର ସ୍ମିତହାସ୍ୟରେ ସାମ୍ବିଧାନିକ ବିଧିବ୍ୟବସ୍ଥା ବିବଶ ଓ ଗଣତନ୍ତ୍ର ଅପମାନିତ ହୋଇଛି। ଗଣତନ୍ତ୍ରର ମନ୍ଦିର ସଂସଦରେ ଏଭଳି ଉଦ୍ଭଟ ଘଟଣା ମଧ୍ୟ ଘଟିଛି, ଯେଉଁଠି ଏକକ ସଂଖ୍ୟାଗରିଷ୍ଠ ଦଳ ବିରୋଧୀ ଆସନରେ ବସିଛି; ଦ୍ୱିତୀୟ ସଂଖ୍ୟାଗରିଷ୍ଠ ଦଳ ସରକାରକୁ ବାହାରୁ ସମର୍ଥନ ଦେଇଛି; ତୃତୀୟ ସଂଖ୍ୟାଗରିଷ୍ଠ ଦଳ ମେଣ୍ଟରେ ରହିଛି, କିନ୍ତୁ ସରକାରରେ ସାମିଲ୍ ହୋଇନାହିଁ; ଗୋଟିଏ ଦଳର ମାତ୍ର ଜଣେ ନିର୍ବାଚିତ ସାଂସଦ ମନ୍ତ୍ରିପରିଷଦର ସଦସ୍ୟ ରହିଛନ୍ତି। ଅନେକ ରାଜ୍ୟ ବିଧାନସଭାରେ ଏକକ ସଂଖ୍ୟାଗରିଷ୍ଠ ଦଳକୁ ବିରୋଧୀ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି, ଦ୍ୱିତୀୟ ସଂଖ୍ୟାଗରିଷ୍ଠ ଦଳ ସରକାର ଗଢ଼ିଛି। ଜଣେ ନେତା ୧୫ ଦିନରେ ୩ ଥର ଦଳ ପରିବର୍ତ୍ତନ କରିଛନ୍ତି। ଦଳବଦଳ ଯୋଗୁଁ ଗତ ୭୫ ବର୍ଷ ମଧ୍ୟରେ ୩୬ଟି ନିର୍ବାଚିତ ସରକାର ଭାଙ୍ଗିଛି। ବିଧାନସଭା ଓ ଲୋକସଭାର ଗଣତାନ୍ତ୍ରିକ ମର୍ଯ୍ୟାଦାକୁ କଳଙ୍କିତ କରିଥିବା 'ଘୋଡ଼ାବେପାର' ସଂସ୍କୃତି ରାଜ୍ୟସଭାକୁ ପ୍ରବେଶ କରିଛି। 'ଆଜି ଇସ୍ତଫା ଆସନ୍ତା କାଲି ପୁନଃନିର୍ବାଚନ' କୌଶଳରେ ରାଜ୍ୟସଭା ସାଂସଦମାନେ ଇସ୍ତଫା ଦେଇ ପୁଣି ସେହି ଆସନ ପାଇଁ ସେହି ରାଜ୍ୟ ବିଧାନସଭାରୁ ଅଥଚ ଅନ୍ୟଦଳର ବିଧାୟକଙ୍କ ଦ୍ୱାରା ନିର୍ବାଚିତ ହୋଇ ପବିତ୍ର ସମ୍ବିଧାନର ବିଧିବ୍ୟବସ୍ଥାକୁ ଉପହାସ କରିଛନ୍ତି। ଜଣେ ବ୍ୟକ୍ତି ଉଭୟ ସାଂସଦ ଓ ମୁଖ୍ୟମନ୍ତ୍ରୀ ପଦରେ ରହିଛନ୍ତି ଏବଂ ସଂସଦରେ ଆଗତ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟ ଦେଇ ଜାତୀୟ ରାଜକୋଷ ଉପରେ ହଜାରେ କୋଟି ଟଙ୍କାର ନିର୍ବାଚନୀ ବୋଝ ଲଦି ଦେଇଛନ୍ତି। ପୁଣି ଜଣେ ନେତା ଥରେ ମଧ୍ୟ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ନ କରି ଗୋଟିଏ ରାଜ୍ୟରୁ ୨୦ ବର୍ଷରେ ୧୦ ଥର ମୁଖ୍ୟମନ୍ତ୍ରୀ(ହାରାହାରି ପ୍ରତି ଦୁଇବର୍ଷରେ ଥରେ) ଭାବେ ଶପଥ ନେଇଛନ୍ତି।

ଆମ ଗଣତନ୍ତ୍ର ୭୮ ବର୍ଷ ଭିତରେ ଏଭଳି ଶାରୀରିକ ଓ ମାନସିକ ଯନ୍ତ୍ରଣା ମଧ୍ୟ ସହିଛି, ଯେଉଁଠି ତା'କୁ ଦୁର୍ବଳ କରିବା ପାଇଁ ତା'ର ଜନ୍ମଦାତା(ସମ୍ବିଧାନ)କୁ ତା' ବିରୋଧରେ ପ୍ରୟୋଗ କରାଯାଇଛି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ସରକାରକୁ ସମ୍ବିଧାନର ଧାରା ୩୫୬(ରାଷ୍ଟ୍ରପତି ଶାସନ) ପ୍ରୟୋଗ କରି ଭାଙ୍ଗି ଦିଆଯାଇଛି। ସରକାରିଆ କମିଶନ୍‌ଙ୍କ ରିପୋର୍ଟ ଅନୁଯାୟୀ ୧୯୫୧ରୁ ୧୯୮୭ ମସିହା ମଧ୍ୟରେ ରାଷ୍ଟ୍ରପତି ଶାସନ ଜାରି ନିଷ୍ପତ୍ତି ମଧ୍ୟରୁ ୫୦% ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବା ସାମ୍ବିଧାନିକ ବ୍ୟବସ୍ଥାର ଦୁରୁପଯୋଗ ହୋଇଛି। ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ଶାସନ ସମ୍ବିଧାନ ପ୍ରଣୟନ ହେବାର ମାତ୍ର ବର୍ଷ ପରେ ହିଁ ପଞ୍ଜାବରେ ପ୍ରୟୋଗ ହୋଇଛି ଏବଂ ଅଦ୍ୟାବଧି ୧୩୪ଥର ପ୍ରୟୋଗ ହୋଇସାରିଛି। ଆମ ଗଣତନ୍ତ୍ର ଏହି ବ୍ୟବସ୍ଥାର ସର୍ବାଧିକ (ଅପ)ପ୍ରୟୋଗ ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ ଅମଳରେ(ମାତ୍ର ୬ ବର୍ଷ ଭିତରେ ୨୨ ଥର) ଦେଖିଛି। 'କୌଣସି ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପୂର୍ବରୁ ସମ୍ପୃକ୍ତ ବିଧାନସଭାରେ ଶାସକ ଦଳ ଆସ୍ଥା ଭୋଟ ଆଣି ସଂଖ୍ୟାଗରିଷ୍ଠତା ପ୍ରମାଣ କରିବା ପାଇଁ ସୁଯୋଗ ଦେବାକୁ ବାଚସ୍ପତି ବାଧ୍ୟ' - ୧୯୯୪ ମସିହାରେ 'ଏସ୍ ଆର ବୋମାଇ ବନାମ କେନ୍ଦ୍ର ସରକାର' ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ରାୟ ସତ୍ତ୍ୱେ ଏବଂ ରାୟ ପରେ ୩୫୬ ଧାରାର ୨୯ ଥର ଦୁରୁପଯୋଗ ହୋଇଛି।

ତତ୍କାଳୀନ ବିଜେପିର 'କ୍ରାଇସିସ୍ ମ୍ୟାନେଜର' ପ୍ରମୋଦ ମହାଜନଙ୍କ ଉକ୍ତି ଅନୁଯାୟୀ 'ଗଣତନ୍ତ୍ରରେ ସରକାର ଗଠନ କରିବା ଦୋଷାବହ ନୁହେଁ।' କିନ୍ତୁ ଅତୀତରେ କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ଯେଉଁ ପନ୍ଥା ଅବଲମ୍ବନ କରାଗଲା, ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ପଣ୍ୟଦ୍ରବ୍ୟ ଭଳି ବ୍ୟବହୃତ କରାଗଲା, ବିକ୍ରି ହୋଇଯିବା ଭୟରେ ଲୁଚାଇ ରଖାଗଲା, ବାରମ୍ବାର ସ୍ଥାନ ପରିବର୍ତ୍ତନ କରାଗଲା, କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ଦଳ ଯେଉଁ ଢଙ୍ଗରେ ସାମ୍ବିଧାନିକ ପଦବୀ ଓ ଅନୁଷ୍ଠାନକୁ ବ୍ୟବହାର କଲେ ଏବଂ ଅରୁଣାଚଳ ପ୍ରଦେଶ, ଗୋଆ ଓ ଉତ୍ତରାଖଣ୍ଡ, ଆସାମ୍, ମଣିପୁର ବିଧାନସଭା ନିର୍ବାଚନ ପରେ ଗୋଟିଏ ଦଳୀୟ ଚିହ୍ନ ଓ ଇସ୍ତାହାରରେ ଜିତିଥିବା ବିଧାୟକମାନେ ଅନ୍ୟଦଳରେ ସାମିଲ୍ ହୋଇଗଲେ, ତାହା ଭାରତ ଭଳି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଅଶୋଭନୀୟ ବୋଲି ଯଦି କେହି ଅଭିହିତ କରେ ତେବେ ତାହା ଆପତ୍ତିଜନକ ହେବା ଅନୁଚିତ।

ସେହିଭଳି ସ୍ୱାଧୀନତାର ୭୮ ବର୍ଷରେ ଆମର ସଂଘୀୟ ଗଣତନ୍ତ୍ରର ଇତିହାସ ଏଭଳି ଅନେକ ଘଟଣାର ସାକ୍ଷୀ, ଯେଉଁଠାରେ ରାଜ୍ୟପାଳମାନେ କେନ୍ଦ୍ରରେ କ୍ଷମତାସୀନ ଦଳର ପ୍ରଚ୍ଛନ୍ନ ଇଙ୍ଗିତରେ ଗଣତାନ୍ତ୍ରିକ ସରକାରମାନଙ୍କୁ ଭାଙ୍ଗିଦେଇଛନ୍ତି। ପୁଣି କେତେବେଳେ ବିଧେୟକଗୁଡ଼ିକୁ ମାସ ମାସ ଧରି ପକାଇ ରଖିଛନ୍ତି କିମ୍ବା ରାଜ୍ୟ ମନ୍ତ୍ରିପରିଷଦର ସଦସ୍ୟଙ୍କୁ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେବା ଭଳି ଅତିକ୍ରିୟା ଦେଖାଇଛନ୍ତି। ୧୯୯୪ର ଏସ୍‌ଆର୍ ବୋମାଇ ମାମଲାରୁ ଆରମ୍ଭ କରି ୨୦୨୦ର ଶିବରାଜ୍ ସିଂହ ଚୌହ୍ୱାନ ମାମଲା ପର୍ଯ୍ୟନ୍ତ ଏକାଧିକ ଘଟଣାରେ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିସାରିଛନ୍ତି ଯେ ରାଜ୍ୟପାଳମାନେ ରାଜ୍ୟର ପ୍ରଶାସନିକ ବ୍ୟାପାରରେ ସିଧାସଳଖ ହସ୍ତକ୍ଷେପ କରିପାରିବେ ନାହିଁ। ଏହାସତ୍ତ୍ୱେ ବିଗତ ୫ ବର୍ଷ ଭିତରେ ରାଜ୍ୟପାଳ, ଉପରାଜ୍ୟପାଳଙ୍କ ରାଜନୈତିକ ଅଭିସନ୍ଧିମୂଳକ ଅତିକ୍ରିୟାମାନ କର୍ଣ୍ଣାଟକ, ପଶ୍ଚିମବଙ୍ଗ, ତାମିଲ୍‌ନାଡୁ, କେରଳ, ମହାରାଷ୍ଟ୍ର, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ଦିଲ୍ଲୀ, ପୁଡୁଚେରି, ପଞ୍ଜାବ ଆଦି ରାଜ୍ୟରେ ସଂଘୀୟ ଗଣତନ୍ତ୍ରକୁ କ୍ଷତାକ୍ତ କରି ସ୍ମିତହାସ୍ୟ ପ୍ରକାଶ କରିଛି।

ଏ ସବୁର ଊର୍ଦ୍ଧ୍ୱରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ମୂଳାଧାର ନିର୍ବାଚନ ଗତକିଛି ବର୍ଷ ଧରି ଏକ 'ଭୋଟ-ହାଟ'ରେ ପରିଣତ ହୋଇସାରିଛି, ଯେଉଁଠାରେ ସାଧୁ ଓ ନୀତିନିଷ୍ଠ ଦଳମାନେ ମଧ୍ୟ ବିପଣିରେ ନିଜ ଉପସ୍ଥିତି ପାଇଁ ଆଦର୍ଶ ଓ ମୂଲ୍ୟବୋଧ ସହିତ ସାଲିସ୍ କରିବାକୁ ବାଧ୍ୟ ହେଉଛନ୍ତି। ଉଦ୍‌ବେଗଜନକ ଭାବେ ସେହି ବିପଣିରେ ମାଗଣା ଯୋଜନାରେ ଆକୃଷ୍ଟ ନ ହେବା ଭଳି ଭୋଟରଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇଚାଲିଛି। ନିର୍ବାଚନ ଆଚରଣ ସଂହିତା ଗୁରୁତ୍ୱ ହରାଇଛି। କେନ୍ଦ୍ରୀୟ ବଜେଟ୍‌ରେ ଭୋଟ ରାଜନୀତି ଅଧିକ ଗୁରୁତ୍ୱ ପାଇଛି। ଅଧିକନ୍ତୁ ସର୍ବଶେଷ ବିଧାନସଭା ନିର୍ବାଚନ(ବିହାର)ରେ 'ଭୋଟ୍ ଫର ନୋଟ୍' ଏକପ୍ରକାର ବୈଧକରଣ ହୋଇଯାଇଛି। ଆଶ୍ଚର୍ଯ୍ୟଜନକ ଭାବେ ନିର୍ବାଚନ ଆୟୋଗ ନିରବଦ୍ରଷ୍ଟା ସାଜିଛନ୍ତି।

ଗଣତନ୍ତ୍ର ଯଦି ରକ୍ତମାଂସଧାରୀ ଉପାଦାନଟିଏ ହୋଇଥା'ନ୍ତା ନୈତିକତା ବିହୀନ ରାଜନୀତିର ଏହି କ୍ରୂର ଉପହାସ ଦେଖି ସହି କ୍ଳାନ୍ତ ହୋଇପଡ଼ିଥା'ନ୍ତା। ବିଡ଼ମ୍ବନା ହେଲା ଗଣତନ୍ତ୍ରକୁ ଯନ୍ତ୍ରଣାସିକ୍ତ କରୁଥିବା ତତ୍ତ୍ୱମାନେ ତା'ନିଜର। କାଲି ପର୍ଯ୍ୟନ୍ତ ଯିଏ ସାମ୍ବିଧାନିକ ମୂଲ୍ୟବୋଧକୁ କ୍ଷତାକ୍ତ କରିଚାଲିଥିଲା ଆଜି ସେ ତା'ର ସୁରକ୍ଷା ଦାବି କରୁଛି। ପୁଣି ଆଜି ଯିଏ ସମ୍ବିଧାନର ସୁରକ୍ଷା କବଚ ବୋଲି ବ୍ୟାଖ୍ୟାନ ସୃଷ୍ଟି କରୁଛି ସେ ତା' ନିଜ ସୁବିଧା ଅନୁଯାୟୀ ସେହି ମୂଲ୍ୟବୋଧ, ଗରିମା ଓ ପରମ୍ପରାକୁ ମୋଡ଼ିମକଚି ବିକୃତ କରିଦେଉଛି। ସମୟ ପ୍ରବାହରେ ସମ୍ବିଧାନର ତଥାକଥିତ ସୁରକ୍ଷାଦାତାମାନଙ୍କର ମୁଖା କେବଳ ବଦଳିଛି, ଅଥଚ ସାମ୍ବିଧାନିକ ମୂଲ୍ୟବୋଧର ହନନ ପ୍ରକ୍ରିୟା ଜାରି ରହିଛି। ସେତେବେଳର ବିଜେପି ବିରୋଧରେ 'ଆନେ ନେହିଁ ଦେଙ୍ଗେ' ସ୍ଲୋଗାନ୍ ଏବେ 'କଂଗ୍ରେସ ମୁକ୍ତ ଭାରତ'ରେ ପରିବର୍ତ୍ତନ ହୋଇଛି। 'ହାତ୍ କି କରାମତି'ର ସ୍ଥାନ ଏବେ 'ଅପରେସନ୍ ଲୋଟସ୍' ନେଇଛି। ବାମ ଓ ଦକ୍ଷିଣ ଅଙ୍ଗ ଯଦି ପରସ୍ପରକୁ ଆକ୍ରମଣ କରନ୍ତି ତେବେ ତା'ର ପୀଡ଼ା କେବଳ ଶରୀର ହିଁ ସହେ। ରକ୍ତ, ମାଂସ, ଶ୍ୱାସ ବିହୀନ ଅଥଚ ପ୍ରାଣବନ୍ତ ଭାରତୀୟ ଗଣତନ୍ତ୍ର ଏବେ ସେଭଳି ଅବ୍ୟକ୍ତ ଯନ୍ତ୍ରଣା ଅନୁଭବ କରୁଥିବ।

ଭାରତ ଏବେ ସ୍ୱାଧୀନତାର ଅମୃତକାଳ ଯାତ୍ରାର ପଥିକ। ଆସ୍ଥା-ଏକତା-ନୈତିକତା-ସମ୍ମାନ-ସଂସ୍କୃତି-ସଂଯମର ଷଡ଼ସ୍ତମ୍ଭ ଉପରେ ପ୍ରତିଷ୍ଠିତ ଭାରତୀୟ ଗଣତନ୍ତ୍ରର ଭିତ୍ତି ଏତେ ଦୁର୍ବଳ ନୁହେଁ ଯେ ସାମୟିକ କାଳଖଣ୍ଡର ରାଜନୈତିକ ଅତିକ୍ରିୟା ତାହାକୁ ଧରାଶାୟୀ କରିଦେବ। ସମୟ ସହିତ ପୁଣି ଥରେ ପଟ୍ଟ ଓ ପାତ୍ର ପରିବର୍ତ୍ତନ ହୋଇପାରେ, କିନ୍ତୁ ନାଟକ ଚାଲିଥିବ। ଏହି ନାଟକ କିନ୍ତୁ ନୈତିକତାର କଥାବସ୍ତୁ ଉପରେ ଆଧାରିତ ହେବା ଏବଂ କଳାକାରମାନେ ନୀତିନିଷ୍ଠ ଭୂମିକା ନିର୍ବାହ କରିବା ବିଧେୟ। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଏହା ହିଁ ସାମ୍ପ୍ରତିକ ଗଣତନ୍ତ୍ରର ଆକୁଳ ଆହ୍ୱାନ ଏବଂ ଉତ୍ତରପିଢ଼ି ପାଇଁ ଅଙ୍ଗୀକାରବଦ୍ଧତା।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ଅଦୃଶ୍ୟ ଶତ୍ରୁର ନୂଆ ରୂପ

ସାଇଦୀପ୍ କର

ଏକବିଂଶ ଶତାବ୍ଦୀରେ ପ୍ରଯୁକ୍ତିବିଦ୍ୟା ଆମ ଜୀବନଶୈଳୀକୁ ସହଜ କରିଥିବା ବେଳେ ଏହା ସମାନ ଭାବରେ ନୂତନ ବିପଦର ମାର୍ଗ ମଧ୍ୟ ପ୍ରଶସ୍ତ କରିଛି। କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବର୍ତ୍ତମାନ ବିଜ୍ଞାନର ଏକ ଚମତ୍କାର ଆବିଷ୍କାର ଭାବରେ ଉଭା ହୋଇଛି। କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ବୈଷୟିକ ଉନ୍ନତିକୁ ଅପରାଧୀମାନେ ଅସ୍ତ୍ର ଭାବରେ ବ୍ୟବହାର କରିବା ଆରମ୍ଭ କଲେଣି। ସାମ୍ପ୍ରତିକ ସମୟରେ 'ଏଆଇ ଭଏସ୍ କ୍ଲୋନିଂ' ବା କଣ୍ଠସ୍ୱର ନକଲ ମାଧ୍ୟମରେ ହେଉଥିବା ଠକେଇ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ଯେଉଁଠାରେ ମାତ୍ର କିଛି ସେକେଣ୍ଡର ଅଡିଓ ସାହାଯ୍ୟରେ ଜଣେ ବ୍ୟକ୍ତିର ସଂପୂର୍ଣ୍ଣ କଣ୍ଠସ୍ୱରକୁ ନକଲ କରାଯାଇ ସମ୍ପର୍କୀୟମାନଙ୍କୁ ଶୋଷଣ କରାଯାଉଛି।

ଆଜିର ଡିଜିଟାଲ୍ ଯୁଗରେ ଆମେ ଏକ ଅଦ୍ଭୁତ ସମୟ ଦେଇ ଗତି କରୁଛୁ, ଯେଉଁଠି ଦୃଶ୍ୟ ଓ ଶ୍ରାବ୍ୟର ବିଶ୍ୱସନୀୟତା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ବିଜ୍ଞାନ ଆମକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି ଏକ ଶକ୍ତିଶାଳୀ ଉପହାର ଦେଇଛି ସତ, କିନ୍ତୁ ଏହାର କଳା ପାର୍ଶ୍ୱ ବର୍ତ୍ତମାନ ପ୍ରତିଟି ସଚେତନ ନାଗରିକ ପାଇଁ ଚିନ୍ତାର କାରଣ ହୋଇଛି। ଗତ କିଛିଦିନ ହେବ ଓଡ଼ିଶାରେ ଯେଉଁଭଳି ଭାବେ ଏଆଇ ଭଏସ୍ କ୍ଲୋନିଂ ମାଧ୍ୟମରେ ଠକେଇ ବଢ଼ିବାରେ ଲାଗିଛି, ତାହା ପ୍ରମାଣ କରୁଛି ଯେ ସାଇବର ଅପରାଧୀମାନେ ଏବେ ଆମର ବୈଷୟିକ ଦୁର୍ବଳତା ନୁହେଁ, ବରଂ ଆମର ଭାବପ୍ରବଣତା ଓ ଆସକ୍ତିକୁ ଲକ୍ଷ୍ୟ କରୁଛନ୍ତି।

ଓଡ଼ିଶା ପୁଲିସ ସାଇବର ସଚେତନତା ପାଇଁ ପ୍ରୟାସ କରୁଛି। ମାତ୍ର ଠକେଇର ନୂଆ ନୂଆ ଶୈଳୀ ପାଖରେ ଆମର ପାରମ୍ପରିକ ତଦନ୍ତ ପଦ୍ଧତି ପଛରେ ପଡ଼ିଯାଉଛି। ସାଇବର ଅପରାଧୀମାନେ ଭୌଗୋଳିକ ସୀମା ବାହାରେ ରହି କାମ କରୁଥିବାରୁ ସେମାନଙ୍କୁ ଚିହ୍ନଟ କରିବା ଏବଂ ଦଣ୍ଡିତ କରିବା ଏକ କଠିନ ଆହ୍ୱାନ। ଆମର ସୂଚନା ପ୍ରଯୁକ୍ତିବିଦ୍ୟା ନିୟମରେ ଏଆଇ ସମ୍ବନ୍ଧୀୟ ନିର୍ଦ୍ଦିଷ୍ଟ ଓ କଠୋର ଦଣ୍ଡବିଧାନର ଅଭାବ ଅପରାଧୀଙ୍କୁ ଅଧିକ ସାହସ ଦେଉଛି। କେବଳ ସାଇବର ହେଲ୍ପଲାଇନ ନମ୍ବର ଜାରି କରିଦେଲେ ସରକାରଙ୍କ ଦାୟିତ୍ୱ ସରିଯାଉ ନାହିଁ; ବରଂ ପ୍ରତିଟି ଜିଲ୍ଲାରେ ଏଆଇ-ଫୋରେନ୍ସିକ୍ ୟୁନିଟ୍ ପ୍ରତିଷ୍ଠା କରିବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା।

ଗତ କିଛିମାସ ମଧ୍ୟରେ ଓଡ଼ିଶାର ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରୁ ସାଇବର ଠକେଇର ଅଭିଯୋଗ ଆସିବାରେ ଲାଗିଛି। ଏହି ପ୍ରକ୍ରିୟାରେ ଠକମାନେ ପ୍ରଥମେ ସୋସିଆଲ ମିଡିଆରୁ ଜଣେ ବ୍ୟକ୍ତିର ଭିଡିଓ ବା ଅଡିଓ ସଂଗ୍ରହ କରନ୍ତି। ଏହାପରେ ଏଆଇ ଟୁଲ୍ସ ବ୍ୟବହାର କରି ସେହି ସ୍ୱରକୁ ଏଭଳି ଭାବେ ନକଲ କରନ୍ତି, ଯାହାକୁ ଚିହ୍ନିବା ସାଧାରଣ ମଣିଷ ପାଇଁ ଅସମ୍ଭବ। ଭୟ ଓ ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଲୋକମାନେ ବିନା ଯାଞ୍ଚରେ ଲକ୍ଷ ଲକ୍ଷ ଟଙ୍କା ହରାଇ ବସୁଛନ୍ତି। ଏଆଇ ଭଏସ୍ କ୍ଲୋନିଂ କୌଣସି ଯାଦୁ ନୁହେଁ, ବରଂ ଏକ ଜଟିଳ ଆଲଗୋରିଦମ୍। ମେସିନ୍ ଲର୍ଣ୍ଣିଂ ମାଧ୍ୟମରେ ଜଣେ ବ୍ୟକ୍ତିର କହିବା ଶୈଳୀ, ସ୍ୱରର ଗତି ଏବଂ ଶବ୍ଦ ଚୟନକୁ ଏଆଇ ସଫ୍ଟୱେର୍ ଅତି ସୂକ୍ଷ୍ମ ଭାବେ ଅନୁଧ୍ୟାନ କରେ। ମାତ୍ର ୩ ରୁ ୫ ସେକେଣ୍ଡର ସାମ୍ପୁଲ୍ ସାହାଯ୍ୟରେ ଏହି ସଫ୍ଟୱେର୍ ଯେକୌଣସି ନୂଆ ବାକ୍ୟ ସେହି ବ୍ୟକ୍ତିର ସ୍ୱରରେ କହିପାରେ। ଓଡ଼ିଶାରେ ବିଶେଷକରି ବୟସ୍କ ବ୍ୟକ୍ତିମାନେ ଏହାର ସହଜ ଶିକାର ହେଉଛନ୍ତି। କାରଣ ସେମାନେ ନିଜ ପିଲାଙ୍କ ସ୍ୱର ଶୁଣିବା ମାତ୍ରେ ହିଁ ବିବ୍ରତ ହୋଇପଡ଼ନ୍ତି। କଳ୍ପନା କରନ୍ତୁ - ଆପଣଙ୍କୁ ଫୋନ୍ ଆସୁଛି ଏବଂ ଆରପଟୁ ଆପଣଙ୍କ ପୁଅ କିମ୍ବା ଝିଅର ସ୍ୱର ଶୁଭୁଛି - ସେହି ଶବ୍ଦ ଚୟନ, ସେହି ଶୈଳୀ ଓ ସେହି ଆକୁଳତା। ସେ କହୁଛନ୍ତି ସେ ଏକ ଦୁର୍ଘଟଣାର ଶିକାର ହୋଇଛନ୍ତି କିମ୍ବା ପୁଲିସ ତାଙ୍କୁ ଅଟକ ରଖିଛି। ଏଭଳି ସ୍ଥିତିରେ କେଉଁ ବାପା-ମା'ଙ୍କ ହୃଦୟ ବିଚଳିତ ନହେବ? ଠିକ୍ ଏହି ବିନ୍ଦୁରେ ହିଁ ଅପରାଧୀ ସଫଳ ହେଉଛି।

ଆମେ ଅଜାଣତରେ ନିଜର ସମସ୍ତ ତଥ୍ୟ ଇଣ୍ଟରନେଟ୍‌ରେ ପରସି ଦେଉଛୁ। ଆମର କଣ୍ଠସ୍ୱର, ପସନ୍ଦ-ନାପସନ୍ଦ ଏବଂ ପରିବାର ବିଷୟରେ ସବୁ ସୂଚନା ସର୍ବସାଧାରଣରେ ଉପଲବ୍ଧ। ସାଇବର ସୁରକ୍ଷା କେବଳ ସରକାରଙ୍କ କାମ ନୁହେଁ। ଆମକୁ ନିଜର 'ଡିଜିଟାଲ୍ ହାଇଜିନ୍' ପ୍ରତି ସତର୍କ ହେବାକୁ ପଡ଼ିବ। ଫୋନ୍ କଲ୍‌ରେ ଟଙ୍କା ପଠାଇବା ପୂର୍ବରୁ 'କଲ୍ ବ୍ୟାକ୍' କରିବା କିମ୍ବା ପରିବାର ମଧ୍ୟରେ ଏକ ଗୁପ୍ତ ସଙ୍କେତ(ପାସ୍‌କୋଡ୍) ରଖିବା ଭଳି କ୍ଷୁଦ୍ର ପଦକ୍ଷେପ ବଡ଼ ଧରଣର ବିପଦକୁ ଏଡ଼ାଇ ଦେଇପାରେ।

ଏଆଇ ଏକ ମାନବୀୟ ପ୍ରତିଭାର ବିକାଶ ହୋଇପାରେ, କିନ୍ତୁ ଯଦି ଏହା ମାନବୀୟ ବିଶ୍ୱାସକୁ ଭାଙ୍ଗିବାରେ ବ୍ୟବହୃତ ହୁଏ, ତେବେ ଏହା ଅଭିଶାପ ସଦୃଶ। ଓଡ଼ିଶାରେ ଡିଜିଟାଲ୍ ସାକ୍ଷରତାର ଅଭିଯାନ କେବଳ ଫୋନ୍ ଚଳାଇବା ଶିଖିବାରେ ସୀମିତ ନ ରହି ଠକେଇରୁ ବଞ୍ଚିବାର ଶୈଳୀରେ ରୂପାନ୍ତରିତ ହେବା ଉଚିତ। ସରକାର, ବୈଷୟିକ ବିଶେଷଜ୍ଞ ଏବଂ ଜନସାଧାରଣଙ୍କ ସମ୍ମିଳିତ ସତର୍କତା ହିଁ ଏହି ଅଦୃଶ୍ୟ ଡିଜିଟାଲ୍ ଅସୁରକୁ ପରାସ୍ତ କରିପାରିବ। ଯଦି ପ୍ରଯୁକ୍ତିବିଦ୍ୟା ବିସ୍ମିତ କରୁଛି, ଏହା ଆପଣଙ୍କୁ ବିପଦରେ ମଧ୍ୟ ପକାଇପାରେ।

ଭୁବନେଶ୍ୱର, ମୋ: ୭୭୩୫୦୩୩୧୮୦

## ଆମ ବୃକ୍ଷଲତା ଆମ ଜୀବନ

### ଘିକୁଆଁରୀ
(Indian Aloe- Aloe vera)

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଆଫ୍ରିକାର ମୂଳଜାତ ଉଦ୍ଭିଦ ଘିକୁଆଁରୀ ବା ଆଲୋଭେରା ବର୍ତ୍ତମାନ ଭାରତ ଏବଂ ବିଶ୍ୱର ଅନ୍ୟାନ୍ୟ ଉଷ୍ମମଣ୍ଡଳୀୟ, ଅର୍ଦ୍ଧ-ଉଷ୍ମମଣ୍ଡଳୀୟ, ଶୁଷ୍କ ଜଳବାୟୁରେ ପ୍ରମୁଖ ଭାବରେ ଦେଖାଯାଏ। ଏହାକୁ ଏକ ପରିବେଶ-ଅନୁକୂଳ ସାଜସଜ୍ଜା ଉଦ୍ଭିଦ ଭାବରେ ବଜାୟଦ ବିବେଚନା କରାଯାଉଥିବାରୁ ଅଧିକାଂଶଙ୍କ ଘର ଭିତରେ ଏହି ଉଦ୍ଭିଦ ପ୍ରାୟତଃ ଶୋଭାପାଏ। ଘିକୁଆଁରୀ ଏକ ଅତି ଛୋଟ ରସାଳ ଉଦ୍ଭିଦ, ଯାହା ୬୦-୧୦୦ ସେଣ୍ଟିମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼େ। ଏହାର କାଣ୍ଡ ଅତି କ୍ଷୁଦ୍ର, ମଜବୁତ ଓ ଘନ, ମୂଳ ଅଗଭୀର ଓ ତନ୍ତୁଳ। ପତ୍ରଗୁଡ଼ିକ କାଣ୍ଡର ନିମ୍ନ ଭାଗରୁ ଗୋଲାପ ପାଖୁଡ଼ା ପରି ଗୋଲାକାର ଆକାରରେ ସଜେଇ ହୋଇ ରହିଥାଏ। ଏଗୁଡ଼ିକ ଲାନ୍ସୋଲେଟ୍ ବା ବର୍ଚ୍ଛାକାର, ଘନ ଓ ମାଂସଳ, ଧାର ସୁଦନ୍ତୀ ବା କଣ୍ଟାଯୁକ୍ତ, ସବୁଜରୁ ଧୂସର-ସବୁଜ, ଏକ ମହମ ସ୍ତର ସହିତ ଆଚ୍ଛାଦିତ, ଯାହା ଦକ୍ଷ ଜଳ ସଂରକ୍ଷଣ ଭାବରେ କାର୍ଯ୍ୟ କରେ। ପ୍ରତ୍ୟେକ ପତ୍ରରେ ତିନୋଟି ସ୍ତର ଥାଏ, ଯଥା - ତରଳ ଜେଲ ସ୍ତର, ଲ୍ୟାଟେକ୍ସ (ଏକ ପ୍ରକାର ତରଳ ପଦାର୍ଥ) ମଧ୍ୟସ୍ଥ ସ୍ତର ଏବଂ ଏକ ସୁରକ୍ଷାତ୍ମକ ବାହ୍ୟ ସ୍ତର(ରିଣ୍ଡ ବା ଚୋପା ବା ବହିରାବରଣ)। ଝୁଲନ୍ତା, ନଳାକାର, ହଳଦିଆ ଫୁଲରେ ୨-୩ ସେମି ଲମ୍ବା ହଳଦିଆ ନଳାକାର ଦଳମଣ୍ଡଳ ଥାଏ। ଏହା ବିଭିନ୍ନ କୀଟପତଙ୍ଗ ଓ ପକ୍ଷୀ ଦ୍ୱାରା ପରାଗ ସଙ୍ଗମ ପାଇଁ ଅନୁକୂଳିତ ହୋଇଥାଏ।

ଘିକୁଆଁରୀ, ଏହାର ଆଣ୍ଟିଅକ୍ସିଡାଣ୍ଟ ବା ପ୍ରତିରୋଧକ ଶକ୍ତିବର୍ଦ୍ଧକ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଯୋଗୁଁ ଆଦୃତ। ଘିକୁଆଁରୀର ପତ୍ରରେ ପଲିସାକାରାଇଡ୍ ଜେଲ୍ ଆସେମାନାନ୍ ଯଥେଷ୍ଟ ପରିମାଣରେ ଥାଏ, ଯାହାକୁ ସାମୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ। ମାଢ଼ି ରୋଗ, କ୍ଷତ, ଜଳାପୋଡ଼ା, ଥଣ୍ଡାକାଟୁ, ଫୋଟକା, ସୋରିଆସିସ୍ ଚର୍ମ ରୋଗ, ଥଣ୍ଡା ଘା', ଚର୍ମ ଘା', କୀଟପତଙ୍ଗ କାମୁଡ଼ା, କୋଷ୍ଠକାଠିନ୍ୟ, ପବନ ପୋଡ଼ା ଏବଂ ଶୁଷ୍କ ଚର୍ମ, ରକ୍ତସର୍କରାର ଉପଚାର ସହିତ କେଶବର୍ଦ୍ଧକ ଭାବରେ କାର୍ଯ୍ୟ କରେ। କସମେଟିକ୍ କମ୍ପାନୀଗୁଡ଼ିକ ସାଧାରଣତଃ ଏହାର ରସରୁ ମେକଅପ୍, ଟିସୁ, ମଇଶ୍ଚରାଇଜର, ସାବୁନ୍, ସନସ୍କ୍ରିନ୍, ଧୂପ, ସେଭିଂ କ୍ରିମ୍, ସାମ୍ପୁ ଭଳି ଅନେକ ପଦାର୍ଥ ଉତ୍ପାଦନ କରନ୍ତି। ଘିକୁଆଁରୀର ମୁଖ୍ୟ ସକ୍ରିୟ ଉପାଦାନ ହେଉଛି କ୍ରୋମୋନ୍, ଆନ୍ଥ୍ରାକୁଇନୋନ୍ ଏବଂ ସେଗୁଡ଼ିକର ଗ୍ଲାଇକୋସାଇଡ୍ ଡେରିଭେଟିଭ୍। ପତ୍ରଗୁଡ଼ିକରେ ସମ୍ଭାବ୍ୟ ଜୈବିକ କାର୍ଯ୍ୟକଳାପ ପାଇଁ ଫାଇଟୋକେମିକାଲ୍ସ ଥାଏ, ଯେପରିକି ଲିଗନାନ୍ସ, ଫାଇଟୋଷ୍ଟେରୋଲ୍ସ, ପଲିଫେନୋଲ୍ସ, ଏସିଟାଲେଟେଡ୍ ମାନାନ୍ସ, ପଲିମାନାନ୍ସ, ଆନ୍ଥ୍ରାକୁଇନୋନ୍ ସି-ଗ୍ଲାଇକୋସାଇଡ୍ସ, ଇମୋଡିନ୍, ବିଭିନ୍ନ ଲେକ୍ଟିନ୍‌ଆନ୍ଥ୍ରୋନ୍ ଏବଂ ଅନ୍ୟାନ୍ୟ ଆନ୍ଥ୍ରାକୁଇନୋନ୍। ଏଥିରେ ଗ୍ଲୁକୋମାନାନ୍ସ, ଆମିନୋ ଏସିଡ୍, ଲିପିଡ୍, ଷ୍ଟେରୋଲ୍ସ ଏବଂ ଭିଟାମିନ୍ ଯେପରିକି ଇ, ଉ, ର, ଈ୧୨, ଫୋଲିକ୍ ଏସିଡ୍, କୋଲାଇନ୍ ଏବଂ କ୍ୟାଲସିୟମ୍, କ୍ରୋମିୟମ୍ ଭଳି ଖଣିଜ ପଦାର୍ଥର ଏକ ଉତ୍ସ ମଧ୍ୟ ଥାଏ।

ଆଲୋଭେରା ନିର୍ଗତାକୁ ଖାଇବା ଦ୍ୱାରା ତୀବ୍ର ପେଟ ଯନ୍ତ୍ରଣା ଏବଂ ମାଂସପେଶୀ ଯନ୍ତ୍ରଣା ହୋଇପାରେ ଏବଂ ଯଦି ଏହା ଦୀର୍ଘକାଳୀନ ଭାବରେ ସେବନ କରାଯାଏ ତେବେ ହେପାଟାଇଟିସ୍ ବା ଯକୃତ ପ୍ରଦାହ ବ୍ୟାଧି ମଧ୍ୟ ହୋଇପାରେ। କିଛି ଲୋକଙ୍କର ଚର୍ମରେ ବ୍ୟବହାର କରିବା ସମୟରେ ଆଲୋଭେରା ପ୍ରତି ଆଲର୍ଜିକ୍ ପ୍ରତିକ୍ରିୟା ହୋଇଥାଏ, ଯେପରିକି ଚର୍ମ ହାଲୁକା ଲାଲ ଓ କୁଣ୍ଡାଇ ହେବା ସହିତ କଣ୍ଟାକ୍ଟ ଡର୍ମାଟାଇଟିସ୍, ଶ୍ୱାସକ୍ରିୟା କଷ୍ଟ କିମ୍ବା ମୁହଁ, ଓଠ, ଜିଭ ଗଳା ଫୁଲା ଇତ୍ୟାଦି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ। ପତ୍ରଗୁଡ଼ିକରେ ଆଲୋଇନ୍ ଥାଏ, ଯାହା ଏକ ବିଷାକ୍ତ ଯୌଗିକ। ଗର୍ଭାବସ୍ଥାରେ ଏହାକୁ ବ୍ୟବହାର କରିବା ଉଚିତ୍ ନୁହେଁ। ଘିକୁଆଁରୀ ଜେଲ୍ ବାଣିଜ୍ୟିକ ଭାବରେ ଦହି, ପାନୀୟ ଏବଂ କିଛି ମିଠାରେ ଏକ ଉପାଦାନ ଭାବରେ ବ୍ୟବହୃତ ହୁଏ, ତେବେ ଏହା ସୀମିତି ପରିମାଣ ହେବା ଆବଶ୍ୟକ।

ଘିକୁଆଁରୀକୁ ଏକ ଆଳଙ୍କାରିକ ଶୋଭା ବର୍ଦ୍ଧକ ଏବଂ ଶୁଭ ଉଦ୍ଭିଦ ଭାବରେ ବ୍ୟାପକ ଭାବରେ ଚାଷ କରା ଯାଏ। ଏହି ଉଦ୍ଭିଦଟି ରୟାଲ୍ ହର୍ଟିକଲ୍‌ଚରାଲ୍ ସୋସାଇଟିର ଗାର୍ଡେନ୍ ମେରିଟ୍ ପୁରସ୍କାର ହାସଲ କରିଛି। ତଥାପି, ଏହାକୁ ବିଶ୍ୱର ଅନେକ ଅଞ୍ଚଳରେ ଏକ ଆକ୍ରମଣାତ୍ମକ ଜାତୀୟ ଉଦ୍ଭିଦ ଭାବରେ ବିବେଚନା କରାଯାଏ। କାଲିଫର୍ନିଆ ପରିବେଶଗତ ସ୍ୱାସ୍ଥ୍ୟ ବିପଦ ମୂଲ୍ୟାଙ୍କନ କାର୍ଯ୍ୟାଳୟ ଏବଂ କର୍କଟ ରୋଗ ଉପରେ ଗବେଷଣା ପାଇଁ ଅନ୍ତର୍ଜାତୀୟ ଏଜେନ୍ସି ଘିକୁଆଁରୀ ସମ୍ପୂର୍ଣ୍ଣ ପତ୍ର ନିଷ୍କାସନକୁ ଏକ ସମ୍ଭାବ୍ୟ ମାନବ କର୍କଟ ରୋଗ (ଗ୍ରୁପ୍ ୨ଈ) କାରକ ଭାବରେ ବର୍ଗୀକୃତ କରିଛନ୍ତି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅସୁରକ୍ଷିତ ରାସ୍ତା ଯୋଗୁଁ ବଢୁଛି ଦୁର୍ଘଟଣା

# ପୂର୍ତ୍ତ ବିଭାଗ, ଏନ୍‌ଏଚ୍‌ଏଆଇ ଉପରେ ପରିବହନ ମନ୍ତ୍ରୀ ଖପ୍ପା

■ ରାସ୍ତା ନିର୍ମାଣକାରୀ ସଂସ୍ଥାକୁ ଚିଠି, ଏସ୍‌ଟିଏର ଉଦ୍‌ବେଗ
■ ଆଇନର ଦିଗ ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଚେତାବନୀ

ଭୁବନେଶ୍ୱର,୧୧।୧(ସମିସ): ରାସ୍ତାରେ ବାଲି, ମାଟି, ଅଳିଆ, ରାସ୍ତା ମରାମତି କିମ୍ବା ନିର୍ମାଣ କାମରେ ବ୍ୟବହାର ହେଇଥିବା ବଳକା ସାମଗ୍ରୀ ପଡ଼ି ରହୁଛି। ଏଥିପାଇଁ ଅନେକ ସମୟରେ ସଡ଼କ ଦୁର୍ଘଟଣା ଘଟୁଛି। ଲୋକଙ୍କ ଜୀବନ ଯାଉଛି। ନିକଟରେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ସମାନ କାରଣ ପାଇଁ ଜଣେ ମହିଳା ସାମ୍ବାଦିକାଙ୍କ ସମେତ ଦୁଇଜଣ ପ୍ରାଣ ହରାଇଛନ୍ତି। ବାରମ୍ବାର ଏଭଳି ଘଟଣା ଘଟିବା ଓ ଏହାକୁ ନେଇ ଜନଅସନ୍ତୋଷ ତୀବ୍ର ହେବା ପରେ ପରିବହନ ବିଭାଗର ଚେତା ପଶିଛି। ଏଭଳି ଘଟଣାକୁ ନେଇ ଆଜି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦ୍‌ବେଗ ପ୍ରକାଶ କରିବା ସହିତ ଏହାର ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବଡ଼ କଥା ହେଉଛି ଯେ ରାଜ୍ୟରେ ବଢୁଥିବା ଏଭଳି ଦୁର୍ଘଟଣା ପାଇଁ କିଏ ଉତ୍ତରଦାୟୀ ହେବ, ତାକୁ ନେଇ ସବୁବେଳେ ଟଣାଓଟରା ଲାଗି ରହିଥିଲା। ବିଭିନ୍ନ ବିଭାଗ ନିଜ ନିଜ ଦୋଷ ଛଡ଼ାଇ ଦେବାକୁ ଉଦ୍ୟମ କରୁଥିଲେ। ମାତ୍ର ପ୍ରଥମଥର ପାଇଁ ପରିବହନ ବିଭାଗ ରାଜ୍ୟର ପ୍ରମୁଖ ରାସ୍ତା ନିର୍ମାଣକାରୀ ସଂସ୍ଥା ପୂର୍ତ୍ତ ବିଭାଗ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)କୁ ତାଗିଦ କରିଛି। ଏହି ତାଗିଦ ସହ ରାଜ୍ୟରେ ବଢୁଥିବା ଦୁର୍ଘଟଣା ପାଇଁ ଏହି ଦୁଇ ବିଭାଗକୁ ପରିବହନ ବିଭାଗ ପରୋକ୍ଷରେ ଦାୟୀ କରିଛି। ଏହି କ୍ରମରେ ରବିବାର ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ) ପକ୍ଷରୁ ଜାତୀୟ ରାଜପଥ ପ୍ରାଧିକରଣର କ୍ଷେତ୍ରୀୟ ଅଧିକାରୀ, ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ, ମହାନଗର ନିଗମଗୁଡ଼ିକର କମିସନର ଓ ପୌରପାଳିକା ଏବଂ ଏନ୍‌ଏସିଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ରାସ୍ତାଗୁଡ଼ିକ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବାକୁ କୁହାଯାଇଛି।

ଚିଠିରେ ଦର୍ଶାଯାଇଛି, ରାସ୍ତାକୁ ଅସୁରକ୍ଷିତ କରୁଥିବା ବାଲି, ମାଟି, ଅଳିଆ, ରାସ୍ତା ମରାମତି କିମ୍ବା ନିର୍ମାଣ କାମରେ ବ୍ୟବହାର ହେଇଥିବା ବଳକା ସାମଗ୍ରୀ ହଟାଇବାର ଆବଶ୍ୟକତା ରହିଛି। ରାସ୍ତାରେ ଏସବୁ ପଡ଼ିବା ଦ୍ୱାରା ଗାଡ଼ି ଚକା ଖସିବାର ଏବଂ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି। ବିଶେଷକରି, ଦୁଇଚକିଆ ଚାଳକଙ୍କ ପାଇଁ ଏହା ବିପଦପୂର୍ଣ୍ଣ ହୋଇଥାଏ। ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏ ଦିଗରେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଯତ୍ନବାନ ହେବାକୁ କୁହାଯାଇଛି। ମୋଟର ଯାନ ଆଇନ, ୧୯୮୮ର ଧାରା ୧୯୮(କ)ରେ ମଧ୍ୟ ରାସ୍ତା ଡିଜାଇନ୍, ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ମାନଦଣ୍ଡ ପାଳନ କରିବାରେ ବିଫଳତା କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ଦର୍ଶାଯାଇଛି। ସମସ୍ତ ଏଜେନ୍ସିଙ୍କୁ ନିୟମିତ ଭାବେ ସଡ଼କ ପରିଷ୍କାର କରିବା, ବାଲି କିମ୍ବା ଅନ୍ୟ କିଛି ସାମଗ୍ରୀ ରାସ୍ତାରେ ରହିଲେ ତାକୁ ତୁରନ୍ତ ବାହାର କରିବାକୁ କୁହାଯାଇଛି। ଦୁର୍ଘଟଣାପ୍ରବଣ ସ୍ଥାନ, ସମ୍ବେଦନଶୀଳ ସଡ଼କ ଚିହ୍ନଟ କରି ଏନଫୋର୍ସମେଣ୍ଟ ଅଧିକାରୀଙ୍କୁ ଜଣାଇବେ। ଦୁର୍ଘଟଣା ତଦନ୍ତ ସମୟରେ ଯେକୌଣସି ତ୍ରୁଟି ଦେଖାଗଲେ ତାହାକୁ ଗମ୍ଭୀରତାର ସହ ବିଚାର କରାଯିବ ଏବଂ ତାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସଡ଼କ ସୁରକ୍ଷାର ବୃହତ୍ତର ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଚିଠି ଜାରି କରାଯାଇଛି ଏବଂ ଏହାକୁ ପାଳନ କରିବା ଅତ୍ୟନ୍ତ ଜରୁରୀ ବୋଲି ଏସ୍‌ଟିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଡିଏଚଏଚ ସ୍ୱାସ୍ଥ୍ୟ ସେବାରେ ଯୋଡ଼ି ହେଲା ନୂତନ ଅଧ୍ୟାୟ

# ଟ୍ରମାକେୟାର୍ ସେଣ୍ଟର, ଓପିଡି ବିଲ୍‌ଡିଂ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର,୧୧।୧(ସମିସ): ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ତୁରନ୍ତ ଉପଯୁକ୍ତ ଚିକିତ୍ସା ମିଳିବ। ମୃତ୍ୟୁହାର ବି କମିବ। ଏଥିପାଇଁ ପ୍ରତି ଜିଲ୍ଲାରେ ଟ୍ରମା କେୟାର୍ ସେଣ୍ଟର୍ ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଦୁଇଦିନିଆ ସମ୍ବଲପୁର ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଆଜି ସମ୍ବଲପୁର ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ ନବନିର୍ମିତ ଅତ୍ୟାଧୁନିକ ଟ୍ରମା କେୟାର୍ ସେଣ୍ଟର୍ ଏବଂ ଓପିଡି ବିଲ୍‌ଡିଂର ଶୁଭ ଉଦ୍‌ଘାଟନ କରି ଏହା କହିଥିଲେ। ଟ୍ରମା କେୟାର୍ ସେଣ୍ଟର୍ ଓ ଓପିଡି ନିର୍ମାଣ ପାଇଁ ସରକାର ପକ୍ଷରୁ ମୋଟ ୨୧ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହା ମାଧ୍ୟମରେ ଦୁର୍ଘଟଣାଗ୍ରସ୍ତ ରୋଗୀମାନଙ୍କୁ ତୁରନ୍ତ ଏବଂ ଉପଯୁକ୍ତ ଚିକିତ୍ସା ସୁବିଧା ମିଳିପାରିବ। ଏହାସହ ଡାକ୍ତରଖାନା ପରିସରରେ ୨କୋଟି ୫୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସିଏସଏସଡି ବିଲ୍‌ଡିଙ୍ଗର ମଧ୍ୟ ଉଦ୍‌ଘାଟନ କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଦୁର୍ଘଟଣା ହାର ବଢ଼ି ଚାଲିଥିବାରୁ ପ୍ରତ୍ୟେକ ଜିଲ୍ଲାରେ ଟ୍ରମା କେୟାର ସେଣ୍ଟରର ଆବଶ୍ୟକତା ବୃଦ୍ଧି ପାଇଛି।



ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ଏବଂ ସୁନିଶ୍ଚିତ ଚିକିତ୍ସା ଯୋଗାଇଦେବା ଏହାର ମୂଳ ଉଦ୍ଦେଶ୍ୟ। ରାଜ୍ୟରେ ସମୁଦାୟ ୮୯ଟି ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର ଖୋଲିବାକୁ ପଦକ୍ଷେପ ନିଆଯାଉଛି। ଏହାଦ୍ୱାରା ଦୁର୍ଘଟଣା ଜନିତ ମୃତ୍ୟୁହାର କମିବା ସହ ଆହତମାନେ ଉଚିତ ସମୟରେ ଉତ୍ତମ ଚିକିତ୍ସା ପାଇପାରିବେ। ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଜଭୁତ କରିବା ଦିଗରେ ରାଜ୍ୟ ସରକାର ବିଭିନ୍ନ ଡାକ୍ତରଖାନାକୁ ଅପଗ୍ରେଡ୍ କରୁଥିବା ବେଳେ ଆଜି ସମ୍ବଲପୁର ଡାକ୍ତରଖାନାର ନୂଆ ଓପିଡି ବିଲ୍‌ଡିଙ୍ଗ ଉଦ୍‌ଘାଟନ ମଧ୍ୟ ଏହାର ଏକ ଅଂଶ। ଏହି ସମସ୍ତ ନୂଆ ସ୍ୱାସ୍ଥ୍ୟ ଭିତ୍ତିଭୂମି ଦ୍ୱାରା ସମ୍ବଲପୁର ଜିଲ୍ଲାବାସୀଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଣାତ୍ମକ ଓ ଆଧୁନିକ ସେବା ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ଏଥିରେ ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ

# ଦିନ ଗଡୁଛି, ବିଶ୍ୱାସ ଭାଙ୍ଗୁଛି



ପୁରୀ,୧୧।୧(ସମିସ): ସୁବିଧାରେ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ପୁରୀ ସହରବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ଦାବି ହୋଇଆସୁଛି। ଏହି ଦାବିର ବି ପ୍ରାସଙ୍ଗିକତା ରହିଛି। କାରଣ ସବୁ ସମୟରେ ପ୍ରଶାସନର ନିଷ୍ପତ୍ତିକୁ ସମ୍ମାନ ଦେଇ ଆସିଛନ୍ତି ପୁରୀବାସୀ। ଭକ୍ତ, ପର୍ଯ୍ୟଟକଙ୍କ ସୁବିଧା ପାଇଁ ବହୁ ସମୟରେ ଅସୁବିଧାକୁ ସମ୍ମୁଖୀନ ହେଉଛନ୍ତି। ହେଲେ ଅତିଥି ଦେବୋ ଭବ ନୀତିକୁ ଆପଣାଇ ପ୍ରଶାସନର ସବୁ କଟକଣାକୁ ମାନି ନେଉଛନ୍ତି। କିନ୍ତୁ ଏବେ ଶ୍ରୀମନ୍ଦିର ପ୍ରବେଶ ପାଇଁ ଯେଉଁଭଳି କଟକଣା କରାଯାଇଛି ତାହା ବିଶେଷକରି ପୁରୀବାସୀଙ୍କୁ ଅଧିକ କଷ୍ଟ ଦେଉଛି। ତେଣୁ ସେମାନଙ୍କ ମନ୍ଦିର ପ୍ରବେଶ ଏବଂ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହୋଇଆସୁଛି। ଏଥିପାଇଁ ଗଠିତ ମଞ୍ଚ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ଦାବିର ପ୍ରାସଙ୍ଗିକତା ଜଣାଇଥିବାବେଳେ ମୁଖ୍ୟମନ୍ତ୍ରୀ ମଧ୍ୟ ସକାରାତ୍ମକ ଆଭିମୁଖ୍ୟ ରଖି ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏପରିକି ଆଇନମନ୍ତ୍ରୀ ମଧ୍ୟ ଖୁବ୍‌ଶୀଘ୍ର ଘୋଷଣା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଦିନ ଗଡ଼ିଚାଲିଛି। ନୂଆବର୍ଷ ସରିଗଲାଣି। ପ୍ରଶାସନ ଆଗରେ ଥିବା ଏହି ମୁଖ୍ୟ ପ୍ରତିବନ୍ଧକ ଦୂରେଇ ଗଲାଣି। ଏ ନେଇ କୌଣସି ଚୂଡ଼ାନ୍ତ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାବେଳେ ନିଷ୍ପତ୍ତିକୁ ଚାହିଁ ରହିଛନ୍ତି ସହରବାସୀ। ଦିନ ଯେତେ ଗଡୁଛି ସରକାର ଦେଇଥିବା ପ୍ରତିଶ୍ରୁତି ଉପରେ ପୁରୀବାସୀଙ୍କ ବିଶ୍ୱାସ ସେତେ ଭାଙ୍ଗୁଛି।

ପୂର୍ବଭଳି ଆଉ ପୁରୀ ସହରବାସୀ ଶ୍ରୀମନ୍ଦିରକୁ ଯାଉନାହାନ୍ତି। ସମୟ ଥିଲା ଅନେକ ସହରବାସୀ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଇ ଅବଢ଼ା ସେବନ କରିବା ସହ ପରିବାର ପାଇଁ ଧରି ଆସୁଥିଲେ। ହେଲେ କିଛିବର୍ଷ ହେବ ଏଭଳି ଚିତ୍ର ଆଉ ଦେଖିବାକୁ ମିଳୁନି। ପ୍ରଶାସନିକ କଟକଣାରେ ରୁନ୍ଧି ହୋଇଯାଉଛନ୍ତି ପୁରୀ ସହରବାସୀ। ହେଲେ କଟକଣା ଲଗାଉଥିବା ବାବୁମାନେ ଜାଣିବା ଦରକାର ପୁରୀବାସିନ୍ଦାଙ୍କ ଦୈନନ୍ଦିନ ଜୀବନରେ ମହାପ୍ରଭୁ ହେଉଛନ୍ତି ସ୍ୱତନ୍ତ୍ର। ସେମାନଙ୍କ ପାଇଁ ଶ୍ରୀମନ୍ଦିର ହେଉଛି ଗାଁ ମନ୍ଦିର ଆଉ ଶ୍ରୀଜଗନ୍ନାଥ ହେଉଛନ୍ତି ଗ୍ରାମ ଦେବତା। ଶ୍ରୀମନ୍ଦିର ପୁରୀ ଅଧିବାସୀଙ୍କ ଶୁଭ-ଅଶୁଭ କାର୍ଯ୍ୟ ଓ ଷୋହଳ ସଂସ୍କାର ସହ ଓତଃପ୍ରୋତ ଭାବେ ଜଡ଼ିତ। ଶହଶହ ବର୍ଷ ଧରି ଶ୍ରୀମନ୍ଦିରରେ ଅବାଧରେ ଯା'ଆସ କରିବା ପରେ ଏବେ ସେମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଘରର ବରିଷ୍ଠ ନାଗରିକଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ସତେ ଯେମିତ ସ୍ୱପ୍ନ ପାଲଟି ଯାଇଛି। ଅନ୍ୟମାନେ ଇଚ୍ଛା କଲେ ବି ଘଣ୍ଟା ଘଣ୍ଟା ଧରି ସେମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ମନ୍ଦିରକୁ ଯିବାକୁ ହେଲେ ସେମାନଙ୍କୁ ଭାବିବାକୁ ପଡୁଛି। ତେଣୁ ମନ୍ଦିରକୁ କିପରି ସହଜରେ ପ୍ରବେଶ ଏବଂ ଦର୍ଶନ କରିବେ ସେ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀ ସହରବାସୀ।

ପୁରୀବାସୀଙ୍କ ଏହି ଦାବି ବିଧାନସଭାଠାରୁ ଆରମ୍ଭ କରି ରାଜ୍ୟ ସଭାରେ ବି ଉଠିଛି। ଏଥିପାଇଁ ଗଠିତ ମଞ୍ଚର ପ୍ରତିନିଧି ଗତମାସ ୧୦ ତାରିଖରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବି ଜଣାଇଥିଲେ। ଆଇନମନ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନର ସୁବ୍ୟବସ୍ଥା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାପରେ ଗତ ମାସ ୧୮ ତାରିଖରେ ମଞ୍ଚର ପ୍ରତିନିଧି ଭୁବନେଶ୍ୱର ଯାଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ ଏବଂ ଏସ୍‌ପି ମଧ୍ୟ ଉପସ୍ଥିତ ଥିଲେ। ଆଇନମନ୍ତ୍ରୀ କହିଥିଲେ ଯେ, ଖୁବ୍‌ଶୀଘ୍ର ଆଉଥରେ ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ ସହ ବିଷଦ ଆଲୋଚନା ହେବ। ନୂଆବର୍ଷ ଉପଲକ୍ଷେ ଲକ୍ଷ ଲକ୍ଷ ଭକ୍ତ, ପର୍ଯ୍ୟଟକ ପୁରୀ ଆସିବେ। ନୂଆବର୍ଷ ପରେ ଖୁବ୍‌ଶୀଘ୍ର ପୁରୀବାସୀଙ୍କ ପାଇଁ ବ୍ୟବସ୍ଥା କରାଯିବ। ଇତିମଧ୍ୟରେ ଜାନୁଆରୀ ପ୍ରଥମ ସପ୍ତାହ ଯାଇ ୧୦ ତାରିଖ ହେଲାଣି। ଏ ପର୍ଯ୍ୟନ୍ତ କିଛି ବ୍ୟବସ୍ଥା ହେଲା ନାହିଁ। କିନ୍ତୁ ଭିଭିଆଇପିଙ୍କୁ କିପରି ପ୍ରୋଟୋକଲ ଦର୍ଶନ ମିଳିବ ସେ ନେଇ ଶ୍ରୀମନ୍ଦିର ପ୍ରଶାସନ ଗୋଟିଏ ଦିନରେ ବୈଠକ ଡାକି ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଏସ୍‌ଓପି ପ୍ରସ୍ତୁତ କରିବାକୁ କହିପାରୁଛି। ଅଥଚ ପୁରୀବାସୀଙ୍କ ଦୀର୍ଘମାସର ଦାବି ପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ସ୍ୱତନ୍ତ୍ର ଦର୍ଶନ ନେଇ ସରକାର ପୁରୀବାସୀଙ୍କୁ ଦେଇଥିବା ଭରସା ଓ ବିଶ୍ୱାସ ଧୀରେ ଧୀରେ ଭାଙ୍ଗିବାରେ ଲାଗିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟରେ ଶୀତର...

ମଧ୍ୟରେ ରାଜ୍ୟରେ ୩-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ପୁଣି ହ୍ରାସ ପାଇବ। ଫଳରେ ଗୋଟିଏ ଦିନର ବିରତି ପରେ ପୁଣି ଥରେ ରାଜ୍ୟକୁ ଶୀତ ଫେରିବ। ଗଲା ସପ୍ତାହେ ହେବ ସାରା ରାଜ୍ୟରେ ତାପମାତ୍ରା ତଳମୁହାଁ ହେବା ସହ ଅନେକ ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହୋଇଥିଲା। ରାଜ୍ୟରେ ପ୍ରାୟ ୨୫ ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହୁଥିବା ହେତୁ ଅସହ୍ୟ ଶୀତ ଅନୁଭୂତ ହେଉଥିଲା। ମାତ୍ର ଏହି ସ୍ଥିତିରେ ପରିବର୍ତ୍ତନ ଯୋଗୁଁ ରାଜ୍ୟବାସୀ ସାମୟିକ ଆଶ୍ୱସ୍ତି ଲାଭ କରିଛନ୍ତି।

### ଶିଳ୍ପକ୍ଷେତ୍ର ହରାଇବ...

ତାମିଲନାଡୁକୁ ଅଧିକ ପ୍ରଭାବିତ କରୁଛି। ଏହା ରାଜ୍ୟର ଉତ୍ପାଦନ ଏବଂ ନିଯୁକ୍ତି ପ୍ରତି ବିପଦ ବଢ଼ାଇଛି। ବିଶେଷକରି, ଏଠାକାର ବୟନ ଶିଳ୍ପ କ୍ଷେତ୍ର ବେଶ ଚାପରେ ରହିଛି। ଶ୍ରୀ ଦୀନାରାସୁ କହିଛନ୍ତି, ଭାରତର ବୟନ ରପ୍ତାନିର ୨୮% ତାମିଲନାଡୁରୁ ହୋଇଥାଏ। ଏଠାରେ ୭୫ ଲକ୍ଷରୁ ଅଧିକ ଶ୍ରମିକ ଏହି କ୍ଷେତ୍ରରେ ନିଯୁକ୍ତ। ବର୍ତ୍ତମାନର ପରିସ୍ଥିତି ଜାରି ରହିଲେ, ପ୍ରାୟ ୩୦ ଲକ୍ଷ ଲୋକ ଚାକିରି ହରାଇବେ। ଏଥିଯୋଗୁ ଅନେକ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ୟୁନିଟ୍ ବନ୍ଦ ହୋଇଯିବ।

### ବିମାନ ଦୁର୍ଘଟଣାର...

ସରକାରଙ୍କ ବିମାନ ଚଳାଚଳ ବିଭାଗର ନିର୍ଦ୍ଦେଶରେ ଗଠିତ ଏହି ଦଳ ଦୁର୍ଘଟଣା ସ୍ଥଳରେ ପହଞ୍ଚି ବୈଷୟିକ ଏବଂ ପ୍ରଶାସନିକ ଦିଗ ଗୁଡିକର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛି। ଏନେଇ ଓଡ଼ିଶା ସରକାରଙ୍କ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଦ୍ୱାରା ଏକ ସରକାରୀ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି।

ଅପରପକ୍ଷେ ତଦନ୍ତକାରୀ ଦଳ ବ୍ଲାକ ବକ୍ସକୁ ଜବତ କରିଛନ୍ତି। ଏହା ଦୁର୍ଘଟଣାର ଅସଲ କାରଣ ଖୋଜି ବାହାର କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସାମଗ୍ରିକ ମାର୍ଗଦର୍ଶନରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର, ଭାରତ ସରକାର, ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିମାନ କମ୍ପାନୀ ସହିତ ନିରନ୍ତର ସମନ୍ୱୟରଖି ତ୍ୱରିତ, ପ୍ରଭାବଶାଳୀ ଓ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରୁଛନ୍ତି ବୋଲି ପ୍ରକାଶ କରାଯାଇଛି। ଆଜିରାଜ୍ୟ ପରିବହନ ବିଭାଗର ସଚିବ ଉଷା ପାଢ଼ୀ, ସୁନ୍ଦରଗଡ ଜିଲ୍ଲାପାଳ ଡ.ଶୁଭଙ୍କର ମହାପାତ୍ର, ଏସ୍‌ପି ନିତେଶ ୱାଧୱାନୀଙ୍କ ସହିତ ଦୁର୍ଘଟଣା ସ୍ଥଳ ପରିଦର୍ଶନ କରିବା ସ୍ଥାନୀୟ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଆହତମାନଙ୍କୁ ଭେଟିଥିଲେ। ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ପାଢ଼ୀ କହିଛନ୍ତି ଯେ, ଦୁର୍ଘଟଣା ପରେ ସୁଗମ ଉଦ୍ଧାର ଏବଂ ତଦନ୍ତ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ଲଜିଷ୍ଟିକ୍ ସହାୟତା ଯୋଗାଇ ଦେଇଛନ୍ତି। ଆହତ ମାନଙ୍କର ଚିକିତ୍ସା ପାଇଁ ଏକ ତଦନ୍ତ ଦଳ ଏବଂ ବିଶେଷଜ୍ଞ ଡାକ୍ତରଙ୍କ ଉପଲବ୍ଧତା ସୁନିଶ୍ଚିତ କରାଯାଇଛି। ତଦନ୍ତ ଦଳ ଏବଂ ଡାକ୍ତର ମାନଙ୍କୁ ରାଉରକେଲାକୁ ଯାତାୟତ କରିବା ପାଇଁ ରାଜ୍ୟ ପକ୍ଷରୁ ହେଲିକପ୍ଟର ନିୟୋଜିତ କରାଯାଇଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ଅଧିକାରୀ ମାନେ ରାଉରକେଲାରେ କ୍ୟାମ୍ପ କରିଛନ୍ତି। ସେମାନଙ୍କୁ ଜିଲ୍ଲା ପ୍ରଶାସନରୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି। ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ପାଢ଼ୀ ସାମଗ୍ରିକ ସମନ୍ୱୟ ଏବଂ ତଦାରଖ କରିବା ଆରମ୍ଭ କରିଛନ୍ତି। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ସତର୍କତା ସ୍ୱରୂପ ଜଣେ ଯାତ୍ରୀ ନିରନ୍ତର ଡାକ୍ତରୀ ପର୍ଯ୍ୟବେକ୍ଷଣରେ ଅଛନ୍ତି। ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି ଯେ, ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡ ପାଳନ, ଆହତ ମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଏବଂ ଏଏଆଇବି (ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ) ଦ୍ୱାରା ନିରପେକ୍ଷ ତଦନ୍ତ ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯାଉଛି। ଦୁର୍ଘଟଣା ସ୍ଥଳରେ ସୁରକ୍ଷା ବୃଦ୍ଧି କରାଯାଇଛି। ଅପରପକ୍ଷେ ବିମାନରେ ଥିବା ଯାତ୍ରୀ ସୁନିଲ ଅଗ୍ରୱାଲ ଓ ତାଙ୍କ ପତ୍ନୀ ସବିତା ଅଗ୍ରୱାଲ ସ୍ୱଇଚ୍ଛାରେ ଅଧିକ ଚିକିତ୍ସା ପାଇଁ ବମ୍ବେକୁ ଏୟାରଲିଫ୍ଟ ହୋଇଥିବା ଜଣାପଡିଛି।

### ସହଯୋଗ ପାଇଁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ରାଉରକେଲା ବିମାନ ଦୁର୍ଘଟଣା ସମୟରେ ସ୍ଥାନୀୟ ଜନସାଧାରଣ ଏବଂ ଉଦ୍ଧାରକାରୀ ଦଳ ଯେଉଁ ସାହସିକତା ଓ ତତ୍ପରତା ପ୍ରଦର୍ଶନ କଲେ, ସେଥିପାଇଁ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ବିପଦ ସମୟରେ ସ୍ଥାନୀୟ ଲୋକଙ୍କର ନିଃସ୍ୱାର୍ଥପର ସେବା ଯୋଗୁଁ ଅନେକ ମୂଲ୍ୟବାନ ଜୀବନ ରକ୍ଷା ପାଇପାରିଛି। ସ୍ଥାନୀୟ ପ୍ରଶାସନ, ଜନସାଧାରଣ, ଅଗ୍ନିଶମ ବାହିନୀ ଓ ପୁଲିସ କର୍ମଚାରୀଙ୍କ ସମନ୍ୱିତ ଉଦ୍ୟମ ପ୍ରଶଂସନୀୟ। ସରକାର ଆହତମାନଙ୍କ ସହ ଅଛନ୍ତି ଏବଂ ସେମାନଙ୍କର ଉତ୍ତମ ଚିକିତ୍ସା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ୩୫୦୦ ପୋଷ୍ଟ ବ୍ଲକ୍...

ଏବଂ ଅବୈଧ ବିଷୟବସ୍ତୁକୁ ତୁରନ୍ତ ହଟାଇବାକୁ 'ଏକ୍ସ'କୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରିଥିଲା। ମନ୍ତ୍ରଣାଳୟ ଏହା ମଧ୍ୟ କହିଛି ଯେ ଯଦି ଏହା କରା ନ ଯାଏ, ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏମିତିକି ଜାନୁଆରୀ ୭ରେ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଏ ପର୍ଯ୍ୟନ୍ତ କ'ଣ ପଦକ୍ଷେପ ନିଆଯାଇଛି ଏବଂ ଏପରି ଘଟଣାକୁ ରୋକିବା ପାଇଁ କ'ଣ ବ୍ୟବସ୍ଥା କରାଯାଇଛି, ସେ ନେଇ 'ଏକ୍ସ'କୁ ପ୍ରଶ୍ନ କରିଥିଲେ। ତଥାପି, ସରକାର 'ଏକ୍ସ' ଦ୍ୱାରା ଦାଖଲ କରାଯାଇଥିବା ପ୍ରାରମ୍ଭିକ ରିପୋର୍ଟକୁ ଯଥେଷ୍ଟ ବୋଲି ବିଚାର କରି ନ ଥିଲେ। କମ୍ପାନୀ ବର୍ତ୍ତମାନ ଏହା ମଧ୍ୟ ପ୍ରତିଶ୍ରୁତି ଦେଇଛି ଯେ ଭବିଷ୍ୟତରେ ପ୍ଲାଟଫର୍ମରେ ଅଶ୍ଳୀଳ ଚିତ୍ର ଏବଂ ବିଷୟବସ୍ତୁକୁ ଅନୁମତି ଦିଆଯିବ ନାହିଁ।

### ଜଙ୍ଗଲରେ ଜୁଆଖେଳ...

ସଂଘବଦ୍ଧ ଆକ୍ରମଣ କରିବା ସହ କିଛି କନେଷ୍ଟବଳଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ଖବରପାଇ ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଅଧିକ ଫୋର୍ସ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ଟିମ୍ ସେଠାରୁ ୨୬ ଅଭିଯୁକ୍ତଙ୍କୁ ମାଡ଼ି ବସି ଧରିବା ସହ ଜୁଆ ଆଡ୍ଡାରୁ ଟଙ୍କା, ବାଇକ୍, କାର୍ ଓ ୧୮ ପ୍ୟାକେଟ ତାସ ଜବତ କରିଥିଲେ। କିଛି ଜୁଆଡ଼ି ଅନ୍ଧାରର ସୁଯୋଗ ନେଇ ଦୌଡ଼ି ପଳାଇଥିଲେ। ଜୁଆଡ଼ିଙ୍କ ଆକ୍ରମଣରେ ଆହତ ପୁଲିସ କର୍ମଚାରୀଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏଏସ୍‌ଆଇ ମନୋଜ ସିଂଙ୍କ ଏତଲା ଅନୁଯାୟୀ ଆଇଆଇସି ଥାନା ମାମଲା ନଂ.୧୨/୨୬ ଦ୍ୱାରା ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ରାଜକିଶୋର ପାତ୍ର, ପୁରୀ ସମେତ ଗଞ୍ଜାମ ଜିଲ୍ଲା ବଡ଼ଗଡ଼, ଭଞ୍ଜନଗର, ଜଗନ୍ନାଥପ୍ରସାଦ, ଗୋଳନ୍ଥରା, ଶେରଗଡ଼, କେ. ନୂଆଗାଁ, ଦିଗପହଣ୍ଡି, ଜରଡ଼ା ଥାନା ଅଧୀନ ବିଭିନ୍ନ ଗ୍ରାମର ଅଭିଯୁକ୍ତଙ୍କୁ ଗିରଫ କରି ରବିବାର ଅପରାହ୍ଣରେ କୋର୍ଟ ଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଦୀର୍ଘଦିନ ହେଲା ଦିଗପହଣ୍ଡି ଓ କେ. ନୂଆଗାଁ ଥାନା ଅଧୀନ ବିଭିନ୍ନ ଗ୍ରାମର କିଛି ପେସାଦାର ଅପରାଧୀ ଏହି ଜୁଆ ଆ‡‡ ପରିଚାଳନା କରୁଥିଲେ ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### 'ନୌଟଙ୍କି' ପରେ...

ଚାଷୀ ଓ ସରକାରଙ୍କ ମଧ୍ୟରେ ପାର୍ଥକ୍ୟ ଦିନକୁ ଦିନ ବଢ଼ି ଚାଲିଥିବାବେଳେ ଗତକାଲି ସୋନପୁରରେ ଚାଷୀମାନଙ୍କ ସମର୍ଥନରେ ଆନ୍ଦୋଳନ କରୁଥିବା ନବନିର୍ମାଣ ସମିତିର କର୍ମକର୍ତ୍ତାଙ୍କୁ ଆକ୍ରମଣ ପରିସ୍ଥିତିକୁ ଅଧିକ ଗମ୍ଭୀର କରିଛି । ଉପମୁଖ୍ୟମନ୍ତ୍ରୀଙ୍କ ସଭାରେ ସରକାରୀ ବିରୋଧୀ ସ୍ଲୋଗାନ ଦେବା ଯୋଗୁଁ ଚାଷୀନେତାମାନଙ୍କୁ ଶାସକ ଦଳର କର୍ମୀମାନେ ନିଷ୍ଠୁର ପିଟିଛନ୍ତି ଓ ପୁଲିସ ସେମାନଙ୍କୁ ଧକ୍କା ମାରି ବାହାର କରି ଦେଇଛି । ଶାସକ ଦଳର କର୍ମୀ ଓ ପୁଲିସର ମାଡ଼ଠାରୁ ଚାଷୀଙ୍କୁ ଅଧିକ ଆଘାତ ଦେଇଛି ଉପମୁଖ୍ୟମନ୍ତ୍ରୀଙ୍କ ଆକ୍ଷେପ । ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀ ନେତାମାନଙ୍କୁ 'ଦଲାଲ' ବୋଲି ଆକ୍ଷେପ ପରିସ୍ଥିତିକୁ ଅଧିକ ସ୍ପର୍ଶକାତର କରିଛି । ରାଜ୍ୟରେ ଧାନ କିଣାକୁ ନେଇ ଏବେ ଦିନକୁ ଦିନ ସମସ୍ୟା ବଢ଼ି ଚାଲିଥିବା ବେଳେ ଉପମୁଖ୍ୟମନ୍ତ୍ରୀଙ୍କ ଆକ୍ଷେପ ଚାଷୀଙ୍କ କଟା ଘା'ରେ ଚୂନ ମାରିବା ପରି ହୋଇଛି ।

ନବନିର୍ମାଣ କୃଷକ ସଂଗଠନର ବଲାଙ୍ଗୀର ଜିଲ୍ଲା ସଂଯୋଜକ ହିମାଂଶୁ ଶେଖର ସାହୁ କହିଛନ୍ତି ଯେ ବିଜେଡି ଶାସନ ୨୪ ବର୍ଷ ମଧ୍ୟରେ ସରକାର ଚାଷୀଙ୍କ ଦେହରେ କେବେ ଟିପ ମାରି ନ ଥିଲା। ମାତ୍ର ୧୮ ମାସ ବିଜେପି ସରକାର ଚାଷୀଙ୍କୁ ଗୁଣ୍ଡା ଲଗାଇ ପିଟିଛି । ପୁଲିସ ଚାଷୀଙ୍କ ଉପରେ ଆକ୍ରମଣ କରିଛି । ସରକାରଙ୍କ ବିରୋଧରେ ସ୍ଲୋଗାନ ଯଦି ଉପମୁଖ୍ୟମନ୍ତ୍ରୀଙ୍କୁ ବାଧୁଛି; ସେ ପ୍ରତିକ୍ରିୟାଶୀଳ ହୋଇ ଚାଷୀଙ୍କୁ ପିଟିବାକୁ ଗୁଣ୍ଡା ପଠାଉଛନ୍ତି, ପୁଲିସକୁ ଲଗାଇ ଦେଉଛନ୍ତି । ତେବେ ଉପମୁଖ୍ୟମନ୍ତ୍ରୀ କାହିଁକି ଚାଷୀଙ୍କୁ ନୌଟଙ୍କି କରୁଥିବା ଆକ୍ଷେପ କରୁଛନ୍ତି, ଦଲାଲ ବୋଲି କଟୁକ୍ତି କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ନିଜର ଅହଂକାର ଓ ଚାଷୀଙ୍କ ପ୍ରତି କରିଥିବା ଆକ୍ଷେପ ପାଇଁ ଉପମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ, ନଚେତ୍ ତାଙ୍କୁ ସବୁଆଡ଼େ ବିରୋଧ କରାଯିବ ଓ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି ।

## ଆସନ୍ତା ମାସରେ ଧାନ ମଣ୍ଡି, ପିୟୁସିସି, ସ୍ମାର୍ଟ ମିଟର ଓ ଭୋଟର ତାଲିକା ସମସ୍ୟା ନେଇ ସିପିଆଇର ରାଜ୍ୟବ୍ୟାପୀ ଆନ୍ଦୋଳନ ଆହ୍ୱାନ

ଭୁବନେଶ୍ୱର, ୧୧।୧(ସମିସ): ଧାନ ମଣ୍ଡିରେ ଅବ୍ୟବସ୍ଥା, ପ୍ରଦୂଷଣ ନାମରେ ଜନସାଧାରଣଙ୍କୁ ଜରିମାନା, ଟାଟା ପାୱାର ସ୍ମାର୍ଟ ମିଟର ଓ ଭୋଟର ତାଲିକା



ସଂଶୋଧନ ଆଳରେ ଗଣତନ୍ତ୍ର ହତ୍ୟା ପ୍ରତିବାଦରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ରାଜ୍ୟବ୍ୟାପୀ ସପ୍ତାହେ ଆନ୍ଦୋଳନର ଆହ୍ୱାନ ଦେଇଛି। ଶନିବାର ସିପିଆଇ ଓଡ଼ିଶା ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନରେ କମ୍ରେଡ୍ ଶ୍ରୀହର୍ଷ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ରାଜ୍ୟରେ ଧାନ ମଣ୍ଡି ଖୋଲିବାରେ ବିଳମ୍ବ, କଟନୀଛଟନୀ, ସ୍ମାର୍ଟ ମିଟର ମାଧ୍ୟମରେ ବିଦ୍ୟୁତ୍ ଗ୍ରାହକ ଶୋଷଣ ଓ ଭୋଟର ତାଲିକାରୁ ନାମ ବାଦ୍ ଦେବା ପ୍ରସଙ୍ଗ ଉଠାଇଥିଲେ। ଏହାର ପ୍ରତିବାଦରେ ଆସନ୍ତା ମାସ ୨ରୁ ୭ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରତି ବ୍ଲକରେ ଜନ ଆନ୍ଦୋଳନ ପାଇଁ ସିପିଆଇ ପକ୍ଷରୁ ଆହ୍ୱାନ ଦିଆଯାଇଥିବା ବେଳେ ଦେଶରେ ଶ୍ରମ କୋଡ଼ ପ୍ରଣୟନ, କୃଷକ, ଛାତ୍ର, ଯୁବ, ମହିଳା ଓ ବୁଦ୍ଧିଜୀବିଙ୍କୁ ଅତ୍ୟାଚାର ପ୍ରତିବାଦରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନଙ୍କ ସଂଯୁକ୍ତ ମୋର୍ଚ୍ଚା ଆସନ୍ତା ମାସ ୧୨ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ଅଶୋକ କୁମାର ଦାଶ, ବିଜୟ ଜେନା, ଆଶିଷ କାନୁନ୍‌ଗୋ, ରମଣୀ ରଞ୍ଜନ ରାଉତରାୟ, ସଂଘମିତ୍ରା ଜେନା ପ୍ରମୁଖ ପ୍ରସ୍ତାବ ଉପରେ ସବିଶେଷ ଆଲୋଚନା ପରେ ସର୍ବସମ୍ମତ ଏହି ନିଷ୍ପତ୍ତି ନିଆଯାଇଥିଲା।

**AFFIDAVIT**

By virtue of an affidavit before the Executive Magistrate cum Tahasildar, Morada on dated 26/12/2025. My actual name is Subhankar Dhir, S/o: Hemsagar Dhir, At: Handibhanga, Po: Kohi, P.S.: Morada, Dist.: Mayurbhanj, Pin: 757023. It is mentioned in my matric certificate also But in my Aadhaar Card it is wrongly mentioned as Shubhashankar Dhir instead of Subhankar Dhir. Henceforth I will be known as Subhankar Dhir in deeds, writing, proceeding, dealing & transaction in all purpose.

**DISTRICT PROJECT OFFICE**
**SAMAGRA SHIKSHA, NUAPADA**
Behind Mini Stadium, At/Po/Ps/Dist.- Nuapada-766105
Phone No.: 6370118585, E mail: dpcnuapadassa.opepa@nic.in
**No. 79/2026 (School Band Competition), Date 09.01.2026**
**Notice Inviting Tender**

Sealed tenders under two bid systems are invited separately from reputed agencies/ suppliers/manufacturers having valid PAN, GST & IT clearance along with Udyam registration/DIC Registration of firm etc. for supply of "**BRASS BAND INSTRUMENTS**" and "**SCHOOL BAND UNIFORM**" for 08 nos. of PM SHRI Schools of Nuapada district. The detailed bid documents can be downloaded separately from district website i.e. www.nuapada.odisha.gov.in and OSEPA website i.e. www.osepa.odisha.gov.in. The interested and eligible agency/ suppliers/manufacturers may download bid documents for both the items from the above website and **apply for one or both separately on or before dt.30/01/2026 by 5:00 PM through Regd./Speed Post only**. The tenders will be opened on the next day i.e. **dt.31/01/2026 at 11.00 AM at District Project Office, Samagra Siksha, Nuapada.** Corrigendum / addendum, if any, will be uploaded in the above website, hence, the potential bidders are requested to go through the above websites for any updates. The authority reserves all rights to reject/modify or cancel part or whole tenders without assigning any reason thereof.

**By order of Collector-cum-Chairman, Samagra Shiksha, Nuapada**
**District Education Officer-cum-DPC**
**Samagra Shksha, Nuapada**

## ନିର୍ମାଣକୁ ୨ ବର୍ଷ ପୂରିଲା

# କାର୍ଯ୍ୟକ୍ଷମ ହେଉନି କୃଷକ ପରାମର୍ଶ କେନ୍ଦ୍ର



**ଠାକୁରମୁଣ୍ଡା, ୧୧।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ତାଳପଦା ଗ୍ରାମରେ କୃଷି ବିଭାଗ ପକ୍ଷରୁ ତାଳପଦା ରାଜସ୍ୱ ବିଭାଗ ଅଫିସ ନିକଟରେ ନିର୍ମାଣ ହୋଇଛି କୃଷକ ପରାମର୍ଶ କେନ୍ଦ୍ର। ଯାହାକି ଆଜକୁ ଦୁଇବର୍ଷ ତଳେ ତିଆରି କରାଯାଇଥିଲା। କିନ୍ତୁ ଭାଗ୍ୟର ବିଡମ୍ବନା ଆଜି ପର୍ଯ୍ୟନ୍ତ ତାହା କୌଣସି କାମରେ ଲାଗିପାରୁନାହିଁ। ଏଠାରେ ଚାଷୀ ହନ୍ତସନ୍ତ ହେଉଥିବାବେଳେ ସେମାନଙ୍କୁ ସାହାଯ୍ୟ କରିବାକୁ ପୂର୍ବତନ ସରକାର ପାଖାପାଖି ୮ ଲକ୍ଷ ଟଙ୍କା ବିନିମୟରେ ଏହି କୃଷକ ପରାମର୍ଶ କେନ୍ଦ୍ର ନିର୍ମାଣ କରିଥିଲେ। ବର୍ତ୍ତମାନର ସରକାର ଆସିବା ପରେ ଏହାକୁ ବ୍ୟବହାର କରିବାକୁ ସମ୍ପୂର୍ଣ୍ଣ ଭୁଲି ଯାଇଛନ୍ତି। ଏଣୁ ବିଭାଗୀୟ ଅଧିକାରୀ ତୁରନ୍ତ ତଦନ୍ତ କରି ଉକ୍ତ କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରିବା ସହିତ ଯେଉଁ ଉଦ୍ଦେଶ୍ୟ ରଖି ଏହି କାର୍ଯ୍ୟାଳୟଟି ନିର୍ମାଣ କରାଯାଇଥିଲା, ତାହାକୁ ସଠିକ୍ ଭାବେ କାମରେ ଲଗାଇବା ପାଇଁ ଚାଷୀ ଦାବି କରୁଛନ୍ତି।

# ବାଇପାସ ରାସ୍ତା ନିର୍ମାଣ ବାଧକର ହେଲା ସମାଧାନ

**ରାଇରଙ୍ଗପୁର, ୧୧।୧(ସମିସ):** ରାଇରଙ୍ଗପୁର ସହରବାସୀଙ୍କ ବହୁ ପ୍ରତିକ୍ଷୀତ ବାଇପାସ ରାସ୍ତା ନିର୍ମାଣ କାମ ହେଉଥିବା ବାଧକ ସମାଧାନ ହୋଇଛି। ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜମିଜମା ବିବାଦର ସମାଧାନ କରି ନିର୍ମାଣ କାର୍ଯ୍ୟ ନିମନ୍ତେ ଜମି ହସ୍ତାନ୍ତର କରାଯାଇଛି। ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ଇପିସି ମୋଡ଼ରେ ୨୦୨୨-୨୦୨୩ ବାର୍ଷିକ ଯୋଜନାରେ ଦୁଇ ଲେନ ବିଶିଷ୍ଟ ବାଇପାସ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ମିଶ୍ରା କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ଼ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଜମି ଅଧିଗ୍ରହଣ ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଏହାର ସମାଧାନ କରି ଜମି ଅଧିଗ୍ରହଣ ହେଉଥିବା ସମସ୍ୟାର ସୁରୁଖୁରୁରେ ସମାଧାନ କରିଛନ୍ତି। ନୂଆଗାଁ ଗ୍ରାମଠାରୁ ପୁରୁଣାପାଣି, ସିଜୁକଲା ଓ ରାଣିପାଳ ପର୍ଯ୍ୟନ୍ତ ରାସ୍ତା ପାଇଁ କୌଣସି ପ୍ରତିବନ୍ଧକ ନାହିଁ। ଜମି ଅଧିଗ୍ରହଣ ପାଇଁ ବର୍ଦ୍ଧିତ ଦର କ୍ଷତିପୂରଣ ଅର୍ଥ ରାଶି ପ୍ରଦାନ କରିବା ପାଇଁ କିଛି ଲୋକେ କୋର୍ଟରେ ମାମଲା କରିଥିଲେ। ତହସିଲଦାର ଶ୍ରୀ ବିଶ୍ୱାଳ ଏହାର ସମାଧାନ କରିଛନ୍ତି। ଯାହାକି ସୁରୁଖୁରୁରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ପୁରୁଣାପାଣି ପଟୁ ୭୦୦ ମିଟର, ପଟେପାଣି ପଟୁ ୮୦୦ ମିଟର ଓ ରାଣୀପାଳ ପଟୁ ୫୦୦ ମିଟର ରାସ୍ତା କାମ ଆଗେଇଛି। ମାଟି ପଡ଼ି ସମତୁଲ କରାଯାଉଛି। ଉକ୍ତ ବାଇପାସ ରୋଡ୍ ଯଶିପୁର ଜାତୀୟ ରାଜପଥକୁ ସଂଯୋଗ କରିବାକୁ ଥିବାବେଳେ ଅନ୍ୟ ବାଧକ ସମାଧାନ ପାଇଁ କାଗଜପତ୍ର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗ୍ରାମବାସୀଙ୍କ ଜମି ବଦଳରେ ଯଥେଷ୍ଟ କ୍ଷତିପୂରଣ ଦାବି କରୁଥିବାବେଳେ ପୂର୍ବରୁ ନିର୍ମାଣକାରୀ ସଂସ୍ଥାକୁ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ବାଧା ସୃଷ୍ଟି ହୋଇଥିଲା। ବାଇପାସ ରାଜପଥ ନିର୍ମାଣରେ ପ୍ରଭାବିତ ହେଉଥିବା ଲୋକଙ୍କୁ ବର୍ଦ୍ଧିତ ଦରରେ କ୍ଷତିପୂରଣ ପ୍ରଦାନ ନେଇ ହାଇକୋର୍ଟରେ ୧୬ ଜଣ ପ୍ରଭାବିତ ମାମଲା ଦାଏର କରିଥିଲେ। ଯାହାକୁ ନେଇ ନିର୍ମାଣରେ ସମସ୍ୟା ସୃଷ୍ଟି ହୋଇଥିଲା। ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କଲେ ତହସିଲ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହାକୁ ନେଇ ରାଇରଙ୍ଗପୁର ତହସିଲଦାର ଶ୍ରୀ ବିଶ୍ୱାଳ ସମସ୍ୟାର ସମାଧାନ ନେଇ ପ୍ରକ୍ରିୟା ଜାରି ରଖିଛନ୍ତି। ଫଳରେ ବାଇପାସ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି।



## କାୟାକଳ୍ପ ଟିମ୍‌ର ବହଳଦା ଓ ତିରିଂ ଡାକ୍ତରଖାନା ପରିଦର୍ଶନ



**ବହଳଦା, ୧୧।୧(ସମିସ):** ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଡାକ୍ତରଙ୍କ ଏକ କାୟାକଳ୍ପ ଦଳ ବହଳଦା ଓ ତିରିଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। କାୟାକଳ୍ପ ଦଳର ମୁଖ୍ୟ ଭାବେ ସ୍ୱାସ୍ଥ୍ୟ ବିଭାଗ ଉପନିର୍ଦ୍ଦେଶକ ଡା. ଅରୁଣ କୁମାର ମହାପାତ୍ର (ଭୁବନେଶ୍ୱର)ଙ୍କ ସହିତ ଡା. ପ୍ରାଣ ଗୋପାଳ ଦାସ (ଏନଏଚଏମ), ବିଶ୍ୱ ବ୍ୟାଙ୍କ ଅଧିକାରୀ ଡା. ଦେବଜ୍ୟୋତି ମହାପାତ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ପ୍ରବନ୍ଧକ ଅନୀଲ ମହାନ୍ତି ଓ ଗୁଣବତ୍ତା ବିଭାଗ ସହକାରୀ ପ୍ରବନ୍ଧକ ଅଜିତ କୁମାର କଅଁର ପ୍ରମୁଖ ପହଞ୍ଚିଥିଲେ। କାୟାକଳ୍ପ ଦଳକୁ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରୀତା ଟୁଡୁ, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସାଇବା ମୁର୍ମୁ ଓ ବିପିଏମ ତପନ ମହାନ୍ତ ସ୍ୱାଗତ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରାଇଥିଲେ। କାୟାକଳ୍ପ ଦଳ ଡାକ୍ତରଖାନାର ପରିଦର୍ଶନରେ ଭିତର ପାର୍ଶ୍ୱ (ଇନଡୋର), ପରୀକ୍ଷାଗାର (ଲାବୋରଟେରୀ), ବହିର୍ବିଭାଗ (ଓପିଡି), କାର୍ଯ୍ୟାଳୟ (ଓଫିସ୍) ଏବଂ ସୁସ୍ଥ ପରିଚ୍ଛନ୍ନତା (ହେଲ୍ଥ ହାଇଜିନ) ଇତ୍ୟାଦିର ପରିଦର୍ଶନ କରି ଅତିରିକ୍ତ ମୂଲ୍ୟାଙ୍କନ କରିଥିଲେ। ତିରିଂ ଡାକ୍ତରଖାନା ପରିଦର୍ଶନରେ ପହଞ୍ଚି ଥିବାବେଳେ ସେଠାରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦେବଜ୍ୟୋତି ଜେନା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ନରେନ୍ଦ୍ର ନାଥ ମାଝୀ କାୟାକଳ୍ପ ଦଳକୁ ସ୍ୱାଗତ କରିବା ସହ ଅତିରିକ୍ତ ମୂଲ୍ୟାଙ୍କନ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର ପରିଦର୍ଶନ କରାଇଥିଲେ।

## ବ୍ଲକ୍‌ସ୍ତରୀୟ ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନୀ

**ମୋରଡା, ୧୧।୧(ସମିସ):** ମୋରଡ଼ା ବ୍ଲକସ୍ତରୀୟ ଇକୋ କ୍ଲବ ପ୍ରକଳ୍ପ ପ୍ରଦର୍ଶନୀ ଚିତ୍ରଡା ଜବାହର ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ବିଜୟ ପାଣିଗ୍ରାହୀ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ୭ଟି ବିଷୟରେ ପରିବେଶ ସମ୍ପର୍କିତ ପ୍ରକଳ୍ପ ନେଇ ବ୍ଲକର ୨୩ଟି ହାଇସ୍କୁଲରୁ ୪୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ଗଡ଼ିଗାଁ ପିଏମଶ୍ରୀ ହାଇସ୍କୁଲ ଛାତ୍ରୀ କରିସ୍ମି ମହାନ୍ତ ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ଦାନ୍ତିଆମୁହାଁ ସରକାରୀ ହାଇସ୍କୁଲ ଛାତ୍ର ବାବରୁ ସିଂ ଦ୍ୱିତୀୟ ଓ ଆଣୁଆଁ ପିସି ମହାନ୍ତ ହାଇସ୍କୁଲ ଛାତ୍ର ପ୍ରୀତମ ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କ ପ୍ରକଳ୍ପ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ ପାଇଁ ବିଚାରକ ଶିକ୍ଷକ ଜଗନ୍ନାଥ ସାହୁ, ନନ୍ଦିନୀ ଚୌଧୁରୀ ଓ ନାରାୟଣ ଗିରି ଚୟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜବାହର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦୀ ଓ ବରିଷ୍ଠ ଶିକ୍ଷକ ଅରୁଣ ବେହେରା ପରିଚାଳନା କରିଥିଲେ।

## ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

**ମୋରଡ଼ା, ୧୧।୧(ସମିସ):** ମୋରଡ଼ା ବ୍ଲକ ସଦର ମହକୁମା ଚିତ୍ରଡାରେ ଥିବା ଚିତ୍ରଡା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୫୦ ଜଣ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କୁ ନେଇ ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଛି। ଉକ୍ତ ଶିବିରକୁ ସଂସ୍କୃତ ବିଭାଗ ଅଧ୍ୟାପକ ଭରତ ଦଣ୍ଡପାଟ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ବସନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତ, ଅଧ୍ୟାପିକା ସୌଦାମିନୀ ସିଂ ଯୋଗ ଦେଇଥିଲେ। ଅଧ୍ୟାପକ ବୁଦ୍ଧିରାମ ସିଂ ମଞ୍ଚ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମ ଅଧିକାରିଣୀ ସରିତା ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମ୍ୟୁଟେସନ ସ୍ଥଗିତାଦେଶ ପ୍ରତ୍ୟାହାର ଦାବି

**ବେତନଟୀ, ୧୧।୧(ସମିସ):** ବେତନଟୀ ଆରଆଇ ସର୍କଲର ବେତନଟୀ ସହରରେ ଥିବା ଏକ ଉତ୍ତରାଧିକାରୀ ବିହୀନ ଘର ବାରି କିସମର ମୂଲ୍ୟବାନ ଜମିକୁ ହଡ଼ପ କରି ନେବାକୁ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ଉଦ୍ୟମ ଚଳାଇ ଆସିଥିବା ଷଡ଼ଯନ୍ତ୍ରକାରୀ ଜାଲରେ ରାଜସ୍ୱ ବିଭାଗ ଛନ୍ଦି ହେବା ସହିତ ଖୋଦ ସରକାରୀ ଓକିଲ ସରକାରଙ୍କ ସ୍ୱାର୍ଥ ରକ୍ଷା ନ କରି ବେନାମୀ ବ୍ୟକ୍ତିଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିଜକୁ ସମର୍ପଣ କରିଦେବା ହେତୁ ହଜାର ହଜାର ଜମି ଖରିଦଦାର ଦୀର୍ଘ ୩୫ ବର୍ଷରୁ ଊର୍ଦ୍ଧ୍ୱ ପଟ୍ଟା ପାଇପାରି ନ ଥିବା ଭଳି ବିରଳ ଉଦାହରଣ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଛି। ଯେକୌଣସି ଗଣତାନ୍ତ୍ରିକ ସରକାର ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରିବା ସମ୍ବିଧାନର କର୍ତ୍ତବ୍ୟ ହୋଇଥିବାବେଳେ ସାଧାରଣ ଜନତାଙ୍କୁ ଉପେକ୍ଷିତ କରି ମୌଳିକ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିବା ଓ ନ୍ୟାୟପାଳିକା ବର୍ଷ ବର୍ଷ ଧରି ନିରବଦ୍ରଷ୍ଟା ସାଜିବା ଯାହା ବେତନଟୀ ତହସିଲରେ ଦେଖାଯାଇଛି। ବେତନଟୀ ତହସିଲ ଅଧୀନସ୍ଥ ଭୋଗବାଟି ମୌଜାର ଏକ ଉତ୍ତରାଧିକାରୀ ନ ଥିବା ମୂଲ୍ୟବାନ ଘର ବାରି ଜମି ଖାତାନଂ ୮୨, ପ୍ଲଟନଂ ୨୮୧, ୨୮୨, ୨୮୩ ଓ ୨୮୫ର ମୋଟ ଜମିକୁ ନିଜ ନାମରେ ରେକର୍ଡ କରି ନେବା ପାଇଁ ଆବେଦନ କରି ପ୍ରକୃତ ଉତ୍ତରାଧିକାରୀ ନିଜକୁ ସାବ୍ୟସ୍ତ କରି ନ ପାରି ବନ୍ଦୋବସ୍ତ ଚକବନ୍ଦୀ ଓ ଆରଡିସିଠାରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ମାମଲା ଲଢ଼ି ଶେଷରେ ଆରଡିସି ଏହି ଦାବିଦାର ନ ଥିବା ଜମିକୁ ସରକାରୀ ଖାତାରେ ରଖିବା ପାଇଁ ନିର୍ଦ୍ଦେଶ ଦେବା ପରେ ଏହା ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରି ରହିତାଦେଶ ବଳବତ୍ତର ରହିବା ଯୋଗୁଁ ଏହି ମୌଜାଟି ସହରାଞ୍ଚଳ ହୋଇଥିବା ହେତୁ ୧୯୮୫ରୁ ୨୦୨୫ ମଧ୍ୟରେ କିଣାବିକା ହୋଇଥିବା ଜମିର ମ୍ୟୁଟେସନ ବନ୍ଦ ରଖାଯିବା ପାଇଁ ଅଦାଲତଙ୍କ ରହିତାଦେଶ ବଳବତ୍ତର ରହିଛି। ଏଥିପାଇଁ ହଜାର ହଜାର ଜମି କ୍ରେତା ଦଲିଲ ବ୍ୟତୀତ ଖଜଣା ଧାର୍ଯ୍ୟ ସହିତ ବେତନଟୀ ତହସିଲ କାହାରିକୁ ପଟ୍ଟା ପ୍ରଦାନ କରିପାରିନାହିଁ। କେତେ ସରକାର ଗଲେଣି ହେଲେ ଉଚ୍ଚ ଅଦାଲତ ସ୍ଥଗିତାଦେଶ ବଳବତ୍ତର ରଖିଥିବା ଯୋଗୁଁ ମ୍ୟୁଟେସନ ବର୍ଷ ବର୍ଷ ଧରି ବନ୍ଦ ରଖାଯାଇଥିବା ହେତୁ ଅନେକ ଆବେଦନକାରୀ ମଧ୍ୟ ମୃତ୍ୟୁବରଣ କରି ସାରିଲେଣି। ତୁରନ୍ତ ସ୍ଥଗିତାଦେଶ ପ୍ରତ୍ୟାହାର କରାଯାଇ ଅପେକ୍ଷାରତ ଥିବା ଜମି କ୍ରେତାଙ୍କୁ ଖଜଣା ଧାର୍ଯ୍ୟ ସହିତ ପଟ୍ଟା ପ୍ରଦାନ କରାଯିବାକୁ ବେତନଟୀ ନାଗରିକ ମଞ୍ଚ ଓ ସିଭିଲ ସୋସାଇଟି ପକ୍ଷରୁ ଦାବି କରାଯାଇଛି।

# ଭୋଟର ସଚେତନତା ପ୍ରତିଯୋଗିତା

**ବାରିପଦା, ୧୧।୧(ସମିସ):** ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଗୃହ ବିଭାଗ ସ୍ୱତନ୍ତ୍ର ସଚିବ (ନିର୍ବାଚନ ବିଭାଗ)ଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ଜାତୀୟ ଭୋଟର ଦିବସ ୨୫ ତାରିଖକୁ ଦୃଷ୍ଟିରେ ରଖି ଜିଲ୍ଲାରେ ୧୬ରୁ ୧୯ ବର୍ଷ ବୟସ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଜାନୁଆରୀ ୧ରୁ ୧୫ ତାରିଖ ମଧ୍ୟରେ 'ନଥିଙ୍ଗ ଲାଇକ ଭୋଟିଂ, ଆଇ ଭୋଟ ଫର ସିୟର' ବା ମତଦାନ ପରି ଆଉ କିଛି ନାହିଁ, ନିଶ୍ଚୟ ମତଦାନ କରିବି ମୁହିଁ ଉପରେ ସ୍ଲୋଗାନ, ସ୍କିଟ ଓ ରିଲ ପ୍ରତିଯୋଗିତା କରାଯିବ। ସ୍ଲୋଗାନ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀ ଭୋଟଦାନ ଓ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରୁଥିବା ସ୍ଲୋଗାନ ଦାଖଲ କରିବେ। ଏଥିରେ ପ୍ରବେଶ ନିମନ୍ତେ ଅଂଶଗ୍ରହଣକାରୀଙ୍କ ନାମ, ଠିକଣା ଓ ଫୋନ୍ ନମ୍ବର ଅନ୍ତର୍ଭୁକ୍ତ ହେବା ଆବଶ୍ୟକ। ସ୍ଲୋଗାନ 'ଡେମୋଏମବିଜେ୨୦୧୧ଜିମେଲ୍ ଡଟକମ' ଆଇଡିରେ ପଠାଇବେ। ସେହିପରି ବ୍ୟଙ୍ଗ ନାଟକ (ସ୍କିଟ୍) ପ୍ରତିଯୋଗିତାରେ ଅଂଶଗ୍ରହଣକାରୀ ଭୋଟର ସଚେତନତା ଉପରେ ସର୍ବନିମ୍ନ ୧ ମିନିଟରୁ ସର୍ବାଧିକ ୫ ମିନିଟ ସମୟ ଅବଧିର ଭିଡିଓ ସ୍କିଟ ରେକର୍ଡ କରି ପଠାଇବେ। ମୁଖ୍ୟ ବିଷୟବସ୍ତୁ ବ୍ୟତୀତ ନିମ୍ନଲିଖିତ ଉପବିଷୟବସ୍ତୁକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇପାରେ। ଡକ୍ୟୁମେଣ୍ଟ-ମୁକ୍ତ ମତଦାନର ସଚେତନତା କରିବାର ମହତ୍ୱ ଓ ନୈତିକ ମତଦାନର ଗୁରୁତ୍ୱ, ଭୋଟର ଶକ୍ତି ସମାବେଶୀ ଭୋଟଦାନ (ମହିଳା, ଭିନ୍ନକ୍ଷମ ବ୍ୟକ୍ତି, ବରିଷ୍ଠ ନାଗରିକ, ଯୁବ ଓ ପ୍ରଥମଥର ପାଇଁ ଭୋଟର)। ରିଲ୍ସ ପ୍ରତିଯୋଗିତାରେ ରିଲ୍ସଗୁଡିକ ଅଂଶଗ୍ରହଣକାରୀଙ୍କୁ ନିଜସ୍ୱ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଅପଲୋଡ୍ କରିବାକୁ ପଡ଼ିବ। ଅପଲୋଡ୍ କରିବା ସମୟରେ ଅଂଶଗ୍ରହଣକାରୀ ନିଜ ନାମ ଓ ଜିଲ୍ଲା ଉଲ୍ଲେଖ କରିବେ ଏବଂ ଅଫିସିଆଲ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଟ୍ୟାଗ କରିବେ। ଅଂଶଗ୍ରହଣକାରୀଙ୍କୁ ନିୟମ ଅନୁପାଳନ ପୂର୍ବକ ଭିଡିଓ/କଣ୍ଟେଣ୍ଟରେ କୌଣସି ରାଜନୈତିକ ଦଳର ସନ୍ଦର୍ଭ ଧାର୍ମିକ କିମ୍ବା ସାମ୍ପ୍ରଦାୟିକ ଟିପ୍ପଣୀ ଅପମାନଜନକ, ଅଶ୍ଳୀଳ, ଗୁଞ୍ଜନାପୂର୍ଣ୍ଣ କିମ୍ବା ଅପ୍ରମାଣିତ ସୂଚନା ଦେବାକୁ ବାରଣ କରାଯାଇଛି।

## ବିଜୁଳି ବିଲ୍ ସମ୍ବନ୍ଧରେ ସଚେତନତା

**ରାଇରଙ୍ଗପୁର, ୧୧।୧(ସମିସ):** ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିଜୁଳୀ ବିଲ୍ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାମନଘାଟୀ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ସଭାପତି ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ ହୋଇଛି। ରାଜ୍ୟ ସରକାର ବିଦ୍ୟୁତ୍ ବିଲ୍ ଜରିଆରେ ଲୋକଙ୍କୁ ଶୋଷଣ କରୁଛନ୍ତି। ଏ ସମ୍ବନ୍ଧରେ ସଚେତନ କରିବା ସହ ପତ୍ର ବଣ୍ଟନ କରିଥିଲେ। ରାଜ୍ୟ ସରକାର ୩୦୦ ୟୁନିଟ ମାଗଣା ବିଜୁଳି ଦେବାକୁ ପ୍ରତିଶ୍ରୁତି ଦେଇ ପୂରଣ କରିବାକୁ ଭୁଲି ଯାଇଛନ୍ତି। ଅନ୍ୟ ରାଜ୍ୟ ବିଜୁଳି ବିଲ୍ ଉପଭୋକ୍ତାଙ୍କୁ ଛାଡ଼ ହେଉଥିବାବେଳେ ଓଡ଼ିଶାରେ ସରକାର ଦେଉ ନାହାଁନ୍ତି ବୋଲି କଂଗ୍ରେସ ନେତା କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ଶ୍ୟାମଚରଣ ହାଁସଦା, ହରିଚରଣ ସାହୁ, ବଇଲୋଚନ ଗିରି, ରୂପକ ମହାନ୍ତି, କିଶୋର ମହାନ୍ତ ଓ ଅମର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ଶିବୁ ସୋରେନଙ୍କ ଜନ୍ମଦିନ ପାଳିତ

**ବାରିପଦା, ୧୧।୧(ସମିସ):** ଜିଲ୍ଲା କାର୍ଯ୍ୟାଳୟରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ଦିଶମଗୁରୁ ଶିବୁ ସୋରେନଙ୍କ ଜନ୍ମଦିନ ଜିଲ୍ଲା କମିଟି ପକ୍ଷରୁ ପାଳନ କରାଯାଇଛି। ଗୁରୁଜୀଙ୍କ ଶୁଭ ଜନ୍ମବାର୍ଷିକ ଉତ୍ସବରେ ରଘୁନାଥପୁରସ୍ଥ ରୋଜ ମାନସିକ ଓ ଭିନ୍ନକ୍ଷମ ବିଦ୍ୟାଳୟରେ ପାଳନ ସହିତ ବାରିପଦାସ୍ଥ ଜିଲ୍ଲା କାର୍ଯ୍ୟାଳୟରେ ପାଳନ କରାଯାଇଥିଲା। ଶିବୁ ସୋରେନ ଭାରତୀୟ ରାଜନୀତିର ଚର୍ଚ୍ଚିତ ଆଦିବାସୀ ନେତା ଓ ଚେହେରା ଥିଲେ। ଆଦିବାସୀ ସମୁଦାୟ ଓ ସାଧାରଣ ଲୋକେ ଶିବୁ ସୋରେନଙ୍କୁ ଦିଶମ ଗୁରୁ/ଗୁରୁଜୀ ବୋଲି ଆଖ୍ୟା ଦେଇଥିଲେ। ସେ ୧୯୭୩ରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମଏମ) ପ୍ରତିଷ୍ଠା କରିଥିଲେ। ୨୦୦୦ରେ ବିହାର ରାଜ୍ୟଠାରୁ ଅଲଗା କରି ଝାଡ଼ଖଣ୍ଡ ରାଜ୍ୟ ଗଠନ କରିବାରେ ସଫଳ ହୋଇଥିଲେ। ଅନେକଥର ବିଧାନ ସଭା, ରାଜ୍ୟସଭା, କେନ୍ଦ୍ରମନ୍ତ୍ରୀ ଓ ଝାଡ଼ଖଣ୍ଡର ତିନିଥର ମୁଖମନ୍ତ୍ରୀ ହୋଇଥିଲେ। ଅସୁସ୍ଥତା ଯୋଗୁଁ ୮୧ ବୟସରେ ୨୦୨୫ ଅଗଷ୍ଟ ୪ ତାରିଖରେ ଦିଲ୍ଲୀସ୍ଥ ଗଙ୍ଗାରାମ ଡାକ୍ତରଖାନାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସମଗ୍ର ଆଦିବାସୀ ସମାଜରେ ସେ ଦିଶମ ଗୁରୁ (ଗୁରୁଜୀ) ହୋଇ ଚିରସ୍ମରଣୀୟ ରହିବେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ରୂପେ କପ୍ତିପଦା ୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ସିରୁ ସୋରେନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ, ଉପସଭାପତି ରାଜା ହେମ୍ବ୍ରମ, କେନ୍ଦ୍ରୀୟ କମିଟି ସଦସ୍ୟ ଦିବାକର ସୋରେନ, ରାଜ୍ୟ ପରିଷଦ ସଦସ୍ୟ ସନାତନ ମୁର୍ମୁ ଓ ସୁଜିତ ବେହେରା, ବାରିପଦା ସହର ସଭାପତି ତରେନ ସେନାପତି, କୁଳିଅଣା ବ୍ଲକ ସଭାପତି ଭାଗୀରଥି ସୋରେନ, ଖୁଣ୍ଟା ବ୍ଲକ ସଭାପତି ବିକ୍ରମ ମୁର୍ମୁ, ଶୁଳିଆପଦା ଉପସଭାପତି ରାମଚନ୍ଦ୍ର ସି, ଯୁବନେତା ଅମୀର ଖାନ, ସିପୁ ମୁଦୁଲି, ଲକ୍ଷ୍ମଣ ଚାପିଆର, ମିଳନ ମହାନ୍ତ, ଦୀପକ ଗିରି, ଶ୍ରବଣ ମହାନ୍ତ, ଗୋବିନ୍ଦ କିସ୍କୁ ଓ ଦୀନବନ୍ଧୁ ମାରାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।



## ବ୍ଲକ୍‌ସ୍ତରୀୟ ପରିବେଶ ପ୍ରଦର୍ଶନୀରୁ ତିନିଜଣ ଜିଲ୍ଲା ସ୍ତରକୁ ମନୋନୀତ

**ମହୁଲଡିହା, ୧୧।୧(ସମିସ):** ଠାକୁରମୁଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟରେ ଇକୋ କ୍ଲବ୍ ପକ୍ଷରୁ ବ୍ଲକସ୍ତରୀୟ ଅନୁଷ୍ଠିତ ପରିବେଶ ପ୍ରଦୂଷଣ ଉପରେ ଠାକୁରମୁଣ୍ଡା ବ୍ଲକରୁ ତିନି ଜଣ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ମହୁଲଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀ ଚନ୍ଦ୍ରକାନ୍ତି ମହାନ୍ତଙ୍କ ନିର୍ମିତ ଗ୍ରୀନ ଏନର୍ଜି ପ୍ରକଳ୍ପରେ ୨ୟ ସ୍ଥାନ ଓ ସାତକୋଶିଆ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୯ମ ଛାତ୍ରୀ ଅର୍ଚ୍ଚିତା ନାୟକ ସବୁଜ ଜୀବନ ଶୈଳୀ ପ୍ରକଳ୍ପରେ ୧ମ ସ୍ଥାନ ଓ ଆଦର୍ଶ ବିଦ୍ୟାଳୟ ଦିଗଧରର ଛାତ୍ର ପିୟୁଷ ପଲେଇ ୩ୟ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ମହୁଲଡିହା ଓ ସାତକୋଶିଆ ସ୍କୁଲର ଗାଇଡ ବିଜ୍ଞାନ ଶିକ୍ଷକ ଭାବେ ତୃପ୍ତିରଞ୍ଜନ ଓଝା ଓ ଭରତ ସାମଲ ସହଯୋଗ କରିଥିଲେ। ଏମପିକେ ସରକାରୀ ବାଳିକା ବିଦ୍ୟାଳୟରେ ୧୨ ତାରିଖରେ ସହାୟକ ଶିକ୍ଷକ ସହିତ ଏମପିକେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଯୋଗ ଦେବେ ବୋଲି ଜଣାପଡ଼ିଛି।



# ମାଟକାମ ସାହିରେ ମାଗେ ପରବ




**ଶରତ, ୧୧।୧(ସମିସ):** ଶରତ ଥାନା ଅନ୍ତର୍ଗତ ନୋଟ ପଞ୍ଚାୟତର ମାଟକାମ ହାତୁ ଗ୍ରାମରେ ଆଦିବାସୀ ହୋ ସମାଜର ସୃଷ୍ଟିର ବଡ଼ ପର୍ବ 'ମାଗେ ପରବ୍' ପାଳିତ ହୋଇଯାଇଛି। ଏହି ପର୍ବରେ ଗ୍ରାମ ପୂଜାରୀ ରଣେୟା ବୁଲିଉଲି ପ୍ରକୃତି ଓ ସୃଷ୍ଟି ସହିତ ଯୋଡିତ ସାୟୁ ସାଗାଆଃ, ବାବାସିଂ, ଶିଆଲି, ବିରି, ଶିମ୍ବ, ଇଚାଆଃ ଆଦିକୁ 'ଲୁକୁଲୁକୁମୀ'ଙ୍କ ଉଦ୍ଦେଶ୍ୟରେ ଦେଶାଉଲିରେ ପୂଜା କରିଥିଲେ। ଏହି ପର୍ବକୁ କୋହ୍ଲ ଓ ହୋ ସମାଜର ଲୋକେ ମାଗେ ଚାଣ୍ଡୁଙଃରେ ଶିଶିର ପଡୁଥିବା ସମୟରେ ପୂଜାର୍ଚ୍ଚନା କରିଥା'ନ୍ତି। ମାଗେ ପର୍ବକୁ ନିୟମାନୁସାରେ ଆଠଦିନ ପୂଜା କରାଯାଇଛି। ମାଗେ ଆନାଦେର, ଗାଉମାଆରା, ହେଏସାକାମ, ଅତେଇଲି, ଗୁରିଃପରବ୍, ମାରାଂପରବ୍, ଜାତାରାପରବ୍, ହାରମାଗେୟା ଇତ୍ୟାଦି ପର୍ବରେ ସୃଷ୍ଟିର ଆଦି ଦେବାଦେବୀଙ୍କୁ ପୂଜା କରାଯାଇଥିଲା। ଆଠଦିନ ଯାକ ଅଲଗା ଅଲଗା ନାଚ ଓ ଗୀତ ମାଦଳ, ନାଗରା, ବଇଁଶୀ ଓ କେନ୍ଦରାର ସ୍ୱରରେ ଗ୍ରାମ ପରିବେଶ ଆନନ୍ଦ ଉଲ୍ଲାସରେ ମୁଖରିତ ହୋଇ ଉଠିଥିଲା।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁଙ୍କୁ ନାଗରା ଓ ମାଦଳ ନୃତ୍ୟ ତାଳରେ ସ୍ୱାଗତ କରିବା ସହିତ ପରମ୍ପରା ଅନୁସାରେ ପୂଜା କରି ଅତିଥି ସତ୍କାର କରିଥିଲେ। 'ସୁସୁନ ଦୁରାଂ କରାଂ ଆକାଳା'ର କୁନିଝିଅମାନେ ପାରମ୍ପରିକ ସ୍ୱାଗତ ସଙ୍ଗୀତ ଗାନ କରି ମଞ୍ଚ ଉପରକୁ ପାଥେୟ କରି ଶ୍ରୀ ହାଇବୁରୁ ସର୍ବପ୍ରଥମେ ଅତଗୁରୁ କୋଲ ଲାକୋ ବୋଦ୍ରାଙ୍କ ଫୋଟ ଚିତ୍ରରେ ଧୂପ ଦୀପ ଦେଇ ପୂଜା କରିଥିଲେ। ମୁଖ୍ୟଅତିଥି କହିଥିଲେ ଯେ, ୨୦୦୮ ପରଠାରୁ 'ହୋ ଭାଷା ଶିକ୍ଷା ପରିଷଦ' ପକ୍ଷରୁ ଓଡ଼ିଶାରେ ହୋ ଭାଷା ୱାରାଙ୍ଗିତିରେ ଶିକ୍ଷା ଗ୍ରହଣ କରି ହଜାର ହଜାର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ନିଜ ସମାଜର ପର୍ବପର୍ବାଣୀ ଓ ପରମ୍ପରକୁ ଚିହ୍ନିପାରିଛନ୍ତି, ମାନୁଛନ୍ତି ଓ ବଜାୟ ରଖିପାରିଛନ୍ତି। ଏହା ସମାଜ ପାଇଁ ଗର୍ବର ବିଷୟ ଅଟେ। ସମାଜର ସମସ୍ତ ଯୁବପିଢ଼ି ଶିକ୍ଷିତ ହେବାକୁ ପଡ଼ିବ ଏବଂ ସମାଜ ପ୍ରତି ସଚେତନ ହେବାକୁ ପଡ଼ିବ ବୋଲି କହିଥିଲେ। ଆସିଷ୍ଟାଣ୍ଡ ଇଞ୍ଜିନିୟର ବୀରସିଂ ବୁଲିଉଲିଙ୍କ ସହାୟତାରେ ମୁଖ୍ୟଅତିଥି ଶ୍ରୀ ହାଇବୁରୁ ବୟସ୍କ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ଓ ହୋ ଭାଷା ପରୀକ୍ଷାରେ ଛାତ୍ରୀ ବିରେଙ୍ଗ ବୁଲିଉଲି, ମ୍ୟାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଚାରିବା ସିଂ ଦେଓଗାମ, ପୁରୁଷୋତ୍ତମ ବୁଲିଉଲି, କାଇରା କୁଦାଦାଙ୍କୁ ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଗମାସିଂ ବୁଲିଉଲି, ସମାଜସେବୀ ଦୁର୍ଗା ସାୟାଁ, ଡ. ବିକ୍ରମ ବିରୁଲି, ଗୌରାଙ୍ଗ ବୁଲିଉଲି, ଚୈତନ୍ୟ ବୁଲିଉଲି(ପୋଷ୍ଟାଲ), ମରା ହେମ୍ବ୍ରମ, ବାସନ୍ତୀ ବଇପାଇ, ରାଧିକା ବୁଲିଉଲି, ଦିୟୁଗି ମୁଣ୍ଡୁରୀ, ସୁକାନ୍ତି ବୁଲଉଲି, ଗୁରୁବାରୀ ବୁଲିଉଲି, ନାଗି ବୁଲିଉଲି, ମୁଚିରାମ ବୁଲିଉଲି, ନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନାନ୍ଦୁସିଂ ବୁଲିଉଲି ପରିଚାଳନା କରିଥିବାବେଳେ ବିର୍ସାସିଂ ବୁଲିଉଲି ଧନ୍ୟବାଦ ଦେଇଥିଲେ।

# ଚିତ୍ର ମହୋତ୍ସବ ଉଦ୍‌ଘାଟିତ



**ବାରିପଦା, ୧୧।୧(ସମିସ):** ସ୍ଥାନୀୟ ଗୋଲାପବାଗସ୍ଥ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସର ୩୬ତମ ବାର୍ଷିକୋତ୍ସବ ପାଳନ ସହିତ ସ୍କୁଲ ପରିସରରେ ୪ଦିନିଆ ଚିତ୍ର ମହୋତ୍ସବ ଉଦଘାଟିତ ହୋଇଛି। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏହାକୁ ଉଦଘାଟନ କରିଛନ୍ତି। ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସର ସଭାପତି ସାମ୍ବାଦିକ ସଞ୍ଜୟ ଚୌଧୁରୀ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ସଦର ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ ନାରାୟଣ ପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ ଡିଭାଇନର ନିର୍ଦ୍ଦେଶକ ଙ୍କ ବିପ୍ଳବ ଭଞ୍ଜନ ବୁଗୁଡେଇ ଓ ବାରିପଦା ଉପନଗରପାଳ ସୀମା ଦାସ ଯୋଗଦେଇ ଆମ ଜୀବନରେ ଚିତ୍ରର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏ ଅବସରରେ ଅତିଥିମାନେ ସ୍କୁଲର ପ୍ରତିଷ୍ଠାତା ନିର୍ଦ୍ଦେଶକ ଶ୍ୟାମପ୍ରସାଦ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା ସହିତ ତାଙ୍କର ସ୍ମୃତିଚାରଣ କରିଥିଲେ। ବାରିପଦାରେ କଳାତ୍ମକ ପରିବେଶ ସୃଷ୍ଟି ସହିତ କଳାକାର ଗଢିବାରେ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସର ବିଶେଷ ଭୂମିକା ରହିଛି ବୋଲି ଅତିଥିମାନେ ସ୍ୱୀକାର କରିଥିଲେ। ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସର ନିର୍ଦ୍ଦେଶିକା ପ୍ରଣତୀ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚିତ୍ର ମହୋତ୍ସବରେ ୫୦୦ରୁ ଅଧିକ କୁନି କୁନି ଚିତ୍ରଶିଳ୍ପୀଙ୍କ ସୁନ୍ଦର ସୁନ୍ଦର ଚିତ୍ର ସ୍ଥାନ ପାଇଛି। ଏ ଅବସରରେ କଳା ଶିକ୍ଷକ ଜ୍ୟୋତି ରଞ୍ଜନ ମହାପାତ୍ର, ସଞ୍ଜୟ ମାରାଣ୍ଡି, ରବି ସିଂ, ଲତାଶା ଦାସ, ସ୍ମୃତି ମହାନ୍ତି, ରଶ୍ମିତା ଦାସ, ଗୁଡଲି ମହାରଣା, ଅଲିଭା ଧଳ, ମାନସୀ ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମୃତି ମହାନ୍ତି ଓ କାବ୍ୟାଞ୍ଜଳି ପାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥାପନା କରିଥିଲେ। ଓମ ପଟ୍ଟନାୟକ, ଜୟଶ୍ରୀ ଦାସ, ତରୁଣ କାନ୍ତି ବେହେରା, ପ୍ରିୟଦର୍ଶିନୀ ପଟ୍ଟନାୟକ, ମହାଶ୍ୱେତା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୋରୁ ମାଫିଆ ଓ ପୁଲିସ ମଧ୍ୟରେ ଅର୍ଥ କାରବାର

## ଅଡିଓ ଭାଇରାଲ୍

ତେଲକୋଇ, ୧୧।୧(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା କାଳିଆହତା ଫାଣ୍ଡିର ଜଣେ କାର୍ଯ୍ୟରତ ପୁଲିସ କନେଷ୍ଟବଳଙ୍କ ଗୋରୁ ବେପାରୀଙ୍କ ସହିତ ଅର୍ଥ ଦେଣନେଣକୁ ନେଇ ଫୋନରେ କଥା ହେଉଥିବାର ଏକ ଅଡିଓ କ୍ଲିପ ଏବେ ଭାଇରାଲ ହେବାରେ ଲାଗିଛି। ଅଡିଓରେ ବିଭିନ୍ନ ଗୋରୁ ବେପାରୀଙ୍କଠାରୁ କେତେ ଟଙ୍କା ଆଦାୟ କରାଯିବ ତାକୁ ନେଇ କଥାବାର୍ତ୍ତା ହେଉଥିବା ଶୁଣିବାକୁ ମିଳୁଛି। ତେବେ ଉକ୍ତ ଭାଇରାଲ ଅଡିଓରେ କଥା ହେଉଥିବା ପୁଲିସ କର୍ମଚାରୀ ଜଣକ କନଷ୍ଟେବଳ କ୍ଷୀରୋଦ କୁମାର ଜେନାଙ୍କ ବୋଲି ଜଣାପଡିଛି। ପ୍ରକାଶ ଯେ କାଳିଆହତା ଫାଣ୍ଡି ଅଧୀନ ନୁଦୁରପଡା-କାଳିଆହତା ରାସ୍ତା ଏବେ ଗୋ ତସ୍କରୀଙ୍କ ଭୂସ୍ୱର୍ଗ ପାଲଟିଛି। ଉକ୍ତ ରାସ୍ତା ଦେଇ ଏବେ ବ୍ୟାପକ ବେଆଇନ ଗୋରୁ ଚାଲାଣ ହେଉଥିବା ବହୁ ସମୟରେ ଦେଖିବାକୁ ମିଳୁଛି। କିଛି ଦିନ ତଳେ କାଳିଆହତା ଅଞ୍ଚଳରୁ କେନ୍ଦୁଝର ଏସପିଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ ୨୪ଟି ଗୋରୁ ଉଦ୍ଧାର କରିବା ସହିତ ଜଣକୁ ଗିରଫ କରିଥିଲା। ଉକ୍ତ ଅଞ୍ଚଳରେ ଫାଣ୍ଡି ଥାଇ ମଧ୍ୟ କେନ୍ଦୁଝରରୁ ସ୍ୱତନ୍ତ୍ର ଟିମ ଆସି ଗୋରୁ ଚାଲାଣକାରୀଙ୍କୁ ଧରିବା କେଉଁଠି ନାଁ କେଉଁଠି ଫାଣ୍ଡିର କିଛି କର୍ମଚାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଥିଲା। ତେବେ ପୁଲିସ କର୍ମଚାରୀ ଓ ଗୋ ଦଲାଲଙ୍କ ଏହି ଭାଇରାଲ ଅଡିଓ ଏବେ ବେଆଇନ ଗୋଚାଲାଣରେ ପୁଲିସର ସଂପୃକ୍ତିକୁ ସ୍ପଷ୍ଟ କରିଛି। ଅନ୍ୟପଟେ ବିଭିନ୍ନ ଗୋ ମାଫିଆଙ୍କଠାରୁ ଆଦାୟ କରୁଥିବା ଚାନ୍ଦା କନେଷ୍ଟବଳ ଶ୍ରୀ ଜେନା ଏକୁଟିଆ ହଜମ କରନ୍ତି ନା ଆଉ କାହାର ଭାଗ ରହିଛି ତାହା ଏବେ ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ଏ ଦିଗରେ ଜିଲ୍ଲା ଆରକ୍ଷୀ ଅଧିକାରୀ ସରଜମିନ ତଦନ୍ତ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି। ଏ ଅଡିଓକୁ ନେଇ କ୍ଷୀରୋଦ ଜେନାଙ୍କୁ ପଚାରିବାରୁ ଏହା ବର୍ଷ ତଳର ଅଡିଓ ଏବଂ ମୋତେ କେହି ଫସାଇବାକୁ ଭାଇରାଲ କରିଥିବା ସଫେଇ ଦେଇଛନ୍ତି। ତେବେ, ପ୍ରକାଶ ଥାଉକି, ଏଇ ନିକଟରେ ତେଲକୋଇ ଥାନାର ଜଣେ କାର୍ଯ୍ୟରତ ପୁଲିସ କର୍ମଚାରୀ ଗୋ ମାଫିଆଙ୍କ ସହ ସଂପୃକ୍ତି ଥିବା ଅଭିଯୋଗରେ କୋର୍ଟ ଚାଲାଣ ହେବା ସହ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ପୁଣି ଘଟଣାକୁ ମାସେ ହୋଇ ନଥିବା ବେଳେ କାଳିଆହତା ଫାଣ୍ଡିର କାର୍ଯ୍ୟରତ ପୁଲିସ କର୍ମଚାରୀ କ୍ଷୀରୋଦ ଜେନାଙ୍କ ସଂପୃକ୍ତି କେଉଁଠି ନା କେଉଁଠି ପୁଲିସ ଖାକି ପୋଷାକରେ କଳା ଛିଟା ଲଗାଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକତା ଥିବା ସାଧାରଣରେ ଦାବି ହୋଇଛି।

# ରାସ୍ତାକାମକୁ କେନ୍ଦ୍ରକରି ଇଞ୍ଜୋଳରେ ଗୋଷ୍ଠୀ ସଂଘର୍ଷ





## ୧୦ରୁ ଉର୍ଦ୍ଧ୍ୱ ଆହତ

ହାଟଡ଼ିହୀ,୧୧।୧(ସମିସ): ନନ୍ଦିପଦା ଥାନା ଇଞ୍ଜୋଳ ଗ୍ରାମରେ ରାସ୍ତା କାମକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଗଣ୍ଡଗୋଳ ଉଗ୍ରରୂପ ନେବା ଆଶଙ୍କାରେ ଗାଁରେ ପୁଲିସ ମୁତୟନ କରାଯାଇଛି। ସୂଚନା ଅନୁଯାୟୀ, ପରମାନନ୍ଦପୁର ଗ୍ରାମରେ ରାସ୍ତାକାମ ଚାଲିଥିବା ବେଳେ ଇଞ୍ଜୋଳ ଗ୍ରାମର ଯୁବକମାନେ ଏହି କାମ କରୁଥିଲେ। ଇଞ୍ଜୋଳ ଗ୍ରାମର ବିଜେଡି ସମର୍ଥକ ଗୋଷ୍ଠୀ ଏହି କାମ କରୁଥିବା ବେଳେ ସେହି ଗ୍ରାମର ବିଜେପି ସମର୍ଥନରେ ଥିବା ଗୋଷ୍ଠୀ ଏହି କାମ ପାଇଁ ଆମେ କାର୍ଯ୍ୟାଦେଶ ପାଇଛୁ ତେଣୁ ଆମେ କାମ କରିବୁ ବୋଲି କହିବାରୁ ବିବାଦ ଆରମ୍ଭ ହୋଇଥିଲା। ଏହାକୁ ନେଇ ବିଜେଡ଼ି ଓ ବିଜେପି ଗୋଷ୍ଠୀ ତିନି ଦିନ ହେଲା ପରସ୍ପର ମଧ୍ୟରେ ଛକାପଞ୍ଝା ଲାଗିଥିଲା। ରବିବାର ସକାଳେ କାମ ଆରମ୍ଭ ବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଉଭୟ ଗୋଷ୍ଠୀ ପଥର ଫୋପଡ଼ା ଫୋପାଡି ହେବା ସହ ପିଟାମରା ହେବାରୁ ୧୦ଜଣରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଖବର ପାଇ ଆନନ୍ଦପୁର ଏସ୍‌ଡ଼ିପିଓ ପ୍ରଶାନ୍ତ ବେହେରା, ନନ୍ଦିପଦା ଥାନା ଆଇଆଇସି ଧର୍ମେନ୍ଦ୍ର କୁମାର ଶାନ୍ତି, ସୋସୋ ଥାନା ଆଇଆଇସି କାନନ ସାହୁ, ଆନନ୍ଦପୁର ଥାନା ଆଇଆଇସି ଫନୀନ୍ଦ୍ରଭୂଷଣ ନାୟକ, ଇନ୍ସପେକ୍ଟର ବଳିଆ ବାରିକ, ଏସଆଇ ଅନୁପ କର, ଏଏସଆଇ ସୁଷମା ସୁନ୍ଦରୀ ସେଠୀ ପ୍ରମୁଖ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସତ୍ୟାନନ୍ଦ ଜେନା ନାମକ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ ଶାଳଣିଆଁ ଗୋଷ୍ଠୀ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ଅନ୍ୟ ଆହତ ମାନେ ଭିନ୍ନ ଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଖବର ଲେଖାଯିବା ଯାଏ ଏନେଇ ଥାନାରେ କୌଣସି ପକ୍ଷରୁ ଅଭିଯୋଗ ହୋଇ ନଥିବା ପୁଲିସ କହିଛି।

# ବଳରାମଧିର ବିଦ୍ୟାଳୟ ୧୯୯୯ ବ୍ୟାଚ୍ ବନ୍ଧୁ ମିଳନ



ଆନନ୍ଦପୁର, ୧୧।୧(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡାସ୍ଥିତ ବଳରାମଧିର ଉଚ୍ଚବିଦ୍ୟାଳୟର ୧୯୯୯ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତାରିଣୀ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ସମସ୍ତ ପୁରାତନ ଛାତ୍ରଛାତ୍ରୀ ନିଜ ନିଜ ମଧ୍ୟରେ ସ୍କୁଲ ଜୀବନ ସ୍ମୃତିର ଆଦାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଜୀବ ସେଠୀ, ବିକାଶ ସେନାପତି, ଚଗଲା ସା, ସଂଜିତ ଦାସ, ଲିପକ ବେହେରା, ମନୋରଞ୍ଜନ ବିଶୋଇ, ଅମନ ନାୟକ, ପ୍ରତାପ ବାରିକ, କୀର୍ତ୍ତିମାଳା ନାୟକ, କବିତା ଚକ୍ର, ସୁଷମା ସେନାପତି, କନକଲତା ନାୟକ, ସଙ୍ଘମିତ୍ରା ନାୟକ ସହ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଛାତ୍ରୀ କବିତା ଚକ୍ର ସମସ୍ତ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟବସାୟୀଙ୍କ ପରଲୋକରେ ଶୋକ



ଆନନ୍ଦପୁର, ୧୧।୧ (ସମିସ): ଆନନ୍ଦପୁର ସହରର ବର୍ଷିଆନ ବ୍ୟବସାୟୀ କୈଳାଶଚନ୍ଦ୍ର ଜେନା (କଇ ଭାଇ)ଙ୍କ ୭ ନଂ ୱାର୍ଡ ଗୌଡ଼ସାହିସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି। ଗତ କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥ ରହିଥିଲେ। ସେ ଜଣେ ସରଳ, ଅମାୟିକ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ମୃତ୍ୟୁ ଖବର ପାଇ ସ୍ଥାନୀୟ ଜନସାଧାରଣ ଓ ବହୁ ବିଶିଷ୍ଟବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଆତ୍ମାର ସଦଗତି କାମନା କରିଥିଲେ। ତାଙ୍କୁ ୮୬ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ପାଖରେ ତାଙ୍କ ୨ ଭାଇ, ଜଣେ ଭଉଣୀ, ପୁଅବୋହୂ, ନାତିନାତୁଣୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସାନ ପୁଅ ଲିପୁ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଏହି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ଟେଣ୍ଟ ହାଉସ ଆସୋସିଏସନ୍‌ର ବାର୍ଷିକ ସମାବେଶ

ଆନନ୍ଦପୁର, ୧୧।୧(ସମିସ): ଆନନ୍ଦପୁର ଟେଣ୍ଟ ହାଉସ୍ ଆସୋସିଏସନ୍‌ର ବାର୍ଷିକ ସମ୍ମିଳନୀ ଗୋହିର ନିକଟସ୍ଥ ମିନି ପାର୍କରେ



ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସମୟରେ ଟେଣ୍ଟ କାର୍ଯ୍ୟକ୍ରମ ସମୟରେ ଅସୁବିଧା ବିଷୟରେ ଆଲୋଚନା କରାଯାଇଥିଲା। ଧାର୍ଯ୍ୟ ମୂଲ୍ୟଠାରୁ କମ୍ ପାଉଣା ଦେଉଥିବା ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକ୍ରମ ଓ ଅନୁଷ୍ଠାନର କାମ ନକରିବା ପାଇଁ ସମସ୍ତେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଆନନ୍ଦପୁର ସବଡିଭିଜନରୁ ୧୦୦ଜଣ ଟେଣ୍ଟ ହାଉସ୍ ମାଲିକ ଯୋଗ ଦେଇଥିଲେ। ଆସୋସିଏସନ୍ ସଭାପତି ଶ୍ରୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରାଣନାଥ ଦାସ ଉପସଭାପତି ମୁନା ମହାନ୍ତି ଶରତ ଦାସ ସହ ସମ୍ପାଦକ ନରେଶ ସାହୁ ନିରଞ୍ଜନ ସାହୁ କୋଷାଧ୍ୟକ୍ଷ ତ୍ରିଲୋଚନ ସାହୁ ସୋସିଆଲ ମିଡ଼ିଆ ସଂଯୋଜକ ହେମନ୍ତ ସାହୁ ସଂଯୋଜକ ଚିନ୍ମୟ ଗୁଇ କାର୍ଯ୍ୟକାରୀ କମିଟି ସଦସ୍ୟ ଜଗନ୍ନାଥ ସାହୁ ଆନନ୍ଦ ସେଠୀ ପ୍ରଦୀପ ସାହୁ କାଳନ୍ଦୀ ସାହୁ ଶଶଧର ସାହୁ ସୋମନାଥ ଷଡ଼ଙ୍ଗୀ ବଳରାମ ବେହେରା ଶକ୍ତିପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ପଦ୍ମଲୋଚନ ସାହୁ। ପ୍ରମୋଦ ଦାସ (ବଳିଆ) ଅଭିନ୍ନ ବଳ, ପ୍ରହ୍ଲାଦ ସେଠୀ ବିଚିତ୍ର ସାହୁ. ଦିଲୀପ ପଲେଇ, ଭୀମସେନ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ସାଇଁକୁଳ ଭାରତୀୟ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ

ଆନନ୍ଦପୁର, ୧୧।୧ (ସମିସ): ଭାରତୀୟ ଶିକ୍ଷା, ସାଂସ୍କୃତିକ ପରମ୍ପରାକୁ ଉଜ୍ଜୀବିତ ତଥା ସମୃଦ୍ଧ କରିବାର ସଂକଳ୍ପ ନେଇ ପ୍ରତିଷ୍ଠା ହୋଇଥିବା ସାଇଁକୁଳସ୍ଥିତ ଭାରତୀୟ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ କଳିକା-୨୦୨୬ ପ୍ରଧାନଆଚାର୍ଯ୍ୟ ମଧୁସୂଦନ ପରିଡାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସାଇଁକୁଳ ପତିତପାବନ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୁମାର ବିଶ୍ୱାଳଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯିବା ପରେ ମୁଖ୍ୟଅତିଥି, ଶିକ୍ଷାବିତ୍ ବିପିନ ବିହାରୀ ଚକ୍ର, ସମ୍ମାନିତ ଅତିଥି ସମାଜସେବୀ ଅନନ୍ତ ଚରଣ ସ୍ୱାଇଁ, ଶିକ୍ଷାବିତ୍ ଗଣେଶ୍ୱର ସାହୁ, ଶିକ୍ଷାବିତ୍ ଡ଼ ସନତ କୁମାର ରଥ, ସମାଜସେବୀ ରଘୁନାଥ ପଣ୍ଡା, ପ୍ରତିଷ୍ଠାତା ସମ୍ପାଦକ ଦିବାକର ନାୟକ ଏବଂ ମୁଖ୍ୟବକ୍ତା ଅଧ୍ୟାପକ ଚିନ୍ତାମଣି ଜେନା ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ଆଚାର୍ଯ୍ୟ ହୃଷୀକେଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଦୁଷ୍ମନ୍ତ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିଦ୍ୟାନିକେତନର ଗୁରୁମା ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଓ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆଚାର୍ଯ୍ୟ ସୁଶାନ୍ତ କୁମାର ତ୍ରିପାଠୀଙ୍କ ସଂଯୋଜନାରେ କୁନି କଳାକାରଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏ ଅଞ୍ଚଳର ବୁଦ୍ଧିଜୀବୀ ବେଣୁଧର ପରିଡା, ଗୌରାଙ୍ଗ ଚରଣ ବେହେରା, କୃଷ୍ଣଚନ୍ଦ୍ର ଜେନା, ସନ୍ତୋଷ ସ୍ୱାଇଁ, ଭାଗୀରଥି ପରିଡା, ଶ୍ରୀକାନ୍ତ ସେନାପତି, ଭଗବାନ ଚକ୍ର ଭଳି ଶତାଧିକ ଅଭିଭାବକ ଯୋଗଦେଇଥିଲେ। ବିଦ୍ୟାନିକେତନର ଟ୍ରଷ୍ଟି ଶୁଚୀସ୍ମିତା ରାଉତ ଧନ୍ୟବାଦ ଦେଇଥିଲେ।



# ଟିଟି କ୍ଲବ୍ ଭୁବନେଶ୍ୱର ଓ ଟାଟା ଷ୍ଟିଲ୍ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍

ଯୋଡ଼ା, ୧୧।୧(ସମିସ):



ଟାଟା ଷ୍ଟିଲ୍ ପରିସରରେ ଜାନୁୟାରୀ ୧୦ ଓ ୧୧ ତାରିଖରେ ଟିଟି କ୍ଲବ୍ ଭୁବନେଶ୍ୱର ଓ ଟାଟା ଷ୍ଟିଲ୍ ମଧ୍ୟରେ ଦ୍ୱିଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ ଟେବୁଲ୍ ଟେନିସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ଉତ୍ସବପୂର୍ଣ୍ଣ ଖେଳ ପ୍ରତିଯୋଗିତାରେ ମୋଟ ୧୬ଟି ଲିଗ୍ ମ୍ୟାଚ ଖେଳାଯାଇଥିଲା। ଟିଟି କ୍ଲବ୍ ଭୁବନେଶ୍ୱରରୁ ବୀନୟ ଚନ୍ଦ୍ର ପାତ୍ର, ବିଭୂତି ଭୂଷଣ କର, ରବି ବାବୁ, ସ୍ମରଣ ଶିବମ୍ ଏବଂ ଟାଟା ଷ୍ଟିଲ୍‌ରୁ ପ୍ରବୀଣ ପୁଗଲିଆ, ଅଶୋକ ବର୍ମନ, କଲ୍ୟାଣ ମୁଖାର୍ଜୀ ଓ ପ୍ରବୀର ମହାପାତ୍ର ସେମିଫାଇନାଲରେ ପହଞ୍ଚିଥିଲେ। ଟିଟି କ୍ଲବ୍ ଭୁବନେଶ୍ୱର ସହ ଏକ ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ ଟାଟା ଷ୍ଟିଲ୍ ଚାମ୍ପିଅନ୍ ହୋଇଥିବାବେଳେ ଟିଟି କ୍ଲବ୍ ଭୁବନେଶ୍ୱର ରନର୍ସ ଅପ୍ ହୋଇଥିଲା। ଏହି ବିଶେଷ କ୍ରୀଡ଼ା ଉତ୍ସବ ଟାଟା ଷ୍ଟିଲ୍, ଯୋଡ଼ାର ଜେନେରାଲ୍ ମ୍ୟାନେଜର୍ ଦେବାଶିଷ ଜେନା, ପ୍ଲାଣ୍ଟ୍ ଚିଫ୍ ରାଜେଶ କୁମାର ଓ ରେଜିଡେଣ୍ଟ ଏକଜିକ୍ୟୁଟିଭ୍ ସଂଜୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ମୁକାବିଲାରେ ମୋହନ୍ ପ୍ରସାଦ ମିଶ୍ର, ରବି ନାରାୟଣ ନନ୍ଦ, ସଂଗ୍ରାମଜିତ୍ ନାୟକ, ବସନ୍ତ ରଞ୍ଜନ ରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଥିରେ ସ୍ଥାନୀୟ ତହସିଲଦାର୍ ରାକେଶ ପଣ୍ଡା, ଥାନା ଅଧିକାରୀ ପ୍ରଶାନ୍ତ ଶାମଲ ଓ ଟାଟା ଷ୍ଟିଲ୍ ଅଧିକାରୀଙ୍କ ସହ ଅନେକ ଗଣମାନ୍ୟ ଅତିଥି ଉପସ୍ଥିତ ଥିଲେ। ବିନୟ ଚନ୍ଦ୍ର ପାତ୍ର, ସଂଗ୍ରାମଜିତ୍ ନାୟକ ଓ ମୋହନ ପ୍ରସାଦ ମିଶ୍ରଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଯାଇଥିଲା। ଉଭୟ ପକ୍ଷର ଖେଳାଳିମାନେ ଖେଳର ମୂଲ୍ୟବୋଧ ଓ ଉନ୍ନତି ପାଇଁ ପରସ୍ପର ସହ ଅଭିଜ୍ଞତା ବିନିମୟ କରିଥିଲେ।

# ବିଚାର ବିଭାଗୀୟ ଅବସରପ୍ରାପ୍ତ କର୍ମଚାରୀଙ୍କ ସଭା

ଆନନ୍ଦପୁର, ୧୧।୧ (ସମିସ):



ଆନନ୍ଦପୁର ଉପଖଣ୍ଡର ବିଚାର ବିଭାଗୀୟ ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ସମାବେଶ ରବିବାର ଗଡ଼ଚଣ୍ଡୀଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବିଚାର ବିଭାଗର ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ବନ୍ଧୁମାନେ ଭେଟଘାଟର ଅଭିବାଦନ ଜଣାଇ ପରସ୍ପରକୁ ନବ ବର୍ଷର ଅଭିନନ୍ଦନ ସହିତ ସୁସ୍ଥ ଓ ନିରାମୟ କାମନା କରିଥିଲେ। ପୁରୁଣା ଦିନର ସ୍ମୃତିକୁ ରୋମନ୍ଥନ କରି ନିଜ ନିଜର ଭାବନାକୁ ବଖାଣିଥିଲେ। ଏହାପରେ ମା' ଗଡ଼ଚଣ୍ଡୀଙ୍କୁ ସମ୍ମିଳିତ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଗଡଚଣ୍ଡୀ ପୀଠ ପରି ଏକ ସୁନ୍ଦର ତଥା ରମଣୀୟ ପରିବେଶରେ ବଣଭୋଜିର ଆସରରେ ସଭିଏଁ ଭାଗ ନେଇଥିଲେ। ନାରାୟଣ ସାହୁ, ଉମେଶ କାଣ୍ଡି, ରବି ସାହୁ, ଅଶୋକ ସାହୁ, ମାର୍କଣ୍ଡ ସାମଲ, ଅନିଲ ଦାଶ, ଅକ୍ଷୟ ଦାଶ, ଅଶୋକ ଦାଶ, ଜଗନ୍ନାଥ ସିଂ, ଗିରିଶ ବେହେରା, ଜଇ ସାହୁ ହରେକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତେ ସମାଜରେ ନିଜର ଯଥୋଚିତ କର୍ତ୍ତବ୍ୟ ପ୍ରତି ସଜାଗ ରହି, ପ୍ରତିଟି ପ୍ରତି ସ୍ନେହ, ସଦଭାବନା ପୂର୍ଣ୍ଣ ବ୍ୟବହାର ପାଇଁ ସଂକଳ୍ପବଦ୍ଧ ହେବା ସଙ୍ଗେ ସଙ୍ଗେ ୨୦୨୬ ସାରା ବିଶ୍ୱ ପାଇଁ ସୁଖ ଓ ଶାନ୍ତିର ବର୍ଷ ହେଉ ବୋଲି ମା' ଗଡ଼ଚଣ୍ଡୀଙ୍କ ପାଖରେ ଗୁହାରି କରିଥିଲେ।

# ବିଏନ୍ ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ




ଆନନ୍ଦପୁର, ୧୧।୧ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବିଏନ୍ ହାଇସ୍କୁଲର ୧୯୭୮ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଙ୍କ ପାରିବାରିକ ବନ୍ଧୁ ମିଳନ ସ୍କୁଲ ପ୍ରାଙ୍ଗଣରେ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଚ୍‌ର ପୁରାତନ ଛାତ୍ର ସ୍ୱର୍ଗତ ତପନ କୁମାର ସିଂ, ରବିନ୍ଦ୍ର କୁମାର ରାମ, ଦୀଲିପ କୁମାର ରଣା ଓ ସୁବାସଚନ୍ଦ୍ର ବେହେରାଙ୍କ ଅକାଳ ବିୟୋଗରେ ଶୋକସଭା କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ପୁରାତନ ଛାତ୍ରଙ୍କ ପରିବାର ସଦସ୍ୟମାନେ ଯୋଗଦାନ କରିଥିଲେ। ସଂଗୀତ ପ୍ରତିଯୋଗିତା, କବିତା ପାଠ, ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରାଯାଇଥିଲା। ଆଗାମୀ ୨୦୨୭ ମସିହା ପାଇଁ ନବକିଶୋର ପାତ୍ରଙ୍କ କାର୍ଯ୍ୟକ୍ରମ ପ୍ରମୁଖ ଭାବେ ମନୋନୀତ କରାଯାଇଛି। ଦାମୋଦର ଧଡା, ତପନ କୁମାର ସାହୁ, ସୌମେନ୍ଦ୍ର କୁମାର ଜେନା, କେଶବଚନ୍ଦ୍ର ମିଶ୍ର, ମନୋରଞ୍ଜନ ମୁଦୁଲି, ପ୍ରଦୀପ କୁମାର ସାମନ୍ତ, ନରୋତ୍ତମ ସାହୁ, ବିଜୟ କୁମାର ମିଶ୍ର, ପ୍ରସନ୍ନ କୁମାର ମିଶ୍ର, ମନୋଜ କୁମାର ମିଶ୍ର, ରବିନାରାୟଣ ହେତା, ମାଧବାନନ୍ଦ ସାହୁ, ସୁବାସଚନ୍ଦ୍ର ଖଟୁଆ, ପ୍ରାଣବନ୍ଧୁ ସାହୁ, କୈଳାଶଚନ୍ଦ୍ର ନାୟକ, ହରିହର ପାତ୍ର, ବାଞ୍ଛାନିଧି ସାହୁ, ତପନ କୁମାର ସାହୁ, ଦୀନବନ୍ଧୁ ସୀ, ଉମାକାନ୍ତ ନାୟକ, ବଳରାମ ରାମ ଯୋଗଦାନ କରିଥିଲେ।

# ମକର ପାଇଁ କୋଳିମାଟିରେ ବସ୍ତ୍ର ପ୍ରଦାନ

ଆନନ୍ଦପୁର, ୧୧।୧ (ସମିସ): ମକର ସଂକ୍ରାନ୍ତି ଆମ ପରିଚୟ। ମକର ଆମ ସଂସ୍କୃତିର ବାର୍ତ୍ତାବହ। ମକର ଉତ୍ସବ ପାଳନ ପାଇଁ ସହରଠାରୁ ଗାଁମୁହାଁ ହେଲେଣି ଲୋକେ। ସଜେଇ ହେଲାଣି ଘରଦ୍ୱାର। ଏଭଳି ସମୟରେ ଆଦର୍ଶ ସେବା ସଂଘର ସଭାପତି ଯଜ୍ଞପ୍ରସାଦ ସାହୁ ଆଜି ଆଦିବାସୀ ଗ୍ରାମରେ ବସ୍ତ୍ର ପ୍ରଦାନ କରିଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ କୋଳିମାଟି ପଞ୍ଚାୟତ ଦରଖୋଳା ଗ୍ରାମରେ ଶ୍ରୀ ସାହୁ ଆଜି ୧୩୦ରୁ ଅଧିକ ପରିବାରକୁ ବସ୍ତ୍ର ପ୍ରଦାନ କରିଛନ୍ତି। ଆଜି ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବାରର ପ୍ରତି ସଦସ୍ୟଙ୍କ ପାଇଁ ଶ୍ରୀ ସାହୁ ବସ୍ତ୍ର ପ୍ରଦାନ କରିଥିଲେ। ସ୍କୁଲ ସାହି, ପ୍ରଧାନ ସାହି, ଟାୱାର ସାହି ଓ ତଳ ସାହିର ଲୋକେ ଉପସ୍ଥିତ ରହି ବସ୍ତ୍ର ଗ୍ରହଣ କରିଥିଲେ। ଧନେଶ୍ୱର ସାହୁ, ରଘୁନାଥ ନାହାକ, ଶୁଭ୍ରାଂଶୁ ପାତ୍ର, ଦାମୋଦର ସାହୁ ପ୍ରମୁଖ ବସ୍ତ୍ର ପ୍ରଦାନରେ ସହଯୋଗ କରିଥିଲେ।



# ପାହାଡ଼ ଶୀର୍ଷରେ ଶୋଭା ବଢ଼ାଉଛି ବାବା ବନେଶ୍ୱରଙ୍କ ଆସ୍ଥାନ





- ବେଲଗଛ ମୂଳରେ ପୂଜା ପାଉଛନ୍ତି ବନେଶ୍ୱର
- ମୂଳଦୁଆରୁ ଅଟକିଛି ମନ୍ଦିର ନିର୍ମାଣ କାର୍ଯ୍ୟ

ହାଟଡ଼ିହୀ,୧୧।୧(ସମିସ): ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ଛେନାପଦି ଗାଁ ମୁଣ୍ଡରେ ଦଣ୍ଡାୟମାନ ରହିଥିବା ବଉଳା ପାହାଡ଼ର ଶୀର୍ଷରେ ପୂଜା ପାଉଛନ୍ତି ବାବା ବନେଶ୍ୱର। ଆଜକୁ ୨୭ବର୍ଷ ପୂର୍ବରୁ ହାଟଡ଼ିହୀ ବ୍ଲକର ବିଭିନ୍ନ ଅଞ୍ଚଳର ଡ୍ରାଇଭରଙ୍କ ଉଦ୍ୟମ ସହ ଛେନାପଦି, ଗଳିଗୋପାଳପୁର, ଗୋବିନ୍ଦପୁର, ମଠ, କୁଣ୍ଡିସାହି ଆଦି ଗ୍ରାମର କିଛି ଉଦୀୟମାନ ବ୍ୟକ୍ତିଙ୍କ ସହଯୋଗକ୍ରମେ ପାହାଡ଼ରେ ଶୀର୍ଷ ସ୍ଥାନରେ ବାବା ବନେଶ୍ୱରଙ୍କ ପୂଜା ଆରମ୍ଭ ହୋଇଥିଲା। ମନ୍ଦିର ନଥିବାରୁ ବାବା ବନେଶ୍ୱର ଆଜିଯାଏଁ ବେଲଗଛ ମୂଳରେ ହିଁ ପୂଜା ପାଇ ଆସୁଛନ୍ତି। ବନେଶ୍ୱର ବାବାଙ୍କ ପୂଜାବିଧି ଆରମ୍ଭ ହେବାର ପ୍ରାୟ ୫ବର୍ଷ ପରେ ପୂର୍ବତନ ବିଧାୟକ ଜୟଦେବ ଜେନା ନିଜ ହାତପାଣ୍ଠିରୁ ମନ୍ଦିର ନିର୍ମାଣ ପାଇଁ କିଛି ଅନୁଦାନ ଦେଇଥିଲେ; ସେହି ଅନୁଦାନ ଅର୍ଥରେ କେବଳ ମନ୍ଦିର ନିର୍ମାଣର ମୂଳଦୁଆ ହିଁ ପଡ଼ିଥିବା ଦେଖାଯାଇଛି। ଅର୍ଥ ଅଭାବ କାରଣରୁ ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନି।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ନିର୍ବାଚିତ ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ସ୍ଥାନୀୟ ପ୍ରଶାସନର ଆନ୍ତରିକତା ଅଭାବରୁ ବନେଶ୍ୱର ମନ୍ଦିର କାର୍ଯ୍ୟ ମୂଳଦୁଆରୁ ହିଁ ଅଧାଗଢ଼ା ହୋଇ ପଡ଼ିରହିଛି। ଡ୍ରାଇଭରମାନଙ୍କ ଆପ୍ରାଣ ଉଦ୍ୟମ ସହ ନିଜସ୍ୱ ଅର୍ଥରୁ ପାହାଡ଼ର କିଛିଅଂଶ ପକ୍କା ପାହାଚ ନିର୍ମାଣ ହୋଇପାରିଛି। ପାହାଡ଼ ତଳୁ ପ୍ରାୟ ୧ହଜାର ଫୁଟ୍ ଉର୍ଦ୍ଧ୍ୱରେ ବାବା ବନେଶ୍ୱର ବିରାଜମାନ କରିଥିବା ବେଳେ ସେଠାକୁ ଯିବାପାଇଁ ରାସ୍ତାର ସୁବ୍ୟବସ୍ଥା ନାହିଁ। ପାହାଡ଼ର ଖସଡ଼ା ପଥର ଉପରେ ପାଦ ଥାପି ଥାପି ବହୁ କଷ୍ଟରେ ବାବାଙ୍କ ନିକଟକୁ ଯିବାକୁ ହୁଏ। ବାବାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଆନ୍ତରିକତା ଥିଲେ ସୁଦ୍ଧା ମନ୍ଦିରକୁ ଯିବାପାଇଁ ରାସ୍ତା, ପାନୀୟଜଳ ଓ ଆଲୋକୀକରଣ ବ୍ୟବସ୍ଥା ନଥିବାରୁ ଲୋକଙ୍କ ସମାଗମ କମିଯାଉଛି। ପ୍ରାୟତଃ ସବୁଦିନ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲେ ମଧ୍ୟ ଇଂରାଜୀ ନବବର୍ଷ, ମକର ସଂକ୍ରାନ୍ତି, ପଣାସଂକ୍ରାନ୍ତି, ରଜପର୍ବ ସହ ତମାମ୍ ଶ୍ରାବଣ ମାସରେ ଶ୍ରଦ୍ଧାଳୁଙ୍କ ଖଚାଖଚ୍ ଭିଡ଼ ପରିଲକ୍ଷିତ ହୋଇଥାଏ। ପାହାଡ଼ ଉପରୁ ତଳକୁ ଦେଖି ଶ୍ରଦ୍ଧାଳୁ ଅତ୍ୟନ୍ତ ବିମୋହିତ ହୋଇଥା'ନ୍ତି। ମନ୍ଦିର ଯାଏଁ ଯିବାପାଇଁ ରାସ୍ତା, ପାନୀୟଜଳ ଓ ଆଲୋକୀକରଣ ବ୍ୟବସ୍ଥା କରାଗଲେ ଆଗାମୀ ଦିନରେ ଏହା ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ହୋଇପାରନ୍ତା ବୋଲି ସ୍ଥାନୀୟ ଯୁବ ସମାଜସେବୀ ଉଦୟନାଥ ସାଙ୍କ ସହ ଡ୍ରାଇଭରଙ୍କ ମଧ୍ୟରେ ସୁରେଶ କୁମାର ସା, କମଳ ଜେନା, ଟୁକୁନ୍ ଭଦ୍ରା, ମଧୁସୂଦନ ଜେନା, ସନ୍ତୋଷ ଜେନା(କ), ବାପୁନ ଜେନା, ସନ୍ତୋଷ ଜେନା(ଖ), କାଳନ୍ଦୀ ସା, ରାଜୁ ଜେନା, ବୁଦ୍ଧଦେବ ପେରେଇ, ସୁଶାନ୍ତ ଦାଶ, ଗୋଜି ଜେନା, ଚକୁନ୍ ଜେନା, ପ୍ରତାପ ଜେନା, ସୁଧାଂଶୁ ଶେଖର ମଣ୍ଡଳ, ଦିଲ୍ଲୀପ ମଲ୍ଲିକ, ମାନସ ରଣା ପ୍ରମୁଖ କହିଛନ୍ତି। ଏହି ପବିତ୍ର ସ୍ଥାନଟିର ଉନ୍ନତି ଦିଗରେ ନିର୍ବାଚିତ ସ୍ଥାନୀୟ ଲୋକପ୍ରତିନିଧି ଏବଂ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଅସିଆ ମୁଣ୍ଡାସାହି ରାସ୍ତା ବିପର୍ଯ୍ୟସ୍ତ; ମରାମତି ଦାବି

ହାଟଡ଼ିହୀ,୧୧।୧(ସମିସ): ହାଟଡ଼ିହୀ ବ୍ଲକ୍ ଶାସଙ୍ଗ ପଞ୍ଚାୟତ ଅଧୀନସ୍ଥ ଅସିଆ ମୁଣ୍ଡାସାହିକୁ ଲମ୍ବିଥିବା ରାସ୍ତାଟି ନୂଆଅସିଆ ସାହିର ଶ୍ୟାମ ଅମାନ୍ତଙ୍କ ଘରଠାରୁ ଅସିଆ ମୁଣ୍ଡାସାହି ସ୍କୁଲ ଯାଏଁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ ରାସ୍ତାଟି ଆଜକୁ ପ୍ରାୟ ୫ବର୍ଷ ପୂର୍ବରୁ ମରାମତି ହୋଇଥିଲା। ବର୍ତ୍ତମାନ ରାସ୍ତାର ଅବସ୍ଥା ଖରାପ୍ ଯୋଗୁଁ ମୁଣ୍ଡାସାହି ଲୋକେ ଦୁଇ କିଲୋମିଟର ବାଟ ବୁଲି ଦେହୁରୀ ସାହି ଦେଇ ଯାଆ'ସ କରୁଛନ୍ତି। ଏନେଇ ନିର୍ବାଚିତ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ପଚାରିବାରୁ ଏହି ରାସ୍ତାଟି ବନବିଭାଗ ରାସ୍ତା ବୋଲି ବିଭାଗ ଦାବି କରି ମରାମତି କାର୍ଯ୍ୟରେ ବାଧା ଦେଉଥିବାରୁ ତାହା ମରାମତି ହୋଇପାରୁ ନଥିବା କହିଛନ୍ତି। ଏଣୁ ରାସ୍ତା ଥାଇ ସୁଦ୍ଧା ଲୋକମାନେ ବାଧ୍ୟ ହୋଇ ଦୁଇ କିଲୋମିଟର ବୁଲି ଦେହୁରୀ ସାହି ଦେଇ ଛେନାପଦି ମୁଖ୍ୟ ବଜାରକୁ ଆସିଥା'ନ୍ତି। ଜରୁରିକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଯିବାରେ ବିଳମ୍ବ ହେଉଛି। ଅସିଆ ମୁଣ୍ଡାସାହିଠାରେ ବିଦ୍ୟାଳୟ ଥିବାରୁ ନୂଆ ଅସିଆ ଓ ଦେହୁରୀସାହି ପିଲାମାନେ



ସେହି କଦର୍ଯ୍ୟ ରାସ୍ତାରେ ବିପଦପୂର୍ଣ୍ଣ ଅବସ୍ଥାରେ ଯାଆ'ସ କରୁଛନ୍ତି। ସବୁ ଗାଁକୁ ପକ୍କାରାସ୍ତା କରିଥିବା ହୋଇଥିବା ବେଳେ ଅସିଆ ଗାଁ ପ୍ରତି ସରକାରଙ୍କ ବୈମାତୃକ ମନଭାବ କାହିଁକି ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ଅସିଆ ଅଞ୍ଚଳରେ ଅସିଆ, ବାରାଗଡ଼ିଆ, ଛେନାପଦି, ଗଳିଗୋପାଳପୁର, ଗୋବିନ୍ଦପୁର, ବଡ଼ତୀରା ଆଦି ଗ୍ରାମବାସୀଙ୍କ ଚାଷଜମି ଥିବାରୁ ସେମାନେ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରିଥା'ନ୍ତି। ଏହି ଆଦିବାସୀ ଅଞ୍ଚଳର ଅପାଠୁଆ ସହ ଦରପାଠୁଆ ଲୋକେ ଅତ୍ୟନ୍ତ ସରଳ ଏବଂ ନିରୀହ ହୋଇଥିବାରୁ ସେମାନଙ୍କ ପାଇଁ ରାସ୍ତା କଷଣ ବଢ଼ିବାରେ ଲାଗିଛି। ରାସ୍ତା ସମ୍ପର୍କରେ ସବିଶେଷ ତଥ୍ୟ ପାଇଁ ଆମ ପ୍ରତିନିଧି ହଦଗଡ଼ ବନାଞ୍ଚଳ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ୍ ଗ୍ରହଣ କରି ନଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଯଦି ଜନଜାତି ଅନୁସୂଚିତ ଲୋକେ ଏମିତି କଷ୍ଟରେ ରହୁଛନ୍ତି ତାହେଲେ ଅନ୍ୟ ଜିଲ୍ଲାର ଲୋକେ କିଭଳି ଥିବେ ତାହା ଅନୁମେୟ। ଆନନ୍ଦପୁର ବିଧାୟକ ଏବଂ ଆନନ୍ଦପୁର ଉପଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ସମସ୍ୟା ପ୍ରତିକାର କରିବାକୁ ପୂର୍ବତନ ସରପଞ୍ଚ ମହେଶ୍ୱର ଦେହୁରୀ, ଉଦୟନାଥ ସା, ବିଶ୍ୱନାଥ ଅମାନ୍ତ, ବିଶ୍ୱନାଥ ଦେହୁରୀ, କାଠିଆ ଦେହୁରୀ, ରାମ ଅମାନ୍ତ, ପୁନିଆ ଅମାନ୍ତ, ଶ୍ୟାମ ହୋ, ରେଣ୍ଟା ହୋ, ରିଡୁ ହୋ, ଦିଗାମ୍ବର ମହାନ୍ତ, ବାସନ୍ତୀ ମହାନ୍ତ, ଝୁନୁ ହୋ, ମାଦେଇ ହୋ, ସାବିତ୍ରୀ ଦେହୁରୀ ପ୍ରମୁଖ ଦାବି କରିଛନ୍ତି।

# ତୃତୀୟ ଶ୍ରେଣୀ ବୃତ୍ତିରେ ପଦ୍ମପୁର ଓ କୋଡ଼ପଡ଼ା ଶୀର୍ଷରେ

ଆନନ୍ଦପୁର,୧୧।୧(ସମିସ): ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁର ଛାତ୍ରୀ ଓ ଆନନ୍ଦପୁର ବ୍ଲକର କୋଡପଡା ଛାତ୍ର ଶୀର୍ଷସ୍ଥାନରେ ରହିଛନ୍ତି। ପୌରାଞ୍ଚଳ ଗରିବ ମେଧାବୃତ୍ତିରେ ପଦ୍ମପୁର ଏସ୍ଏନ୍ ହାଇସ୍କୁଲର ରିଙ୍କି ସାହୁ ପ୍ରଥମ, ଘସିପୁରା କନକମଞ୍ଜରୀ ବାଲଶିକ୍ଷା ସଂସ୍ଥାନର ଦୁର୍ଗାପ୍ରସାଦ ସାହୁ ଦ୍ୱିତୀୟ, ଫକୀରପୁର ବାଲୁଙ୍କେଶ୍ୱର ୟୁପି ସ୍କୁଲର ଅର୍ପିତା ସ୍ୱାଇଁ ତୃତୀୟ, ଫକୀରପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର କ୍ଷୀରାବ୍ଧି ତନୟା ଦାସ ଚତୁର୍ଥ, ଅମୃତାଂଶୁ ପାତ୍ର ପଞ୍ଚମ, ପଦ୍ମପୁର ଏସ୍ଏନ୍ ହାଇସ୍କୁଲର ସ୍ୱସ୍ତିତପା ବେହେରା ଷଷ୍ଠ, ଆନନ୍ଦପୁର ୟୁପି ସ୍କୁଲର ପ୍ରଣତି ଜେନା ସପ୍ତମ ହୋଇଛନ୍ତି। ଆନନ୍ଦପୁର ବ୍ଲକ୍ କୋଡପଡ଼ା ସ୍କୁଲର ଧର୍ମପଦ ସା ପ୍ରଥମ, ବିଶାଲ ଓଝା ଦ୍ୱିତୀୟ, କଣ୍ଟିପାଳ ଏସ୍ଏନ୍ ଭିଏସ୍କର ରୁଦ୍ରନାରାୟଣ ଖଣ୍ଡା ତୃତୀୟ, ପୁରୁଣିଆ ୟୁପି ସ୍କୁଲର ସୌମ୍ୟା ସିମିରନ୍ ରାଉତ ଚତୁର୍ଥ, ବୁଢ଼ୀକୁଦ ସ୍କୁଲର ବଳଜିତ ନାରାୟଣ ନାଏକ ପଞ୍ଚମ, ଟୋଲଙ୍କପଡ଼ା ୟୁପି ସ୍କୁଲର ଭାଗ୍ୟଲକ୍ଷ୍ମୀ ସାହୁ ଷଷ୍ଠ, ଗୟଲମୁଣ୍ଡା ୟୁପି ସ୍କୁଲର ଉପାସନା ପ୍ରିୟଦର୍ଶିନୀ ଭୋଇ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମେଧାବୃତ୍ତରେ ଘସିପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜ୍ୟୋତିରଞ୍ଜନ ସାହୁ ପ୍ରଥମ, ଆନନ୍ଦପୁର ସରସ୍ୱତୀ ଶିଶୁମନ୍ଦିରର ସୃଷ୍ଟିଶ୍ରେୟା ସାହୁ ଦ୍ୱିତୀୟ, ପ୍ରିୟାଦିତ୍ୟ ସାହୁ ତୃତୀୟ, ଘସିପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତ୍ୟୁଷ କୁମାର ସା ଚତୁର୍ଥ, ବୋଡ଼ାବିଲ ସରକାରୀ ପ୍ରାଥମିକ ବିଦ୍ୟାଳୟର କବିର ରଞ୍ଜନ ଦାସ ପଞ୍ଚମ, ଆନନ୍ଦପୁର ସରସ୍ୱତୀ ଶିଶୁମନ୍ଦିରର ସୌମ୍ୟାସ୍ମିତା ପତି ଷଷ୍ଠ, ବୋଡ଼ାବିଲ ୟୁପି ସ୍କୁଲର ରୋଜାଲିନ ସୂତାର ସପ୍ତାମ ସ୍ଥାନ ଅଧିକାର କରିଛନ୍ତି। ଆନନ୍ଦପୁର ବ୍ଲକ୍ ବେଲବାହାଳି ଏସ୍ଏନ୍ ୟୁପି ସ୍କୁଲର ଲିଜାରାଣୀ ସାହୁ ପ୍ରଥମ, ଟାଙ୍ଗର ୟୁପି ସ୍କୁଲର ସତ୍ୟସନାତନ ସାହୁ ଦ୍ୱିତୀୟ, ପଞ୍ଚୁପଲ୍ଲୀ ମହେନ୍ଦ୍ର ୟୁପି ସ୍କୁଲର ଦିବ୍ୟଶ୍ରୀ ନନ୍ଦନ ସ୍ୱାଇଁ ତୃତୀୟ, ବେଲବାହାଳି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସୌରଭ ସୁନ୍ଦର ପାଢ଼ୀ ଚତୁର୍ଥ, ସିଆପଡ଼ା ୟୁପି ସ୍କୁଲର ଶ୍ୱେତପଦ୍ମା ରାଉତ ପଞ୍ଚମ, ପୁରୁଣିଆ ୟୁପି ସ୍କୁଲର ସୌମ୍ୟାଶ୍ରୀ ଦାସ ଷଷ୍ଠ, ବେଲବାହାଳି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବିଷ୍ଣୁପ୍ରିୟା ସାହୁ ସପ୍ତମ ସ୍ଥାନ ଅଧିକାର କରିଛନ୍ତି।

## ଭୀମକୁଣ୍ଡରେ ପର୍ଯ୍ୟଟକଙ୍କ ରବିବାର ଗହଳି

ତୁରୁମୁଙ୍ଗା, ୧୧।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡରେ ରବିବାର ହଜାର ହଜାର ପର୍ଯ୍ୟଟକଙ୍କ ଗହଳି ଲାଗିଥିଲା। ଭୀମକୁଣ୍ଡ ଉତ୍ସବ ମୁଖର ହୋଇ ଉଠିଥିଲା। ବିଭିନ୍ନ ସଙ୍ଗଠନ, ବିଦ୍ୟାଳୟ, ମହାବିଦ୍ୟାଳୟ, ଛାତ୍ରାବାସ, କର୍ମଚାରୀ ସଂଘ ଏଠାକୁ ଆସି ବଣଭୋଜି କରିବା ସହ ଭୀମକୁଣ୍ଡର ୱାଚଟାୱାରରୁ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିଥିଲେ। ଏହାସହ ନଦୀ ପ୍ରସ୍ତର ଶଯ୍ୟାରେ ବୁଲାବୁଲି କରି ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ଉଠାଇଥିଲେ। ପ୍ରବଳ ଶୀତକୁ ଖାତିର ନକରି ପର୍ଯ୍ୟଟକମାନେ ଘଟଗାଁ ମା'ତାରିଣୀଙ୍କ ଦର୍ଶନ ସହ ପାଟଣାର ପ୍ରଭୁପରମେଶ୍ୱର ଓ ଆନନ୍ଦେଶ୍ୱର ମନ୍ଦିର ଦର୍ଶନ ପରେ ଭୀମକୁଣ୍ଡରେ ବଣଭୋଜି କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଘଟଗାଁ ପୁଲିସ ମୁତୟନ ହୋଇଥିଲେ।



## କୋଲ୍‌ହବେଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଆନନ୍ଦପୁର, ୧୧।୧ (ସମିସ): ଘସିପୁରା ବ୍ଲକ ରାଧିକାଦେଇପୁର ପଞ୍ଚାୟତ କୋଲ୍‌ହବେଡ଼ାସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଭଗାମୁଣ୍ଡା ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ସରୋଜ ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ବିଦ୍ୟାଳୟ ନିରୀକ୍ଷକ ସଂଜୟ କୁମାର ଧଳ, ମୁଖ୍ୟବକ୍ତା ଭାବେ ବିନୋଦ ବିହାରୀ ଯେନା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ମହାନ୍ତ, ଓସ୍ତପାଳ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ନାଏକ, କରଞ୍ଜିଆପାଳ ବିଦ୍ୟାଳୟ ପ୍ରଧାନଶିକ୍ଷକ କରୁଣାକର ଚକ୍ର , ସମାଜସେବୀ ବିଜୟ ଦାସ, ଫତୁରାମ ବାସ୍କେ, ଡାକ୍ତର ସନ୍ତ ପଣ୍ଡା, ବିଦ୍ୟାଳୟ ପରିଚାଳନା ଉପସଭାପତି ଆରତୀ ପାତ୍ର, ସୁରେନ୍ଦ୍ର ରାଉତ, ପାର୍ବତୀ ସେଠୀ, ମଣ୍ଡଳ ପଣ୍ଡା, ଅଶୋକ ବରାଳ, କୃଷ୍ଣଚନ୍ଦ୍ର ହେମ୍ବ୍ରମ ଓ ବହୁ ବ୍ୟକ୍ତି ବିଶେଷ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଶରଣ ସାହୁ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଏକାଦଶୀ ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ା, ବିଭିନ୍ନ ଅନ୍ୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରିତ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ନିମିତ୍ତ ଶିକ୍ଷୟିତ୍ରୀ ବିଦ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗ୍ରାମବାସୀ, ଅଭିଭାବକ ତଥା ଦର୍ଶକମାନେ ମନଭରି ଉପଭୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଆରୋଗ୍ୟ ମିତ୍ର ତାଲିମ ଶିବିର ଉଦ୍‌ଯାପିତ

ବାରିପଦା, ୧୧।୧(ସମିସ): ସ୍ଥାନୀୟ ସାଗର ପ୍ୟାଲେସ ସମ୍ମିଳନୀ କକ୍ଷରେ ରବିବାର ଭାରତ ସରକାରଙ୍କ ଜନସ୍ୱାସ୍ଥ୍ୟ ରକ୍ଷାକାରୀ ଆରୋଗ୍ୟ ଭାରତ ଯୋଜନା ଅନ୍ତର୍ଗତ ନବନିଯୁକ୍ତ ଆରୋଗ୍ୟ ମିତ୍ରଙ୍କ ଲାଗି ଆୟୋଜିତ ଜିଲ୍ଲାସ୍ତରୀୟ ଦଶଦିନିଆ ଆରୋଗ୍ୟ ମିତ୍ର ତାଲିମ ଶିବିରର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ଭାଗରୁ ଆଗତ ବହୁସଂଖ୍ୟକ ଶିବିରାର୍ଥୀ ଅଂଶଗ୍ରହଣ କରିଥିଲେ। ଜଳବାୟୁ ସୁରକ୍ଷା ପରିଷଦ ଓ ଜଗନ୍ନାଥ ଶିକ୍ଷା ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ସମ୍ପନ୍ନ ଏହି ଉଦଯାପନୀ ଉତ୍ସବରେ ବିଜେପି ରାଜ୍ୟ ପ୍ରବକ୍ତା ତଥା ଲେଖକ କବିବିଷ୍ଣୁ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସେବା ମନୋଭାବ ନେଇ ପ୍ରାମାଣିକତାର ସହ ପରିଶ୍ରମ କରିବାକୁ ତାଲିମପ୍ରାପ୍ତ ନୂତନ ଆରୋଗ୍ୟ ମିତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଜଗନ୍ନାଥ ଟ୍ରଷ୍ଟ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାକୁଡ଼ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଶୀଭୂଷଣ ସେଠୀ ଶିବିର ପରିଚାଳନାରେ ସହଯୋଗ କରିଥିବାବେଳେ ଯୋଗ ଶିକ୍ଷକ ଦେବରାଜ ସାହୁ ଉପସ୍ଥିତ ଥିଲେ। ଆରୋଗ୍ୟମିତ୍ର ଆଗାମୀ ଦିନରେ ଗ୍ରାମାଞ୍ଚଳରେ ସମୁଚିତ ଶୃଙ୍ଖଳିତ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ସହାୟକ ହେବେ ବୋଲି ଉଦଯାପନୀ କାର୍ଯ୍ୟକ୍ରମରେ ଅତିଥିମାନେ ଆଶା ପୋଷଣ କରିଥିଲେ।




## ରାଜନୀତି ବିଜ୍ଞାନ ବିଭାଗ ଆଲୋଚନାଚକ୍ର

ବଡ଼ସାହି,୧୧।୧(ସମିସ): ସ୍ଥାନୀୟ ତାଳପଦାସ୍ଥ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ରଞ୍ଜନ ଦାସ ଉଦ୍‌ଘାଟନ କରିଥିଲେ। 'ଭାରତର ସମ୍ବିଧାନ ଏକ ଜୀବନ୍ତ ଦସ୍ତାବିଜ, କ୍ରମବିକାଶ ଓ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରରେ ଶ୍ରୀମା ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀକାନ୍ତ ରାଉତ, ବେଦନନୀ କଲେଜ ବରିଷ୍ଠ ଅଧ୍ୟାପକ ଦେବବ୍ରତ ମହାପାତ୍ର, ରିସୋର୍ସ ପର୍ସନ୍ ଭାବେ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ବିନୋଦ ପରିଡ଼ା ଭାରତୀୟ ସମ୍ବିଧାନର ମହାନତା ଓ କ୍ରମ ବିକାଶ ସହିତ ବିଭିନ୍ନ ଆହ୍ୱାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ. ଅନ୍ତର୍ଯ୍ୟାମୀ ବେରିଆ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀ ମିନତୀ ସିଂ, ପ୍ରିୟଦର୍ଶିନୀ ପଣ୍ଡା, ଲିପିକା ନାଏକ, ଛାତ୍ର ସତ୍ୟଜିତ୍ ସିଂ, ଶରତ ବେହେରା ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଗୀତିସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ହିଙ୍ଗୁଳାଙ୍କ ବଡ଼ପୂଜା ପ୍ରସ୍ତୁତି ବୈଠକ

ବଡ଼ସାହି,୧୧।୧(ସମିସ): ଉତ୍ତର ଓଡିଶାର ପ୍ରସିଦ୍ଧ ତଥା ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍ କଉଡଖଣି ଶାଳ ଜଙ୍ଗଲରେ ପୂଜା ପାଉଥିବା



ମା' ହିଙ୍ଗଳାଙ୍କ ବାର୍ଷିକ ପୂଜା ଆଗାମୀ ଫେବୃଆରୀ ୩ ତାରିଖରେ ଅନୁଷ୍ଠିତ ହେବ। ମା'ଙ୍କ ବଡପୂଜା ପାଇଁ ଜାନୁଆରୀ ୩୧ରେ ଅଧିବାସ, ଫେବୃଆରୀ ୧ରେ ଘଟ ଉତ୍ତୋଳନ କରାଯାଇ ଯଜ୍ଞ ଆରମ୍ଭ, ୨ରେ ଯଜ୍ଞ ଓ ୩ରେ ମା'ଙ୍କ ବାର୍ଷିକ ବଡପୂଜା ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏହି ମେଳା ୪ଦିନ ପର୍ଯ୍ୟନ୍ତ ଚାଲିବ। ମେଳାରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଲେକଙ୍କ ସମାଗମ ହେବା ସମ୍ଭାବନା ରହିଛି । ଏଥିପାଇଁ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ମା' ହିଙ୍ଗୁଳା ଟ୍ରଷ୍ଟ କମିଟି ମୁଖ୍ୟ ଟ୍ରଷ୍ଟି ସୁନୀଲ ଦାଶ ସଭାପତିତ୍ୱ କରିଥିଲେ। ବଡସାହି ବିଧାୟକ ସନାତନ ବିଜୁଳି, ବିଡିଓ ବନଜା ଦାସ, ତହସିଲଦାର କରୁଣାକର ଧିନ୍ଦା, ଆଇଆଇସି ସ୍ୱର୍ଣ୍ଣଲତା ମିଂଜ, ଫରେଷ୍ଟର ସୁନୀଲ ମହାନ୍ତ, ସୁହାଗପୁର ସରପଞ୍ଚ ବାସନ୍ତୀ ସିଂ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବ୍ଲକ୍ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ, ପିଡବ୍ଲୁଡି, ପୂର୍ତ୍ତ ବିଭାଗ ଓ ଆରଡବ୍ଲୁଏସଏସର ଅଧିକାରୀ ଓ କମିଟି ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ସଭାପତି ଶ୍ରୀ ଦାଶଙ୍କ ପ୍ରସ୍ତାବ କ୍ରମେ ମୁଖ୍ୟମନ୍ତ୍ରୀଙ୍କୁ ଏହି ମେଳାକୁ ନିମନ୍ତ୍ରଣ କରାଯିବା ସହିତ ସେ କିପରି ଆସିବେ ସେଥିପାଇଁ ବିଧାୟକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ବଡସାହି ପଟୁ ଆସୁଥିବା ଗାଡ଼ି ସୁହାଗପୁର ପଡିଆ, ଉଦଳା ପଟୁ ଆସୁଥିବା ଗାଡି ମାଙ୍କଡକେନ୍ଦା ପଡିଆ ଓ ଖୁଣ୍ଟା ପଟୁ ଆସୁଥିବା ଗାଡ଼ି ପାଳସା ପଡ଼ିଆ ଓ ଦେଉଳିଆ, କୁଆମରା ପଟୁ ଆସୁଥିବା ଗାଡ଼ି ଚାନ୍ଦଡିହା ବାସ୍ତନ୍ତୀ ପଡିଆରେ ପାର୍କିଂ ହେବ ବୋଲି ଜଣାଯାଇଛି। ମେଳାରେ ୨୪ ଘଣ୍ଟା ବିଦ୍ୟୁତ ସରବାରହ ରହିବା ପାଇଁ କର୍ମଚାରୀ ସହଯୋଗ କରିବା ସହିତ ମେଳାରେ ଉପସ୍ଥିତ ରହିବେ ବୋଲି ସିଦ୍ଧାନ୍ତ ହୋଇଛି। ଶିକ୍ଷାବିତ ରାଜେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଉପେନ୍ଦ୍ରନାଥ କଲେଜ ନାଟ୍ୟ ସଂସଦର ବାର୍ଷିକ ଉତ୍ସବ




ରାସଗୋବିନ୍ଦପୁର,୧୧।୧(ସମିସ): ରାସଗୋବିନ୍ଦପୁର ବ୍ଲକ୍‌ର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଡ୍ରାମାଟିକ ସୋସାଇଟିର ନାଟ୍ୟ ସଂସଦ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ସଞ୍ଜୀବ ନାଏକ, ସମ୍ମାନିତ ଅତିଥି ପ୍ରାଧ୍ୟାପକ ବ୍ରଜେନ୍ଦ୍ରନାଥ ସେନାପତି, ପ୍ରାଧ୍ୟାପକ ରବୀନ୍ଦ୍ର ରାଉତ, ଅଧ୍ୟାପକ ପ୍ରଦୀପ ବଡ଼ନାଏକ, ମୁଖ୍ୟବକ୍ତା ଅବନୀକାନ୍ତ ଗିରି ଯୋଗ ଦେଇଥିଲେ। ଅଧ୍ୟାପକ ଉମେଶ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଦୀପ ବଡ଼ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ନାଚ ଗୀତରେ ଭାଗନେଇ କୃତକାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୋକାନୀଙ୍କ ମୃତଦେହ ଉଦ୍ଧାର

ଆନନ୍ଦପୁର, ୧୧।୧(ସମିସ): ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ହସନପୁର ଟୋଲ ପ୍ଲାଜା ନିକଟସ୍ଥ ଏକ ଟାୟାର ଦୋକାନ ଭିତରୁ ଦୋକାନ ମାଲିକଙ୍କ ମୃତଦେହ ଉଦ୍ଧାର ହୋଇଥିଲା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଦୋକାନୀ ଜଣଙ୍କ ବିହାରର ସଜାଜ୍ ଆଲମ୍ ବୋଲି ସୂଚନା ମିଳିଛି। ରାମଚନ୍ଦ୍ରପୁର ପୁଲିସ୍ ଓ ସାଇଁକୁଳ ଫାଣ୍ଡି ପୁଲିସ ଘଟଣାର ଅନୁଧାନ କରିଥିଲା ବେଳେ ଏକ ଅପମୃତ୍ୟୁ ମାମଲାରେ ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମେଡ଼ିକାଲକୁ ପଠାଯାଇଛି। ପରିବାର ଲୋକଙ୍କୁ ଖବର ଦିଆଯାଇଛି। ଗତକାଲି ରାତିରେ ଦୋକାନରେ ଶୋଇଥିବା ବେଳେ କେଉଁ ପରିସ୍ଥିତିରେ ମୃତ୍ୟୁ ହୋଇଚି ତାର ଖିଅ ଖୋଜିବାରେ ଲାଗିଛି ପୁଲିସ।

## ଜମିବାଡ଼ି ବିବାଦରୁ ଯୁବକଙ୍କୁ ହତ୍ୟା

ଆନନ୍ଦପୁର, ୧୧।୧(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ କୁମୁଡ଼ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସମ୍ପର୍କୀୟମାନେ ଠେଙ୍ଗାରେ ପିଟିପିଟି ହତ୍ୟା କରିବା ଘଟଣା ଏବେ ଘସିପୁରା ଥାନାରେ ଅଭିଯୋଗ ହୋଇଛି। କୁମୁଡ଼ ଗ୍ରାମର ଗୋବିନ୍ଦ ମୁଦିଙ୍କ ସାନପୁଅ ମଳୟଙ୍କୁ ପୂର୍ବରୁ ବହୁବାର ପିଟାମରା ଓ ଆକ୍ରମଣ କରିଥିବା ବେଳେ ଗତ ୧୦ ତାରିଖ ସନ୍ଧ୍ୟାରେ ସମ୍ପର୍କୀୟମାନେ ମିଳିତ ଭାବେ ମରଣାତ୍ମକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଆନନ୍ଦପୁର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା। ଆଜି ସନ୍ଧ୍ୟାରେ ମଳୟଙ୍କ ମୃତ୍ୟୁ ହେବାପରେ ପରିବାର ଲୋକେ ମୃତ ଦେହ ଧରି ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଏମ୍‌ସିଏଏମ୍ ଇତିହାସ ବିଭାଗର ଶୈକ୍ଷିକ ଭ୍ରମଣ




ବାରିପଦା,୧୧।୧(ସମିସ): ସ୍ଥାନୀୟ ମହାରାଜପୁରସ୍ଥ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟେନ୍ସ ଆଣ୍ଡ ମ୍ୟାନେଜମେଣ୍ଟର ଇତିହାସ ବିଭାଗ ଛାତ୍ରଛାତ୍ରୀ ନିକଟରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଅନୁସନ୍ଧାନ ପାଇଁ ଏକ ଅଧ୍ୟୟନ ଯାତ୍ରା ଆୟୋଜନ କରିଥିଲେ। ବିଭାଗର ମୁଖ୍ୟ ପ୍ରତୀଭା ଦାସ ଓ ଅଧ୍ୟାପିକା ଲକ୍ଷ୍ମୀ ଚାପିୟରଙ୍କ ନେତୃତ୍ୱରେ ଏହି ଯାତ୍ରା ମାଧ୍ୟମରେ ଛାତ୍ରଛାତ୍ରୀ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଅନେକ ଐତିହାସିକ ତଥା ପ୍ରାକୃତିକ ସ୍ଥାନ ଭ୍ରମଣ କରି ଜ୍ଞାନ ଅର୍ଜନ କରିଥିଲେ। ଖିଚିଂଠାରେ ଥିବା ଭଞ୍ଜ ରାଜବଂଶର ସ୍ଥାପତ୍ୟର ଏକ ମହତ୍ୱପୂର୍ଣ୍ଣ ପୁରାତନ କିଚକେଶ୍ୱରୀ ମନ୍ଦିର ପରିଦର୍ଶନ ସହିତ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଛାତ୍ରମାନେ ଜଟିଳ ଖୋଦନ, ମୂର୍ତ୍ତିର କାରୁକାର୍ଯ୍ୟ ଓ ଏ ଅଞ୍ଚଳର କଳାତ୍ମକ ଉତ୍ତରାଧିକାରୀ ବିଷୟରେ ଜ୍ଞାନ ଆହରଣ କରିଥିଲେ। ପରେ ସେମାନେ କେନ୍ଦୁଝର ଜିଲ୍ଲାର ଖଣ୍ଡାଧାର ଜଳପ୍ରପାତ ପରିଦର୍ଶନ କରିଥିଲେ। ଯାହା ସବୁଜ ଓ ସୁନ୍ଦର ପାହାଡ ଦ୍ୱାରା ଘେରି ରହିଥିଲା। ଏହାଦେଖି ଛାତ୍ରଛାତ୍ରୀ ଆନନ୍ଦିତ ହୋଇଥିଲେ। ଏହାପରେ ଜଙ୍ଗଲ ମଧ୍ୟରେ ଥିବା ଏକ ପ୍ରାଚୀନ ସ୍ଥଳ ଯେଉଁଠାରେ ଭଗବାନ ଶିବଙ୍କୁ ଉତ୍ସର୍ଗୀକୃତ ହୋଇଥିବା ଗୋନାସିକା ମନ୍ଦିର ମଧ୍ୟ ଅନୁସନ୍ଧାନ କରିଥିଲେ। ଅନ୍ୟାନ୍ୟ ମୁଖ୍ୟ ସ୍ଥାନ ମଧ୍ୟରେ ସାନଘାଗରା ଆଦି ସାଂସ୍କୃତିକ ଓ ଐତିହାସିକ ମହତ୍ୱ ରଖୁଥିବା ସ୍ଥଳ ସହିତ କେନ୍ଦୁଝର ରାଜପ୍ରାସାଦ ଓ ବନ୍ୟଜନ୍ତୁଙ୍କ ପାଇଁ ଆଶ୍ରୟସ୍ଥଳ ତଥା ଶିମିଳିପାଳ ଜାତୀୟ ଉଦ୍ୟାନ ଅନ୍ତର୍ଭୁକ୍ତ। ଏହି ଶିକ୍ଷାଭିତ୍ତିକ ଯାତ୍ରା ବିଦ୍ୟାର୍ଥୀଙ୍କ ପାଇଁ ଏକ ଅନନ୍ୟ ଅଭିଜ୍ଞତା ଥିଲା। ଯାହା ସେମାନଙ୍କ ଐତିହାସିକ ଓ ସାଂସ୍କୃତିକ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହୋଇଥିଲା। ଭ୍ରମଣର ସଫଳତା ପାଇଁ ବିଭାଗୀୟ ମୁଖ୍ୟ ପ୍ରତିଭା ଦାସ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ନାୟକ, ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ଓ ଅନ୍ୟ ସହକର୍ମୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଚନ୍ଦନପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବଡସାହି,୧୧।୧(ସମିସ): ଚନ୍ଦନପୁର ଆଶ୍ରମ ବିଦ୍ୟାଳୟ (ନୂତନ)ର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଦୀପ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ଅତିଥି ଭାବେ ଚନ୍ଦନପୁର ଆଶ୍ରମ ବିଦ୍ୟାଳୟ (ପୁରାତନ)ର ପ୍ରଧାନଶିକ୍ଷକ ବିନୟ ବେହେରା, ପରିଚାଳନା କମିଟି ସଭାପତି ଧାନାୟ ମୁର୍ମୁ, ସଦସ୍ୟ ଜୟଚନ୍ଦ୍ର ମହାନ୍ତ, ପୂର୍ବତନ ସଭାପତି ହାଡ଼ିବନ୍ଧୁ କାଳନ୍ଦୀ, ସାମ୍ବାଦିକ ନିରଞ୍ଜନ ମହାନ୍ତ ଯୋଗ ଦେଇଥିଲେ। ମୁଖ୍ୟଅତିଥି କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟ କ୍ୟାବିନେଟ୍ କ୍ରୀଡ଼ାମନ୍ତ୍ରୀ ବିଜୟ ମାର୍ଣ୍ଡି କ୍ରୀଡ଼ା ମଶାଲ ଧରି ପଡିଆ ପରିକ୍ରମା କରି ମୁଖ୍ୟଅତିଥିଙ୍କୁ ପ୍ରଦାନ କରିଥିଲେ। ବିଦ୍ୟାଳୟ କ୍ୟାବିନେଟର ମୁଖ୍ୟମନ୍ତ୍ରୀ ଜିତେନ୍ ମୁର୍ମୁ ଓ କୁମାରୀ ସୂର୍ଯ୍ୟମୁଖୀ ମୁର୍ମୁଙ୍କ ନେତୃତ୍ୱରେ ସମସ୍ତ ଖେଳ ପରିଚାଳିତ ହୋଇଥିଲା। ଏଥିରେ ସହକାରୀ ଶିକ୍ଷକ ଅଭିମନ୍ୟୁ ସାତୁଆ ମଞ୍ଚ ପରିଚାଳନା ଓ ଶପଥ ପାଠ କରିଥିଲେ।

## ଓସିଏ ଆନ୍ତଃଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ

ବାରିପଦା,୧୧।୧(ସମିସ): କଟକରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଓସିଏ ଆନ୍ତଃଜିଲ୍ଲା ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ ଘୋଷଣା କରାଯାଇଛି। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଦ୍ୱାରା ମନୋନୀତ ଦଳରେ ରାଜୀବ ସରକାର, ପ୍ରିୟାଂଶୁ କୁମାର ଜେନା, ଡିଏସ ଅଜିତେଶ, ଲଳିତ କୁମାର ମହାପାତ୍ର, ରାଘବ ସାକୁନିଆ, ଜଷ୍ଟିସ ଦିବ୍ୟାଂଶୁ ବାରିକ, ମୋଦିରାସ ବେହେରା, ତାଜ ରୋଶନ ପରିଡା, ଗୌରବ ପଣ୍ଡା, ରଣବୀର ରାଉତ, ରିତେଶ ରାଜ ଭୂୟାଁ, ଶାଶ୍ୱତ ଗିରି, ଦେବାଂଶୁ ଅଗ୍ରୱାଲ, ଆଦିତ୍ୟ କେଶରୀ ଜେନା ଓ ରାଜଦୀପ ଜେନା ସାମିଲ ଅଛନ୍ତି। କୋଚ ଓ ମ୍ୟାନେଜର ଭାବେ ସାଇବା ସିଂଙ୍କ ନେତୃତ୍ୱରେ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବ ବୋଲି କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି। ମୟୂରଭଞ୍ଜ ପ୍ରଥମ ମ୍ୟାଚ୍ କିଟ, ଭୁବନେଶ୍ୱର ସହ ଖେଳିବ ବୋଲି ଅନ୍ୟତମ କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହଙ୍କ ସମେତ ସମସ୍ତ କାଉନସିଲ ସଦସ୍ୟ ଟୁର୍ଣ୍ଣାମେଣ୍ଟରେ ଦଳର ସଫଳତା କାମନା କରିଛନ୍ତି।



### ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ ପ୍ରସଙ୍ଗ

# ବହଳଦା ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ

ଖୁଣ୍ଟା, ୧୧।୧(ସମିସ): ଖୁଣ୍ଟା ବ୍ଲକ ବଡ଼ପଥରା ପଞ୍ଚାୟତ ବାହଳଦା ଉନ୍ନୀତ ଉଚ୍ଚବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଶନିବାର ସ୍କୁଲ ପରିତ୍ୟାଗ କରିଛନ୍ତି। ଫଳରେ ସେମାନଙ୍କର ଉପସ୍ଥାନ ପଡ଼ିପାରିନାହିଁ କିମ୍ବା ମଧ୍ୟାହ୍ନ ଭୋଜନ ରନ୍ଧା ଯାଇପାରିନାହିଁ। ୧୨୨ ଛାତ୍ରଛାତ୍ରୀ ଥିବା ବହଳଦାର ଉକ୍ତ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରା ନ ଯିବାରୁ ପିଲାମାନେ ଅଭିନବ ଉପାୟରେ ବିରୋଧ ପ୍ରଦର୍ଶନ କରିଛନ୍ତି। କିଛି ପୁଅ ପିଲା ନିଜର ପିନ୍ଧା ସାର୍ଟ କାଢି ସ୍କୁଲରେ ରଖି ଦେଇଥିବାବେଳେ ପାଠ୍ୟ ପୁସ୍ତକ ଛାଡି ଦେଇ ବିଦ୍ୟାଳୟ ପରିତ୍ୟାଗ କରିଥିଲେ। ଉପସ୍ଥିତ ଶିକ୍ଷକ ପିଲାଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ।

ସୂଚନା ମୁତାବକ, ପ୍ରଥମେ ସେହି ସ୍କୁଲକୁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପାଇଁ ଚୟନ କରାଯାଇଥିବାବେଳେ ଆବଶ୍ୟକ ମାନଦଣ୍ଡ ପୂରଣ ନ ହେବାରୁ ପରବର୍ତ୍ତୀ ସମୟର ଯୋଜନାଟି ସେହି ପଞ୍ଚାୟତର ତାଡାକି ଝରଣ ସରକାରୀ ପଞ୍ଚାୟତ ହାଇସ୍କୁଲକୁ ସ୍ଥାନାନ୍ତର କରାଯାଇଥିଲା। ସେତେବେଳେ ସରପଞ୍ଚ, ସମିତିସଭ୍ୟ ଓ ବହଳଦା ଗ୍ରାମବାସୀ ତାହାକୁ ବିରୋଧ କରି ଖୁଣ୍ଟା ବିଡିଓ କାର୍ଯ୍ୟାଳୟ ଘେରାଉ କରି ଧାରଣାରେ ବସିଥିଲେ। କପ୍ତିପଦା ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ଉକ୍ତ ଘଟଣାର ଆପୋଷ ସମାଧାନ କରାଯାଇଥିଲା। ଏହି ଘଟଣା ନେଇ କାହାରି ମତାମତ ମିଳି ନ ଥିବାବେଳେ ସୋମବାର ଅଭିଭାବକ ଓ ଶିକ୍ଷକଙ୍କ ଆଲୋଚନା କରାଯିବାର ସମ୍ଭାବନା ରହିଛି।



## ଆଜିର ରାଶିଫଳ

**ମେଷ:** ସ୍ୱପ୍ନ ସାକାର ହେବ। ଅଚାନକ ଖୁସି ଖବର ପାଇ ଉତ୍ସାହିତ ହେବେ। ସମସ୍ତ କାର୍ଯ୍ୟରୁ ଲାଭ ମିଳିବ। ଦିନଟି ହସଖୁସିରେ ଅତିବାହିତ ହେବ। କୌଣସି ନୂଆ ଜିନିଷ କିଣିବେ।

**ବୃଷ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ଆଶା କରୁଥିବା ଦିଗରୁ ଧନ ମିଳିବ। କୌଣସି କଥାକୁ ନେଇ ମନ ଭଣା ହୋଇପାରେ।

**ମିଥୁନ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ବନ୍ଧୁଙ୍କ ସାହାଯ୍ୟରେ ନୂତନ ବ୍ୟବସାୟ ଆରମ୍ଭ କରିବେ। ଯୋଜନା ମୁତାବକ କାମ ହେବ। ଆୟ ଓ ବ୍ୟୟ ସମାନ ରହିବ।

**କର୍କଟ:** ପଡ଼ୋଶୀଙ୍କ ସହ ବିବାଦ ହୋଇପାରେ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ନୂଆ ଚାକିରି ସୁଯୋଗ ଜୁଟିବ। ଛାତ୍ରଛାତ୍ରୀଙ୍କୁ ବିଦେଶ ଶିକ୍ଷାର ଅବସର ଜୁଟିବ।

**ସିଂହ:** ଦିନଟି ଭଲରେ କଟିବ। ଚାକିରିରେ ପରିବର୍ତ୍ତନ ଆସିବ। କୌଣସି ନୂଆ ଦାୟିତ୍ୱ ତୁଲାଇବେ। ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ। କାର୍ଯ୍ୟକ୍ଷେତ୍ରରେ କିଛି ସମସ୍ୟା ଆସିବ।

**କନ୍ୟା:** ସ୍ୱାମୀ-ସ୍ତ୍ରୀ ସୁଖଦ ମୁହୂର୍ତ୍ତ ଅତିବାହିତ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଟକି ରହିଥିବା ଧନ ଆଗମନ ହେବ। କୌଣସି ନୂଆ ଲୋକଙ୍କ ସହ ସାକ୍ଷାତ କରିବେ।

**ତୁଳା:** ବନ୍ଧୁଙ୍କ ସହ କୌଣସି ନୂଆ କାର୍ଯ୍ୟର ଯୋଜନା କରିବେ। ଅଟକିଥିବା କାର୍ଯ୍ୟକୁ ପୂରା କରିବେ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ଦେଖାଦେଇପାରେ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ। ଗୁରୁଜନଙ୍କ ପରାମର୍ଶ ନେବେ। କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ। ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ। ରାଜନେତାଙ୍କ ପାଇଁ ଭଲ ସମୟ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ। ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ। ପଡୋଶୀଙ୍କ ସହ ସୁସମ୍ପର୍କ ବଢ଼ିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ। ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ବାଦ ବିବାଦଠାରୁ ଦୂରେଇ ରହିବା ଭଲ। ବହୁ ଦିନର ସ୍ୱପ୍ନ ପୂରା ହେବ।


**କୁମ୍ଭ:** ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ। ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ। ଯାନବାହନ କିମ୍ବା ଜମି କିଣିବା ଯୋଗ ଅଛି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଆଜି ଦିନଟି ବହୁତ ଭଲ।

**ମୀନ:** ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବେ। ରାଜନୀତିରେ ସଫଳତା ମିଳିବ। ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

## ଆଜିର ଇତିହାସ

- ୧୮୬୬: ଲଣ୍ଡନରେ ରୟାଲ ଏରୋନଟିକାଲ ସୋସାଇଟିର ଗଠନ।
- ୧୯୪୮: ସାମ୍ପ୍ରଦାୟିକ ହିଂସା ବିରୋଧରେ ମହାତ୍ମା ଗାନ୍ଧୀ ଅନଶନ ନିଷ୍ପତ୍ତି ନେଲେ।
- ୧୯୯୧: କୁଏତ୍‌ରେ ଇରାକ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେରିକା ସଂସଦର ଅନୁମୋଦନ।
- ୨୦୦୯: ପ୍ରସିଦ୍ଧ ସଙ୍ଗୀତଜ୍ଞ ଏ.ଆର.ରେହମାନ 'ଗୋଲ୍‌ଡେନ୍ ଗ୍ଲୋବ୍' ପୁରସ୍କାର ଜିତିଥିବା ପ୍ରଥମ ଭାରତୀୟ ହେଲେ।

## ଜାତୀୟ ଯୁବ ଦିବସ



ସ୍ୱାମୀ ବିବେକାନନ୍ଦ ସନାତନ ଧର୍ମକୁ ବିଶ୍ୱ ଦରବାରରେ ପରିଚିତ କରାଇବା ସହ ବିଶ୍ୱର ଏକ ପ୍ରମୁଖ ଧର୍ମ ଭାବେ ଉପସ୍ଥାପନ କରିବାରେ ପ୍ରମୁଖ ହୋଇଥିଲେ। ସେ ଜଣେ ଆଧ୍ୟାତ୍ମିକ ଧର୍ମଗୁରୁ ଭାବରେ ମଧ୍ୟ ପ୍ରସିଦ୍ଧି ଅର୍ଜନ କରିଥିଲେ। ବିବେକାନନ୍ଦଙ୍କ ଆଦର୍ଶ ଏବଂ ଚିନ୍ତାଧାରାକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଜାନୁଆରୀ ୧୨ ତାରିଖକୁ 'ଜାତୀୟ ଯୁବ ଦିବସ' ଭାବେ ପାଳନ କରାଯାଏ। ବିବେକାନନ୍ଦଙ୍କ ଦର୍ଶନ ଓ ଆଦର୍ଶ ପ୍ରତି ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ଭାରତ ସରକାର ୧୯୮୪ରେ ଜାନୁଆରୀ ୧୨ ଅର୍ଥାତ୍ ତାଙ୍କ ଜନ୍ମଦିନକୁ 'ଯୁବ ଦିବସ' ଭାବେ ପାଳନ କରିବା ପାଇଁ ବିଧିବଦ୍ଧ ଭାବେ ଘୋଷଣା କରିଥିଲେ। ୧୯୮୫ରୁ ପ୍ରତିବର୍ଷ ଏହି ଦିବସକୁ ଯୁବ ଦିବସ ପାଳନ କରାଯାଉଛି। ସନାତନ ଧର୍ମ, ବେଦାନ୍ତ ଶାସ୍ତ୍ର ଓ ଯୋଗ ଦର୍ଶନକୁ ପାଶ୍ଚାତ୍ୟ ଜଗତରେ ସୁପରିଚିତ କରାଇବାରେ ବିବେକାନନ୍ଦଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ୧୮୬୩ ଜାନୁଆରୀ ୧୨ରେ ସେ କଲିକତାର ସିମିଳାପଲ୍ଲୀରେ ଏକ ରକ୍ଷଣଶୀଳ ହିନ୍ଦୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ବିବେକାନନ୍ଦଙ୍କ ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟର ଓକିଲ ଥିଲେ। । ତାଙ୍କ ମା' ଭୁବନେଶ୍ୱରୀ ଦେବୀ ଆଧ୍ୟାତ୍ମିକତାରେ ରୁଚି ରଖୁଥିଲେ। ପିଲାବେଳେ ସେ ନରେନ୍ଦ୍ର ନାଁରେ ପରିଚିତ ଥିଲେ। ପିଲାଟି ବେଳୁ ତାଙ୍କର ଧର୍ମ, ଦର୍ଶନ, ସାହିତ୍ୟ, ସାମାଜିକ ବିଜ୍ଞାନ, କଳା ଆଦି ବିଷୟରେ ରୁଚି ଥିଲା। ୧୮୯୩ ସେପ୍ଟେମ୍ବର ୧୧ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ଧର୍ମ ମହାସଭାରେ ତାଙ୍କର ଓଜସ୍ୱିନୀ ବକ୍ତୃତା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲା। ଛୋଟବେଳୁ ତାଙ୍କ ମନରେ ଧର୍ମଭାବ ପରିଲକ୍ଷିତ ହୋଇଥିଲା। ତାଙ୍କର ଏକ ମାତ୍ର ଆକାଂକ୍ଷା ଥିଲା ଭଗବାନ ଦର୍ଶନ। ସେ ପାଠପଢ଼ିବା ସମୟରେ ବ୍ରାହ୍ମସମାଜଭୁକ୍ତ ହୋଇ ନିୟମିତ ଉପାସନାରେ ଯୋଗ ଦେଉଥିଲେ। ଭଗବାନଙ୍କୁ ଆନ୍ତରିକ ଦର୍ଶନ କରିବାକୁ ଚାହୁଁଥିବା ବଳିଷ୍ଠଦେହ ଓ ଦୃଢ଼ମନର ଅଧିକାରୀ ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କୁ ଗୁରୁରୁପେ ବରଣ କରିଥିଲେ । ରାମକୃଷ୍ଣ ନିଜର ମହାନ ଭାବାଦର୍ଶ ପ୍ରସାର କାର୍ଯ୍ୟ ବିବେକାନନ୍ଦଙ୍କ ଦ୍ୱାରା ସମ୍ପାଦିତ କରାଇଥିଲେ। ଗୌରବମୟ ଭାରତୀୟ ସଂସ୍କୃତି ବିବେକାନନ୍ଦଙ୍କୁ ବହୁତ ଆନନ୍ଦ ଦେଉଥିଲା କିନ୍ତୁ ଭାରତର ଜନସାଧାରଣଙ୍କର ଦାରିଦ୍ର୍ୟ ଓ ଅଶିକ୍ଷା ତାଙ୍କୁ ବ୍ୟଥିତ କରିଥିଲା। ମାତ୍ର ୨୫ ବର୍ଷ ବୟସରେ ସେ ସନ୍ନ୍ୟାସୀ ହୋଇଥିଲେ ଓ ତା ପରେ ପାଶ୍ଚାତ୍ୟ ଭ୍ରମଣ କରି ସଂପୂର୍ଣ୍ଣ ବିଶ୍ୱରେ ହିନ୍ଦୁ ଧର୍ମ ଓ ବେଦାନ୍ତର ପ୍ରଚାର ଓ ପ୍ରସାର କରିଥିଲେ। ୧୮୯୭ ମସିହାରେ ସ୍ୱାମୀ ବିବେକାନନ୍ଦ ଧର୍ମ ସଂସଦରୁ ଫେରିବା ପରେ ତାଙ୍କ ଗୁରୁ ସନ୍ଥ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ନାମରେ ସାମାଜିକ ସେବା ପାଇଁ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ। ସେ ହେଉଛନ୍ତି ଅଗଣିତ ଯୁବ ସମାଜର ମାର୍ଗ ପ୍ରବର୍ତ୍ତକ। ଏହି ମହାମନୀଷୀଙ୍କର ୧୯୦୨ ଜୁଲାଇ ୪ ତାରିଖରେ ମାତ୍ର ୩୯ ବର୍ଷ ବୟସରେ କଲିକତାର ବେଲୁର ମଠରେ ଦେହାବସାନ ଘଟିଥିଲା।

## ସାଇରନ୍ ବାଜିଲେ ପଢ଼ନ୍ତି ପାଠ



ଆଜିକାଲିର ୫ଜି ଜମାନାରେ ମୋବାଇଲ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଯାଇଛି କହିଲେ କିଛି ଭୁଲ ହେବ ନାହିଁ। ଦୁନିଆରେ ଖୁବ୍ କମ୍ ଲୋକ ଥିବେ ଯେଉଁମାନଙ୍କ ପାଖରେ ମୋବାଇଲ୍ ନ ଥିବ। ଆଜିକାଲି ଲୋକଙ୍କ ଜୀବନ ମୋବାଇଲରୁ ଆରମ୍ଭ ହେଉଛି ଓ ଶେଷ ହେଉଛି। ବୟସ୍କଙ୍କଠାରୁ ଆରମ୍ଭ କରି ଛୋଟ ଛୋଟ ପିଲାମାନେ ଫୋନ୍, ଟିଭିରେ ଘଣ୍ଟା ଘଣ୍ଟା ସମୟ ଅତିବାହିତ କରୁଛନ୍ତି। ତେଣୁ ପିଲାମାନଙ୍କର ମୋବାଇଲ ଅଭ୍ୟାସ କମ୍ କରି ପାଠପଢ଼ାରେ ଧ୍ୟାନ ଦେବା ଉଦ୍ଦେଶ୍ୟରେ ମହାରାଷ୍ଟ୍ର, ବିଡ୍ ଜିଲ୍ଲାର ପରଲି ଅନ୍ତର୍ଗତ ନାଗାପୁର ଗାଁର ଲୋକ ଏକ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ଗାଁରେ ସନ୍ଧ୍ୟା ୭ଟାରେ ସାଇରନ୍ ବାଜିଥାଏ। ସାଇରନ୍ ଶବ୍ଦ ଶୁଭାଯିବା ମାତ୍ରେ ଘରେ ଘରେ ଟିଭି ବନ୍ଦ କରିଦିଆଯାଏ। ମୋବାଇଲକୁ ଅନ୍ୟତ୍ର ରଖାଯାଏ। ପିଲାମାନେ ଦୁଇଘଣ୍ଟା ଧରି ପାଠ ପଢ଼ନ୍ତି। ଗାଁ' ଲୋକେ ଏହି ନିୟମର ନାଁ 'ସାଇରନ୍ କ୍ଲୋଜ୍ ଫର୍ ଷ୍ଟଡି' ରଖିଛନ୍ତି। ପିଲାମାନେ ସନ୍ଧ୍ୟା ୭ଟାରୁ ରାତି ୯ଟା ଯାଏଁ ପାଠ ପଢ଼ନ୍ତି। ଗାଁ'ର ଉପସରପଞ୍ଚ ସନ୍ତୋଷ ସୋଲଙ୍କେ ଏହି ପ୍ରୟାସ ଆରମ୍ଭ କରିଥିଲେ। ତାଙ୍କ କହିବାନୁସାରେ, ଅନ୍ୟ ଜିଲ୍ଲାରେ ଏହି ପ୍ରୟାସ ସଫଳ ହୋଇଥିଲା। ଏଥିରୁ ପ୍ରେରଣା ପାଇ ନାଗାପୁରରେ ଏହି ଯୋଜନା ଲାଗୁ କରାଯାଇଥିଲା। ନିୟମ ସଠିକ ଢଙ୍ଗରେ ପାଳନ ହେଉଛି କି ନାହିଁ ତାହାକୁ ତଦାରଖ କରିବାକୁ ଏକ ସମିତି ବନାଯାଇଛି। ଏହି ସମିତିର ସଦସ୍ୟମାନେ ସପ୍ତାହକୁ ଦୁଇଥର ଘରକୁ ଘର ବୁଲି ଲୋକମାନେ ଏହି ନିୟମ ପାଳନ କରୁଛନ୍ତି କି ନାହିଁ ତାହା ତର୍ଜମା କରିଥାନ୍ତି। ଏହି ନିୟମର ପ୍ରଭାବ ଏବେ ପିଲାମାନଙ୍କଠାରେ ଅଧିକ ଦେଖିବାକୁ ମିଳୁଛି। ଏନେଇ ଗାଁ'ର ଅନେକ ଅଭିଭାବକ କୁହନ୍ତି, 'ସନ୍ଧ୍ୟା ହେଲାମାତ୍ରେ ପିଲାମାନେ ଆପେ ଆପେ ମୋବାଇଲ ବା ଟିଭି ବନ୍ଦ କରି ପଢ଼ା ଆରମ୍ଭ କରୁଛନ୍ତି। ସ୍କ୍ରିନ୍ ଟାଇମ୍ ହ୍ରାସ ପାଇ ପଢ଼ା ପ୍ରତି ସେମାନଙ୍କ ଆଗ୍ରହ ବଢ଼ିଛି। ତେବେ ନିୟମିତ ପଢୁଥିବା ପିଲାଙ୍କୁ ଗାଁ' ତରଫରୁ ସମ୍ମାନିତ କରାଯାଉଛି ଯଦ୍ୱାରା ପିଲାଙ୍କର ପାଠ ପଢ଼ା ପ୍ରତି ଆଗ୍ରହ ବଢ଼ିଛି।' ଏନେଇ ଗାଁ'ର ମୂଳ ଲକ୍ଷ୍ୟ ହେଉଛି, 'ପିଲାମାନେ ଏହାଦ୍ୱାରା ପ୍ରତିଯୋଗିତାମୂଳକ ପରୀକ୍ଷା ଏବଂ ରାଜ୍ୟସ୍ତରୀୟ ପରୀକ୍ଷା ପାଇଁ ନିଜକୁ ଭଲ ଭାବେ ପ୍ରସ୍ତୁତ କରିପାରିବେ। ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବେ।'

## ମେ ୧୫ରେ 'ଭୂତ୍‌ବଙ୍ଗଲା'

ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଫିଲ୍ମ 'ୱେଲକମ୍ ଟୁ ଦ ଜଙ୍ଗଲ'ର ଟିଜର୍ ନିକଟରେ ଜାରି କରାଯାଇଥିଲା। ଇତିମଧ୍ୟରେ ତାଙ୍କ ଅଭିନୀତ ଫିଲ୍ମ 'ଭୂତ୍‌ବଙ୍ଗଲା'ଫିଲ୍ମକୁ ନେଇ ଏକ ଖବର ଆସିଛି। ଏହି ଫିଲ୍ମ ଏପ୍ରିଲ୍ ୨, ୨୦୨୬ରେ ଆସିବ ବୋଲି ପୂର୍ବରୁ ଅନେକ ରିପୋର୍ଟରେ କୁହାଯାଇଥିଲା। ଏବେ ଏହାର ରିଲିଜ୍‌କୁ ନେଇ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ବାଲାଜୀ ମୋସନ୍ ପିକଚର୍ସ ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ 'ଭୂତବଙ୍ଗଲା'ରୁ ଅକ୍ଷୟଙ୍କ ଏକ ପୋଷ୍ଟର୍ ସେୟାର୍ କରି ଲେଖାଯାଇଛି- 'ବଙ୍ଗଳାରୁ ଏକ ଖବର ଆସିଛି।' ୧୫ ମେ, ୨୦୨୬ରେ କବାଟ ଖୋଲିବ। ସିନେମାହଲ୍‌ରେ ଦେଖାହେବ।' ତେବେ ଏପ୍ରିଲ୍‌ରେ ଏହି ଫିଲ୍ମକୁ ରିଲିଜ୍ କରାଯିବା ପାଇଁ ପୂର୍ବରୁ କୁହାଯାଇଥିବାବେଳେ ଏବେ ମେ'ରେ କାହିଁକି କରାଯିବ ସେନେଇ କିଛି ବିଧିବଦ୍ଧ ଭାବେ କୁହାଯାଇ ନାହିଁ। ମାର୍ଚ୍ଚରେ ରଣବୀର ସିଂହଙ୍କ 'ଧୁରନ୍ଧର ୨' ରିଲିଜ୍ ହେଉଥିବାରୁ ଏହାର ବକ୍ସ ଅଫିସ୍ ପ୍ରଭାବକୁ ଆଖିଆଗରେ ରଖି 'ଭୂତବଙ୍ଗଲା'ର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଥିବା କଥା ଦର୍ଶକେ ଅନୁମାନ କରୁଛନ୍ତି। ଏହି ଫିଲ୍ମ ମାଧ୍ୟମରେ ୧୫ ବର୍ଷ ପରେ ପ୍ରିୟଦର୍ଶନ, ଅକ୍ଷୟ କୁମାରଙ୍କ ସହ କାମ କରୁଛନ୍ତି। ଅକ୍ଷୟଙ୍କ ସହ ଏଥିରେ ତବୁ, ପରେଶ ରାୱଲ, ରାଜପାଲ ଯାଦବ, ଯୀଶୁ ସେନ୍‌ଗୁପ୍ତା, ଅସରାନି, ୱାମିକା ଗବ୍ବି ପ୍ରମୁଖ ନଜର ଆସିବେ। ହାଇଦ୍ରାବାଦ୍, ଜୟପୁର, ରାଜସ୍ଥାନରେ ଏହାର ସୁଟିଂ କରାଯାଇଛି।



## ମକର ସଂକ୍ରାନ୍ତି

**ସୂର୍ଯ୍ୟଦେବତାଙ୍କ ଉପାସନାର ପର୍ବ ମକର ସଂକ୍ରାନ୍ତି। ସମସ୍ତ ଗ୍ରହର ରାଜା ସୂର୍ଯ୍ୟ ମକର ସଂକ୍ରାନ୍ତି ଦିନ ପୃଥିବୀର ଅତି ନିକଟତର ହୋଇଥାନ୍ତି। ସନାତନ ଧର୍ମ ଅନୁସାରେ, ଏହିଦିନ ସୂର୍ଯ୍ୟଦେବଙ୍କ ଗତି ଦକ୍ଷିଣାୟନରୁ ଉତ୍ତରାୟଣକୁ ଆରମ୍ଭ ହୋଇଥାଏ। ଏହିଦିନଠାରୁ ଦିନ ବଡ଼ ହୁଏ ଏବଂ ରାତିର ଅବଧି ଛୋଟ ହୋଇଥାଏ। ଶାସ୍ତ୍ରରେ ଉତ୍ତରାୟଣ ଅବଧିକୁ ଦେବତାଙ୍କ ପାଇଁ ଦିନ ଏବଂ ଦକ୍ଷିଣାୟନକୁ ରାତ୍ରି ଭାବେ ବିବେଚନା କରାଯାଇଛି। ସେଥିପାଇଁ ଏହିଦିନ ସ୍ନାନ, ଦାନ, ତପର ବିଶେଷ ମହତ୍ତ୍ୱ ରହିଛି।**



ହିନ୍ଦୁ ଧର୍ମ ଅନୁସାରେ ଭଗବାନ ସୂର୍ଯ୍ୟଦେବ ଦୁଇଟି ଦିଗକୁ ଭ୍ରମଣ କରନ୍ତି। ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଦକ୍ଷିଣ ଦିଗକୁ ଭ୍ରମଣ କରନ୍ତି। ଯାହାକୁ ସୂର୍ଯ୍ୟଙ୍କ ଦକ୍ଷିଣାୟନ ଭ୍ରମଣ ବୋଲି କୁହାଯାଏ। ସେହିପରି ଯେତେବେଳେ ୬ ମାସ ପାଇଁ ସେ ଉତ୍ତର ଦିଗକୁ ଭ୍ରମଣ କରନ୍ତି, ତାହାକୁ ଉତ୍ତରାୟଣ କୁହାଯାଏ। ତେବେ ସୂର୍ଯ୍ୟ ଯେତେବେଳେ ଧନୁ ରାଶିରୁ ବାହାରି ମକର ରାଶିରେ ପ୍ରବେଶ କରନ୍ତି, ସେ ଉତ୍ତର ଦିଗକୁ ଭ୍ରମଣ କରିଥାନ୍ତି। ଏହି କାରଣ ଯୋଗୁଁ ମକର ସଂକ୍ରାନ୍ତିକୁ ଉତ୍ତରାୟଣ ପର୍ବ ବୋଲି ମଧ୍ୟ କୁହାଯାଏ। ସେହିପରି ସୂର୍ଯ୍ୟଦେବଙ୍କ ଉତ୍ତର ଦିଗକୁ ଗତି କରିବା ଶୁଭ ବୋଲି କୁହାଯାଏ। ଏହିଦିନ ମକର ଚାଉଳ ଭୋଗ କରିବାର ପରମ୍ପରା ବି ଅଛି। ମକର ସଂକ୍ରାନ୍ତି ଅବସରରେ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଘରେ ମକର ଚାଉଳ ପ୍ରସ୍ତୁତ ହୋଇଥାଏ। ସେଥିପାଇଁ ଦିନକ ପୂର୍ବରୁ ଚାଉଳକୁ ପାଣିରେ ବତୁରାଇ ରଖାଯାଏ। ତା'ପରଦିନ ତାହାକୁ ଶୁଖାଇ ଭଲ ଭାବେ ଗୁଣ୍ଡ କରାଯାଏ। ସେଥିରେ ନଡ଼ିଆକୋରା, ଗୁଡ଼, ଆଖୁ ଖଣ୍ଡ, ଛେନା, ଗୋଲମରିଚ ଗୁଣ୍ଡ, ଅଦା ପକାଯାଇ ପ୍ରସ୍ତୁତ କରାଯାଏ ମକର ଚାଉଳ। ପ୍ରଥମେ ଏହାକୁ ଠାକୁରଙ୍କ ପାଖରେ ଭୋଗ କରାଯାଏ। ତା'ପରେ ଏହାକୁ ସମସ୍ତଙ୍କ ମଧ୍ୟରେ ବଣ୍ଟାଯାଏ। ଏଥିରେ କାଜୁ, କିସ୍‌ମିସ୍ ସମେତ ବିଭିନ୍ନ ଫଳ ମଧ୍ୟ ମିଶାଯାଏ। ଏହି ଦିନରେ ପରସ୍ପରକୁ ମକର ଚାଉଳ ଖୁଆଇ ମକର ବା ସଙ୍ଗାତ ବସିବାରେ ପରମ୍ପରା ଓଡ଼ିଶାରେ ବହୁ କାଳରୁ ପ୍ରଚଳିତ ହୋଇଆସୁଛି।

## ସ୍ୱସ୍ତି

## ପୁଣ୍ୟଦାୟୀ ନଦୀ ସ୍ନାନ

**ସନାତନ ଧର୍ମରେ ପ୍ରକୃତିର ମହତ୍ତ୍ୱ ଖୁବ୍ ବେଶି। ଏହି କ୍ରମରେ ନଦୀ ମଧ୍ୟ ପ୍ରକୃତିର ଏକ ଅଭିନ୍ନ ଅଙ୍ଗ। ଭାରତରେ ନଦୀକୁ ଦେବୀର ସ୍ଥାନ ପ୍ରଦାନ କରାଯାଇଛି। ଗଙ୍ଗା, ଯମୁନା ଭଳି ଅନେକ ନଦୀକୁ ମାତା ବୋଲି କୁହାଯାଏ।**

ଶାସ୍ତ୍ରରେ ସ୍ନାନ କରିବା ସମୟରେ ସପ୍ତ ନଦୀ ଯଥା, ଗଙ୍ଗା, ଯମୁନା, ସିନ୍ଧୁ, ନର୍ମଦା, ଗୋଦାବରୀ, କୃଷ୍ଣା, କାବେରୀରେ ଦାନ କରିବାର ନିୟମ ଅଛି। ପବିତ୍ର ନଦୀରେ ସ୍ନାନ କରିବା ଦ୍ୱାରା ପୁଣ୍ୟ ପ୍ରାପ୍ତି ହୁଏ। ଏହା ସହ ଆରୋଗ୍ୟଠୁ ଆରମ୍ଭ କରି ସମୃଦ୍ଧି ପର୍ଯ୍ୟନ୍ତ ଆଶିର୍ବାଦ ପ୍ରାପ୍ତ ହୁଏ। ନଦୀରେ ସ୍ନାନ କରିବାକୁ ପୁଣ୍ୟଦାୟୀ ବୋଲି କୁହାଯାଏ। ଏହା ଦ୍ୱାରା ଭଗବାନଙ୍କ ଆଶିର୍ବାଦ ପ୍ରାପ୍ତ ହୁଏ। ଏହା ସହ ମନ ଓ ମସ୍ତିଷ୍କ ମଧ୍ୟ ପବିତ୍ର ହୁଏ। ନଦୀ ସ୍ନାନ ଦ୍ୱାରା ଅର୍ନ୍ତମନ ଶାନ୍ତ ହୋଇଥାଏ। ସେହିପରି ନଦୀ ସ୍ନାନ ଦ୍ୱାରା ଆରୋଗ୍ୟ ଜୀବନ ପ୍ରାପ୍ତ ହୁଏ। ଏହାସହ ନକାରାତ୍ମକ ଶକ୍ତି ମଧ୍ୟ ଦୂର ହୁଏ। ମାନ୍ୟତାନୁସାରେ ନଦୀ ସ୍ନାନ ଦ୍ୱାରା ଗ୍ରହ ଦୋଷ ମଧ୍ୟ ଦୂର ହୁଏ। ନଦୀରେ ସର୍ବଦା ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ କରିବା ଉଚିତ। ସ୍ନାନ ସମୟରେ ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ଅର୍ପଣ କରିବା ଦରକାର। ନଦୀରେ କେବେ ବି ବସ୍ତ୍ର ଧୋଇବା ଉଚିତ ନୁହେଁ।



## ଶୟନ କକ୍ଷରେ କେଉଁ ଜିନିଷ ରଖିବେ ନାହିଁ

ଘରର ବାସ୍ତୁ ସବୁବେଳେ ଠିକ୍ ରହିବା ଉଚିତ। ଏହି କ୍ରମରେ ଶୋଇବା ଘରକୁ ନେଇ କିଛି ବାସ୍ତୁ ନିୟମ ରହିଛି। ତେବେ ଶୋଇବା ଘରେ କେଉଁ ଜିନିଷ ରଖିବା ଅନୁଚିତ, ସେ ସମ୍ପର୍କରେ ଜାଣିବା।

- ଖଟ ତଳେ ଅନେକ ସମୟରେ ଲୋକେ ବହୁତ କିଛି ଜିନିଷ ରଖିଥାନ୍ତି। ଯାହାକି ବାସ୍ତୁ ଦୃଷ୍ଟିରୁ ଠିକ୍ ନୁହେଁ। ବିଶେଷକରି ବୈଦ୍ୟୁତିକ ଜିନିଷ ନ ରଖିବା ଭଲ।
- ବାସ୍ତୁ ଶାସ୍ତ୍ର ଅନୁସାରେ, ଶୋଇବା ଘରେ ଠାକୁରଙ୍କ ମୂର୍ତ୍ତି ରଖିବା ଅନୁଚିତ।
- ସେହିପରି ଶୋଇବା ଘରେ ଦର୍ପଣ ଦୂରରେ ରଖିବା ଭଲ।
- ଶୋଇବା ଘରକୁ ଅପରିଷ୍କାର କରନ୍ତୁ ନାହିଁ। ଏହା ଦ୍ୱାରା ଘରର ସୁଖ-ସମୃଦ୍ଧି ବାଧାପ୍ରାପ୍ତ ହୁଏ।
- ସେହିପରି ଶୟନ କକ୍ଷରେ ନିକିତି ରଖିବା ଭୁଲ। ଏହା ଦ୍ୱାରା ନକାରାତ୍ମକ ଶକ୍ତି ସଞ୍ଚାର ହୁଏ।



## ଜନ୍ମଦିନରେ କ'ଣ କରିବେ

**ପ୍ରତ୍ୟେକ ବ୍ୟକ୍ତିଙ୍କ ଲାଗି ଜନ୍ମଦିନ ଖୁସିର ଦିନ ହୋଇଥାଏ। ଏହିଦିନ ଲୋକେ କେକ୍ କାଟନ୍ତି, ପାର୍ଟି କରନ୍ତି ଏବଂ ଉପହାର ନେଣଦେଣ କରନ୍ତି। ତେବେ ଜନ୍ମଦିନରେ ଅନେକ କେକ୍ କାଟି, ଆମିଷ ଖାଇ ନିଶା ସେବନ କରନ୍ତି। ଯାହା ଆଦୌ ଭଲ ନୁହେଁ, ବରଂ ଏହିଦିନ ଭଗବାନଙ୍କୁ ପ୍ରଣାମ କରି ଭକ୍ତି କରିବା ଉଚିତ।**



ଜନ୍ମଦିନରେ ପ୍ରଥମେ ଭଗବାନଙ୍କୁ ଧନ୍ୟବାଦ ଜଣାଇବା ଉଚିତ। ଏହିଦିନ ପାର୍ଟି କରିବା ପରିବର୍ତ୍ତେ ଏହା ହେଉଛି ଭକ୍ତି ଓ କୃତଜ୍ଞତାର ଦିନ। ଏହିଦିନ ସକାଳୁ ଉଠି ସ୍ନାନ ସାରି ମନ୍ଦିର ଯିବା ଦରକାର। ଭଗବାନଙ୍କ ପୂଜାର୍ଚ୍ଚନା କରିବା ଉଚିତ। ରାଧା-କୃଷ୍ଣ ନଚେତ ନିଜ ଇଷ୍ଟ ଦେବୀଙ୍କ ଆରତି କରନ୍ତୁ। ଜନ୍ମଦିନରେ ଗରିବଙ୍କୁ ଖାଇବା ଦେବା ଉଚିତ। ଏହା ଦ୍ୱାରା ପୁଣ୍ୟ ପ୍ରାପ୍ତି ହୁଏ ଏବଂ ଜୀବନରେ ସୁଖ ଶାନ୍ତି ବୃଦ୍ଧି ପାଏ। ସେହିପରି ଏହିଦିନ ଭଗବାନଙ୍କ ନାମ ଜପ କଲେ ବର୍ଷ ତମାମ କୃପା ରହେ।

ଜନ୍ମଦିନର 'ରାଧେ ରାଧେ' ଜପ କରିବା ଶୁଭ। ହନୁମାନ ଚାଳିଶା ପାଠ କରିବା ଭଲ। ଗୋମାତାଙ୍କୁ ଖାଦ୍ୟ ପ୍ରଦାନ କରିପାରିବେ। ଏହାବାଦ୍ ପରିବାର ସହିତ ଶାନ୍ତିପୂର୍ଣ୍ଣ ଭାବେ ସମୟ ଅତିବାହିତ କରିବା ଉଚିତ। ଏସବୁ କାର୍ଯ୍ୟ କରିବା ଦ୍ୱାରା ପୁଣ୍ୟ ବଢ଼େ। ତା'ସହ ଜୀବନରେ ଆଶୀର୍ବାଦ ମିଳେ। ଜନ୍ମଦିନରେ ଭଗବାନଙ୍କୁ ସ୍ମରଣ କରିବା ଦ୍ୱାରା ପ୍ରତ୍ୟେକ ଜନ୍ମ ସୁଖମୟ ହୁଏ।

### ପ୍ରଥମ ଦିନିକିଆ: କୋହଲି ଶତକରୁ ବଞ୍ଚିତ; ଗିଲ୍‌ଙ୍କ ଅର୍ଦ୍ଧଶତକ

# ଛକା ମାରି ଭାରତକୁ ଜିତାଇଲେ ରାହୁଲ

ଭଦୋଦରା,୧୧ା୧(ଏଜେନ୍ସି)



ଷ୍ଟାର ବ୍ୟାଟର ବିରାଟ କୋହଲି ଓ ଅଧିନାୟକ ଶୁବମନ ଗିଲ୍‌ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୪ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଘରୋଇ ଦଳ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ରାଜକୋଟରେ ଜାନୁଆରୀ ୧୪ ତାରିଖ ବା ବୁଧବାର ମକର ସଂକ୍ରାନ୍ତିରେ ଖେଳାଯିବ। ଏହି ମ୍ୟାଚ୍‌ରେ ୯୧ବଲ୍‌ରୁ ୮ ଚୌକା ଓ ୧ଛକା ସହ ୯୩ ରନ୍ କରିଥିବା କୋହଲିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେ ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟରେ ୨୮,୦୦୦ ରନ୍ ପୂରଣ କରି ସର୍ବକାଳୀନ ତାଲିକାରେ ସଚିନ ତେନ୍ଦୁଲକରଙ୍କ ପଛକୁ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୩୦୦ ରନ୍ କରିଥିଲା। ଜବାବରେ ଭାରତ ୪୯ତମ ଓଭରରେ ୬ ୱିକେଟ ହରାଇ ୩୦୬ ରନ୍ କରିବା ସହ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଭାରତ ପକ୍ଷରୁ କୋହଲିଙ୍କ ବ୍ୟତୀତ ଅଧିନାୟକ ଶୁବମନ ଗିଲ୍ ୭୧ ବଲ୍‌ରୁ ୫୬, ଉପଅଧିନାୟକ ଶ୍ରେୟସ ଆୟର ୪୭ବଲ୍‌ରୁ ୪୯, ରୋହିତ ଶର୍ମା, ଲୋକେଶ ରାହୁଲ ଓ ହର୍ଷିତ ରାଣା ୨୯ ରନ୍ ଲେଖାଏଁ କରିଥିଲେ। କିନ୍ତୁ ୪୯ତମ ଓଭରରେ ମ୍ୟାଚ୍ ଜିତିବାକୁ ୧୨ ରନ୍ ଥିଲାବେଳେ ଶେଷ ୩ଟି ବଲ୍‌ରେ ରାହୁଲ ୨ଟି ଚୌକା ଓ ଶେଷ ବଲ୍‌ରେ ଛକା ମାରି ଭାରତକୁ ବିଜୟୀ କରାଇଥିଲେ। ଏହା ଫଳରେ ନ୍ୟୁଜିଲାଣ୍ଡ କ୍ରମାଗତ ୧୦ମ ମ୍ୟାଚ୍ ଜିତିବାରେ ବିଫଳ ହୋଇଛି। ଦଳର ଫାଷ୍ଟ ବୋଲର କାଏଲ ଜାମିସନ ଘାତକ ବୋଲିଂ କରି ୪୧ ରନ୍‌ରେ ୪ଟି ୱିକେଟ ନେଇଥିଲେ ମଧ୍ୟ ଦଳକୁ ରେକର୍ଡ ବିଜୟ ପ୍ରଦାନ କରିପାରି ନ ଥିଲେ। ଦଳ ୩ଟି ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ହାତଛଡ଼ା କରିବା ମଧ୍ୟ ମହଙ୍ଗା ସାବ୍ୟସ୍ତ ହୋଇଥିଲା।

**ନ୍ୟୁଜିଲାଣ୍ଡର ଦମ୍‌ଦାର ବ୍ୟାଟିଂ**

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ପରେ ନ୍ୟୁଜିଲାଣ୍ଡର ଦୁଇ ଓପନର ଡେଭନ କନୱେ ଓ ହେନରୀ ନିକୋଲସ ଧୈର୍ଯ୍ୟପୂର୍ଣ୍ଣ ଭାବେ ଖେଳି ପ୍ରଥମ ୱିକେଟରୁ ୧୧୭ ରନ୍ ଉଠାଇଥିଲେ। ଭ୍ରମଣକାରୀ ଦଳ ଭାରତରେ ଖେଳିଥିବା ସମସ୍ତ ଦିନିକିଆରେ ଏହା ତୃତୀୟ ଶତକୀୟ ପାର୍ଟନରସିପ୍। ୨୦ତମ ଓଭରରେ ନ୍ୟୁଜିଲାଣ୍ଡ ବିନା ୱିକେଟରେ ୧୦୦ ରନ୍ ଛୁଇଁଥିଲାବେଳେ ଉଭୟ ଓପନର ଅର୍ଦ୍ଧଶତକ ପୂରଣ କରିଥିଲେ। ୬୯ ବଲ୍‌ରୁ ୬୨ ରନ୍ କରିଥିବା ନିକୋଲସ୍‌ଙ୍କୁ ଆଉଟ କରି ହର୍ଷିତ ରାଣା ଭାରତକୁ ବ୍ରେକ୍ ଥ୍ରୁ ଦେବା ସହ ୨ ଓଭର ମଧ୍ୟରେ ୨ ଓପନରଙ୍କୁ ପାଭିଲିୟନ ଫେରାଇଦେଇଥିଲେ। କନୱେ ୫୬ ରନ୍‌ର ଇନିଂସ ଖେଳିଥିଲେ। ଏମାନଙ୍କ ଆଉଟ ପରେ ଡାରିଲ ମିଚେଲ ଗୋଟିଏ ପଟେ ଦୃଢ଼ତାର ସହ ଭାରତୀୟ ବୋଲରଙ୍କୁ ମୁକାବିଲା କରିଥିଲାବେଳେ ଅନ୍ୟ ପଟେ କ୍ରମାଗତ ୱିକେଟ ପତନ ହୋଇଥିଲା। ଏହା ସତ୍ତ୍ୱେ ସେ ୭୧ ବଲ୍‌ରୁ ୫ ଚୌକା ଓ ୩ ଛକା ସହ ସର୍ବାଧିକ ୮୪ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଡେବ୍ୟୁଟାଣ୍ଟ କ୍ରିଷ୍ଟିଆନ୍ କ୍ଲାର୍କ ୧୭ ବଲ୍‌ରୁ ୨୪ ରନ୍ ଉଠାଇବା ଫଳରେ ଦଳ ୩୦୦ ରନ୍ ଛୁଇଁଥିଲା। ଭାରତ ପକ୍ଷରୁ ଅର୍ଶଦୀପ ସିଂହଙ୍କୁ ଏହି ମ୍ୟାଚ୍ ଖେଳିବାକୁ ସୁଯୋଗ ଦିଆଯାଇ ନ ଥିଲା। ତାଙ୍କ ସ୍ଥାନରେ ଖେଳିଥିବା ପ୍ରସିଦ୍ଧଙ୍କ ସହ ମହମ୍ମଦ୍ ସିରାଜ ଓ ହର୍ଷିତ ରାଣା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜଣେ ଖେଳାଳି ରନ୍ ଆଉଟ ହୋଇଥିଲାବେଳେ ୩ଜଣ ସ୍ପିନର ସାମିଲ ହୋଇଥିଲେ ମଧ୍ୟ କୁଲଦୀପ ଯାଦବଙ୍କୁ ଗୋଟିଏ ୱିକେଟ ମିଳିଥିଲା। ରବୀନ୍ଦ୍ର ଜାଡେଜା ୯ ଓଭରରେ ୫୬ ରନ୍, ପ୍ରସିଦ୍ଧ ୧୦ ଓଭରରେ ୬୦ ଓ ରାଣା ୧୦ ଓଭରରେ ୬୫ ରନ୍ ଦେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ନ୍ୟୁଜିଲାଣ୍ଡ** : ୩୦୦/୮, ୫୦ ଓଭର (ଡାରିଲ ମିଚେଲ-୮୪, ହେନରୀ ନିକୋଲସ-୬୨, ଡେଭନ କନୱେ-୫୬, ମହମ୍ମଦ୍ ସିରାଜ-୨/୪୦, ପ୍ରସିଦ୍ଧ କ୍ରିଷ୍ଣା-୨/୬୦, ହର୍ଷିତ ରାଣା-୨/୬୫)।
**ଭାରତ** : ୩୦୬/୬, ୪୯ ଓଭର (କୋହଲି-୯୩, ଆୟର-୪୯, ଗିଲ୍-୫୬, ରୋହିତ-୨୬, ରାହୁଲ-୨୯*, ହର୍ଷିତ-୨୯, ଜାଡେଜା-୪, ଜାମିସନ-୪/୪୧, ଆଦିତ୍ୟ ଅଶୋକ-୧/୫୫)।

## ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଲେ ପନ୍ତ୍

ଭଦୋଦରା,୧୧ା୧(ଏଜେନ୍ସି): ଭାରତୀୟ ଦଳର ୱିକେଟରକ୍ଷକ ଋଷଭ ପନ୍ତ୍ ଆହତ ହେବା ଫଳରେ ନ୍ୟୁଜିଲାଣ୍ଡ ସହ ଆଜିଠାରୁ ଆରମ୍ଭ ହୋଇଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ସାମିଲ କରାଯାଇଛି। ଜୁରେଲ ମଧ୍ୟ ଆଜି ଏଠାରେ ଜଣେ ବଦଳ ଖେଳାଳିଭାବେ ଫିଲ୍ଡିଂ କରିଥିଲେ। ଏବେ ଭାରତୀୟ ଦଳରେ ଲୋକେଶ ରାହୁଲ ନଂ-୧ ୱିକେଟରକ୍ଷକ ଭାବେ ଖେଳୁଛନ୍ତି। ଏଠାରେ ଖେଳାଯିବାକୁ ଥିବା ପ୍ରଥମ ଦିନିକିଆ ମ୍ୟାଚ୍ ପୂର୍ବରୁ ଗତକାଲି ବ୍ୟାଟିଂ ଅଭ୍ୟାସ କଲାବେଳେ ଯନ୍ତ୍ରଣା ଅନୁଭବ କରିଥିଲେ। ପଡ଼ିଆରେ ତାଙ୍କୁ ଫିଜିଓଥେରାପିଷ୍ଟ ଚିକିତ୍ସା କରିଥିଲେ। କିନ୍ତୁ ପରେ ସ୍କାନ କରିବାକୁ ନିଆଯାଇଥିଲା। ଏଥିରେ ତାଙ୍କ ମାଂସପେସୀ ଟାଣି ହୋଇଯାଇଥିବାରୁ ଆଘାତ ସମସ୍ୟା ଗଭୀର ବୋଲି କୁହାଯାଇଥିଲା। ଏହା ଫଳରେ ତାଙ୍କୁ ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯେଇ ବିଶ୍ରାମ ନେବାକୁ କୁହାଯାଇଛି। ସେ ଟି-୨୦ ଦଳରେ ସ୍ଥାନ ପାଇ ନଥିବାରୁ ଏବେ ତାଙ୍କ ନିକଟରେ କିଛି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ନାହିଁ। ଜାନୁଆରୀ ୨୨ରୁ ଆରମ୍ଭ ହେବାକୁ ଥିବା ରଣଜୀ ଟ୍ରଫି ପୂର୍ବରୁ ଫିଟ୍ ହେଲେ ସେ ଦିଲ୍ଲୀ ଦଳର ନେତୃତ୍ୱ ନେବେ।

## ମହିଳା ପ୍ରିମିୟର ଲିଗ୍ | ଡିଭାଇନ୍ ଶତକରୁ ବଞ୍ଚିତ

ନଭି ମୁମ୍ବାଇ,୧୧ା୧(ଏଜେନ୍ସି): ଏଠାରେ ରବିବାର ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟସର ସୋଫି ଡିଭାଇନ୍ ବିସ୍ଫୋରକ ଶତକରୁ ବଞ୍ଚିତ ହୋଇଛନ୍ତି। ମାତ୍ର ୨୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ନ୍ୟୁଜିଲାଣ୍ଡ ଖେଳାଳି ଡିଭାଇନ୍ ୪୨ ବଲ୍‌ରୁ ୭ ଚୌକା ଓ ୮ ଛକା ସହ ୯୫ ରନ୍ କରିଥିଲାବେଳେ ନବାଗତ ଖେଳାଳି ନନ୍ଦନି ଶର୍ମାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଡିଭାଇନ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଜାଏଣ୍ଟସ ନିର୍ଦ୍ଧାରିତ ୨୦ ଓଭରରେ ୨୦୯ ରନ୍‌ରେ ଅଲ୍‌ଆଉଟ ହୋଇଛି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଅଧିନାୟିକା ଆଶଲେ ଗାର୍ଡନର ମଧ୍ୟ ଗୋଟିଏ ରନ୍ ଲାଗି କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଛନ୍ତି। ସେ ୨୬ ବଲ୍‌ରେ ବିସ୍ଫୋରକ ୪୯ ରନ୍ କରିଥିଲେ। ଓପନର ବେଥ ମୁନୀ ୧୯, ଜର୍ଜିଆ ୱେଆରହାମ୍ ୩, ଅନୁଷ୍କା ଶର୍ମା ୧୩ ଓ କାଶ୍‌ଭି ଗୌତମ ୧୪ ରନ୍ କରିଛନ୍ତି। ଦିଲ୍ଲୀ ପକ୍ଷରୁ ନନ୍ଦନି ଶର୍ମା ଚମତ୍କାର ବୋଲିଂ କରି ୫ଟି ଓ ଶ୍ରୀ ଚରଣି୨ଟି ୱିକେଟ ନେଇଛନ୍ତି। ଗତକାଲି ଗୁଜରାଟ ଜାଏଣ୍ଟସ ୧୦ ରନ୍‌ରେ ୟୁପି ୱାରିୟର୍ଜକୁ ହରାଇଥିଲା।

## ବିଶ୍ୱକପ୍ ୱାର୍ମ ଅପ୍‌ରେ ସୁରଜଙ୍କ ବିସ୍ଫୋରକ ବ୍ୟାଟିଂ | ଭାରତର ବୃହତ୍ ବିଜୟ

ବେନୋନି,୧୧ା୧(ଏଜେନ୍ସି): ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ ପୂର୍ବରୁ ଆଜି ଅନୁଷ୍ଠିତ ୱାର୍ମ ଅପ୍ ମ୍ୟାଚ୍‌ରେ ଭାରତ ୧୨୧ ରନ୍‌ରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ୫୦ ବଲ୍‌ରେ ୯୬, ଆରୋନ ଜର୍ଜ ୫୮ ବଲ୍‌ରେ ୬୧, ବିହାନ ମାଲହୋତ୍ରା ଓ ଅଭିଜ୍ଞାନ କୁଣ୍ଡୁ ୮୧ଟି ଲେଖାଏଁ ବଲ୍ ଖେଳି ୭୭ ରନ୍ ଲେଖାଏଁ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଭାରତ ୮ ୱିକେଟରେ ୩୭୪ ରନ କରିଥିଲା। ପରେ ବର୍ଷା ହେବାରୁ ପ୍ରତିଦ୍ୱନ୍ଦ୍ୱୀ ସ୍କଟଲାଣ୍ଡ ଆଗରେ ୨୩.୨ ଓଭରରେ ୨୩୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ୨୩.୨ ଓଭରରେ ୯ ୱିକେଟରେ ୧୧୨ ରନ୍ କରିଥିଲା। ଭାରତ ପକ୍ଷରୁ ପେସ୍ ବୋଲର ଦୀପେଶ ଦେବେନ୍ଦ୍ରନ ଓ ବାମହାତୀ ସ୍ପିନର ଖୀଲନ ପଟେଲ ୩ଟି ଲେଖାଏଁ ୱିକେଟ ନେଇଥିଲେ। ସୋମବାର ଭାରତ ତାହାର ଦ୍ୱିତୀୟ ୱାର୍ମଅପ୍ ମ୍ୟାଚ୍ ଇଂଲଣ୍ଡ ସହ ଖେଳିବ। ଏହାପରେ ଗୁରୁବାର ବିଶ୍ୱକପ୍‌ରେ ଆମେରିକା ସହ ଖେଳି ଭାରତ ତାହାର ଅଭିଯାନ ଆରମ୍ଭ କରିବ।

**ଭାରତ-ନ୍ୟୁଜିଲାଣ୍ଡ ସିରିଜ୍‌ରେ ବାଂଲା ଅମ୍ପାୟାର**

## ସୈକତ ଆଇସିସିର ପ୍ରତିନିଧି

ଭଦୋଦରା,୧୧ା୧(ଏଜେନ୍ସି): ମୁସ୍ତାଫିଜୁର ରହେମାନଙ୍କୁ ଆଇପିଏଲ୍‌ରୁ ବିଦା କରିବା ନେଇ ବିସିସିଆଇ-ବିସିବି ମଧ୍ୟରେ ଲାଗିଥିବା ବିବାଦ ଏକ ଭିନ୍ନ ମୋଡ ନେଇଛି। ଭଦୋଦରା କ୍ରିକେଟ ଷ୍ଟାଡିୟମ୍‌ରେ ଆଜି ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଆଇସିସିର ଏଲିଟ୍ ଅମ୍ପାୟାର ସର୍ଫୁଦୌଲା ସୈକତ ତୃତୀୟ ଅମ୍ପାୟାର ଭାବେ କାମ କରିବାକୁ ନେଇ ବାଂଲାଦେଶରେ ସମାଲୋଚନା ହୋଇଛି। ଖେଳାଳିଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ କ୍ରିକେଟ ଦଳ ଭାରତରେ ବିଶ୍ୱକପ୍ ଖେଳିବାକୁ ଯିବା ଲାଗି ମନା କରିବା ପରେ ସୈକତ କିପରି ମ୍ୟାଚ୍ ପରିଚାଳନା କଲେ ବୋଲି ବାଂଲା କ୍ରିକେଟ ବୋର୍ଡକୁ ପ୍ରଶ୍ନ କରାଯାଇଛି। ଏହି ବୋର୍ଡ ମଧ୍ୟ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇଛି। ବୋର୍ଡ ମତରେ ସୈକତ ହେଉଛନ୍ତି ଆଇସିସି ଦ୍ୱାରା ଚୁକ୍ତିକରାଯାଇଥିବା ଅମ୍ପାୟାର। ଆଇସିସି ଯେଉଁଠି ତାଙ୍କୁ ନିଯୁକ୍ତି ଦେବ ସେଠାକୁ ସେ ମ୍ୟାଚ୍ ପରିଚାଳନା କରିବାକୁ ଯିବେ। ଏଣୁ ଆଇସିସି ଚୁକ୍ତିଭିତ୍ତିକ ଅମ୍ପାୟାର ହୋଇଥିବାରୁ ବୋର୍ଡର ଏଥିରେ କିଛି କହିବାର ନାହିଁ। ବୋର୍ଡ ମଧ୍ୟ ତାଙ୍କୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ଦିଏ ନାହିଁ। ଏଭଳି ସ୍ପଷ୍ଟୀକରଣ ବାଂଲା ସମର୍ଥକଙ୍କୁ ଖୁସି କରିପାରି ନାହିଁ ଓ ଭାରତୀୟ ସମର୍ଥକଙ୍କୁ ପରିହାସ କରିବାର ସୁଯୋଗ ଦେଇଛି।

## ସାବାଲେଙ୍କାଙ୍କୁ ବ୍ରିସବେନ୍ ଟାଇଟଲ୍



ବ୍ରିସବେନ, ୧୧ା୧ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କା ଓ ରୁଷିଆର ଡାନିଲ ମେଡଭେଡେଭ ଏଠାରେ ଚାଲିଥିବା ବ୍ରିସବେନ୍ ଇଣ୍ଟରନ୍ୟାସନାଲ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ସାବାଲେଙ୍କା ୬-୪, ୬-୩ ସିଧାସଳଖ ସେଟ୍‌ରେ ୟୁକ୍ରେନର ମାରତା କୋଷ୍ଟ୍ୟୁକଙ୍କୁ ପରାସ୍ତ କରିଥିଲେ। ୨୭ ବର୍ଷୀୟା ବେଲାରୁଷ ତାରକା ସାବାଲେଙ୍କା ଏଥିସହ ମୋଟ୍ ଉପରେ ୩ୟ ଓ କ୍ରମାଗତ ବ୍ରିସବେନ୍ ଓପନ୍ ଟାଇଟଲ୍ ହାସଲ କରିଛନ୍ତି। ଏଥିପୂର୍ବରୁ ସେ ୨୦୨୩ ଓ ୨୦୨୫ରେ ମଧ୍ୟରେ ଏଠାରେ ଟ୍ରଫି ଜିତିଥିଲେ। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ବିଶ୍ୱ ମାନ୍ୟତାର ୧୩ତମ ସ୍ଥାନରେ ରହିଥିବା ମେଡଭେଡେଭ ୬-୨, ୭-୬ (୭/୧) ସେଟ୍‌ରେ ଆମେରିକାର ବ୍ରାଣ୍ଡନ ନାକାଶିମାଙ୍କୁ ହରାଇ ଟାଇଟଲ୍ ହାସଲ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ମେଡଭେଡେଭଙ୍କୁ ୯୬ ମିନିଟ୍ ଲାଗିଥିଲା।

## ୧୯ତମ ଡବ୍ଲ୍ୟୁଟିଏ ଟାଇଟଲ୍ ଜିତିଲେ ସ୍ୱିତୋଲିନା

ଅକ୍‌ଲାଣ୍ଡ, ୧୧ା୧ (ଏଜେନ୍ସି): ୟୁକ୍ରେନ ଟେନିସ ଖେଳାଳି ଏଲିନା ସ୍ୱିତୋଲିନା ଅକ୍‌ଲାଣ୍ଡ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଟାଇଟଲ୍ ବିଜୟୀ ହୋଇଛନ୍ତି। ରବିବାର ଖେଳାଯାଇଥିବା ସିଙ୍ଗଲ୍ସ ଫାଇନାଲରେ ଏଲିନା ୬-୩, ୭-୬ (୬) ସେଟ୍‌ରେ ଚାଇନାର ୱାଙ୍ଗ୍ ଜିନୟୁଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୧୩ତମ ସ୍ଥାନରେ ରହିଥିବା ଏଲିନା ଏହି ମ୍ୟାଚକୁ ଜିତିବା ଲାଗି ଏକ ଘଣ୍ଟା ୪୨ ମିନିଟ୍ ସମୟ ନେଇଥିଲେ। ଟପ୍ ସିଡ୍ ଏଲିନାଙ୍କ କ୍ୟାରିୟରର ଏହା ୨୪ତମ ଡବ୍ଲ୍ୟୁଟିଏ ଫାଇନାଲ ଥିବାବେଳେ ସେ ୧୯ତମ ଟ୍ରଫି ଜିତିଛନ୍ତି।

## ଏସିଆ ସ୍କୁଲ ରଗବୀରେ କିସ୍ ବାଳିକା ଚାମ୍ପିଅନ




ଭୁବନେଶ୍ୱର, ୧୧ା୧ (ସମିସ): ଥାଇଲାଣ୍ଡର ବ୍ୟାଙ୍କକରେ ଅନୁଷ୍ଠିତ ଏସିଆ ରଗବୀ ସେଭେନ୍ସ ଚାମ୍ପିଅନସିପ୍‌ରେ କିସ୍ ବାଳିକା ଦଳ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। କିସ୍ ଏହି ଟୁର୍ଣ୍ଣାମେଣ୍ଟରେ ମାଲେସିଆ, ଥାଇଲାଣ୍ଡ, ଲାଓସ ଭଳି ଶକ୍ତିଶାଳୀ ଦଳକୁ ହରାଇ ଟ୍ରଫି ଜିତିଛି। ଦୁଇ ଦିନିଆ ଏହି ରଗବୀ ପ୍ରତିଯୋଗିତାରେ କିସ୍ ବାଳିକା ରଗ୍‌ବୀ ଦଳ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲା। ମାମାଲି ସିଂ ୧୪ ଜଣିଆ କିସ୍ ଦଳର ନେତୃତ୍ୱ ନେଇଥିଲେ। ଥାଇ ରଗବୀ ୟୁନିୟନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଅନ୍ୟଦେଶଗୁଡ଼ିକ ମଧ୍ୟରେ ଚାଇନିଜ ତାଇପେଇ, ମାଲେସିଆ, ପାକିସ୍ତାନ, ଲାଓସ ଅଂଶଗ୍ରହଣ କରିଥିଲେ। ଏହି ସଫଳତା ଲାଗି କିଟ୍ ଓ କିସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, ରାଜ୍ୟ ରଗବୀ ଫୁଟବଲ ୟୁନିୟନର ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

■ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ

## ପେଞ୍ଚକ ସିଲାଟ୍‌ରେ ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର, ୧୧ା୧ (ସମିସ): ଡାମନ ଆଣ୍ଡ ଡିଉ'ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ପେଞ୍ଚକ ସିଲାଟ ଦଳ ମୋଟ୍ ୫ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୩ଟି କାଂସ୍ୟ ପଦକ ରହିଛି। ପିୟୁ ଦାସ, ବସୁନ୍ଧରା ତାଣ୍ଡି ଓ ଉମାବତୀ ପାତ୍ରଙ୍କୁ ନେଇ ଗଠିତ ଓଡ଼ିଶା ଦଳ ମହିଳା ରିଗୁ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ସେହିଭଳି ସୋହିଲ ଗୁରୁ ଟେଣ୍ଡିଂ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଅପରପକ୍ଷରେ ପୁରୁଷ ରେଗୁ ଟିମ୍ ଏବଂ ଟେଣ୍ଡିଂ ଇଭେଣ୍ଟରେ ପିୟୁ ଦାସ ଓ ରୁଦ୍ର ପ୍ରତାପ ସିଂ କାଂସ୍ୟ ପଦକ ହାସଲ କରିଥିଲେ। ପୁରୁଷ ରେଗୁ ଦଳରେ ରାହୁଲ, ସୋନୁ ଓ ଅଂଶୁମାନ ସଦସ୍ୟ ଥିଲେ। ସପ୍ତାହେ ବ୍ୟାପୀ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ସେହିଭଳି ପ୍ରେମ ସିଂ ଥାପ୍ପା ଓ ଆଶୁତୋଷ ନାୟକ ରେଫରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ଦଳକୁ ରାଜ୍ୟ କ୍ରୀଡ଼ା ବିଭାଗ, ଓଡ଼ିଶା ପେଞ୍ଚକ ସିଲାଟ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

## ଅଲ୍‌ଓଡ଼ିଶା ଉତ୍କଳ ଓପନ୍ ଟେନିସ୍ | ଶାଜ୍‌ଫାଙ୍କୁ ଦ୍ୱିମୁକୁଟ; ସୂର୍ଯ୍ୟପ୍ରତାପ, ଆଦିତ୍ୟ ଚାମ୍ପିଅନ

ଭୁବନେଶ୍ୱର,୧୧ା୧(ସମିସ): କଳିଙ୍ଗ ଷ୍ଟାଡିୟମ୍‌ରେ ଏସ୍ ଟେନିସ କ୍ଲବ୍ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ଅଲଓଡ଼ିଶା ଉତ୍କଳ ଓପନ ଟେନିସ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉଦୀୟମାନ ଯୁବ ଖେଳାଳି ଶାଜ୍‌ଫା ୱାନିଆ ଡବଲ ଟାଇଟଲ ହାସଲ କରିଛନ୍ତି। ସେ ମହିଳା ବିଭାଗ ଏକକରେ ପ୍ରିଶା ଦାସ୍‌ଙ୍କୁ ୬-୨, ୬-୨ ଓ ୧୪ ବର୍ଷରୁ କମ୍ ବାଳିକା ଏକକରେ ସଂରଚନା ଦାସଙ୍କୁ ୬-୦, ୬-୦ରେ ହରାଇ ଡବଲ ଟାଇଟଲ ହାସଲ କରିଛନ୍ତି। ସେହିପରି ୧୪ ବର୍ଷରୁ କମ୍ ବାଳକ ବିଭାଗ ଏକକରେ ସୂର୍ଯ୍ୟପ୍ରତାପ ନାୟକ ୬-୩, ୬-୨ରେ ସୂର୍ଯ୍ୟଶ ପଟ୍ଟନାୟକଙ୍କୁ ହରାଇ ଟାଇଟଲ



କବ୍‌ଜା କରିଛନ୍ତି। ପୁରୁଷ ଏକକରେ ଆଦିତ୍ୟ ଶତପଥୀ ଚାମ୍ପିଅନ ହୋଇଛନ୍ତି। ଫାଇନାଲ ମୁକାବିଲାରେ ସେ ୬-୩, ୬-୨ରେ ଆହାନ ମିଶ୍ରଙ୍କୁ ହରାଇଥିଲେ। ପୁରୁଷ ଯୁଗଳ ଟାଇଟଲ ଓଡ଼ିଶାର ଦୁଇ ଖ୍ୟାତିପ୍ରାପ୍ତ ଖେଳାଳି ଚିନ୍ମୟ ପ୍ରଧାନ ଓ ଅଂଶୁ ଭୂୟାଁଙ୍କୁ ମିଳିଛି। ଚିନ୍ମୟ-ଅଂଶୁଙ୍କ ଯୋଡି ଫାଇନାଲରେ ରାହୁଲ ବେହେରା ଓ ଆଦିତ୍ୟ ମହାପାତ୍ରଙ୍କ ଯୋଡିକୁ ୬-୩, ୬-୧ରେ ହରାଇ ଟାଇଟଲ ଜିତିଥିଲେ। ସେହିପରି ୪୦ ବର୍ଷରୁ ଉର୍ଦ୍ଧ୍ୱ ଯୁଗଳରେ ମନୋଜ ଦାସ-ପ୍ରଦ୍ୟୁମ୍ନ ମଲ୍ଲ, ୫୦ ବର୍ଷରୁ ଉର୍ଦ୍ଧ୍ୱରେ ବିବେକ ତିବରୱାଲ ଓ ଶାସ୍ୱତ ଜେନା, ୬୦ ବର୍ଷରୁ ଉର୍ଦ୍ଧ୍ୱରେ ଏସ୍‌ଏସ୍ ରଥ ଓ ସଞ୍ଜୟ ସାହୁ ଟାଇଟଲ ଜିତିଛନ୍ତି।

ଖେଳ ଶେଷରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେଶ ମହାପାତ୍ର ମୁଖ୍ୟ ଅତିଥି, ସଞ୍ଜୀବ ମାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍ ଟେନିସ କ୍ଲବ୍‌ର ପ୍ରକାଶ ଚନ୍ଦ୍ର ଭୁରା, ନବରତ୍ନ ବୋଥ୍ରା ଓ ଡାକ୍ତର ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଅସ୍ମିତା ଭାରୋତ୍ତୋଳନରେ ଓଡ଼ିଶାକୁ ଆଉ ୩ଟି ସ୍ୱର୍ଣ୍ଣ



ଭୁବନେଶ୍ୱର, ୧୧ା୧ (ସମିସ): ଉତ୍ତର ପ୍ରଦେଶରେ ଚାଲିଥିବାଜାତୀୟ ଅସ୍ମିତା ଭାରୋତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ଆଉ ୩ଟି ଲେଖାଏଁ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇଛି। ୫୮ କିଗ୍ରାରେ ଅଙ୍କିତା ପ୍ରଧାନ ୧୬୮ କିଗ୍ରା ଭାର ଉଠାଇ ପ୍ରଥମ ହୋଇଥିଲେ। ସେ ଯୁବ ବର୍ଗରେ ସ୍ୱର୍ଣ୍ଣ ଓ କନିଷ୍ଠବର୍ଗରେ କାଂସ୍ୟ ପଦକ ଜିତିଛନ୍ତି। ସେହିଭଳି ୬୩ କିଗ୍ରା ବର୍ଗରେ ଶ୍ୱେତାଲିନା ମହାନ୍ତି ୧୭୪ କିଗ୍ରା ଉଠାଇ ଯୁବ ଓ କନିଷ୍ଠବର୍ଗରେ ପ୍ରଥମ ସ୍ଥାନରେ ରହି ଡବଲ୍ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ୬୯ କିଗ୍ରାରେ ରିମଝିମ ନାୟକ ୧୬୦ କିଗ୍ରା ଭାର ଉଠାଇ କନିଷ୍ଠରେ କାଂସ୍ୟ ଓ ବରିଷ୍ଠରେ ରୌପ୍ୟ ପଦକ ହାସଲ କରିଥିଲେ। ୭୭ କିଗ୍ରାରେ ୩ୟ ସ୍ଥାନରେ ରହି ପ୍ରତିଭାରାଣୀ ପାତ୍ର ଯୁବବର୍ଗରେ କାଂସ୍ୟ ପଦକ ଜିତିଛନ୍ତି। ଏହି ସଫଳତା ଲାଗି ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଯାଇଛି।

## ହକି ଇଣ୍ଡିଆ ଲିଗ୍ | ସୁଟ୍‌ଆଉଟ୍‌ରେ ଜିତି ଶୀର୍ଷରେ କଳିଙ୍ଗ ଲାନ୍ସର୍ସ

ରାଞ୍ଚି, ୧୧ା୧ (ଏଜେନ୍ସି)




ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ପୁରୁଷ ବିଭାଗର ଏକ ମ୍ୟାଚରେ ରବିବାର ବେଦାନ୍ତ କଳିଙ୍ଗ ଲାନ୍ସର୍ସ ସୁଟ୍‌ଆଉଟ୍‌ରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନସିଲ୍ (ଜିସି)କୁ ସୁଟ୍‌ଆଉଟ୍‌ରେ ୩-୧ ଗୋଲ୍‌ରେ ହରାଇଦେଇଛି। ରାଞ୍ଚିର ଜୟପାଲ୍ ସିଂହ ଆଷ୍ଟ୍ରୋ ଟର୍ଫରେ ଅନୁଷ୍ଠିତ ଏହି କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଉଭୟ ଦଳ ନିର୍ଦ୍ଧାରିତ ୬୦ ମିନିଟ୍ ମଧ୍ୟରେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚର ୨୩ତମ ମିନିଟ୍‌ରେ ଅଜିତ୍ ଯାଦବଙ୍କ ଗୋଲ୍ ବଳରେ ଏଚଆଇଏଲ୍ ଜିସିକୁ ୧-୦ରେ ଅଗ୍ରଣୀ କରାଥିଲେ। ତେବେ ଏହାର ୪ ମିନିଟ୍ ପରେ ଓଡ଼ିଶାଭିତ୍ତିକ ଦଳ କଳିଙ୍ଗ ଲାନ୍ସର୍ସ ମ୍ୟାଚକୁ ୧-୧'ର ବରାବରସ୍ଥିତିକୁ ଆଣିବାରେ ସଫଳ ହୋଇଥିଲା। ୨୩ତମ ମିନିଟ୍‌ରେ ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ ଏହି ଗୋଲ୍‌ଟି କଳିଙ୍ଗ ପାଇଁ ସ୍କୋର କରିଥିଲେ। ଏହାପରେ ପରବର୍ତ୍ତୀ ଦୁଇ କ୍ୱାର୍ଟରରେ ଆଉ କୌଣସି ଗୋଲ୍ ଦେଖିବାକୁ ମିଳି ନ ଥିଲା। ଫଳରେ ମ୍ୟାଚ୍ ଡ୍ର ରହିଥିଲା। ଶେଷରେ ଫଳାଫଳ ପାଇଁ ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ କଳିଙ୍ଗ ଲାନ୍ସର୍ସ ୩-୧ ଗୋଲ୍‌ରେ ବାଜିମାତ୍ କରିନେଇଥିଲା।

ସୁଟ୍‌ଆଉଟରେ କଳିଙ୍ଗ ଲାନ୍ସର୍ସ ପକ୍ଷରୁ ଅଧିନାୟକ ଆର୍ଥର ଭାନ ଡୋରେନ, ଦିଲପ୍ରୀତ୍ ସିଂହ ଓ ଅଷ୍ଟ୍ରେଲିଆର କୁପର ବୁର୍ନ୍ସ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଏଚ୍‌ଆଇଏଲ୍ ଜିସି ପାଇଁ ଏକମାତ୍ର ଗୋଲଟି ଗୁରଜୋତ୍ ସିଂହ ସ୍କୋର କରିଥିଲେ। କଳିଙ୍ଗର ଗୋଲରକ୍ଷକ ଜେଡ୍ ସ୍ନୋଡେନ ଚମତ୍କାର ପ୍ରଦର୍ଶନ କରି ସୁଟଆଉଟ୍‌ରେ ପ୍ରତିପକ୍ଷ ଦଳର ୩ଟି ପ୍ରୟାସକୁ ଅଟକାଇ ଦେଇଥିଲେ। ଏଥିସହ କଳିଙ୍ଗ ଲାନ୍ସର୍ସ ୩ଟି ମ୍ୟାଚରୁ ୨ ବିଜୟ ଓ ଗୋଟିଏ ସୁଟ୍‌ଆଉଟ ବିଜୟ ସହ ୮ ପଏଣ୍ଟ ପାଇ ୮ ଦଳୀୟ ଟେବୁଲ୍ ତାଲିକାର ଶୀର୍ଷରେ ରହିଛି। ଦିବସର ଦ୍ୱିତୀୟ ମ୍ୟାଚରେ ରାଞ୍ଚି ରୟାଲ୍ସ ୪-୧ ଗୋଲରେ ବେଙ୍ଗଲ ଟାଇଗର୍ସକୁ ହରାଇଛି।

● ପୁରୁଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍

## ରାଉରକେଲାରେ ୪ଟି ମ୍ୟାଚ୍ ଖେଳିବ ଭାରତ

ନୂଆଦିଲ୍ଲୀ, ୧୧ା୧ (ଏଜେନ୍ସି): ବିଶ୍ୱ ହକିର ଅନ୍ୟତମ ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୨୦୨୫-୨୬ ସିଜନ ଲାଗି ପୁରୁଷ ବିଭାଗ କାର୍ଯ୍ୟସୂଚୀ ରବିବାର ପ୍ରକାଶ ପାଇଛି। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ଏଥର ଘରୋଇ ପରିବେଶରେ ମୋଟ୍ ୪ଟି ମ୍ୟାଚ୍ ଖେଳିବ। ଏହି ୪ଟି ଯାକ ମ୍ୟାଚ୍ ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ସହ ଖେଳାଯିବ। ଫେବୃଆରୀ ୧୧ରେ ଭାରତ ଏହାର ପ୍ରଥମ ମ୍ୟାଚରେ ବେଲ୍‌ଜିୟମକୁ ଭେଟିବ। ଏହାପରେ ଫେବୃଆର ୧୨ରେ ଆର୍ଜେଣ୍ଟିନା, ୧୪ରେ ପୁଣିଥରେ ବେଲ୍‌ଜିୟମ ଏବଂ ୧୫ରେ ଆର୍ଜେଣ୍ଟିନା ସହ ଆଉଥରେ ସାମ୍ନାସାମ୍ନି ହେବ।

### ଜୁନ ୨୩ ଓ ୨୬ରେ ପାକିସ୍ତାନ ସହ ଟକ୍କର

ଘରୋଇ ଲେଗ୍ ତଥା ପର୍ଯ୍ୟାୟ ଶେଷହେବା ପରେ ଭାରତ ପରବର୍ତ୍ତୀ ପର୍ଯ୍ୟାୟ ଅଷ୍ଟ୍ରେଲିଆ, ନେଦରଲାଣ୍ଡସ ଓ ଲଣ୍ଡନରେ ମ୍ୟାଚ୍ ଖେଳିବ। ପରବର୍ତ୍ତୀ ୩ଟି ପର୍ଯ୍ୟାୟରେ ଭାରତ ଯଥାକ୍ରମେ ସ୍ପେନ, ଅଷ୍ଟ୍ରେଲିଆ, ନେଦରଲାଣ୍ଡସ, ଜର୍ମାନୀ, ପାକିସ୍ତାନ ଓ ଇଂଲଣ୍ଡକୁ ୨ଥର ଲେଖାଏ ଭେଟିବ। ବହୁପ୍ରତୀକ୍ଷିତ ପାକିସ୍ତାନ ବିପକ୍ଷ ଦୁଇଟି ଯାକ ମ୍ୟାଚ୍ ଜୁନ ୨୩ ଓ ୨୬ରେ ଲଣ୍ଡନରେ ଖେଳାଯିବ ବୋଲି ଜଣାପଡ଼ିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS